# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୮/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, December 28/2023 Page 16 ₹ 7.00

୫୦ଶ ଭାଗ ୩୫ ସଂଖ୍ୟା www.orissaksshabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 35 ମୂଲ୍ୟ₹୭/-





**ସଂକ୍ଷେପରେ**

## ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତାକୁ ରୁଷିଆର ସମର୍ଥନ

**ମସ୍କୋ,୨୭।୧୨:** ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଭାରତର ସ୍ଥାୟୀ ସଦସ୍ୟତାକୁ ବୁଧବାର ରୁଷିଆର ସମର୍ଥନ ମିଳିଛି। ଏଥିସହ ନୂଆଦିଲ୍ଲୀ ପକ୍ଷରୁ ଜି୨୦ର ସଫଳ ଆୟୋଜନକୁ ମଧ୍ୟ 'ସତ୍ୟର ବିଜୟ' ଭାବେ ଅଭିହିତ କରି ମସ୍କୋ ପ୍ରଶଂସା କରିଛି। ସୁରକ୍ଷା ପରିଷଦରେ ବର୍ତ୍ତମାନ ୫ ସ୍ଥାୟୀ ଓ ୧୦ ଅସ୍ଥାୟୀ ସଦସ୍ୟ ରହିଛନ୍ତି। ୫ ସ୍ଥାୟୀ ସଦସ୍ୟ ହେଲେ ଆମେରିକା, ବ୍ରିଟେନ୍, ଚାଇନା, ରୁଷିଆ ଓ ଫ୍ରାନ୍ସ। ବିଶ୍ୱର ପରିବର୍ତ୍ତିତ ବାସ୍ତବତାକୁ ଦୃଷ୍ଟିରେ ରଖି ଜାତିସଂଘରେ ସଂସ୍କାର ଏବଂ ୟୁଏନ୍‌ଏସ୍‌ସି ସ୍ଥାୟୀ ସଦସ୍ୟତା ପାଇଁ ଭାରତ ଦୀର୍ଘ ସମୟ ଧରି ଦାବି କରିଆସୁଛି। ଏହି ପରିପ୍ରେକ୍ଷୀରେ ଭାରତର ସ୍ଥାୟୀ ସଦସ୍ୟତା ଦାବିକୁ ଆମେ ଦୃଢ଼ ଭାବେ ସମର୍ଥନ କରୁଛୁ ବୋଲି ୫ ଦିନିଆ ମସ୍କୋ ଗସ୍ତରେ ଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଆଲୋଚନା ପରେ ରୁଷିଆ ପ୍ରତିପକ୍ଷ ସର୍ଗେଇ ଲାଭ୍ରୋଭ କହିଛନ୍ତି।

## ସୋସିଆଲ ମିଡିଆରେ ବନ୍ଦ ହେବ ମିଛ ଋଣ ଆପ୍ ବିଜ୍ଞାପନ

**ନୂଆଦିଲ୍ଲୀ,୨୭।୧୨:** ସୋସିଆଲ ମିଡିଆ ଏବଂ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡ଼ିକରେ ମିଛ ଋଣ ଆପ୍ଲିକେଶନ୍‌ର ବିଜ୍ଞାପନ ବନ୍ଦ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଆଇଟି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ବୁଧବାର କହିଛନ୍ତି, ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଇ ଋଣ ପ୍ରଦାନ ଆଳରେ ଠକେଇ କରୁଥିବା ଆପ୍‌ଗୁଡ଼ିକ ଉପରେ ଅଙ୍କୁଶ ଲାଗିବ। ସେମାନେ ଇଣ୍ଟରନେଟ୍‌ରେ ମିଛ ବିଜ୍ଞାପନ ଦେଇ ଲୋକଙ୍କୁ ଠକିପାରିବେ ନାହିଁ। ଏକଥା କେନ୍ଦ୍ର ସରକାର ସମ୍ପୃକ୍ତ ପ୍ଲାଟ୍‌ଫର୍ମଗୁଡ଼ିକୁ ସ୍ପଷ୍ଟ ଶୁଣାଇଦେଇଛନ୍ତି। ଏଭଳି ବିଜ୍ଞାପନ ଉପରେ ଅଙ୍କୁଶ ଲଗାଇବା ପାଇଁ ସୋସିଆଲ ମିଡିଆ ସମେତ ଆଉ କେତେକ ମାଧ୍ୟମକୁ କୁହାଯାଇଛି। ଇଣ୍ଟରନେଟ୍ ବ୍ୟବହାରକାରୀମାନଙ୍କୁ ବିଭ୍ରାନ୍ତ ଓ ଶୋଷଣ କରୁଥିବା ଲୋନ୍ ଆପ୍ ବିଜ୍ଞାପନ ବନ୍ଦ ପାଇଁ ମଙ୍ଗଳବାର ଆଡ୍‌ଭାଇଜରି ଜାରି କରାଯାଇଛି।

## ପାଠ୍ୟକ୍ରମରେ ଗୀତା ବାଧ୍ୟ: ବିରୋଧ କଲେ କଲେଜ ଶିକ୍ଷକ

**ନୂଆଦିଲ୍ଲୀ,୨୭।୧୨:** ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାମାନୁଜନ୍ କଲେଜର ଏକ ସାର୍ଟିଫିକେଟ୍-ଫ୍ରେସର କୋର୍ସରେ ଶ୍ରୀମଦ୍ ଭଗବଦ୍ ଗୀତାକୁ ବାଧ୍ୟତାମୂଳକ କରାଯାଇଛି। ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଡେମୋକ୍ରାଟିକ୍ ଟିଚର୍ସ ଫ୍ରଣ୍ଟ ଦୃଢ଼ ବିରୋଧ କରିଛି। ବୁଧବାର ଉକ୍ତ ଶିକ୍ଷକ ସଙ୍ଗଠନ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, କଲେଜର ଟିଚିଂ ଓ ନନ୍-ଟିଚିଂ ଷ୍ଟାଫ୍‌ଙ୍କୁ ଏକ ସାର୍ଟିଫିକେଟ୍ କୋର୍ସ କରିବାକୁ ବାଧ୍ୟ କରାଯାଉଛି। ସେଥିରେ ଗୀତାକୁ ଅନ୍ତର୍ଭୁକ୍ତ କରାଯାଇଛି। ରାମାନୁଜନ୍ କଲେଜ ପ୍ରିନ୍ସିପାଲ ଏସ୍.ପି. ଅଗ୍ରୱାଲ ନିଜ କ୍ଷମତାକୁ ଦୁରୁପଯୋଗ କରି ଏଭଳି ସ୍ୱେଚ୍ଛାଚାରିତା ଚଳାଇଛନ୍ତି।



ଗାଜାରେ ଯୁଦ୍ଧ କରିବା ସମୟରେ ନିହତ ହୋଇଥିବା ଇସ୍ରାଏଲୀ ସେନାର ସର୍ଜେଣ୍ଟ ଏଲିଶା ୟେହୋନାଟନ୍ ଲୋବେର(୨୪)ଙ୍କ ଶେଷକୃତ୍ୟ ବେଳେ ନିଜ ଛୁଆକୁ ଧରି କାନ୍ଦୁଛନ୍ତି ସ୍ତ୍ରୀ। ସ୍ଥାନ: ଜେରୁଜେଲମ୍ ମାଉଣ୍ଟ ହେର୍ଜଲ ମିଲିଟାରି ସିମେଟେରି, ତାରିଖ: ଡିସେମ୍ବର ୨୭।

# ୧୪ରୁ 'ନ୍ୟାୟ ଯାତ୍ରା'

## ମଣିପୁରରୁ ମୁମ୍ବାଇ ୬,୨୦୦ କି.ମି.

**■ଓଡ଼ିଶା ସମେତ ୧୪ ରାଜ୍ୟ ବୁଲିବେ ରାହୁଲ**

ନୂଆଦିଲ୍ଲୀ,୨୭।୧୨

କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା' ଭଳି ଆଉ ଏକ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ସେ ଜାନୁୟାରୀ ୧୪ରୁ ମଣିପୁରରୁ ମୁମ୍ବାଇ ଅଭିମୁଖେ ବାହାରିବେ। ଏହା ମଧ୍ୟରେ ସେ ୧୪ ରାଜ୍ୟର ୮୫ ଜିଲା ଦେଇ ଯାତ୍ରା କରିବେ। ୬୭ ଦିନ ଧରି ଏହା ଚାଲିବ। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଜନ ସମର୍ଥନ ହାସଲ ପାଇଁ ଏହାକୁ କଂଗ୍ରେସର ଉଦ୍ୟମ ରୂପେ ଦେଖାଯାଉଛି।

ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ 'ଭାରତ ନ୍ୟାୟ ଯାତ୍ରା'ରେ ୬,୨୦୦ କି.ମି. ବୁଲିବେ। ଏଥିରୁ ଅଧିକାଂଶ ପଥ ସେ ବସ୍‌ରେ ଯାତ୍ରା କରିବେ। ଯେଉଁଠି ଆବଶ୍ୟକ ପଡ଼ିବ ପଦଯାତ୍ରା ମଧ୍ୟ କରିବେ। ଏହା ମାର୍ଚ୍ଚ ୨୦ରେ ଶେଷ ହେବ। ଏହା ପୂର୍ବରୁ ୨୦୨୨ ସେପ୍ଟେମ୍ବର ୭ରେ କଂଗ୍ରେସର 'ଭାରତ ଯୋଡ଼ୋ ଯାତ୍ରା' ଆରମ୍ଭ ହୋଇଥିଲା। ଉକ୍ତ ଅଭିଯାନରେ ରାହୁଲ କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ୪,୦୦୦ରୁ ଉର୍ଦ୍ଧ୍ୱ କି.ମି.



୧୩୬ ଦିନ ଧରି ପଦଯାତ୍ରା କରିଥିଲେ। 'ଭାରତ ଯୋଡ଼ୋ ଯାତ୍ରା' ବେଳେ ସେ ଆର୍ଥିକ ଅସମାନତା, ଧ୍ରୁବୀକରଣ ଓ ଏକଚ୍ଛତ୍ରବାଦ ଭଳି ପ୍ରସଙ୍ଗ ଉଠାଇଥିଲେ। ଏଥର 'ନ୍ୟାୟ ଯାତ୍ରା'ରେ ରାହୁଲ ସାମାଜିକ, ଦେଶବାସୀଙ୍କ ପାଇଁ ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ଉପରେ ଗୁରୁତ୍ୱ ଦେବେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଜାନୁୟାରୀ ୧୪ରେ ମଣିପୁର ରାଜଧାନୀ ଇମ୍ଫାଲରେ 'ନ୍ୟାୟ ଯାତ୍ରା'ର ଶୁଭାରମ୍ଭ କରିବେ। ଏହି ଯାତ୍ରା ନାଗାଲାଣ୍ଡ, ଆସାମ, ମେଘାଳୟ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ଛତିଶଗଡ଼, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜରାଟ ଓ ମହାରାଷ୍ଟ୍ର ଦେଇ ଗତିଶୀଳ ହେବ। ଆସନ୍ତା ଏପ୍ରିଲ-ମେ' ଆଡ଼କୁ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଏହି ଯାତ୍ରାରୁ ବିଶେଷ ରାଜନୈତିକ ଲାଭ ପାଇବା ନେଇ ଆଶାବାଦୀ। କାରଣ ଏହି ଯାତ୍ରା ଶେଷ ହେବା ବେଳକୁ ନିର୍ବାଚନ ତାରିଖ ଘୋଷଣା କରାଯାଇପାରେ। ଏହା ବ୍ୟତୀତ ଡିସେମ୍ବର ୨୮ରେ କଂଗ୍ରେସର ପ୍ରତିଷ୍ଠା ଦିବସ ଅବସରରେ ନାଗପୁରରେ ଦଳ ପକ୍ଷରୁ ଏକ ମେଗା ରାଲି କରାଯିବ। ହେଁ ତୈୟାର ହମ୍ ନାମରେ (ଆମେ ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ) କଂଗ୍ରେସର ନିର୍ବାଚନୀ ବିଗୁଲ ଏଇଠୁ ବାଜିବ। ଅନ୍ୟପକ୍ଷେ କଂଗ୍ରେସ ଲୋକଙ୍କୁ ଭକୁଆ ବନାଇବା ପାଇଁ 'ଭାରତ ନ୍ୟାୟ ଯାତ୍ରା'ର ଆୟୋଜନ କରୁଛି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ନଳିନ କୋହଲି ସମାଲୋଚନା କରିଛନ୍ତି। ଭାଜପା ନେତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତଙ୍କ ପାଇଁ ବିକାଶ କରିଛନ୍ତି। ଏଥିରୁ ସଭିଏ ନ୍ୟାୟ ପାଉଛନ୍ତି। କଂଗ୍ରେସ ଅନେକ ଦଶନ୍ଧି ଧରି କ୍ଷମତାରେ ଥିବାବେଳେ ଏକ ଅନ୍ୟାୟ ବ୍ୟବସ୍ଥା ଚଳାଇଥିଲା। ସବୁ ପ୍ରକାର ଲୋକଙ୍କ ପ୍ରତି ଅନ୍ୟାୟ କଂଗ୍ରେସ ଅମଳରେ ହୋଇଛି।

## ୩୦ରେ ଭାରତ ବନ୍ଦ

### ସରନା ଧର୍ମକୁ ସ୍ୱୀକୃତି ଦାବି

ଜାମସେଦପୁର,୨୭।୧୨

ସରନା ଧର୍ମକୁ ସ୍ୱୀକୃତି ପ୍ରଦାନ ଦାବିରେ ଡିସେମ୍ବର ୩୦ରେ ଆଦିବାସୀ ସେଙ୍ଗେଲ ଅଭିଯାନ (ଏଏସ୍‌ଏ) ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି। ସରନା ଧର୍ମାବଲମ୍ବୀମାନେ ଦୀର୍ଘବର୍ଷ ଧରି ଏହି ଦାବି କରିଆସୁଥିବାରୁ ଆଦିବାସୀ ସଙ୍ଗଠନ ଏଏସ୍‌ଏ ସେମାନଙ୍କ ସମର୍ଥନରେ ବାହାରିଛି। ଏଏସ୍‌ଏ ସଭାପତି ସଲଖାନ୍ ମୁର୍ମୁ କହିଛନ୍ତି, ସରନା ଧର୍ମ ଦେଶର ୧୫ କୋଟି ଆଦିବାସୀଙ୍କ ପରିଚୟ। ଏହି ଆଦିବାସୀ ଧର୍ମକୁ ସ୍ୱୀକୃତି ନ ଦେବା ଏକ ସାମ୍ବିଧାନିକ ଅପରାଧ ସଦୃଶ। ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଅନ୍ୟ ଧର୍ମ ଗ୍ରହଣ ପାଇଁ ବାଧ୍ୟ କରାଯିବାର ତାତ୍ପର୍ଯ୍ୟ ହେଉଛି ସେମାନଙ୍କୁ ଦାସତ୍ୱର ଧର୍ମ ଆପଣାଇବାକୁ ବାଧ୍ୟ କରିବା। ଉଭୟ କଂଗ୍ରେସ ଓ ଭାଜପା ଆଦିବାସୀମାନଙ୍କୁ ସେମାନଙ୍କ ଧର୍ମରୁ ବଞ୍ଚିତ କରୁଛନ୍ତି ବୋଲି ସେ କହିଛନ୍ତି। ମୁର୍ମୁ ଆହୁରି କହିଛନ୍ତି, ୧୯୫୧ ଜନଗଣନାରେ ଏହି ଧର୍ମ ପାଇଁ ସ୍ୱତନ୍ତ୍ର ସଂହିତା ରହିଥିଲା। କିନ୍ତୁ କଂଗ୍ରେସ ଏହାକୁ ହଟାଇ ଦେଇଥିଲା। ଏବେ ଭାଜପା ଆଦିବାସୀମାନଙ୍କୁ ବନବାସୀ ଓ ହିନ୍ଦୁ ରୂପେ ଧର୍ମାନ୍ତରଣ କରୁଛି। ତେଣୁ ଆଦିବାସୀ ସମ୍ପ୍ରଦାୟ ସ୍ୱାର୍ଥର ସୁରକ୍ଷା ପାଇଁ ଏଏସ୍‌ଏ ଉଦ୍ୟମ ଚଳାଇଛି। ଯେଉଁ ଦଳ ସରନାକୁ ଧର୍ମର ସ୍ୱୀକୃତି ଦେବ, ଆମେ ସେହି ପାର୍ଟିକୁ ଭୋଟ ଦେବୁ ବୋଲି ମୁର୍ମୁ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ସରନା ଧର୍ମାବଲମ୍ବୀ ଆଦିବାସୀମାନେ ପ୍ରକୃତି ପୂଜକ। ସେମାନେ ପର୍ବତ, ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ପୂଜା କରିଥାଆନ୍ତି। ଜାତୀୟ ତଫସିଲଭୁକ୍ତ ଜନଜାତି ଆୟୋଗ (ଏନ୍‌ସିଏସ୍‌ଟି) ମଧ୍ୟ ଏହାକୁ ଧର୍ମର ମାନ୍ୟତା ପ୍ରଦାନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଅନେକ ଆଦିବାସୀ ସଙ୍ଗଠନ ଓ ଖ୍ରୀଷ୍ଟିଆନ୍ ମିଶନାରି ସରନାଇଜମ୍ ପାଇଁ ଏକ ସୁସ୍ପଷ୍ଟ ଜନଗଣନା କରାଯାଉ ବୋଲି ଦାବି କରିଛନ୍ତି। ୨୦୨୦ରେ ଏହା ସପକ୍ଷରେ ଝାଡ଼ଖଣ୍ଡ ବିଧାନସଭାରେ ସର୍ବସମ୍ମତିକ୍ରମେ ଏକ ସଂକଳ୍ପନାମା ପାରିତ ହୋଇଥିଲା।

## ଦେଶରେ ୧୦୯ ଜେଏନ୍.୧ ଆକ୍ରାନ୍ତ

### ଦିନକରେ କୋଭିଡ୍ ୫୨୯ ପଜିଟିଭ୍

ନୂଆଦିଲ୍ଲୀ,୨୭।୧୨

ଭାରତରେ ଗତ ୨୪ ଘଣ୍ଟା ଭିତରେ ଆଉ ୪୦ ଜଣ କୋଭିଡ୍ ସବ୍-ଭାରିଆଣ୍ଟ ଜେଏନ୍.୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଦେଶରେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତଙ୍କ ସଂଖ୍ୟା ୧୦୯ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରୁ ସର୍ବାଧିକ ୩୬ ଜଣ ହେଉଛନ୍ତି ଗୁଜରାଟର। ସେହିପରି କର୍ନାଟକର ୩୪, ଗୋଆ ୧୪, ମହାରାଷ୍ଟ୍ର ୯, କେରଳ ୬, ରାଜସ୍ଥାନ ୪, ତାମିଲନାଡୁ ୪ ଓ ତେଲଙ୍ଗାନାର ୨ ଜଣ ଚିହ୍ନଟ ହୋଇଛନ୍ତି। ରୋଗୀଙ୍କ ମଧ୍ୟରୁ ଅଧିକାଂଶ ନିଜ ନିଜ ଘରେ ସଙ୍ଗରୋଧରେ ଥିବା କୁହାଯାଇଛି। ନୂଆ ଭାରିଆଣ୍ଟ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ତଥାପି ରାଜ୍ୟଗୁଡ଼ିକ ପକ୍ଷରୁ ଟେଷ୍ଟିଂ ଓ ସର୍ଭିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଆବଶ୍ୟକ ବୋଲି ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ ମତ ଦେଇଛନ୍ତି।



ଅନ୍ୟପକ୍ଷେ ଦେଶରେ କୋଭିଡ୍-୧୯ ଦ୍ୱାରା ଦିନକ ମଧ୍ୟରେ ୫୨୯ ଆକ୍ରାନ୍ତ ହୋଇଛନ୍ତି। ଏହାସହ ଦେଶର ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୦୯୩ରେ ପହଞ୍ଚିଛି। ଇତିମଧ୍ୟରେ କର୍ନାଟକର ୩ ଓ ଗୁଜରାଟର ଜଣେ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ସୂଚନା ଦିଆଯାଇଛି।

## ମସ୍‌ରତ୍ ଆଲାମ୍ ଗୋଷ୍ଠୀ ନିଷିଦ୍ଧ

ନୂଆଦିଲ୍ଲୀ,୨୭।୧୨

ବିଚ୍ଛିନ୍ନତାବାଦୀ ମସ୍‌ରତ୍ ଆଲାମ ଭଟ୍ଟଙ୍କ ନେତୃତ୍ୱାଧୀନ ମୁସ୍‌ଲିମ୍ ଲିଗ୍ ଜମ୍ମୁ-କଶ୍ମୀର (ଏମ୍‌ଏଲ୍‌ଜେକେ) ଗୋଷ୍ଠୀ ଉପରେ ବୁଧବାର କେନ୍ଦ୍ର ସରକାର ନିଷିଦ୍ଧାଦେଶ ଜାରି କରିଛନ୍ତି। ଇସଲାମୀୟ ଶାସନ ପ୍ରତିଷ୍ଠା ପାଇଁ ମସରତ୍ ଲୋକଙ୍କୁ ଉସୁକାଉଥିବାରୁ ତାଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ଆଇନ ବଳରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ କହିଛନ୍ତି, ଏମ୍‌ଏଲ୍‌ଜେକେ କଶ୍ମୀରରେ ଦେଶବିରୋଧୀ କାର୍ଯ୍ୟରେ ଜଡ଼ିତ ରହି ଆତଙ୍କର ଶାସନ ଚଳାଇବାକୁ ଉଦ୍ୟମ କରୁଥିଲା। ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିରୋଧରେ ଯିଏ କାର୍ଯ୍ୟ କରିବେ, ତାଙ୍କ ଉପରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ମୋଦି ସରକାରଙ୍କ ସ୍ପଷ୍ଟ ସନ୍ଦେଶ। ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ବଳରେ ଏହି ନିଷିଦ୍ଧାଦେଶ ଜାରି କରାଯାଇଛି। ମସ୍‌ରତ୍ ଭାରତ ବିରୋଧୀ ଓ ପାକିସ୍ତାନ ସପକ୍ଷବାଦୀ ଅଭିଯାନ ପାଇଁ ଜଣାଶୁଣା। ହୁରିୟାତ୍ କନ୍‌ଫରେନ୍ସ ନେତା ସୟଦ ଅଲୀ ଗିଲାନିଙ୍କ ମୃତ୍ୟୁ ପରେ ସେ ଏହି ସଙ୍ଗଠନର କଠୋରପନ୍ଥୀ ଗୋଷ୍ଠୀର ନେତୃତ୍ୱ ନେଉଥିଲେ। ମସ୍‌ରତ ବର୍ତ୍ତମାନ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି।



ମସରତ୍ ଆଲାମ ଭଟ୍ଟ

## ଅଯୋଧ୍ୟା ରେଲୱେ ଜଙ୍କଶନ ଏବେ ଅଯୋଧ୍ୟା ଧାମ

ଲକ୍ଷ୍ନୌ,୨୭।୧୨

ଉତ୍ତର ପ୍ରଦେଶର ଅଯୋଧ୍ୟାସ୍ଥିତ ରେଳ ଜଙ୍କଶନ୍‌ର ନୂଆ ନାମକରଣ କରାଯାଇଛି। ଏହାକୁ ଅଯୋଧ୍ୟା ଧାମ ଜଙ୍କଶନ୍ କରାଯାଇଛି ବୋଲି ସ୍ଥାନୀୟ ଏମ୍‌ପି ଲଲ୍ଲୁ ସିଂ ବୁଧବାର ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୩୦ ତାରିଖରେ ଏହି ମନ୍ଦିର ସହରରେ ନୂଆ ଏୟାରପୋର୍ଟ ଓ ପୁନଃ ବିକଶିତ ଷ୍ଟେଶନ୍‌କୁ ଉଦ୍‌ଘାଟନ କରିବାକୁ ଥିବାବେଳେ ଷ୍ଟେଶନର ନାମକୁ ବଦଳାଯାଇଛି। ଜାନୁୟାରୀ ୨୨ରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା କରାଯିବ।

## ସାର ୟୁନିଟ୍‌ରୁ ଆମୋନିଆ ଗ୍ୟାସ୍ ଲିକ୍: ହସ୍ପିଟାଲରେ ୪୨ ଭର୍ତ୍ତି

ଚେନ୍ନାଇ,୨୭।୧୨

ଚେନ୍ନାଇର ଏନ୍ନୋରସ୍ଥିତ ଏକ ସାର ୟୁନିଟ୍‌ରେ ବୁଧବାର ପୂର୍ବାହ୍ନ ୧୧ଟା ୪୫ରେ ଆମୋନିଆ ଗ୍ୟାସ୍ ଲିକ୍ ହୋଇଛି। ଉକ୍ତ ପ୍ଲାଣ୍ଟରୁ ଗ୍ୟାସ୍ ଲିକ୍ ହେବା ପରେ ସେଥିରୁ ବାହାରୁଥିବା ଏକ ଗନ୍ଧର ପ୍ରଭାବରେ ଆଖପାଖ ଅଞ୍ଚଳର ଅନେକେ ଅସୁସ୍ଥ ହୋଇପଡ଼ିଛନ୍ତି। ୪୨ରୁ ଅଧିକ ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପ୍ରଘଟ ହେବା ପରେ ଲୋକେ ଆତଙ୍କିତ ହୋଇ ସାହାଯ୍ୟ ପାଇଁ ରାସ୍ତାକୁ ଧାଇଁଥିଲେ। ଗ୍ୟାସ୍ ଲିକ୍ ପ୍ରତିବାଦରେ ଲୋକେ ବିକ୍ଷୋଭ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଇଥିଲା। ଏନ୍ନୋରରେ ଆଉ ଆମୋନିଆ ଗ୍ୟାସ୍ ହେଉନାହିଁ। ଲୋକେ ସେମାନଙ୍କ ଘରକୁ ଫେରିଯାଇଛନ୍ତି ବୋଲି ଡିଆଇଜି ଅବଦି ବିଜୟକୁମାର କହିଛନ୍ତି। ବୈଷୟିକ ତ୍ରୁଟିକୁ ସୁଧାରିବା ପାଇଁ ପଦକ୍ଷେପ ନିଆଯାଇଥିବା ଚେନ୍ନାଇ ପେଟ୍ରୋଲିୟମ କର୍ପୋରେଶନ ଲମିଟେଡ୍ (ସିପିସିଏଲ୍) ମାଲିକାନାରେ ଥିବା ଉକ୍ତ ଫର୍ଟିଲାଇଜର ୟୁନିଟ୍‌ର ଅଧିକାରୀମାନେ ସଫେଇ ଦେଇଛନ୍ତି।



ଗ୍ୟାସ୍ ଲିକ୍ ଯୋଗୁ ଅସୁସ୍ଥ ହୋଇ ପଡ଼ିଥିବା ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ଦିଲ୍ଲୀ-ଏନ୍‌ସିଆର୍‌ରେ ଶୀତୁଆ ସକାଳ। ଘନ କୁହୁଡ଼ିଆରେ ଆଚ୍ଛାଦିତ ଜାତୀୟ ରାଜଧାନୀ ଅଞ୍ଚଳ। ଆଖିକୁ କିଛି ଦେଖାଯାଉନାହିଁ। ତଥାପି କର୍ମସ୍ଥଳକୁ ଯିବାକୁ ପଡ଼ିବ... (ଫଟୋ: ଚମନ ଗୌତମ)।




ସେନା ବିରୋଧରେ ଆତଙ୍କବାଦୀଙ୍କ ଅଘୋଷିତ ଯୁଦ୍ଧ। ଆତଙ୍କବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି)କୁ ବୁଧବାର ଶ୍ରୀନଗର ଲାଲ ଚୌକରେ ଠାବ କରିଛନ୍ତି ଯବାନ। ଭୂସ୍ୱର୍ଗ କଶ୍ମୀର ଏବେ କୁହୁଡ଼ି ବଳୟରେ। ମନେହେଉଛି ସତେ ଯେମିତି ଆକାଶରୁ କୁହୁଡ଼ି ନୁହେଁ, ବରଫ ଖସୁଛି...।

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୮/୨୦୨୩ Bhubaneswar, Thursday, December 28/2023




ହରିୟାଣାର ଝାଜର ଜିଲା ଛାରା ଗ୍ରାମରେ ରେସ୍‌ଲର ବଜରଙ୍ଗ ପୁନିଆଙ୍କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସାକ୍ଷାତ୍ କରିବା ଅବସରରେ ଉଭୟଙ୍କ ମଧ୍ୟରେ ହୋଇଥିବା କୁସ୍ତିର ଏକ ମୁହୂର୍ତ୍ତ।

# ଖାଦ୍ୟ ମାନ ଗ୍ରାହକଙ୍କୁ ଅଜଣା

**ଭୁବନେଶ୍ୱର,୨୭।୧୨(ଅନିଲ ଦାସ)**

ସପ୍ତାହକୁ ଥରେ କିମ୍ବା ଦୁଇଥର ପରିବାର ସହ ଲୋକମାନେ ନିଜ ପସନ୍ଦର ହୋଟେଲ କିମ୍ବା ରାସ୍ତାକଡ଼ରେ ବିକ୍ରି ହେଉଥିବା ଖାଦ୍ୟ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। ବିଶେଷକରି ଯୁବବର୍ଗଙ୍କ ଘର ଖାଦ୍ୟ ଅପେକ୍ଷା ରେଷ୍ଟୁରାଣ୍ଟ କିମ୍ବା ଫାଷ୍ଟଫୁଡ୍ ଷ୍ଟଲ୍‌ରେ ଖାଇବା ଏକ ଟ୍ରେଣ୍ଡ୍ ହୋଇଗଲାଣି। ତେବେ ପାଟିକୁ ସୁଆଦିଆ ଲାଗୁଥିବା ସେହି ଖାଦ୍ୟର ମାନ କ'ଣ ତାହା ଗ୍ରାହକଙ୍କ ପାଇଁ ଅଜଣା। ନିୟମ ଅନୁଯାୟୀ ଖାଦ୍ୟ ମାନ ଯାଞ୍ଚ ହେଉ ନ ଥିବାରୁ ତାହା ସ୍ୱାସ୍ଥ୍ୟୋପଯୋଗୀ କି ନୁହେଁ, ଗ୍ରାହକ ଜାଣିବା ସମ୍ଭବ ହୋଇ ନ ଥାଏ। ଆଗକୁ ନୂଆବର୍ଷ ଆସୁଥିବାରୁ ହାଟବଜାର, ଶପିଂମଲ୍, ହୋଟେଲ ଓ ରେଷ୍ଟୁରାଣ୍ଟରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିବ। ବହୁସଂଖ୍ୟକ ଲୋକ ବାହାର ଖାଦ୍ୟ ଖାଇବେ। ତେବେ ସେହି ଖାଦ୍ୟପଦାର୍ଥର ମାନକୁ ନେଇ ଗ୍ରାହକଙ୍କ ଚିନ୍ତା ବଢୁଛି।

ବଜାରରେ ମିଳୁଥିବା ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ଫୁଡ୍ ସେଫ୍ଟି ଷ୍ଟାଣ୍ଡାର୍ଡ ଆକ୍ଟ, ରୁଲ୍ସ ଓ ରେଗୁଲେଶନ ୨୦୧୧ ଅଗଷ୍ଟ ୫ରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ମାତ୍ର ଠିକ୍ ଢଙ୍ଗରେ ଖାଦ୍ୟର ମାନ ଯାଞ୍ଚ ହେଉ ନ ଥିବାରୁ ଅନେକ ସମୟରେ ଭେଜାଲ ଖାଦ୍ୟ ସାମଗ୍ରୀ ରାଜ୍ୟରେ କାୟାବିସ୍ତାର କରିଚାଲିଛି। ବିଭିନ୍ନ ସହରରେ ରାସ୍ତାକଡ଼ ଷ୍ଟଲ୍ ଓ ହୋଟେଲରେ ବିକ୍ରି ହେଉଥିବା ଖାଦ୍ୟପଦାର୍ଥର ମାନ ପରୀକ୍ଷା ନିରୁତ୍ସାହଜନକ। ଏନେଇ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଓଡ଼ିଶା ମହାନଗର ନିଗମ ନିୟମ ଧାରା-୫୭୬ ଅନୁଯାୟୀ, ନିଗମ ଅଞ୍ଚଳରେ ଅପମିଶ୍ରିତ ଖାଦ୍ୟ କ୍ରୟ କିମ୍ବା ବିକ୍ରୟ ନିଷେଧକୁ ସୁନିଶ୍ଚିତ କରିବା ମହାନଗର ନିଗମଗୁଡ଼ିକର ପ୍ରାଥମିକ ଦାୟିତ୍ୱ। ଖାଦ୍ୟ ନିରାପତ୍ତା ଏବଂ ମାନକ(ଏଫ୍‌ଏସ୍‌ଏସ୍) ଅଧିନିୟମ-୨୦୦୬ର ବ୍ୟବସ୍ଥା ଅନୁଯାୟୀ, ଖାଦ୍ୟ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ମହାନଗର ନିଗମ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିକଟରେ ଆବେଦନ କରିବା ବ୍ୟବସ୍ଥା ରହିଛି। ଖାଦ୍ୟ ନିରାପତ୍ତା କମିଶନରଙ୍କ ଅଧୀନରେ ଥିବା ଫୁଡ୍ ସେଫ୍ଟି ଅଫିସର ଖାଦ୍ୟ ନମୁନା ସଂଗ୍ରହ କରିବା ସହିତ ଯାଞ୍ଚ ଓ ଜବତ କରିପାରିବେ। ଏଥିସହିତ ଏଫ୍‌ଏସ୍‌ଏସ୍ ନିୟମ ଅନୁଯାୟୀ, ଫୁଡ୍ ସେଫ୍ଟି ଅଫିସରମାନେ ନିଜ ଅଧୀନରେ ଥିବା ସମସ୍ତ ଖାଦ୍ୟ ବ୍ୟବସାୟୀଙ୍କ ଡାଟାବେସ୍ ରଖିବେ। ଯେଉଁ ବ୍ୟବସାୟୀ ନିୟମ ପାଳନ କରୁନାହାନ୍ତି ସେମାନଙ୍କୁ ତୁରନ୍ତ ନୋଟିସ କରିବା କଥା। ମାତ୍ର ଆଶ୍ଚର୍ଯ୍ୟର କଥା, ଫୁଡ୍ ସେଫ୍ଟି ଅଫିସରଙ୍କ ପାଖରେ ଖାଦ୍ୟ ବ୍ୟବସାୟୀମାନଙ୍କ ତଥ୍ୟ ରହୁନାହିଁ। ଏପରି କି ରାସ୍ତାକଡ଼ ବିକ୍ରେତାମାନଙ୍କ ସଂଖ୍ୟା ବିଷୟରେ ମଧ୍ୟ ମହାନଗର ନିଗମ ନିକଟରେ କୌଣସି ସୂଚନା ରହୁନାହିଁ।

ଖାଦ୍ୟ ସୁରକ୍ଷା କମିଶନରଙ୍କ ଦ୍ୱାରା ଧାର୍ଯ୍ୟଲକ୍ଷ୍ୟ ଅନୁଯାୟୀ, ୨୦୧୮-୧୯ରୁ ୨୦୧୯-୨୦ ଏବଂ ୨୦୨୦-୨୧ ଆର୍ଥିକବର୍ଷ ମଧ୍ୟରେ କଟକ ମହାନଗର ନିଗମ (ସିଏମ୍‌ସି) ଏବଂ ସମ୍ବଲପୁର ମହାନଗର ନିଗମ ☞ପୃଷ୍ଠା-୨

# ଆଡ୍‌ହକ କମିଟି ଗଠନ କଲା ଆଇଓଏ

**ନୂଆଦିଲ୍ଲୀ,୨୭।୧୨(ପି.ଟି.)**

### କୁସ୍ତି ମହାସଂଘ କାର୍ଯ୍ୟ ତୁଲାଇବ ୩ ଜଣିଆ ପ୍ୟାନେଲ

ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ଦୈନନ୍ଦିନ କାର୍ଯ୍ୟଭାର ପରିଚାଳନା ପାଇଁ ଏକ ଆଡ୍‌ହକ କମିଟି ଗଠନ କରିଛି ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ)। ବୁଧବାର ଆଇଓଏ ପକ୍ଷରୁ ୩ ଜଣିଆ କମିଟି ଘୋଷଣା କରାଯାଇଛି। ଉଷୁ ଆସୋସିଏଶନ ସଭାପତି ଭୂପିନ୍ଦର ସିଂ ବାଜୱା ଏହି କମିଟିର ମୁଖ୍ୟ ଥିବା ବେଳେ ହକି ଅଲିମ୍ପିଆନ୍ ଏମ୍. ଏମ୍. ସୋମାୟା ଓ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ମଞ୍ଜୁଷା କଁୱର ସଦସ୍ୟ ରହିଛନ୍ତି। ଅଣସାମ୍ବିଧାନିକ ନିଷ୍ପତ୍ତି ନେବା କାରଣରୁ ସଭାପତି ସଞ୍ଜୟ ସିଂଙ୍କ ସମେତ ସମ୍ପୂର୍ଣ୍ଣ କମିଟିକୁ ରବିବାର ନିଲମ୍ବନ କରିଥିଲା କ୍ରୀଡା ମନ୍ତ୍ରଣାଳୟ। ଏହା ସହ ତୁରନ୍ତ ଏକ ଆଡ୍‌ହକ କମିଟି ଗଠନ କରିବା ପାଇଁ ଆଇଓଏକୁ ଅନୁରୋଧ କରାଯାଇଥିଲା। ବୁଧବାର ଆଇଓଏ ସଭାପତି ପି.ଟି. ଉଷା ଆଡ୍‌ହକ କମିଟି ଘୋଷଣା କରିଛନ୍ତି। ଡବ୍ଲ୍ୟୁଏଫ୍‌ଆଇର ସମସ୍ତ ନିର୍ବାଚିତ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଆଡ୍‌ହକ କମିଟି ଏହାର ଦୈନନ୍ଦିନ କାର୍ଯ୍ୟଭାର ନିରୀକ୍ଷଣ କରିବ। ବିଭିନ୍ନ ପ୍ରତିଯୋଗିତା ପାଇଁ ଆଥ୍‌ଲେଟିକ ଚୟନଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଅର୍ଥନୈତିକ ବ୍ୟାପାରର ନିରୀକ୍ଷଣ ଦାୟିତ୍ୱ ଏହି କମିଟି ଉପରେ ନ୍ୟସ୍ତ ରହିବ। ଏହା ଅଲିମ୍ପିକ୍ସ ବର୍ଷ ଥିବାରୁ କିଭଳି ଖେଳାଳିଙ୍କ ପାଇଁ ଅଧିକରୁ ଅଧିକ କ୍ୟାମ୍ପ ☞ପୃଷ୍ଠା-୨

# ଏମ୍.ଫିଲ୍ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ନୁହେଁ: ୟୁଜିସି

**ନୂଆଦିଲ୍ଲୀ,୨୭।୧୨**

ମାଷ୍ଟର ଅଫ୍ ଫିଲୋସୋଫି (ଏମ୍.ଫିଲ୍) ପାଠ୍ୟକ୍ରମ ଏକ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ନୁହେଁ ବୋଲି ବୁଧବାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ସ୍ପଷ୍ଟ କରିଛି। ଏଭଳି ପ୍ରୋଗ୍ରାମ୍‌ଗୁଡ଼ିକରେ ନାମ ନ ଲେଖାଇବା ପାଇଁ କେତେକ ବିଶ୍ୱବିଦ୍ୟାଳୟ ପକ୍ଷରୁ ବହୁଳ ବିଜ୍ଞାପନ ଦିଆଯାଉଥିବାରୁ ଏନେଇ ଛାତ୍ରୀଛାତ୍ରମାନଙ୍କୁ ୟୁଜିସି ସତର୍କ କରିଛି। ୟୁଜିସି ସେକ୍ରେଟାରି ମନୀଷ ଜୋଷୀ କହିଛନ୍ତି, କିଛି ୟୁନିଭର୍ସିଟି ଏମ୍.ଫିଲ୍ କୋର୍ସରେ ନାମ ଲେଖାଇବା ନିମନ୍ତେ ପିଲାଙ୍କଠାରୁ ଦରଖାସ୍ତ ଆହ୍ୱାନ କରିଥିବା ଆୟୋଗଙ୍କ ନଜରକୁ ଆସିଛି। ୟୁଜିସିର ରେଗୁଲେଶନ୍ ନଂ.୧୪ (ମିନିମମ୍ ଷ୍ଟାଣ୍ଡାର୍ଡ୍ସ ଆଣ୍ଡ୍ ପ୍ରୋସିଡ୍ୟୁର ଫର୍ ଆୱାର୍ଡ ଅଫ୍ ପିଏଚ୍‌ଡିଡିଗ୍ରୀ) ରେଗୁଲେଶନ୍ସ, ୨୦୨୨ରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ କୌଣସି ଏମ୍.ଫିଲ୍ ପାଠ୍ୟକ୍ରମ ଚଳାଇପାରିବେ ନାହିଁ। ତେଣୁ ୨୦୨୩-୨୪ ଶିକ୍ଷାବର୍ଷରେ ଏପରି ଏମ୍.ଫିଲ୍ ପ୍ରୋଗ୍ରାମରେ ତୁରନ୍ତ ନାମଲେଖା ବନ୍ଦ କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ କୌଣସି ଏମ୍.ଫିଲ୍ କୋର୍ସରେ ନାମ ନ ଲେଖାଇବାକୁ ପରାମର୍ଶ ଦିଆଯାଇଥିବା ମନୀଷ କହିଛନ୍ତି।

# ଓଜେଏସ୍: ସୁଶ୍ରିତା ମିଶ୍ର ଟପ୍ପର

### ୫୫ରୁ ୩୯ ଛାତ୍ରୀ କୃତକାର୍ଯ୍ୟ, ପ୍ରଥମ ୮ ସ୍ଥାନରେ ଝିଅ

**କଟକ,୨୭।୧୨ (କାର୍ତ୍ତିକ ସାହୁ)**

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ପରୀକ୍ଷା-୨୦୨୨ ଫଳ ବୁଧବାର ପ୍ରକାଶ ପାଇଛି। ସୁଶ୍ରିତା ମିଶ୍ର ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ମୋଟ ୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯ ଜଣ ମହିଳା ଅଛନ୍ତି। ତେବେ ପରୀକ୍ଷାଫଳ ମେରିଟ୍ ଲିଷ୍ଟରେ ପ୍ରଥମ ୮ ସ୍ଥାନରେ ସାଧାରଣ ବର୍ଗର ମହିଳାମାନେ ସ୍ଥାନିତ ହୋଇ ଉତ୍ସାହଜନକ ଫଳ ପ୍ରଦାନ କରିଛନ୍ତି। ପ୍ରଥମ ଦଶ ସ୍ଥାନରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ହେଲେ ଯଥାକ୍ରମେ ସୁଶ୍ରିତା ମିଶ୍ର, ନିଳିଶା ପଟ୍ଟନାୟକ, ଅନନ୍ୟା ମିଶ୍ର, ରାନି ରଞ୍ଜିତା ପଟ୍ଟନାୟକ, ଲୋପାମୁଦ୍ରା ଆଚାର୍ଯ୍ୟ, ହର୍ଷିତା ମିଶ୍ର, ପ୍ରଜ୍ଞା ସୁମନ ମହାପାତ୍ର, ଏସ୍. ଆର୍ ତୋଷାଳି, ସତ୍ୟଜିତ ପାଣି ଓ ଲଳିତେନ୍ଦୁ ଦେବତା। ପରୀକ୍ଷାର୍ଥୀମାନେ ନିଜର ଫଳ ୱେବସାଇଟ୍‌ରୁ ପାଇପାରିବେ। ପ୍ରକାଶ ଯେ, ଓପିଏସ୍‌ସି ପକ୍ଷରୁ ଓଡ଼ିଶା ଜୁଡିସିଆଲ ସର୍ଭିସ ୨୦୨୨ର ସିଭିଲ୍ ଜଜ୍ ପରୀକ୍ଷା ନିମନ୍ତେ ୧୯/୨୦୨୨-୨୩ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ପ୍ରିଲିମ ପରୀକ୍ଷା ଗତ ମେ' ୨୧ ତାରିଖରେ ହୋଇଥିବାବେଳେ ୯୧୪ ଜଣ କୃତକାର୍ଯ୍ୟ ହୋଇଥିଲେ।

# ନନ୍ଦନକାନନକୁ ଚିତା ଆସିବ

**ଭୁବନେଶ୍ୱର,୨୭।୧୨**
**(ଅସମାପିକା ସାହୁ)**



ରାଜ୍ୟବାସୀଙ୍କ ପାଇଁ ଖୁସି ଖବର। ନୂଆବର୍ଷରେ ନନ୍ଦନକାନନକୁ ଆସିବେ ନୂଆ ଅତିଥି। ପ୍ରଥମ ଥର ଲାଗି ନନ୍ଦନକାନନ ଚିଡ଼ିଆଖାନାକୁ ଚିତାବାଘ ଅଣାଯିବ। କେବଳ ଚିତା ନୁହେଁ, ନୂତନ ବର୍ଷରେ ଧଳା ସିଂହ ଶାବକ, ଜିରାଫ ଓ ନୂଆ ପକ୍ଷୀ ମଧ୍ୟ ଆସିବେ ବୋଲି ବୁଧବାର ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦୁବାଇ ଚିଡ଼ିଆଖାନାରୁ ପ୍ରାଣୀ ଅଦଳବଦଳ କାର୍ଯ୍ୟକ୍ରମ ଅଧୀନରେ ୨୦୨୪ ଜାନୁୟାରୀରେ ବିଭିନ୍ନ ସ୍ଥାନରୁ ନୂଆ ଅତିଥି ଆସିବେ। ଦୁବାଇରୁ ଚିତାବାଘ ଓ ଧଳା ସିଂହ ଶାବକ ଆସିବେ। ଏବେ ନନ୍ଦନକାନନରେ ଥିବା ଜିରାଫ ଏକୁଟିଆ ରହୁଛି। ତେଣୁ ପଶ୍ଚିମବଙ୍ଗର ଆଲିପୁରସ୍ଥିତ କେନ୍ଦ୍ରୀୟ ଚିଡ଼ିଆଖାନାରୁ ପ୍ରାଣୀ ଅଦଳବଦଳ କାର୍ଯ୍ୟକ୍ରମରେ ଆଉ ଏକ ଜିରାଫ ନନ୍ଦନକାନନକୁ ଅଣାଯିବ ବୋଲି ପିସିସିଏଫ୍ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୮ ମେ' ୨୫ରେ ଆଲିପୁରରୁ ଏକ ଜିରାଫ ଅଣାଯାଇଥିଲା। ତେବେ ବାଟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତା'ର ମୃତ୍ୟୁ ଘଟିଥିଲା। ସେହିଭଳି ୨୦୧୬ ଫେବୃୟାରୀରେ ଆଉ ଏକ ଜିରାଫ ସେଠାରୁ ଆସିଥିଲା। ☞ପୃଷ୍ଠା-୨

# ନକଲି ଜାତି ସାର୍ଟିଫିକେଟ୍ ଦେଇ ଡାକ୍ତର

### ନିଶ୍ଚେତକ ବିଶେଷଜ୍ଞ ଗିରଫ

**ସୁନାବେଡ଼ା/ସେମିଳିଗୁଡ଼ା,୨୭।୧୨**
**(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

ନକଲି ଜାତିଗତ ସାର୍ଟିଫିକେଟ ଦେଇ ବ୍ରହ୍ମପୁର ବଡ଼ମେଡିକାଲରେ ଡାକ୍ତର ଭାବେ କାର୍ଯ୍ୟ କରୁଥିବା ଦୁର୍ଗାଦତ୍ତ ଶାସନୀ ଓରଫ ଯାନୀ (୪୪)ଙ୍କୁ ସେମିଳିଗୁଡ଼ା ପୋଲିସ ବୁଧବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମିଳିଗୁଡ଼ା ସମବାୟ କଲୋନିରେ ରହୁଥିବା ଗିରଫ ଡାକ୍ତରଙ୍କ ବଡ଼ଭାଇ ଅମ୍ବିକା ପ୍ରସାଦ ଶାସନୀ ଗତ ଜୁଲାଇ ୨୦ରେ ସେମିଳିଗୁଡ଼ା ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଦୁର୍ଗାଦତ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୋଗରେ ଦର୍ଶାଇଥିଲା, ଦୁର୍ଗାଦତ୍ତ ଜାତିରେ ବ୍ରାହ୍ମଣ ହୋଇଥିବାବେଳେ ଆଦିବାସୀ ସମ୍ପ୍ରଦାୟର ଜାତିଗତ ପ୍ରମାଣପତ୍ର ମାଧ୍ୟମରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ନିଶ୍ଚେତକ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି, ଯାହାକୁ ନେଇ ନଂ. ୯୯/୨୩ ରେ ଏକ ମାମଲା ରୁଜୁକରି ସେମିଳିଗୁଡ଼ା ପୋଲିସ ତଦନ୍ତ ଜାରି ରଖିଥିଲା। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କେଉଁ ନାମରେ ପରିଚିତ ହେବା**

# ନାସା ଖୋଜୁଛି 'ଧ୍ୱଂସର ଦେବତା'

**ୱାଶିଂଟନ୍,୨୭।୧୨**

ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା 'ଧ୍ୱଂସର ଦେବତା'ଙ୍କୁ ଠାବ କରିବା ପାଇଁ ଅଭିଯାନ ଚଳାଇଛି। ଏହି କ୍ଷୁଦ୍ରଗ୍ରହ ପୃଥିବୀର କକ୍ଷପଥର ନିକଟତର ହେବାରେ ଲାଗିଛି। ନିକଟରେ ଦୂରନ୍ତ ମହାକାଶରୁ ଫେରିଥିବା ନାସାର ଏକ ସ୍ପେସ୍‌କ୍ରାଫ୍ଟ ଏହା ଉପରେ ଗବେଷଣା ଚଳାଇଛି।



୨୦୨୯ରେ କ୍ଷୁଦ୍ରଗ୍ରହ 'ଆପୋଫିସ୍' ନିକଟକୁ ଯାଇ ଅନୁଧ୍ୟାନ କରିବା ପାଇଁ ନାସାର ମହାକାଶଯାନ ଓଏସ୍‌ଆର୍‌ଆଇଏସ୍-ରେକ୍ସକୁ ପଠାଯାଇଛି। କାରଣ ଏହି ସ୍ପେସ୍‌କ୍ରାଫ୍ଟ ଆପୋଫିସ୍ ସମ୍ପର୍କରେ ଅନେକ ଅଜଣା ତଥ୍ୟ ହାସଲ କରିବ, ଯାହାକି ଇତିହାସରେ ପୂର୍ବରୁ କେବେ ରେକର୍ଡ କରାଯାଇ ନ ଥିଲା ବୋଲି ନାସା ପକ୍ଷରୁ କୁହାଯାଇଛି। ୭ ବର୍ଷ ଧରି ବେନ୍ନୁ କ୍ଷୁଦ୍ରଗହରେ ଅନୁଧ୍ୟାନ ପରେ ସେଠାରୁ ପଥରର ନମୁନା ଧରି ଗତ ସେପ୍ଟେମ୍ବରରେ ମହାକାଶଯାନ ପୃଥିବୀ ପୃଷ୍ଠକୁ ଫେରିଥିଲା। ଗଡ୍ ଅଫ୍ କେଓସ୍ ବା ଧ୍ୱଂସର ଦେବତା ନାମ ଦିଆଯାଇଥିବା ଆପୋଫିସ୍ ☞ପୃଷ୍ଠା-୨

MedPlus
ମେଡ୍‌ପ୍ଲସ୍ ବ୍ରାଣ୍ଡର ଔଷଧ
50-80%* ରିହାତିରେ
9.5 ଲକ୍ଷରୁ ଅଧିକ ଗ୍ରାହକ ଔଷଧ କିଣା ଉପରେ
74.5 କୋଟିରୁ ଅଧିକ ସଞ୍ଚୟ କରିଛନ୍ତି!
ଆପଣ କେବେ ଆରମ୍ଭ କରିବେ?



ମୋ ଡାକ୍ତର ଲେଖୁଥିବା ସବୁ ଔଷଧ ମୁଁ ପାଇବି କି?
ହଁ, ମେଡ୍‌ପ୍ଲସ୍‌ରେ ଆପଣ ପ୍ରେସ୍‌କ୍ରାଇବ୍ ହୋଇଥିବା ପାଖାପାଖି 80% ଔଷଧର ବିକଳ୍ପ ଔଷଧ ପାଇପାରିବେ। ଏହା ମଧ୍ୟରେ ଉଚ୍ଚ ରକ୍ତଚାପ, ଡାଇବେଟିସ୍, ଥାଇରଏଡ୍, କୋଲେଷ୍ଟରଲ୍, ହୃଦ୍‌ରୋଗ ଆଦି ରୋଗ ସମେତ ବ୍ୟଥା, ଥଣ୍ଡା, ଜର, ଆଲର୍ଜି ଏବଂ ସଂକ୍ରମଣ ପାଇଁ ଔଷଧଗୁଡ଼ିକ ଅନ୍ତର୍ଭୁକ୍ତ।

କ୍ୱାଲିଟି ବିଷୟରେ କ'ଣ? ଏହି ଔଷଧଗୁଡ଼ିକ ମୋ ଡାକ୍ତର ଲେଖୁଥିବା ଔଷଧର କ୍ୱାଲିଟିର ସମତୁଲ୍ୟ ହେବ ତ?
ମେଡ୍‌ପ୍ଲସ୍ ବ୍ରାଣ୍ଡ ଔଷଧଗୁଡ଼ିକ ଦେଶର ସର୍ବଶ୍ରେଷ୍ଠ ବ୍ରାଣ୍ଡ ଭଳି ସମାନ ପ୍ରସ୍ତୁତୀକରଣ କେନ୍ଦ୍ର#ରେ ନିର୍ମିତ ହୋଇଥାଏ। ଏହି ଔଷଧଗୁଡ଼ିକୁ ତିଆରି କରିବା ପାଇଁ ସମାନ ମାନକ ଅନୁସରଣ କରାଯାଏ ଏବଂ ତାହାର ଗୁଣବତ୍ତା ବଜାରର ସର୍ବଶ୍ରେଷ୍ଠ ଔଷଧଗୁଡ଼ିକ ସହ ସମାନ ହୋଇଥାଏ।
#ଆପଣ ଔଷଧ ଷ୍ଟ୍ରିପ୍‌ରେ ପ୍ରସ୍ତୁତକର୍ତ୍ତାଙ୍କ ନାମକୁ ଯାଞ୍ଚ କରି ଏହାର ସତ୍ୟତା ବିଷୟରେ ସୁନିଶ୍ଚିତ ହୋଇପାରିବେ।

ଯଦି କ୍ୱାଲିଟି ସମାନ, ତେବେ 50-80%ର ରିହାତି କେମିତି ସମ୍ଭବ ହୋଇପାରୁଛି?
ଆପଣ ନିୟମିତ ଭାବେ କିଣୁଥିବା ଔଷଧଗୁଡ଼ିକ ତାହାର ବିପଣନ ଓ ବିତରଣ ଖର୍ଚ୍ଚ କାରଣରୁ ମହଙ୍ଗା ହୋଇଥାଏ। ମେଡ୍‌ପ୍ଲସ୍ ମାର୍କେଟିଂ ଓ ବିତରଣ ପାଇଁ ଅତିରିକ୍ତ ଖର୍ଚ୍ଚ କରି ନ ଥାଏ, ତେଣୁ 50-80% ରିହାତି ସମ୍ଭବ ହୋଇପାରିଥାଏ।

ଫାର୍ମାସୀ ଚେନ୍‌ଗୁଡ଼ିକ ନିଜସ୍ୱ ବ୍ରାଣ୍ଡର ଔଷଧ ବିକ୍ରି କରିବା ଏକ ସାଧାରଣ କଥା କି?
ହଁ, ସାରା ବିଶ୍ୱରେ, ବିଶେଷକରି ଯୁକ୍ତରାଷ୍ଟ୍ର ଆମେରିକାରେ, ୱାଲ୍‌ଗ୍ରୀନ୍ସ ଏବଂ ସିଭିଏସ୍ ଭଳି ବଡ଼ ବଡ଼ ଫାର୍ମାସୀ ଚେନ୍ ସେମାନଙ୍କ ନିଜସ୍ୱ ବ୍ରାଣ୍ଡର ଔଷଧ ବିକ୍ରି କରିଥାନ୍ତି। ଔଷଧର ପ୍ୟାଟେଣ୍ଟ ସମୟସୀମା ସରିବା ପରେ ଏହିଭଳି କମ୍ପାନୀମାନେ ନିଜ ବ୍ରାଣ୍ଡର ଔଷଧ ତିଆରି କରି ବିକ୍ରି କରିଥାନ୍ତି। ଅତୀତରେ, ନିଜ ବ୍ରାଣ୍ଡର ଔଷଧ ତିଆରି କରିବା ପାଇଁ ଭାରତରେ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଆକାର ଓ ସାମର୍ଥ୍ୟର କୌଣସି କମ୍ପାନୀ ନ ଥିଲା। ବର୍ତ୍ତମାନ, 4000 ଷ୍ଟୋର୍ ଏବଂ 4500 କୋଟିରୁ ଅଧିକ କାରବାର ସହିତ ନିଜସ୍ୱ ବ୍ରାଣ୍ଡ ତିଆରି କରିବା ପାଇଁ ମେଡ୍‌ପ୍ଲସ୍ ନିକଟରେ ସେହି ଆକାର ଓ ସାମର୍ଥ୍ୟ ଅଛି।

ପରବର୍ତ୍ତୀ ସମୟରେ ମେଡ୍‌ପ୍ଲସ୍‌କୁ ଗଲେ, ମେଡ୍‌ପ୍ଲସ୍ ବିକଳ୍ପ ଔଷଧ ମାଗନ୍ତୁ ଓ ଅଧିକ ସଞ୍ଚୟ କରନ୍ତୁ!
ଆଜି ହିଁ ନିକଟତମ ଷ୍ଟୋର୍ ପରିଦର୍ଶନ କରନ୍ତୁ କିମ୍ବା କଲ୍ କରନ୍ତୁ 040-6700 6732
ସୀମିତ ଅବଧିର ସବ୍‌ସ୍କ୍ରିପ୍ସନ୍ ଅଫର ଟ.50/ବର୍ଷ (ନିୟମିତ ମୂଲ୍ୟ 499/ବର୍ଷ)।
*ନିୟମ ଓ ସର୍ତ୍ତାବଳୀ ଲାଗୁ। ଡିପିସିଓ ଉତ୍ପାଦଗୁଡ଼ିକ ଉପରେ ରିହାତି ଭିନ୍ନ ହୋଇପାରେ।

**ଆଜିର ମନ୍ତବ୍ୟ**
"ଭାରତୀୟ ସେନା ଜମ୍ମୁ-କଶ୍ମୀରରୁ ଆତଙ୍କବାଦର ମୂଳୋତ୍ପାଟନ କରିବ ବୋଲି ପୂର୍ଣ୍ଣ ବିଶ୍ୱାସ ରହିଛି। କିନ୍ତୁ ଦେଶବାସୀଙ୍କୁ ଆଘାତ ଦେବା ଭଳି ଭୁଲ୍ କରିବା ଅନୁଚିତ। -ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥାଉ କି ନ ଥାଉ ବ୍ରାହ୍ମଣ ଖାଉ
ହଉ କି ନ ହଉ ବରଷୁ ଥାଉ।**

ସାଧାରଣତଃ ବ୍ରାହ୍ମଣଙ୍କୁ ଭୂରି ଭୋଜନ ଦେଲେ ଯଜମାନଙ୍କୁ ଆଶୀର୍ବାଦ ମିଳିଥାଏ। ଠିକ୍ ସେହିପରି ଫସଲ ହେଉକି ନ ହେଉ ପଡ଼ିଆ ବା ଜମି ପାଣିରେ ଭିଜି ରହିଲେ ପରବର୍ତ୍ତୀ ସମୟରେ ସେଥିରୁ ଅଧିକ ଫସଲ ଉତ୍ପାଦନ ହେବାର ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଥାଳି ଥାଳି ମିଠେଇ
ଗରଜ ବେଳେ ତ ବୁହାଚାଲିଛି
କେତେ ପଚାରୁଛୁ ନିଠେଇ ?**

ହାତରେ ଯେତେବେଳେ କିଛି ଧନ ଆସିଯାଏ ସେତେବେଳେ ବ୍ୟକ୍ତି ଖର୍ଚ୍ଚ କରିବାରେ ପଛଘୁଞ୍ଚା ଦେଇ ନ ଥାଏ। ସେତେ ଆବଶ୍ୟକତା ପଡୁ ନ ଥିଲେ ମଧ୍ୟ ପାଖରେ ଧନ ଥିବା କାରଣରୁ ସେ କାହାରି କଥା ନ ଶୁଣି ନିଜ ମନ ମୁତାବକ ଖର୍ଚ୍ଚ କରି ଚାଲିଥାଏ। ଧନ ପାଖରେ ଥିଲେ ଅପବ୍ୟୟ ବଢିଯାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# 'ଓଡ଼ିଶାର ବିକାଶକୁ ବିରୋଧୀ ସହି ପାରୁନାହାନ୍ତି'

## ୫-ଟି ଅଧ୍ୟକ୍ଷଙ୍କ ଦିନିକିଆ ଭଦ୍ରକ ଗସ୍ତ

■ ଆଖଣ୍ଡଳମଣି ମନ୍ଦିରର ୨ୟ ପର୍ଯ୍ୟାୟ ରୂପାନ୍ତରଣ ପାଇଁ ୫୦କୋଟି ଟଙ୍କା ଘୋଷଣା
■ ଧାମନଗରକୁ ୫ ମାସରେ ୧୦୦ କୋଟି ଟଙ୍କା ଦିଆଯାଇଛି

ଭଦ୍ରକ/ଚାନ୍ଦବାଲି/ଧାମନଗର,୨୭।୧୨
(ସନାତନ ରାଉତ/ କିଷାନ ପାତ୍ର /ଦେବେନ୍ଦ୍ର ଆଦିଆ)

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ଦିନିକିଆ ଗସ୍ତରେ ଆସି ଭଦ୍ରକ ନେହେରୁ ଷ୍ଟାଡିୟମ, ଅସୁରାଳି ଓ ଆରଡ଼ିରେ ୩ଟି ସଭାରେ ଯୋଗଦେଇ ଫେରିଛନ୍ତି। ଓଡ଼ିଶାର ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଶାର ବିକାଶ ଦ୍ରୁତଗତିରେ ହେଉଥିବା ଦେଖି ବିରୋଧୀମାନେ ସହିପାରୁନାହାନ୍ତି ବୋଲି ଭଦ୍ରକ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ସାଧାରଣ ସଭାରେ ୫-ଟି ଅଧ୍ୟକ୍ଷ କହିଛନ୍ତି। ପୂର୍ବାହ୍ନ ସାଢ଼େ ୧୦ଟାରେ ହେଲିକପ୍ଟର ଯୋଗେ ଆସି ପ୍ରଥମେ ଚାନ୍ଦବାଲି ବ୍ଲକର ଆରଡ଼ିଠାରେ ପହଞ୍ଚି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପରେ ଆରଡ଼ି ବାଇପାସ୍ ଛକଠାରେ ଅନୁଷ୍ଠିତ ସଭାରେ ଯୋଗଦେଇ ଚାନ୍ଦବାଲି ନିର୍ବାଚନମଣ୍ଡଳୀର ଆଖଣ୍ଡଳମଣି ମନ୍ଦିରର ୨ୟ ପର୍ଯ୍ୟାୟ ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ୫୦କୋଟି ଟଙ୍କା ଅନୁମୋଦନ କରିଥିବା ସେ ଘୋଷଣା କରିଛନ୍ତି। ସେହିପରି ଗମନାଗମନ, ଜଳ ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ଧାର୍ମିକ ଅନୁଷ୍ଠାନର ଉନ୍ନତୀକରଣ ଲାଗି ୫ ମାସରେ ୩୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ସେ କହିଥିଲେ। ଏହାପରେ ୫-ଟି ଅଧ୍ୟକ୍ଷ ଧାମନଗର ବ୍ଲକ ଅସୁରାଳିସ୍ଥିତ ଶହୀଦ ଷ୍ଟାଡିୟମରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିଲେ। ଭଦ୍ରକ ମାଟି ବଳିଦାନର ମାଟି, ସମସ୍ତଙ୍କୁ ପ୍ରେରଣା ଦେବା ମାଟି। ଆପଣମାନଙ୍କ ଭଲପାଇବା, ସ୍ନେହ ମୋତେ ଆହୁରି କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେଇଛି ବୋଲି ସେ କହିଥିଲେ। ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୫ ମାସରେ ୧୦୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଧାମନଗରକୁ ଦେଇଛନ୍ତି। ୨୦୨୨ ଧାମନଗର ଉପନିର୍ବାଚନ ଜିତିବା ପରେ ପ୍ରଚାର ମଙ୍ଗ ଧରିଥିବା ଲୋକ କ'ଣ ପ୍ରତିଶ୍ରୁତି ଦେଇଥିଲେ, କ'ଣ କରିଛନ୍ତି ବୋଲି କହି ପରୋକ୍ଷରେ ନାଁ ନ ନେଇ ଭାଜପା ରାଜ୍ୟ ସଭାପତିଙ୍କୁ ଟାର୍ଗେଟ କରିଥିଲେ। ସେମାନେ ଭୋଟ୍ ରାଜନୀତି କରନ୍ତି, ଭୋଟ ସରିଗଲେ ଭୁଲିଯିବେ। ନବୀନ ପଟ୍ଟନାୟକ ଭୋଟ ପାଇଁ ରାଜନୀତି କରନ୍ତି ନାହିଁ। ଆପଣମାନଙ୍କ ଭଲପାଇବା ସ୍ନେହ, ଓଡ଼ିଶାବାସୀଙ୍କୁ ପରିବାର ଭାବି କାମ କରନ୍ତି ବୋଲି କହିଥିଲେ।



ଆରଡ଼ି ବାଇପାସ୍ ଛକଠାରେ ଅନୁଷ୍ଠିତ ସଭାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ଶେଷରେ ଭଦ୍ରକ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ସାଧାରଣ ସଭାରେ ସେ ଯୋଗଦେଇ ଭଦ୍ରକ ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଅନୁଦାନ ବିଷୟରେ ଲୋକଙ୍କୁ କହିଥିଲେ। ୫-ଟି ସଚିବ ଥିବାବେଳେ ଗତ ଜୁନ୍ ୧୧ରେ ଭଦ୍ରକ ଆସି ଲୋକଙ୍କଠାରୁ ଅଭିଯୋଗପତ୍ର ନେଇଥିଲି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ମାତ୍ର ୫ ମାସରେ ଭଦ୍ରକ ନିର୍ବାଚନମଣ୍ଡଳୀକୁ ୨୫୦ କୋଟି ଟଙ୍କା ଦିଆଯାଇଥିବା ସେ ପ୍ରକାଶ କରିଥିଲେ। ଏହାବ୍ୟତୀତ ଜିଲାର ସବୁ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ଓ ଜିଲାରେ ଲକ୍ଷ୍ମୀ ଯୋଜନାରେ ପ୍ରତି ପଞ୍ଚାୟତରୁ ଜିଲା ସଦର ମହକୁମାକୁ ବସ୍ ସେବା ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି।

# ଭିନ୍ନ ମନ୍ଦିରରେ ପହଞ୍ଚିଲା ପରିକ୍ରମା ପ୍ରକଳ୍ପ ନିମନ୍ତ୍ରଣପତ୍ର

ଭୁବନେଶ୍ୱର,୨୭।୧୨(ଅନିଲ ଦାସ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ସାମିଲ ହେବା ପାଇଁ ବିଭିନ୍ନ ମନ୍ଦିରରେ ନିମନ୍ତ୍ରଣପତ୍ର ପହଞ୍ଚିଛି। ଏହି ବଣ୍ଟନ କାର୍ଯ୍ୟ ମଙ୍ଗଳବାରଠାରୁ ୩୦ଟି ଟିମ୍ ମାଧ୍ୟମରେ ଆରମ୍ଭ ହୋଇଛି। ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ଥିବା ମନ୍ଦିରଗୁଡ଼ିକୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି। ବୁଧବାର ଦ୍ୱିତୀୟ ଦିବସରେ ଓଡ଼ିଶା ବାହାରେ କେରଳର ପଦ୍ମନାଭସ୍ୱାମୀ ମନ୍ଦିର, ମୁମ୍ବାଇର ସିଦ୍ଧିବିନାୟକ ମନ୍ଦିର, ଅହମ୍ମଦାବାଦର ଜଗନ୍ନାଥ ମନ୍ଦିର, କାଳୀଘାଟର କାଳୀ ମନ୍ଦିର ଓ ଖିଦିରପୁର ଜଗନ୍ନାଥ ମନ୍ଦିର, ରାମେଶ୍ୱରମ୍ ଶ୍ରୀ ରାମନାଥସ୍ୱାମୀ ମନ୍ଦିର, ଚେନ୍ନାଇର ଜଗନ୍ନାଥ ମନ୍ଦିର, ମହୀଶୂର ଚାମୁଣ୍ଡେଶ୍ୱରୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ମଥୁରା କୃଷ୍ଣ ଜନ୍ମଭୂମି ସ୍ଥଳ, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀଜଗନ୍ନାଥ ମନ୍ଦିର, ତିରୁମାଲା ତିରୁପତି, ମଧ୍ୟପ୍ରଦେଶର ଓଁକାରେଶ୍ୱର ଜ୍ୟୋତିର୍ଲିଙ୍ଗ, ବିଜୟୱାଡାର କନକଦୁର୍ଗା ମନ୍ଦିର, ବୃନ୍ଦାବନର ବାଙ୍କେବିହାରୀ ମନ୍ଦିର ମୁଖ୍ୟମାନଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି। ସେହିପରି ରାଜ୍ୟ ମଧ୍ୟରେ ଫୁଲବାଣୀର ଶ୍ରୀଜଗନ୍ନାଥ ମନ୍ଦିର, ଦଧିବାମନଜୀଉ ମନ୍ଦିର, ଯାଜପୁରର ବିରଜା ମନ୍ଦିର ଓ ବରାହ ମନ୍ଦିର, କଟକ ସାଲେପୁରର ରାମକୃଷ୍ଣପୁର ଦାରୁସ୍ଥଳୀ, ଢେଙ୍କାନାଳର କପିଳାସ ଚନ୍ଦ୍ରଶେଖର ମନ୍ଦିର ଓ ବଳଦେବଜୀ ମନ୍ଦିର, କଳାହାଣ୍ଡିର ଭଣ୍ଡାରଘରିଆଣୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର, ଅସ୍ତରଙ୍ଗ ମାଳଦାର ଦାରୁକ୍ଷେତ୍ର, ସାକ୍ଷୀଗୋପାଳସ୍ଥିତ ରାଇଚକ୍ରଧରପୁର ମନ୍ଦିର, ବାରିପଦା ଶ୍ରୀ ଶ୍ରୀ ହରି ବଳଦେବ ମନ୍ଦିରରେ ନିମନ୍ତ୍ରଣପତ୍ର ଦିଆଯାଇଛି। ସେହିପରି ସମ୍ବଲପୁର ମା' ସମଲେଶ୍ୱରୀ ମନ୍ଦିର, ରେଢ଼ାଖୋଲ ଜଗନ୍ନାଥ ମନ୍ଦିର, କେନ୍ଦ୍ରାପଡ଼ା ବଳଦେବ ଜୀଉ ମନ୍ଦିର, ବୌଦ୍ଧର ଚନ୍ଦ୍ରଚୂଡ଼ ମନ୍ଦିର, ପୁରୁଣା କଟକ ଭୈରବୀ ମନ୍ଦିର, ଆଠଗଡ଼ ଶରଣ କ୍ଷେତ୍ର, ଖଲ୍ଲିକୋଟ ଚକ୍ରତୀର୍ଥ, ଅନୁଗୋଳର ଜଗନ୍ନାଥ ମନ୍ଦିର ଓ ମା' ହିଙ୍ଗୁଳା ମନ୍ଦିର, ଜଗତ୍‌ସିଂହପୁର ଅଡ଼ଙ୍ଗଗଡ଼ ଦାରୁକ୍ଷେତ୍ର, ଖଡ଼ିପଡ଼ିଆ ଦାରୁକ୍ଷେତ୍ର ଓ ଗଞ୍ଜାମ ମା' ତାରାତାରିଣୀ ମନ୍ଦିର, ନବରଙ୍ଗପୁରର ମା' ଭଣ୍ଡାରଘରିଆଣୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ଭଦ୍ରକର ଭଦ୍ରକାଳୀ ଓ ଆରଡ଼ି ଆଖଣ୍ଡଳମଣି ମନ୍ଦିରକୁ ସେବାୟତ ଓ ବରିଷ୍ଠ ଅଧିକାରୀମାନେ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ ମନ୍ଦିରର ମୁଖ୍ୟ ନିମନ୍ତ୍ରଣ ଗ୍ରହଣ କରି ମହାପ୍ରଭୁଙ୍କ ଏହି ଅନନ୍ୟ କାର୍ଯ୍ୟରେ ସାମିଲ ହେବା ଏକ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି। ସମସ୍ତ ସ୍ଥାନରେ ନିମନ୍ତ୍ରଣ ପ୍ରଦାନ କରିବାକୁ ଯାଇଥିବା ଟିମ୍‌କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ, ଶଙ୍ଖଧ୍ୱନି ଓ ହରିବୋଲ, ହୁଳହୁଳି ପକାଇ ସମସ୍ତେ ସ୍ୱାଗତ କରିଛନ୍ତି।



## ପ୍ରଥମ ପୃଷ୍ଠାରୁ...

### ଖାଦ୍ୟ ମାନ ...

(ଏସ୍‌ଏମ୍‌ସି)ରେ ଯଥାକ୍ରମେ ମାସକୁ ୧୫, ୧୦ ଓ ୭ଟି ନମୁନା ଯାଞ୍ଚ କରାଯିବା କଥା। ସେହିପରି ମାସକୁ ଯଥାକ୍ରମେ ୪, ୪ ଓ ୫ଟି ଆଇନଗତ ନମୁନା ସଂଗ୍ରହ ହେବା କଥା। ମାତ୍ର ତାହା କରାଯାଇ ନାହିଁ। ସେହିପରି ଉଭୟ ମହାନଗର ନିଗମ ରାଜ୍ୟ ଜନସ୍ୱାସ୍ଥ୍ୟ ଲାବୋରେଟୋରିକୁ ବିଶ୍ଳେଷଣ ପାଇଁ ୭୬୮ଟି ଖାଦ୍ୟ ନମୁନା ପଠାଇବାକୁ ଥିବାବେଳେ ମାତ୍ର ୫୧୮ଟି ପଠାଇଥିଲେ। ସେଥିରୁ ୪୬୮ଟି ନମୁନା ପରୀକ୍ଷା ହୋଇଥିବା ସିଏଜି ଯାଞ୍ଚ ବେଳେ ଜାଣିବାକୁ ପାଇଥିଲେ। ତନ୍ମଧ୍ୟରୁ ୧୦୯ଟି ନମୁନା ଅପମିଶ୍ରିତ ହୋଇଥିଲା। ଏହାସତ୍ତ୍ୱେ ଅପମିଶ୍ରିତ ଖାଦ୍ୟ ବିକ୍ରୟ କରୁଥିବା ଷ୍ଟଲ୍‌ଗୁଡ଼ିକୁ କୌଣସି ନୋଟିସ ଜାରି କରାଯାଇ ନ ଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ଏଥିସହିତ ଅଧିକାଂଶ ପୌରସଂସ୍ଥା ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଖାଦ୍ୟ ନମୁନା ସଂଗ୍ରହ ପାଇଁ କୌଣସି ଫୁଡ୍ ସେଫ୍ଟି ଅଫିସର ନିଯୁକ୍ତ କରାଯାଇ ନ ଥିବା ସିଏଜି ଉଲ୍ଲେଖ କରିଛନ୍ତି।

ଖାଦ୍ୟ ନିରାପତ୍ତା କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୨-୨୩ରେ ରାଜ୍ୟରୁ ମୋଟ ୨୩୩୦ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇଥିବାବେଳେ ସେଥିରୁ ୨୧୫୩ଟି ବିଶ୍ଳେଷଣ କରାଯାଇଛି। ୪୬୮ଟି ନମୁନାରେ ଖାଦ୍ୟ ଅପମିଶ୍ରଣ ହୋଇଥିବା ଜଣାପଡ଼ିଛି। ସେହିପରି ୨୦୨୩ ଏପ୍ରିଲରୁ ଏ ଯାଏ ରାଜ୍ୟରେ ୨୩୬୫ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇ ୨୨୯୫ଟିର ବିଶ୍ଳେଷଣ କରାଯାଇଛି। ସେଥିରୁ ୩୬୫ଟି ଖାଦ୍ୟ ନମୁନା ଅପମିଶ୍ରିତ ହୋଇଥିବା ଜଣାପଡ଼ିଛି। ରାଜ୍ୟରେ ୧୧୧ ପୌରସଂସ୍ଥା ଥିବାବେଳେ ମାତ୍ର ୬୨ ଜଣ ଫୁଡ୍ ସେଫ୍ଟି ଅଫିସର ୩୦ ଜିଲାରେ କାର୍ଯ୍ୟରତ ଅଛନ୍ତି। କର୍ମଚାରୀ ଅଭାବ ମଧ୍ୟ ଖାଦ୍ୟ ନମୁନା ସଂଗ୍ରହରେ ବାଧକ ହୋଇଛି।

ଭୁବନେଶ୍ୱର ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ବିଶୋଇ କହିଛନ୍ତି ଯେ ଦୈନିକ ୪ରୁ ୫ଟି ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରାଯାଉଛି। ପର୍ବପର୍ବାଣି ସମୟରେ ମୋଇବାଲ ଫୁଡ୍ ଟେଷ୍ଟିଂ ଲାବୋରେଟୋରି ଦ୍ୱାରା ଖାଦ୍ୟ ନମୁନା ସଂଗ୍ରହ କରାଯାଇ ତତ୍କ୍ଷଣାତ ଯାଞ୍ଚ କରାଯାଉଛି। ଅପମିଶ୍ରଣ ପ୍ରମାଣ ମିଳିବା ପରେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ସଂସ୍ଥା ବିରୋଧରେ ଫୌଜଦାରି ମକଦ୍ଦମା କରାଯିବା ସହ ଜରିମାନା ମଧ୍ୟ କରାଯାଉଛି। ଅପମିଶ୍ରିତ ଖାଦ୍ୟ ସାମଗ୍ରୀକୁ ନଷ୍ଟ କରାଯାଉଛି।

### ନାସା ଖୋଜୁଛି ...

୨୦୨୯ ଏପ୍ରିଲ ୧୩ରେ ପୃଥିବୀର ନିକଟତର ହୋଇପାରେ। ସେତେବେଳେ ଏହାର ଦୂରତା ପୃଥିବୀଠାରୁ ମାତ୍ର ୨୦,୦୦୦ ମାଇଲ ରହିବ। ଏତିକି ଦୂରତା କୃତ୍ରିମ ଉପଗ୍ରହଗୁଡ଼ିକ ସହ ରହିଥାଏ। ତେଣୁ ଇଷ୍ଟର୍ନ ହେମିସ୍ଫିୟରରେ ଏହା ଦୃଶ୍ୟମାନ ହେବ। ୩୭୦ ୟାର୍ଡ ଆକାରର ଏହି କ୍ଷୁଦ୍ରଗ୍ରହ ପ୍ରତି ୭,୫୦୦ ବର୍ଷରେ ପୃଥିବୀ ନିକଟକୁ ଆସିଥାଏ। କକ୍ଷପଥ ନିକଟକୁ ଆସିଲେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଏହାକୁ ପ୍ରଭାବିତ କରିବ। ଏଥିଯୋଗୁ ପୃଥିବୀ ପୃଷ୍ଠ ଉପରେ କିପରି ପରିବର୍ତ୍ତନ ଆସିବ ତାହା ଓଏସ୍‌ଆର୍‌ଆଇଏସ୍-ରେକ୍ସ ବୁଝିବାକୁ ଚେଷ୍ଟା କରିବ ବୋଲି ମିଶନ ପ୍ରୋଜେକ୍ଟ ବୈଜ୍ଞାନିକ ଏମି ସାଇମନ୍ ସୂଚନା ଦେଇଛନ୍ତି।

ଗଡ୍ ଅଫ୍ କେଓସ୍‌ରେ ବର୍ତ୍ତମାନ ଦିନକୁ ୩୦.୬ ଘଣ୍ଟା ରହିଛି। ପୃଥିବୀ ନିକଟକୁ ଆସିଲେ ଦିନର ସମୟରେ ପରିବର୍ତ୍ତନ ଆସିପାରେ। ଏପରି କି ଉକ୍ତ କ୍ଷୁଦ୍ରଗ୍ରହରେ ଭୂସ୍ଖଳନ ଓ ଭୂକମ୍ପ ମଧ୍ୟ ସୃଷ୍ଟି ହୋଇପାରେ। ମହାକାଶ ଓ କ୍ଷୁଦ୍ରଗ୍ରହଗୁଡ଼ିକ ସମ୍ପର୍କରେ ଗବେଷଣା ପାଇଁ ଏହି ମିଶନ ମାଇଲଖୁଣ୍ଟ ହେବ ବୋଲି ଆରିଜୋନା ୟୁନିଭର୍ସିଟିରେ ଓଏସ୍‌ଆର୍‌ଆଇଏସ୍-ରେକ୍ସ ପାଇଁ ଗବେଷଣା କରିଥିବା ଡାନି ମେନ୍‌ଡୋଜା ଡେଲ୍ଲା ଗିଉଷ୍ଟିନା କହିଛନ୍ତି।

### ଆଡ୍‌ହକ କମିଟି ଗଠନ...

ଆୟୋଜନ କରାଯିବ ତା' ଉପରେ ଧ୍ୟାନକେନ୍ଦ୍ରିତ କରାଯିବ ବୋଲି କମିଟି ମୁଖ୍ୟ ଭୂପିନ୍ଦର ସିଂ ବାଜୱା ପ୍ରକାଶ କରିଛନ୍ତି। ଦୀର୍ଘଦିନର ବିବାଦ ପରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ହୋଇଥିବା ବେଳେ ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହେବା ଦିନ ହିଁ ସେ ୧୫ ଓ ୨୦ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟ ପାଇଁ ଘୋଷଣା କରିଥିଲେ। ବର୍ଷ ଶେଷ ହେବା ପୂର୍ବରୁ ଗୋଣ୍ଡାସ୍ଥିତ ନନ୍ଦିନୀ ନଗରରେ ଏହି ଟୁର୍ନାମେଣ୍ଟ ପାଇଁ ଏଭଳି ତରବରିଆ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ଡବ୍ଲ୍ୟୁଏଫ୍‌ଆଇ ସମ୍ବିଧାନର ଅନୁଚ୍ଛେଦ-୩ ଅନୁସାରେ ଜାତୀୟ ସିନିୟର/ଜୁନିୟର/ସବ୍‌ଜୁନିୟର ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କିତ ନିଷ୍ପତ୍ତି କେବଳ କାର୍ଯ୍ୟକାରୀ କମିଟି ଗ୍ରହଣ କରିଥାଏ। ଏହାକୁ ଉଲ୍ଲଂଘନ କରି ସଞ୍ଜୟ ନିଜେ ଟୁର୍ନାମେଣ୍ଟ ସମ୍ପର୍କରେ ଘୋଷଣା କରିଥିଲେ। ସେହିପରି ଅନ୍ୟୂନ ୧୫ ଦିନ ପୂର୍ବରୁ କାର୍ଯ୍ୟକାରୀ କମିଟିର ବୈଠକରେ ଏହା ପାରିତ ହୋଇଥାଏ। ଜରୁରିକାଳୀନ ପରିସ୍ଥିତି ରହିଥିଲେ ସର୍ବନିମ୍ନ ୭ ଦିନ ପୂର୍ବରୁ ଏହି ନିଷ୍ପତ୍ତିକୁ ପାରିତ କରାଯାଏ। ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶ ସମର୍ଥନ ମିଳିବା ପରେ ହିଁ ଏହା ପାରିତ ହୋଇଥାଏ। ସଞ୍ଜୟ ସିଂ ଏକପାଖିଆ ଭାବରେ ଏଭଳି ନିଷ୍ପତ୍ତି ନେଇ ନିଜ ପଦ ମର୍ଯ୍ୟାଦାର ଗରିମା କ୍ଷୁଣ୍ଣ କରିଥିବାରୁ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା।

### ନନ୍ଦନକାନନକୁ ଚିତା ...

ମାତ୍ର ଦିନକ ପରେ ସେ ରୋଗାକ୍ରାନ୍ତ ହୋଇ ମରିଯାଇଥିଲା। ତେଣୁ ବନ ବିଭାଗର ପୁଣିଥରେ ଜିରାଫ ଆଣିବା ଯୋଜନା କେତେଦୂର ସଫଳ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ସେପଟେ ପିସିସିଏଫ୍ ଆହୁରି କହିଛନ୍ତି, ନନ୍ଦନକାନନ ଚିଡ଼ିଆଖାନା ବିଶ୍ୱସ୍ତରୀୟ ହେବ। କାରଣ ନନ୍ଦନକାନନ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ମାଷ୍ଟର ପ୍ଲାନକୁ ସେଣ୍ଟ୍ରାଲ ଜୁ ଅଥରିଟି ଅନୁମୋଦନ କରିସାରିଛି। ଜନ୍ତୁ ଖୁଆଡ଼ଗୁଡ଼ିକୁ ଅତ୍ୟାଧୁନିକ କରାଯିବ। ସଫାରିଗୁଡ଼ିକୁ ଚୂଡ଼ଙ୍ଗଗଡ଼ ପାର୍ଶ୍ୱରେ ବଡ଼ ଆକାରରେ ତିଆରି କରାଯିବ। ଚଳିତ ଆର୍ଥିକ ବର୍ଷରେ ନନ୍ଦନକାନନ ସମ୍ପ୍ରସାରଣ କାମ ଆରମ୍ଭ ହେବ। ୪ରୁ ୫ ବର୍ଷ ମଧ୍ୟରେ କାମ ସାରିବାକୁ ଯୋଜନା ରହିଛି। ତେବେ ଧାର୍ଯ୍ୟ ସମୟ ପୂର୍ବରୁ କାମ ଶେଷ ହୋଇଯିବ ବୋଲି ପିସିସିଏଫ୍ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ନନ୍ଦନକାନନରେ ଏବେ ୪ ହଜାରରୁ ଊର୍ଦ୍ଧ୍ୱ ପଶୁ, ପକ୍ଷୀ, ସରୀସୃପ ଅଛନ୍ତି। ଏଗୁଡ଼ିକୁ ୨୧୨ଟି ଖୁଆଡ଼ରେ ରଖାଯାଇଛି। ଏହି ଚିଡ଼ିଆଖାନାରେ ମୋଟ ୧୫୬ ପ୍ରଜାତି ପ୍ରାଣୀ ଅଛନ୍ତି। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ସ୍ଥାନରୁ ପ୍ରାଣୀ ଅଣାଯିବା ପାଇଁ ପଦକ୍ଷେପ ନିଆଯାଇଛି।

### ନକଲି ଜାତି ସାର୍ଟିଫିକେଟ୍ ...

ସେମିଳିଗୁଡ଼ା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସମ୍ପୃକ୍ତ ଡାକ୍ତରଙ୍କୁ ଆଣି ଘଟଣା ସମ୍ପର୍କରେ ପଚରାଉଚରା କରିବା ପରେ ତାଙ୍କ ବିରୋଧରେ ପ୍ରମାଣ ପାଇ ତାଙ୍କୁ ବୁଧବାର ଗିରଫ କରିଛନ୍ତି। ୨୦୧୭ରେ ଦୁର୍ଗାଦତ୍ତ ଏମ୍‌କେସିଜି ମେଡିକାଲ କଲେଜରେ ନିଶ୍ଚେତକ ବିଭାଗ ଡାକ୍ତର ଭାବେ ନିଯୁକ୍ତି ପାଇଥିବା ବେଳେ ୨୦୨୦ରେ ପଦୋନ୍ନତି ପାଇ ସହକାରୀ ପ୍ରଫେସର ଭାବେ ଅବସ୍ଥାପିତ ହୋଇଥିଲେ। ଯଦି ସେ ବ୍ରାହ୍ମଣ ପରିବାରର ତେବେ ତାଙ୍କୁ ଆଦିବାସୀ ଯାନୀ ସମ୍ପ୍ରଦାୟ ଜାତିଗତ ପ୍ରମାଣପତ୍ର ଦେଲା କିଏ। ଡାକ୍ତରୀ ପାଠ ପଢ଼ିବା ସମୟରେ କାହିଁକି ତାଙ୍କ ସାର୍ଟିଫିକେଟ୍ ଠିକ୍ ଭାବେ ଯାଞ୍ଚ ହୋଇ ନ ଥିଲା, ତାହା ତଦନ୍ତ ସାପେକ୍ଷ। ସୂଚନାଯୋଗ୍ୟ, ଦୁର୍ଗାଦତ୍ତଙ୍କ ସ୍ତ୍ରୀ ମଧ୍ୟ ଜଣେ ଡାକ୍ତର। ଜୁଲାଇରୁ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ତତ୍କାଳୀନ ଥାନା ଅଧିକାରୀ କାହିଁକି ଏହାର ତଦନ୍ତ କରି ନ ଥିଲେ, ତାହା ଯାଞ୍ଚ ହେବାର ଆବଶ୍ୟକତା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ବୃହସ୍ପତିଙ୍କ ନକ୍ଷତ୍ରରେ ଅବସ୍ଥାନ କରି ଆପଣଙ୍କ ସମସ୍ତ ଆଶା ଓ ଅଭିଳାଷ ପୂରଣରେ ସହାୟକ ହେବେ। ହିତୈଷୀଙ୍କ ସାହାଯ୍ୟ, ସହଯୋଗ ମାଧ୍ୟମରେ କର୍ମକ୍ଷେତ୍ର ଓ ପାରିବାରିକ ବ୍ୟତିକ୍ରମର ସମସ୍ୟାକୁ ସୁଧାରି ନେବେ। ଶାରୀରିକ ଓ ମାନସିକ ସୁସ୍ଥତା ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ବୃଷ** ଆର୍ଥିକ ଦିଗଟି ଭଲ ରହିବ, ମଧୁର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ଆପ୍ୟାୟିତ କରିବେ। ଶନିଙ୍କ ସ୍ଥିତିଜନିତ କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ସକାଶେ ଅନୁତାପ କରିବେ। ସ୍ୱାର୍ଥ ହାସଲ ସକାଶେ ନିକଟରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମିଥୁନ** ନିଜ ରାଶିରେ ଚନ୍ଦ୍ର ଅବସ୍ଥାନ ହେତୁ ଅନ୍ୟମାନଙ୍କ ମନକୁ ସୁହାଇଲା ଭଳି ନୂତନ କାମ ଆରମ୍ଭ କରି ଖୁସି ରହିବେ। ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ରହିପାରନ୍ତି। ଆକସ୍ମିକ ଭାବରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ପାରିବାରିକ କ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ସମସ୍ୟାଗ୍ରସ୍ତ ହୋଇ ପାରନ୍ତି।

**କର୍କଟ** ସ୍ୱଗୃହାଭିମୁଖୀ ରାଶ୍ୟାଧିପତି ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବ ଏବଂ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କିନ୍ତୁ କେତେକ କ୍ଷେତ୍ରରେ ଅସଫଳତା ଅତ୍ୟଧିକ ଟେନ୍‌ସନ ହେତୁ ରକ୍ତଚାପ ମଧ୍ୟ ବଢ଼ିପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବ। ବହୁତ ଦିନରୁ ଅଟକି ରହିଥିବା କାର୍ଯ୍ୟ ହାସଲର ସୁଯୋଗ ପାଇବେ।

**ସିଂହ** ରବି ଓ ବୁଧ ସହ ମଙ୍ଗଳଙ୍କ ଏକତ୍ରାବସ୍ଥାନ କାରଣରୁ ଅସ୍ଥିରତା ନିଶ୍ଚିତ ଦୂରୀଭୂତ ହୋଇଯିବ। ତଥାପି ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ସାମାଜିକ ସ୍ତରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**କନ୍ୟା** ଚନ୍ଦ୍ର ଏବଂ ବୁଧଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ପାଇବେ। ପରିସ୍ଥିତିବଶତଃ ଆକସ୍ମିକ ଭାବେ ବହୁତ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହୋଇପାରନ୍ତି। ପ୍ରବାସୀମାନେ ପରିବାରକୁ ମନେପକାଇ ନିଃସଙ୍ଗତା ବୋଧ କରିବେ।

**ତୁଳା** ଶୁକ୍ର ଓ ଚନ୍ଦ୍ରଙ୍କ ପାରସ୍ପରିକ ଦୃଷ୍ଟିଜନିତ ଭାବପ୍ରବଣତା ବୃଦ୍ଧି ପାଇବ। ଅନୁକୂଳ ସମୟକୁ ଅପେକ୍ଷା କଲେ ଯାହା ଓ ଯେପରି ଚିନ୍ତା କରୁଛନ୍ତି ଠିକ୍ ସେପରି ହିଁ ହୋଇପାରିବ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବିଛା** ମୁଖ୍ୟଭାବରେ ବୁଧ ଓ ମଙ୍ଗଳ ହେତୁ କଠୋର ବାକ୍ୟାଳାପ ଦ୍ୱାରା ପୂର୍ବ ପରିକଳ୍ପିତ ଯୋଜନା ବିଗିଡ଼ି ଯାଇପାରେ। ଠିକ୍ ସମୟରେ ଯାହା ଆଶା କରୁଥିବେ ତାହା ପାଇବେ ନାହିଁ, କିନ୍ତୁ ପରବର୍ତ୍ତୀ ସମୟରେ ପାଇଲେ ମଧ୍ୟ ଖୁସି ହୋଇ ପାରିବେ ନାହିଁ। ବାରମ୍ବାର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିବ।

**ଧନୁ** କର୍ମାଧିପତିଙ୍କ ସହ ସପ୍ତମାଧିପତିଙ୍କ ସଂଯୋଗ ଯାତ୍ରା, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟାଇବ। ଅପରିଣାମଦର୍ଶିତା କାରଣରୁ କେତେକ ଗୋପନୀୟ କଥାକୁ ନେଇ ମନ ଅସ୍ଥିର ରହିପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ସକାଶେ ଚେଷ୍ଟା କରିପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ପଛରେ ନାନାଦି କଥା କହିପାରନ୍ତି।

**ମକର** ରାଶି ପ୍ରଭାବରେ ଆକସ୍ମିକ ଥଣ୍ଡାଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯାଇପାରେ। ବନ୍ଧୁଙ୍କ ସମ୍ମୁଖରେ ମନ କଥାକୁ ଲୁଚାଇ ରଖି ସୌଜନ୍ୟମୂଳକ ସାକ୍ଷାତ୍ ଆଲୋଚନା କରିପାରନ୍ତି। ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ, ଫଳରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଅବଶ୍ୟ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**କୁମ୍ଭ** ଶୁକ୍ରଙ୍କ ଶୁଭ ସଂସ୍ଥାନରୁ ବିଭିନ୍ନ ସମସ୍ୟା ଥିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଶତଭିଷା ନକ୍ଷତ୍ରର କର୍ମକ୍ଷେତ୍ରରେ ସୁଯୋଗ ଆପଣାଛାଏଁ ଆସିବ ଓ କାମ ସମ୍ପନ୍ନ ହେବ।

**ମୀନ** ବୃହସ୍ପତିଙ୍କ ସୁପ୍ରଭାବରୁ ହାତକୁ ନେଇଥିବା କାମଗୁଡ଼ିକ ସୁବିଧାରେ ହାସଲ କରିପାରିବେ। ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇବା ହେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଲାନ୍ତିବୋଧ କରିପାରନ୍ତି। ପାଖ ପଡ଼ୋଶୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବା ଭଲ ହେବ।

ଆଜି ପୌଷ କୃଷ୍ଣ ଦ୍ୱିତୀୟା ଗୁରୁବାର, ଡିସେମ୍ବର ୨୮ ତାରିଖ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୩ ଗତେ ଘ.୦୭।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୦୯ ମି. ଗତେ ଘ.୦୨।୩୦ ମି. ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## ୫ ମାଓବାଦୀଙ୍କ ଆତ୍ମ ସମର୍ପଣ

ମାଲକାନଗିରି, ୨୭।୧୨
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ଫୋର୍ସ ନିକଟରେ ବୁଧବାର ୫ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ ଗଙ୍ଗାଲୁର ମାଓବାଦୀ ପାର୍ଟିର ବୋଲି ଜଣାପଡ଼ିଛି। ସେମାନେ ହେଲେ ଗୁଡୁ ତାତି, ପାଇକୁ ହେମଲା, ଡେପୁଟି କମାଣ୍ଡର ସନ୍ନୁ ତାତି, ସାଣ୍ଟୁ ପୋଟମ ଓ ମିଲିସିଆ କମାଣ୍ଡର ସୋନାରୁ ରବି। ସୂଚନା ଅନୁଯାୟୀ, ଏହି ମାଓବାଦୀମାନେ ଦୀର୍ଘଦିନ ଧରି ସଙ୍ଗଠନରେ କାର୍ଯ୍ୟରତ ଥିବାବେଳେ ଅନେକ ବଡ଼ ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିଲେ। ତେବେ ପୋଲିସ ପକ୍ଷରୁ କରାଯାଉଥିବା ମାଓବାଦୀ ଦମନ ଅଭିଯାନ ଓ ସଙ୍ଗଠନ ଦୁର୍ବଳ ହେବା ସହ ନିଜର ନୀତି ଆଦର୍ଶରୁ ଓହରି ଯାଇଥିବାରୁ ଏମାନେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏହି ମାଓବାଦୀଙ୍କୁ ସରକାରଙ୍କ ନୀତି ଅନୁଯାୟୀ ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କା ପ୍ରୋତ୍ସାହନ ଦିଆଯାଇଥିଲା।

## ନାଳପାଣିରୁ ହାତୀ ଛୁଆର ମୃତଦେହ ଜବତ

ରିଆମାଳ, ୨୭।୧୨
(ନିରଞ୍ଜନ ବେହେରା)

ଦେବଗଡ଼ ଜିଲା ରିଆମାଳ ନୂଆଁଡିହି ଫରେଷ୍ଟ ସେକ୍ସନ କଣ୍ଢିମାଳ ନିକଟସ୍ଥ ନାଳରେ ବୁଧବାର ଏକ ହାତୀ ଛୁଆର ମୃତଦେହ ଜବତ ହୋଇଛି। ରିଆମାଳ ରେଞ୍ଜର ନିରଞ୍ଜନ ଧରୁଆ, ଫରେଷ୍ଟର ଛବିଳ କୁମାର ବେହେରା ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମୃତଦେହକୁ ବାହାର କରିଥିଲେ। ରିଆମାଳ ଭିଏସ ରମାକାନ୍ତ ଶତପଥୀ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ପରେ ସେଠାରେ ମୃତଦେହକୁ ପୋତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୩୪ ଟିକିଆ ହାତୀପଲରେ ଏହି ଛୁଆଟି ରହିଥିଲା।


ମୃତ ହାତୀ

# ବିଜେପୁର ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର
- ପ୍ରସ୍ତାବିତ ପଦ୍ମପୁର ଜିଲାରେ ସାମିଲ ନ ହେବାକୁ ଦାବି
- ଗୁରୁବାର ବରପାଲିରେ ବନ୍ଦ ପାଳନ

ବରଗଡ଼,୨୭।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ପଦ୍ମପୁରକୁ ନୂତନ ଜିଲା ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ଯୋଜନା କରୁଥିବା ଜଣାପଡ଼ିଛି। ପଦ୍ମପୁର ଓ ବିଜେପୁର ନିର୍ବାଚନମଣ୍ଡଳୀକୁ ନେଇ ଏହି ନୂତନ ଜିଲା ଗଠନ ହେବ ବୋଲି ଚର୍ଚ୍ଚା ଚାଲିଛି। ତେବେ ନୂତନ ଜିଲା ଗଠନକୁ ସ୍ୱାଗତ କରାଯାଉଥିବାବେଳେ ବିଜେପୁର ବ୍ଲକ୍, ଏନ୍ଏସି ଏବଂ ବରପାଲି ବ୍ଲକ୍, ଏନ୍ଏସିବାସୀ ପ୍ରସ୍ତାବିତ ପଦ୍ମପୁର ଜିଲାରେ ସାମିଲ ହେବେ ନାହିଁ ବୋଲି ଦାବି କରିଛନ୍ତି। ଏହି ଦାବି ନେଇ ବୁଧବାର ବିଜେପୁରରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପଟେ ଗୁରୁବାର ବରପାଲିରେ ଅନୁରୂପ ବନ୍ଦ ପାଳନ କରାଯିବ ବୋଲି ସୂଚନା ମିଳିଛି। ସକାଳ ୬ଟାରୁ ବିଜେପୁରର ସମସ୍ତ ଦୋକାନ, ବଜାର, ସରକାରୀ, ବେସରକାରୀ ଦପ୍ତର, ବ୍ୟାଙ୍କ, ସ୍କୁଲ, କଲେଜ ଆଦି ବନ୍ଦ ରହିଥିଲା। ଗାଡ଼ି ଚଳାଚଳ ମଧ୍ୟ ଠପ୍ ପଡ଼ିଥିଲା। ଫଳରେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଥିଲା। ସ୍ଥାନୀୟ ଶ୍ରୀରାମନଗରରେ ଏକ ସଭା ହୋଇଥିଲା। ବିଜେପୁର ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ, ଏନ୍ଏସି ଅଧ୍ୟକ୍ଷା ସୀତା ବାରିକ, ବଣିକ ସଂଘ ସଭାପତି ଚିନ୍ମୟ ସାହୁ, ସନତ ଗଡ଼ତିଆ, ପାଣ୍ଡବ ପ୍ରଧାନ, ରଜନୀକାନ୍ତ ଗଡ଼ତିଆ, ରାଜେଶ ଅଗ୍ରୱାଲ, ଅରୁଣ ମାହାଣା ପ୍ରମୁଖ ସେଠାରେ ଉଦ୍‌ବୋଧନ ଦେଇଥିଲେ। ପରେ ଅଞ୍ଚଳବାସୀ ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର କର୍ଣ୍ଣ ସୁନାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଏଥିରେ ଉଲ୍ଲେଖ ରହିଛି, ବିଜେପୁରରୁ ବରଗଡ଼ ଜିଲା ସଦର ମହକୁମା ଅପେକ୍ଷା ପଦ୍ମପୁରକୁ ଦୂରତା ଅଧିକ। ବରଗଡ଼ ଜିଲାରେ ରହି ସ୍ୱାସ୍ଥ୍ୟ, ବ୍ୟବସାୟିକ, ଶିକ୍ଷାକ୍ଷେତ୍ରରେ ଶୀଘ୍ର ସୁବିଧା ମିଳିପାରୁଛି। ଅନ୍ୟପଟେ ବରଗଡ଼ ସଦର ମହକୁମାଠାରୁ ପଦ୍ମପୁରର ଦୂରତା ବହୁ ଅଧିକ ରହିଥିବା ଯୋଗୁ ବିଜେପୁରକୁ ପଦ୍ମପୁର ଉପଖଣ୍ଡରୁ ବାଦ୍ ଦେଇ ବରଗଡ଼ ଉପଖଣ୍ଡରେ ସାମିଲ କରାଯିବା ପାଇଁ ସ୍ମାରକପତ୍ରରେ ଦାବି ହୋଇଛି।


ବିଜେପୁର ତହସିଲଦାର ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

# କୋଟିପତି ଇଡ୍‌କୋ ସିଜିଏମ୍ ଗିରଫ

**୧୫୩ ପ୍ରତିଶତ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠାବ**

ଭୁବନେଶ୍ୱର,୨୭।୧୨
(ସତ୍ୟଜିତ୍ ରାଉତ)


ସରୋଜକାନ୍ତ ମହାନ୍ତି

ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ (ଇଡ୍‌କୋ)ର ଚିଫ୍ ଜେନେରାଲ୍ ମ୍ୟାନେଜର୍(ପିଏଣ୍ଡ୍ଏ) ସରୋଜକାନ୍ତ ମହାନ୍ତିଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ସରୋଜଙ୍କଠାରୁ ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ଆୟ ବହିର୍ଭୂତ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୧୫୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ସରୋଜଙ୍କ ନାମରେ ଏକ ମାମଲା (ନଂ. ୩୮/୨୦୨୩) ରୁଜୁ କରାଯାଇଛି। କୋଟିପତି ଇଡ୍‌କୋ ଅଧିକାରୀ ସରୋଜ ସମ୍ପତ୍ତି ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ତାଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ମଙ୍ଗଳବାର ସରୋଜଙ୍କ ଘର ସମେତ ଭୁବନେଶ୍ୱର, କଟକ ଓ ଯାଜପୁର ଜିଲାର ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ସରୋଜଙ୍କ କଟକ ନୟାବଜାର ମହାନଦୀ ବିହାରସ୍ଥିତ ଏକ ୩ ମହଲା କୋଠା, ଧର୍ମଶାଳା ବ୍ରହ୍ମବରଦାରେ ଦୁଇମହଲା କୋଠା, ଭୁବନେଶ୍ୱର ଶୈଳଶ୍ରୀ ବିହାରସ୍ଥିତ ଅମ୍ରିତା ଆଲୟମ୍ ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ୍, କଟକ ବାରଙ୍ଗ ପାଟପୁରସ୍ଥିତ ମେଟ୍ରୋ ଗ୍ରୀନ୍ ଉଡ୍‌ସ ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ ଓ ୧୦ଟି ପ୍ଲଟ୍ ଠାବ ହୋଇଥିଲା। ଏଥିସହ ୭୦୩.୩୮ ଗ୍ରାମ୍ ସୁନା ଅଳଙ୍କାର, ୮୬୯ ଗ୍ରାମ୍ ରୁପା ଅଳଙ୍କାର, ବ୍ୟାଙ୍କ, ଜୀବନବୀମା ଏବଂ ପୋଷ୍ଟାଲ ଜମା ୭୦.୫୫ ଲକ୍ଷ ଏବଂ ୨୦.୮୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ୨ଟି ଦୁଇଚକିଆ ଯାନ ଏବଂ ନଗଦ ଟଙ୍କା ଠାବ କରିଥିଲା ଭିଜିଲାନ୍ସ। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।




# ମଧ୍ୟାହ୍ନଭୋଜନ ଚାଉଳ ଖାଇଲା ହାତୀ


ଏକ ପାଚିଲା ଧାନ କ୍ଷେତରେ ହାତୀପଲ।

ପାଟଣା,୨୭।୧୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୩ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ୪ରୁ ୫ ଦିନ ହେବ ଅଞ୍ଚଳରେ ଘର ଭାଙ୍ଗିବା ସହ ଧାନ ଓ ପନିପରିବା ଫସଲ ନଷ୍ଟ କରୁଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ପାଟଣା ରେଞ୍ଜ ଝାଟିପଡ଼ା ପ୍ରାଥମିକ ବିଦ୍ୟାଳୟର ପାଚେରି ଭାଙ୍ଗି ଷ୍ଟୋର ରୁମ୍‌ରେ ଥିବା ମଧ୍ୟାହ୍ନଭୋଜନ ଚାଉଳ ଖାଇବା ସହ ନଷ୍ଟ କରିଦେଇଛନ୍ତି।

ହାତୀପଲ ବିଳମ୍ବିତ ରାତିରେ ପ୍ରଥମେ ସ୍କୁଲ ପାଚେରି ଭାଙ୍ଗି ଭିତରେ ପଶିଥିଲେ। ପରିସରରେ ଥିବା ଅଶୋକ ସ୍ତମ୍ଭକୁ ଭାଙ୍ଗିବା ସହ ଅଙ୍ଗନୱାଡ଼ି କେନ୍ଦ୍ର ଝରକା ଭାଙ୍ଗି ଚାଉଳ ଖାଇଥିଲେ। ଏଥିସହ ସ୍ୱାମ ଖସାପିଠା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ ଷ୍ଟୋର ରୁମ୍‌ର କବାଟ ଭାଙ୍ଗି ୨ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଖାଇ ନଷ୍ଟ କରିଛନ୍ତି। ପରେ ଝାଟିପଡ଼ା ଗ୍ରାମର ଅର୍ଜୁନ ବାରିକଙ୍କ ସିଝା ଧାନ ଖାଇବା ସହ ଏକ ଧାନ ପୁଡ଼ଗ ଟେକିନେଇ ନଷ୍ଟ କରିଛନ୍ତି। ଏବେ ଝାଟିପଡ଼ା ପ୍ରାଥମିକ ବିଦ୍ୟାଳୟ ନିକଟ ଜଙ୍ଗଲରେ ହାତୀପଲ ଡେରା ପକାଇଛନ୍ତି। ହାତୀପଲ ଗାଁ ନିକଟରେ ବୁଲୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି। ମହୁଲ, ଧାନ ଓ ଚାଉଳ ରହୁଥିବା ଘର ହାତୀପଲ ଭାଙ୍ଗୁଛନ୍ତି। ଲୋକେ ନିଆଁ ହୁଳା ଧରି ଘଉଡ଼ାଇବାରୁ ହାତୀ ଉତ୍ତ୍ୟକ୍ତ ହେଉଥିବା ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର କହିଛନ୍ତି।

# ଯୁବକଙ୍କୁ ଦଳିଦେଲା ହାତୀ

ଚମ୍ପୁଆ/ଝୁମ୍ପୁରା/କେନ୍ଦୁଝର, ୨୭।୧୨
(ମହେଶ୍ୱର ଦାସ/ଶଶିଭୂଷଣ ବେହେରା/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ତଥା ବାଲିବନ୍ଧ ସେକ୍ସନ ଅଧୀନ ହରିଡ଼ାଯୋଡ଼ିଠାରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ହାତୀ ଦଳିଦେଇଛି। ଫଳରେ ଘଟଣାସ୍ଥଳରେ ହରିଡ଼ାଯୋଡ଼ି ଗ୍ରାମର ସୁକୁରା ମୁଣ୍ଡାଙ୍କ ପୁଅ ମିଥୁନ ମୁଣ୍ଡା(୪୦)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମିଥୁନ ତାଙ୍କର ୪ ସାଙ୍ଗଙ୍କ ସହ ମୁରୁସୁଆଁ ହାଟ ସାରି ସନ୍ଧ୍ୟା ୬.୩୦ ସମୟରେ ଘରକୁ ଫେରୁଥିଲେ। ହରିଡ଼ାଯୋଡ଼ିଠାରେ ସେ ହାତୀ ହାବୁଡ଼ରେ ପଡ଼ିଥିଲେ। ସମସ୍ତେ ଦୌଡ଼ି ପଳାଇଥିବା ବେଳେ ମିଥୁନଙ୍କୁ ହାତୀ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ପରେ ମୁଣ୍ଡକୁ ପାଦରେ ଦଳିଦେଇଥିଲା। ବନ ବିଭାଗ ଓ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫୫/୨୩) ରୁଜୁ କରିଛି। ଉକ୍ତ ରେଞ୍ଜରେ ବର୍ତ୍ତମାନ ୧୯ ଟିକିଆ ହାତୀପଲ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ମୃତକଙ୍କ ପରିବାର ଲୋକଙ୍କୁ ପ୍ରାଥମିକ ସ୍ତରରେ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ବାଲିବନ୍ଧ ବନପାଳ ବୁଲୁ ନାହାକ ସୂଚନା ଦେଇଛନ୍ତି। ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟରଙ୍କୁ ୨ବର୍ଷ ଜେଲ

**୪୮.୮୬ ପ୍ରତିଶତ ଅଧିକ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ**

ଭୁବନେଶ୍ୱର,୨୭।୧୨
(ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭୁବନେଶ୍ୱରସ୍ଥିତ ଟେକ୍ସଟ୍ ବୁକ୍ ପ୍ରେସ୍‌ର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ପ୍ରତାପ କିଶୋର ଛୋଟରାୟ(୭୬) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ପ୍ରଦୀପ କୁମାର ମହାପାତ୍ର ବୁଧବାର ଏହି ମାମଲାରେ ରାୟ ପ୍ରକାଶ କରିଛନ୍ତି। ପ୍ରଦୀପଙ୍କୁ ଦୁଇବର୍ଷ ଜେଲଦଣ୍ଡ ସହ ୨ ଲକ୍ଷ ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ଜରିମାନା ଅନାଦେୟ ପ୍ରତାପ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବାରମ୍ବାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ୨୦୦୦ ମସିହା ମାର୍ଚ୍ଚ ୭ରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ପ୍ରତାପଙ୍କ ୟୁନିଟ-୯ସ୍ଥିତ ସରକାରୀ କ୍ୱାର୍ଟର, ବଡ଼ଗଡ଼ ବ୍ରିଟ୍ କଲୋନୀସ୍ଥିତ ଘର ଓ ଖୋର୍ଦ୍ଧା ଜିଲା ଜଟଣୀ କୁଶୁମାଟି ଗ୍ରାମସ୍ଥିତ ପୈତୃକ ଘରେ ଚଢ଼ାଉ କରାଯାଇଥିଲା। ଏହି ଯାଞ୍ଚରେ ଭିଜିଲାନ୍ସ ଟିମ୍ ୧୦ ଲକ୍ଷ ୩୭ ହଜାର ୯୬୫ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିଲା। ଏହା ପ୍ରତାପଙ୍କ ପ୍ରକୃତ ଆୟଠାରୁ ୪୮.୮୬ ପ୍ରତିଶତ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଥିଲା। ଭିଜିଲାନ୍ସ ପକ୍ଷରୁ ଏ ନେଇ ଏକ ମାମଲା (ନଂ. ୧୫/୨୦୦୦) ରୁଜୁ କରାଯାଇ ପ୍ରତାପଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏ ସଂକ୍ରାନ୍ତରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ୍ ଦାଖଲ ହେବା ପରେ ୨୦୧୨ରୁ ମାମଲାର ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୨ଜଣଙ୍କ ସାକ୍ଷ୍ୟ ଏବଂ ଅନ୍ୟାନ୍ୟ ଦସ୍ତାବିଜ୍‌କୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଅଜିତ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ଏହି ଦଣ୍ଡାଦେଶକୁ ଆଧାର କରି ପ୍ରତାପଙ୍କ ପେନସନ୍ ରାଶି ବନ୍ଦ କରିବାକୁ କମ୍ପିଟେଣ୍ଟ ଅଥରିଟିଙ୍କୁ ଅବଗତ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରକ୍ ଚାପାରେ ୨ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ

**ଉତ୍ତେଜନା, ରାସ୍ତାରୋକୋ**

ରେଢ଼ାଖୋଲ,୨୭।୧୨
(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥର ଏବି ରେଷ୍ଟୁରାଣ୍ଟ ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରକ୍ ଚାପାରେ ୨ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ରେଢାଖୋଲ ସହର ଖନ୍ଦାଡିପର ଶୁଭେନ୍ଦୁ ସାହୁ (୨୨) ଓ ରଥସାହିର ଶ୍ୟାମସୁନ୍ଦର ଭିତିରିଆ (୨୩)। ସୂଚନା ଅନୁଯାୟୀ, ଶୁଭେନ୍ଦୁ ଓ ଶ୍ୟାମସୁନ୍ଦର ଏକ ବୁଲେଟ୍ ଯୋଗେ ଫରେଷ୍ଟ ପାର୍କରୁ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୫ଟାରେ ଏବି ରେଷ୍ଟୁରାଣ୍ଟ ନିକଟରେ ଏକ ଟ୍ରକ୍ ସେମାନଙ୍କ ଉପରେ ମାଡ଼ିଯାଇ ଫେରାର ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ। ଫଳରେ ଘଟଣାସ୍ଥଳରେ ଯୁବକ ଦ୍ୱୟଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣାସ୍ଥଳରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ରେଢାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।


ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଛନ୍ତି।



କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। **–ଶ୍ରୀଅରବିନ୍ଦ**

# କେଉଁ ନାମରେ ପରିଚିତ ହେବା



ଦେବଦତ୍ତ ପଟ୍ଟନାୟକ

ଏକଦା ଇନ୍ଦୁ (ଚନ୍ଦ୍ର) ବା ଇନ୍ଦୁମତି (ପୂର୍ଣ୍ଣଚନ୍ଦ୍ର) ନାମକ ଜଣେ ରାଜକୁମାରୀ ଥିଲେ । ତାଙ୍କ ଭାଇ ଥିଲେ ବିଦର୍ଭର ରାଜା ଭୋଜ । ଇନ୍ଦୁ ଅଯୋଧ୍ୟା ରାଜା ଅଜଙ୍କୁ ତାଙ୍କ ସ୍ୱାମୀ ଭାବରେ ବାଛିଲେ। ସେମାନଙ୍କର ଦଶରଥ ନାମକ ପୁତ୍ର ସନ୍ତାନ ଥିଲେ। କିନ୍ତୁ ତା'ପରେ ଇନ୍ଦୁଙ୍କର ମୃତ୍ୟୁ ଘଟିଲା। ତାଙ୍କ ଉପରେ ସ୍ୱର୍ଗରୁ ପୁଷ୍ପ ବର୍ଷାହେବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ଅଜ ତାଙ୍କ ବିନା ବଞ୍ଚିପାରିଲେ ନାହିଁ। ତେଣୁ ସିଂହାସନରେ ଯୁବାପୁଅ ଦଶରଥଙ୍କୁ ବସାଇବାର କିଛିଦିନ ପରେ ସେ ମୃତ୍ୟୁବରଣ କଲେ। ଦଶରଥଙ୍କ ବଡ଼ ପୁଅ ଥିଲେ ରାମ, ବଡ଼ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ସେ ଜନ୍ମ ନେଇଥିଲେ। ତାଙ୍କର ଦ୍ୱିତୀୟ ପୁତ୍ର ଭରତ ପ୍ରିୟ ରାଣୀ କୈକେଇଙ୍କ ସନ୍ତାନ। କୈକେଇ ନିଜର ଚତୁରତା ବଳରେ ଭରତଙ୍କ ପାଇଁ ଦଶରଥଙ୍କ ସିଂହାସନ ସୁରକ୍ଷିତ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଭରତ ଏହାକୁ ଗ୍ରହଣ କରିବାକୁ ନାରାଜ ଥିଲେ ଓ ନିୟମ ଅନୁଯାୟୀ ରାମ ରାଜମୁକୁଟର ଉତ୍ତରାଧିକାରୀ ବୋଲି ସେ କହିଥିଲେ। ରାମ ପ୍ରତିଷ୍ଠା କରିଥିଲେ ରାମରାଜ୍ୟ । ଆମେ ଏବେ ଇଣ୍ଡିଆ ବୋଲି କହୁଥିବା ଭୂମିକୁ ତାଙ୍କ ଜେଜେମା ଇନ୍ଦୁମତିଙ୍କ ନାମରେ ଏବଂ ତାଙ୍କ ଭାଇ ଭରତଙ୍କ ନାମରେ ଭାରତ ନାମିତ କରି ସେ ଶାସନ କରିଥିଲେ। ଏହି ନାମଗୁଡ଼ିକ ଆମକୁ ସ୍ମରଣ କରାଇଦିଏ ଯେ ରାମଙ୍କ ରାଜ୍ୟରେ ଥିବା ମହିଳାମାନଙ୍କୁ ସେମାନଙ୍କ ସ୍ୱାମୀ ବହୁତ ଭଲ ପାଉଥିଲେ । ଏହାସହ ସେହି ରାଜ୍ୟରେ ସମ୍ପତ୍ତି ଉପରେ କଳି କରୁ ନ ଥିବା ଭାଇମାନେ ବି ଥିଲେ।

ଏହା ଏକ ହ୍ୱାଟ୍ସଆପ୍ ମେସେଜ ହୋଇପାରେ। ଇଂରାଜୀ ଭାଷାଭାଷୀ ଏବଂ ହିନ୍ଦୁତ୍ୱ ପ୍ରଚାରପ୍ରସାର କରୁଥିବା ଗୁରୁଙ୍କ ଦ୍ୱାରା ଭାରତକୁ ନେଇ ଅନେକ କାଳ୍ପନିକ ଶବ୍ଦଗତ ସମୀକ୍ଷାକୁ ଉତ୍ସାହିତ କରାଯାଉଛି। ଏହିପରି ଏକ ଶାବ୍ଦିକ ସମୀକ୍ଷା ଦାବିକରେ ଯେ, ଭରତ ଭା (ଆଲୋକ) ଏବଂ ରତ (ସନ୍ଧାନ) ରୁ ଉତ୍ପନ୍ନ। ଅନ୍ୟ ଏକ ଦାବି କହେ ଯେ, ଏହା ଭାବ (ଭାବନା), ରାଗ (ସ୍ୱର) ଏବଂ ତାଳ (ଗୀତ)ରୁ ଆସିଛି । ଭାରତ ନାମର ବୋଧହୁଏ ଜୈନ ଧର୍ମ ସହ ସମ୍ପର୍କ ଅଛି । ଏହା ପ୍ରଥମ ତୀର୍ଥଙ୍କର ଋଷଭ ଦେବଙ୍କ ପୁଅ ପ୍ରଥମ ଚକ୍ରବର୍ତ୍ତୀ ଭରତଙ୍କ ନାମରୁ ଉତ୍ପନ୍ନ ହୋଇଛି। ମେରୁ ପର୍ବତରେ ଖୋଦିତ ତାଙ୍କ ଭଳି ଅନେକ ଶହ ବିଶ୍ୱ ବିଜୟୀଙ୍କ ନାମ ନ ଦେଖିବା ପର୍ଯ୍ୟନ୍ତ ଅନୁଭବ କରୁଥିଲେ ସେ ହିଁ କେବଳ ଜଣେ ମାତ୍ର ବିଶ୍ୱ ବିଜୟୀ ଥିଲେ । କାଳଖଣ୍ଡରେ ସେହି ବିଶ୍ୱ ବିଜୟୀଙ୍କୁ ସମସ୍ତେ ଭୁଲିଯାଇଥିଲେ।

ଭାରତର ନାମ ଋଗ୍‌ବେଦରେ ସୂଚିତ ଭରତ ବଂଶରୁ ଆସିଛି ବୋଲି ଅନେକ ହିନ୍ଦୁ କାହାଣୀରେ ବର୍ଣ୍ଣନା ରହିଛି। ଏଭଳି କାହାଣୀଗୁଡ଼ିକ ଜୈନ କାହାଣୀକୁ ଗୌଣ କରିଦେବା ଅନେକ କ୍ଷେତ୍ରରେ ବି ଦେଖିବାକୁ ମିଳେ। ବେଦ ବର୍ଣ୍ଣିତ ଭରତ ସାତୋଟି ନଦୀ (ସପ୍ତସିନ୍ଧୁ) ଅବବାହିକାର ଦେଶ (ଏବକା ର କୁରୁକ୍ଷେତ୍ର)ର ୧୦ଜଣ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ। ଖ୍ରୀଷ୍ଟପୂର୍ବ ୧୦୦୦ରେ ଭାରତୀୟ ଶାସ୍ତ୍ରରେ ଏହାକୁ ସର୍ବପ୍ରଥମ ଯୁଦ୍ଧ ଭାବେ ଉଲ୍ଲେଖ କରାଯାଇଛି। ଅନେକ ଶତାବ୍ଦୀ ପରେ ବ୍ୟାସଙ୍କ ମହାଭାରତ ମହାକାବ୍ୟ ସେହି ମହାନ୍ ବଂଶର କାହାଣୀଗୁଡ଼ିକୁ ବର୍ଣ୍ଣନା କରିଥିଲା। କିନ୍ତୁ ଏଥିରେ ଭରତ ଶକୁନ୍ତଳାଙ୍କ ପୁଅ ଭାବେ ବର୍ଣ୍ଣନା କରାଯାଇଛି, ଯିଏ ଜଙ୍ଗଲରେ ଜନ୍ମ ନେଇଥିଲେ। ତାଙ୍କ ପିତା ଦୁଷ୍ମନ୍ତ ତାଙ୍କ ମାତାଙ୍କୁ ମନେରଖିବାରେ ଏବଂ ତାଙ୍କୁ ରାଣୀ ଭାବରେ ଗ୍ରହଣ କରିବାରେ ଅସମର୍ଥ ଥିବାରୁ ଏଭଳି ଘଟିଥିଲା। ଦୁଷ୍ମନ୍ତ ଚନ୍ଦ୍ରବଂଶୀ ରାଜା ଥିଲେ। ଶକୁନ୍ତଳାଙ୍କ ପିତା କୌଶିକ ଥିଲେ ସୂର୍ଯ୍ୟବଂଶୀ। ଭରତ ଏହିପରି ଭାବରେ ତାଙ୍କ ପିତା ଏବଂ ଅଜାଙ୍କ ମାଧ୍ୟମରେ ରାଜାମାନଙ୍କର ଚନ୍ଦ୍ର ଏବଂ ସୂର୍ଯ୍ୟ ବଂଶର ମିଳନକୁ ସୂଚିତ କରନ୍ତି। ସେଥିପାଇଁ ଏହି ବଂଶକୁ ଭରତ ବଂଶ ଏବଂ ସେମାନଙ୍କର ଜମିକୁ ଭାରତବର୍ଷ ବୋଲି କୁହାଯାଇଛି।




ଭରତ ମଧ୍ୟ ଜଣେ ସନ୍ଥଙ୍କ ନାମ, ଯିଏ ରଙ୍ଗମଞ୍ଚ ଓ ନାଟକର ଗ୍ରନ୍ଥ 'ନାଟ୍ୟଶାସ୍ତ୍ର' ରଚନା କରିଥିଲେ। କିନ୍ତୁ ଦେଶର ନାମକରଣ କରିବା ସମୟରେ ସାଧାରଣତଃ ରାଜାମାନେ ପ୍ରାଧାନ୍ୟ ଦେଇଆସିଛନ୍ତି। ହିନ୍ଦୁ ଗ୍ରନ୍ଥଗୁଡ଼ିକ ଭରତବଂଶୀ ରାଜାମାନଙ୍କ ଦ୍ୱାରା ଅଧିକୃତ ଉପମହାଦେଶର ଅଂଶକୁ ଭାରତ ଖଣ୍ଡ ଭାବେ ସୂଚିତକରେ । ମାତ୍ର ୨୩୦୦ ବର୍ଷ ପୂର୍ବେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜଦରବାରକୁ ମେଗାସ୍ଥିନିସ୍ ଆସିଥିଲେ ଓ ସେ ଯେଉଁ ଅଞ୍ଚଳ ପରିଦର୍ଶନ କରିଥିଲେ ତାହା ଥିଲା ସିନ୍ଧୁ ଅବବାହିକାର ଇଣ୍ଡିଆ। ଗ୍ରୀକ୍‌ମାନେ ଏହି ସିନ୍ଧୁ ନଦୀ ପ୍ଲାବିତ ଅଞ୍ଚଳକୁ ସିନ୍ଧ ବୋଲି କହିଲେ। ମେଗାସ୍ଥିନିସ୍ ଇଣ୍ଡିକା ଲେଖିବାର ୨୦୦ ବର୍ଷ ପରେ ଖ୍ରୀଷ୍ଟପୂର୍ବ ୧୦୦ରେ ଜୈନ ରାଜା ଖାରବେଳଙ୍କ ଦ୍ୱାରା ଓଡ଼ିଶାର ହାତୀଗୁମ୍ଫାରେ ଭାରତବର୍ଷ ନାମ ଖୋଦିତ ହୋଇଥିଲା। ତାଙ୍କ ମତରେ ଭାରତବର୍ଷ ହେଉଛି ମଗଧର ପଶ୍ଚିମ(ଆଜିର ବିହାର)ରେ ଥିବା ଗାଙ୍ଗେୟ ସମତଳ ଅଞ୍ଚଳ। ପାରସ୍ୟମାନଙ୍କ ମତରେ, ସିନ୍ଧୁ ନଦୀ ତଥା ଏହାର ବାହାରେ ଥିବା ପ୍ଲାବିତ ଭୂମିର ନାମ ଥିଲା ହିନ୍ଦ୍। ଯେତେବେଳେ ଏହା ଚାଇନିଜରେ ଲେଖା ହେଲା ତାହାର ନାମ ହେଲା ତିଆନ୍‌ଝୁ। ଉଭୟ ଭାରତ ଏବଂ ଇଣ୍ଡିଆ ଆର୍ଯ୍ୟଦେଶକୁ ସୂଚିତ କରିଥିଲେ, ଯାହା ପ୍ରାଚୀନ ଧର୍ମଶାସ୍ତ୍ର ଅନୁଯାୟୀ ହିମାଳୟ ଓ ବିନ୍ଧ୍ୟ ମଧ୍ୟରେ ଅବସ୍ଥିତ ଏବଂ ଏହା ଥିଲା କୃଷ୍ଣସାରଙ୍କ ଭୂମି। ଇଣ୍ଡିଆ କିମ୍ବା ଭାରତ, ନର୍ମଦା ନଦୀର ଦକ୍ଷିଣରେ ଥିବା ଦକ୍ଷିଣ ଭାରତର (ଦ୍ରାବିଡ଼ ଦେଶ) କିମ୍ବା ଗଣ୍ଡକ ନଦୀର ପୂର୍ବଭାଗରେ ଥିବା ପୂର୍ବ ଭାରତ (ପ୍ରାଚୀ ଦେଶ)କୁ ସୂଚିତ କରେନାହିଁ।

ଯେପର୍ଯ୍ୟନ୍ତ ଆମେ ଇନ୍ଦୁମତିର କାହାଣୀ ଗ୍ରହଣ କରୁନାହୁଁ, ସେଯାଏ ଇଣ୍ଡିଆ ନାମକୁ ବିଦେଶୀମାନେ କପା, ଲୁହା ଓ ମସଲାର ଦେଶ ଭାବେ ଦେଖୁଥିଲେ ବୋଲି ଗ୍ରହଣ କରିବାକୁ ହେବ। ତେବେ ଗାଙ୍ଗେୟ ସମତଳ ଅଞ୍ଚଳରେ ଥିବା ଓ ମନୁସ୍ମୃତିକୁ ଗୁରୁତ୍ୱ ଦେଉଥିବା ସଂସ୍କୃତ ଭାଷାଭାଷୀ ଆଭିଜାତ୍ୟ ବ୍ରାହ୍ମଣଙ୍କ ଦ୍ୱାରା ଦିଆଯାଇଥିବା ନାମ ଭାରତକୁ ଗ୍ରହଣ କରିବା। ଏକବିଂଶ ଶତାବ୍ଦୀରେ ଆମେ ନିଜକୁ କିପରି ପରିଚିତ କରିବା ? ଉତ୍ତର ଭାରତୀୟ ଆଭିଜାତ୍ୟ ବର୍ଗଙ୍କ ଦ୍ୱାରା ଆମକୁ ଦିଆଯାଇଥିବା ନାମ ଦ୍ୱାରା ? ଅଥବା ଆମକୁ ପ୍ରଶଂସା କରିଥିବା ଓ ଆମ ସହ ବାଣିଜ୍ୟ ସ୍ଥାପନ କରି ଉପନିବେଶ ସ୍ଥାପନ କରିଥିବା ପାରସ୍ୟ ଏବଂ ୟୁରୋପୀୟମାନଙ୍କ ପରି ବିଦେଶୀମାନେ ଦେଇଥିବା ନାମରେ ଆମେ ପରିଚିତ ହେବା ?

କେହି ନିଜ ନାମ ସ୍ଥିର କରନ୍ତି ନାହିଁ। ପିତାମାତା, ଗୁରୁଜନ ଓ ଶିକ୍ଷକମାନେ ଆମ ନାମ ଦେଇଛନ୍ତି। ଯେତେବେଳେ ଲୋକମାନେ ସେମାନଙ୍କର ଧର୍ମ ପରିବର୍ତ୍ତନ କରନ୍ତି କିମ୍ବା ଏକ କଳ୍ପିତ ଅତୀତ ସହିତ ସମ୍ପର୍କ ଭାଙ୍ଗିବାକୁ ଇଚ୍ଛା କରନ୍ତି ସେତେବେଳେ ସେମାନଙ୍କର ନାମ ପରିବର୍ତ୍ତନ କରନ୍ତି। କିନ୍ତୁ ରାମଙ୍କ ଭୂମି ନିଶ୍ଚିତ ଭାବରେ ତାଙ୍କ ଭାଇ ଭରତଙ୍କ ପାଇଁ ସ୍ଥାନ ସୃଷ୍ଟି କରିପାରିବ, ଯିଏ କି ସମ୍ପତ୍ତି ଉପରେ ଲଢ଼ି ନ ଥିଲେ ଏବଂ ଯାହାଙ୍କ ଜେଜେମା ଇନ୍ଦୁମତି ଚନ୍ଦ୍ର ପରି ଉଜ୍ଜ୍ୱଳ ଥିଲେ ଓ ଯାହାଙ୍କୁ ତାଙ୍କ ଜେଜେବାପା ବହୁତ ଭଲପାଉଥିଲେ।

–devduttofficial@gmail.com

## ଏଇ ଭାରତରେ

ସେବାର ଇଚ୍ଛାଶକ୍ତିକୁ ବୟସ ଅଟକାଇପାରେନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଗୁଜରାଟର ୩୦ ବର୍ଷୀୟା ଆଶା ରାଜପୁରୋହିତଙ୍କ ଜୀବନରେ। ଆଶା ଏବେ ଅସହାୟ ବୃଦ୍ଧାମାନଙ୍କ ଆଶାବାଡ଼ି ପାଲଟିଛନ୍ତି। ସେ ଡିସାରେ 'ସୁଦାମା ବୃଦ୍ଧାଶ୍ରମ' ଚଳାଉଛନ୍ତି ଓ ସେଠାରେ ୨୨ ଜଣ ବୃଦ୍ଧାଙ୍କ ଯତ୍ନ ନେଉଛନ୍ତି। ସେ ମଧ୍ୟ ସେହି ଆଶ୍ରମର ସେମାନଙ୍କ ଝିଅ ଭଳି ରହୁଛନ୍ତି, ସାରା ଜୀବନ ଏଭଳି ସେବାରେ ରହିବେ ବୋଲି କହିଛନ୍ତି। ଆଶାଙ୍କୁ ୧୬ ବର୍ଷ ବୟସ ହୋଇଥିଲାବେଳେ ତାଙ୍କ ପିତା କାନ୍ତିଲାଲ ରାଜପୁରୋହିତ ଏହି ଆଶ୍ରମ ପ୍ରତିଷ୍ଠା କରିଥିଲେ। ସେ ଏହାକୁ ନିଜ ଆୟରେ ଚଳାଉଥିଲେ। ଏହାକୁ ୧୦ ବର୍ଷ ଚଳାଇବା ପରେ ତାଙ୍କର ଦେହାନ୍ତ ହୋଇଥିଲା। କିନ୍ତୁ ଶେଷ ସମୟରେ ସେ ଏହି ଆଶ୍ରମର ଦାୟିତ୍ୱ ଆଶାଙ୍କୁ ଦେଇଥିଲେ। ସେବେଠାରୁ ଆଶା ଏହି ବୃଦ୍ଧାଶ୍ରମ ପରିଚାଳନା କରି ଆସୁଛନ୍ତି। ନିଜ ପରିବାରର ଆୟ ତଥା ବଦାନ୍ୟ ବ୍ୟକ୍ତିଙ୍କ ଅନୁଦାନରେ ସେ ଏହାକୁ ଚଳାଉଛନ୍ତି। ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ନିୟମିତ ଚିକିତ୍ସା ସେବା ଯୋଗାଇଦେବା ସହ ସେମାନଙ୍କ ପାଇଁ ବହୁ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଡିସେମ୍ବର ୧୯୭୪

- ଜଷ୍ଟିସ୍ ସୁଶୀଳ କୁମାର ଝା ପାଟଣା ହାଇକୋର୍ଟର ଜଜ୍ ଏବଂ ବୀରେନ୍ଦ୍ର ପ୍ରସାଦ ସିହ୍ନା ଅତିରିକ୍ତ ଜଜ୍ ନିଯୁକ୍ତ ହୋଇଛନ୍ତି।
- ବାଙ୍ଗାଲୋର ନିକଟରେ ଅବସ୍ଥିତ ଭାବା ଆଣବିକ ଗବେଷଣା କେନ୍ଦ୍ରର ମାନମନ୍ଦିରରୁ ରୁଷିଆର କାଜାଖ ଅଞ୍ଚଳରେ ଭୂଗର୍ଭରେ କରାଯାଇଥିବା ଏକ ପରମାଣୁ ବିସ୍ଫୋରଣର ସୂଚନା ମିଳିଛି।
- ଲେଫ୍‌ଟନାଣ୍ଟ ଜେନେରାଲ ମହମ୍ମଦ ଆବଦେଲ ଘାନୀ ଗାମାସୀ ମିଶରର ନୂଆ ଯୁଦ୍ଧମନ୍ତ୍ରୀ ରୂପେ ରାଷ୍ଟ୍ରପତି ଅନୱାର ସାଦତଙ୍କ ଦ୍ୱାରା ନିଯୁକ୍ତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | | | |
| | 8 | 4 | | 9 | | | | |
| | | 7 | 2 | | | 3 | | 6 |
| | 6 | | | 2 | | 5 | | |
| | | | | 4 | 9 | | 8 | 1 |
| 7 | | | | | | | | |
| | | 6 | | | | 9 | 7 | |
| 8 | | | | 5 | 4 | | | |
| | 4 | | 9 | 6 | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 4 | 9 | 5 | 7 | 2 | 6 | 3 |
| 5 | 3 | 9 | 6 | 4 | 2 | 1 | 7 | 8 |
| 7 | 2 | 6 | 1 | 3 | 8 | 4 | 5 | 9 |
| 9 | 7 | 5 | 3 | 1 | 4 | 8 | 2 | 6 |
| 3 | 8 | 2 | 7 | 9 | 6 | 5 | 1 | 4 |
| 6 | 4 | 1 | 8 | 2 | 5 | 3 | 9 | 7 |
| 2 | 5 | 8 | 4 | 6 | 9 | 7 | 3 | 1 |
| 1 | 9 | 7 | 5 | 8 | 3 | 6 | 4 | 2 |
| 4 | 6 | 3 | 2 | 7 | 1 | 9 | 8 | 5 |

ଗତକାଲିର ଉତ୍ତର

# ସୁଶାସନର ଏକ ନମୁନା



ଡ. ସନ୍ତୋଷ କୁମାର ମହାପାତ୍ର

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ୨୦୨୩ ବର୍ଷ ପାଇଁ 'ଗଭର୍ନର ଅଫ ଦ ଇୟର' ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନ ଲଣ୍ଡନ ସେଣ୍ଟ୍ରାଲ ବ୍ୟାଙ୍କିଙ୍ଗ ଦ୍ୱାରା ଦେଶର କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ନରଙ୍କୁ ପ୍ରଦାନ କରାଯାଇଛି। ଜଣେ ଓଡ଼ିଆ ହିସାବରେ ଆମେ ଗର୍ବ କରିଛୁ। ରିଜର୍ଭ ବ୍ୟାଙ୍କର ଗଭର୍ନର ଦାୟିତ୍ୱ ଗ୍ରହଣ କରିବା ପରେ ଶକ୍ତିକାନ୍ତ ଅନେକ ବଡ଼ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ସମୟରେ ବ୍ୟାଙ୍କର ମୋଟ ଅଚଳ ସମ୍ପତ୍ତି ବା ଖରାପ ଋଣ ଏବଂ ନିଟ୍ ଅଚଳ ସମ୍ପତ୍ତି ଯାହା ମାର୍ଚ୍ଚ ୨୦୧୮ରେ ଯଥାକ୍ରମେ ୧୧.୫% ଓ ୬.୧% ଥିଲା, ତାହା ୨୦୨୩ ମାର୍ଚ୍ଚ ସୁଦ୍ଧା ଯଥାକ୍ରମେ ୩.୯% ଓ ୧%କୁ ହ୍ରାସ ପାଇଛି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଯଦି କିପରି ହ୍ରାସ ପାଇଲା ଓ କିଏ ଲାଭବାନ୍ ହେଲେ ଏବଂ କିଏ କ୍ଷତିଗ୍ରସ୍ତ ହେଲେ ବିଚାର କରାଯାଏ, ତେବେ ମନରେ ନିଶ୍ଚୟ ଆନ୍ଦୋଳନ ସୃଷ୍ଟି ହେବ। ଋଣ ନେଇ ନ ଶୁଝିବା ଧନୀ ଓ କର୍ପୋରେଟ, ବ୍ୟବସାୟୀ ଲାଭବାନ୍ ହେଲାବେଳେ ଜମାକାରୀ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଗରିବ, ଚାଷୀ, ଶ୍ରମିକ, ଜମାକାରୀଙ୍କ ସ୍ୱାର୍ଥକୁ ଉପେକ୍ଷା କରାଯାଇଛି। ପୁନଶ୍ଚ କରୋନା ପ୍ୟାକେଜ୍ ଦ୍ୱାରା ବିଶେଷକରି ସୁଧହାର ହ୍ରାସ ଦ୍ୱାରା ବେଶି ଶିଳ୍ପପତି ଓ ପୁଞ୍ଜିପତି ଲାଭବାନ୍ ହୋଇଥିଲେ।

ଅଚଳ ସମ୍ପତ୍ତି ପରିମାଣ ହ୍ରାସ ପାଇବାର କାରଣ ନୁହେଁ ଋଣ ଆଦାୟ ହେବା ବରଂ ରିଜର୍ଭ ବ୍ୟାଙ୍କ ବହୁ ପରିମାଣରେ 'ଋଣ' 'ରାଇଟ ଅଫ୍' କରିବା। ଚିନ୍ତାର ବିଷୟ ହେଉଛି ଇଚ୍ଛାକୃତ ଡିଫଲ୍ଟର ବା ଋଣ ଖିଲାପକାରୀଙ୍କ 'ଋଣ' 'ରାଇଟ ଅଫ୍' କରିବା। ଜଣେ ଠକ, ଯିଏ ଉଦ୍ଦେଶ୍ୟମୂଳକ ଭାବେ ମିଥ୍ୟା ଦଲିଲ/ ସୂଚନା ସହିତ ବ୍ୟାଙ୍କକୁ ଠକିଥାଏ ଏବଂ ଟଙ୍କାକୁ ଅପବ୍ୟବହାର କରିଥାଏ। କିନ୍ତୁ ଏକ ଡିଫଲ୍ଟର୍ ଏବଂ ଇଚ୍ଛାକୃତ ଡିଫଲ୍ଟର୍ ମଧ୍ୟରେ ବହୁତ ପାର୍ଥକ୍ୟ ଅଛି। ଋଣ ପରିଶୋଧ କରିବାରେ ଅସାମର୍ଥ୍ୟତା ହେତୁ ଜଣେ ଡିଫଲ୍ଟର ହୋଇପାରେ। କିନ୍ତୁ ଏକ ଇଚ୍ଛାକୃତ ଡିଫଲ୍ଟର ହେଉଛି, ଯିଏକି ଏପରି କରିବାର କ୍ଷମତା ସତ୍ତ୍ୱେ ବ୍ୟାଙ୍କ ପ୍ରତି ଥିବା ଦାୟିତ୍ୱକୁ ସମ୍ମାନ ନ କରିବାକୁ ବାଛିଛନ୍ତି। ସେମାନେ ଯେଉଁଥିପାଇଁ ଋଣ କରିଥା'ନ୍ତି, ସେହି କାର୍ଯ୍ୟରେ ବିନିଯୋଗ ନ କରି ଅନ୍ୟ କାର୍ଯ୍ୟରେ ଲଗାନ୍ତି ବା ଅନ୍ୟ ନାମରେ ନିବେଶ କରନ୍ତି, ଯେପରି ବ୍ୟାଙ୍କ ଚାହିଁଲେ ବି ଉଦ୍ଧାର କରିପାରିବ ନାହିଁ। କିଛି ବିଦେଶରେ ତାଙ୍କ ଆକାଉଣ୍ଟକୁ ଋଣ ଅର୍ଥକୁ ହସ୍ତାନ୍ତର କରି ସେଠାରେ ଯାଇ ଅୟସ କରୁଛନ୍ତି। ବିନା ବାଧାବିଘ୍ନରେ ଏ ପ୍ରକାର ଠକିବା ପାଇଁ ସେମାନେ କ୍ଷମତାଶାଳୀ ଓ ପ୍ରଶାସକଙ୍କ ହାତ ଚିକ୍କଣ କରିଥା'ନ୍ତି ଓ ରାଜନୈତିକ ଦଳକୁ ମଧ୍ୟ ଚାନ୍ଦା ଦେଇଥା'ନ୍ତି।

ଏକ ଋଣକୁ ଅଚଳ ସମ୍ପତ୍ତି ବା ଖରାପ ଋଣ କୁହାଯାଏ, ଯଦି ଏହା ଉପରେ ୯୦ ଦିନ ମଧ୍ୟରେ କୌଣସି ଋଣ କିସ୍ତି ବା ସୁଧ ଦିଆଯାଏ ନାହିଁ। କିନ୍ତୁ ଯଦି ଋଣରାଶି ଋଣଗ୍ରହୀତା ନ ଶୁଝେ ତଥାପି ବ୍ୟାଙ୍କଗୁଡ଼ିକ ସମ୍ଭାବ୍ୟ ସୁଧ ଆୟ ଉପରେ ଟିକସ ଦେଇଥା'ନ୍ତି। ଯେତେବେଳେ ବ୍ୟାଙ୍କ ଋଣ ଅଚଳ ସମ୍ପତ୍ତି ଭାବେ ୪୮ ମାସରୁ ଅଧିକ ହୋଇଯାଏ, ସେତେବେଳେ ବ୍ୟାଙ୍କଗୁଡ଼ିକୁ ଶତ ପ୍ରତିଶତ ପ୍ରୋଭିଜିୟୋନିଂ କରିବାକୁ ପଡ଼େ, ଯାହା ନିଟ୍ ଲାଭ ହ୍ରାସ କରିଥାଏ। ଏଣୁ ଯେତେବେଳେ ଋଣ ରାଶି ମିଳିବାର ସମ୍ଭାବନା ନ ଥାଏ, କିନ୍ତୁ ଟିକସ ଓ ପ୍ରୋଭିଜିୟୋନିଂ ବାବଦରେ ବ୍ୟୟ କରିବାକୁ ପଡ଼ିଥାଏ, ସେତେବେଳେ ଋଣ 'ରାଇଟ ଅଫ୍' ଆବଶ୍ୟକ ପଡ଼େ। ଏଣୁ ଋଣ ଓ ସୁଧ ୪୮ ମାସରୁ ଅଧିକ ସମୟ ଧରି ଆଦାୟ ନ ହେଲେ ବ୍ୟାଙ୍କଗୁଡ଼ିକ ଋଣ 'ରାଇଟ ଅଫ୍' କରନ୍ତି। କିନ୍ତୁ ଏହି ଋଣ 'ରାଇଟ ଅଫ୍' ପରିମାଣ ପ୍ରତିବର୍ଷ ବୃଦ୍ଧି ପାଉଛି, ଯାହା ବ୍ୟାଙ୍କ ଲୁଟିବାର ଏକ ମାଧ୍ୟମ ହୋଇଛି। ପୁନଶ୍ଚ ୫ ବର୍ଷ ପରେ ବ୍ୟାଙ୍କଗୁଡ଼ିକ ଋଣ ଆଦାୟ ପାଇଁ କୌଣସି ଆଇନର ଆଶ୍ରୟ ନେଇପାରିବେ ନାହିଁ । ୟୁପିଏର ୧୦ ବର୍ଷର ଶାସନ (୨୦୦୪-୧୪) ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ପ୍ରାୟ ୨,୨୦,୩୨୮ କୋଟି ଟଙ୍କା ଋଣ ରାଇଟ ଅଫ୍ କରାଯାଇଥିଲା ବେଳେ ୨୦୧୪-୧୫ ରୁ ୨୦୨୨-୨୩ ଗତ ନଅ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକ ୧୪.୫୬ ଲକ୍ଷ କୋଟି ଟଙ୍କାର ଖରାପ ଋଣ 'ରାଇଟ ଅଫ୍' କରାଯାଇଛି। ଗତ ୫ବର୍ଷରେ ଏହା ୧୦.୫୭ ଲକ୍ଷ କୋଟି ଟଙ୍କା ହୋଇଥିଲାବେଳେ କେବଳ ୨୦୨୨-୨୩ରେ ଏହି ପରିମାଣ ୨.୦୯ ଲକ୍ଷ କୋଟି ଟଙ୍କା। ୧୪.୫୬ ଲକ୍ଷ କୋଟି ଟଙ୍କାରୁ ବୃହତ୍ ଶିଳ୍ପ ଏବଂ ସେବାଗୁଡ଼ିକୁ ଋଣ 'ରାଇଟ ଅଫ୍' କରିବାର ପରିମାଣ ୭.୪୦ ଲକ୍ଷ କୋଟି ଟଙ୍କା। ପ୍ରାୟ ଋଣ ରାଇଟ ଅଫ୍ ପରିମାଣରୁ ୧୫% ରୁ ୧୮% ଫେରୁଛି, ଅବଶିଷ୍ଟ ଫେରୁନାହିଁ। ଏହାର ଅର୍ଥ ଗତ ୯ ବର୍ଷରେ ୧୨ ଲକ୍ଷ କୋଟି ଟଙ୍କା କାହା ପକେଟକୁ ଯାଇଛି।



ଉଲ୍ଲେଖଯୋଗ୍ୟ, ଦେବାଳିଆ ସଂହିତା ଆଇନ ଏବଂ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ (NCLT) ମାଧ୍ୟମରେ ବଡ଼ ବଡ଼ ପରିମାଣର ଋଣକୁ ବହୁତ କମ୍ ମୂଲ୍ୟରେ ପରିଶୋଧ କମ୍ପାନୀମାନେ କରିଛନ୍ତି। କିନ୍ତୁ ବ୍ୟାଙ୍କଗୁଡ଼ିକ ତାଙ୍କ ପ୍ରାପ୍ୟର ହାରାହାରି ୬୯% ପାଉନାହାନ୍ତି । ୨୦୨୨ ଜୁନ ୩୦ ସୁଦ୍ଧା ୫୧୭ଟି ଋଣକାରୀଙ୍କଠାରୁ ବ୍ୟାଙ୍କଗୁଡ଼ିକ ୭.୬୭ ଲକ୍ଷ କୋଟି ଟଙ୍କା ପାଇବା କଥା, କିନ୍ତୁ ମାତ୍ର ୨.୩୫ ଲକ୍ଷ କୋଟି ଟଙ୍କା ପାଇଛନ୍ତି। ସେହିଭଳି ବ୍ୟାଙ୍କ ଠକେଇ, ଜାଲିଆତି ସଂଖ୍ୟା ୨୦୧୩-୧୪ରେ ୪୩୦୬ ଥିଲା। ତାହା ୨୦୨୨-୨୩ରେ ୧୩୦୦୦କୁ ବୃଦ୍ଧି ପାଇଛି। ୨୦୦୪-୦୫ ରୁ ୨୦୧୩-୧୪ରେ ବ୍ୟାଙ୍କ ଠକେଇ, ଜାଲିଆତି ଜନିତ ଅର୍ଥ ୩୪,୯୯୩ କୋଟି ଟଙ୍କା ହୋଇଥିଲାବେଳେ ୨୦୧୪-୧୫ ରୁ ୨୦୨୨-୨୩ ମଧ୍ୟରେ ୫.୮୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ଗତ କିଛି ବର୍ଷ ଧରି ଆର୍‌ବିଆଇ ଜାଣିଶୁଣି ବ୍ୟାଙ୍କଗୁଡିକର ଚାପଗ୍ରସ୍ତ ସମ୍ପତ୍ତି ବିଷୟରେ ଆକଳନ ପ୍ରକାଶ କରୁନାହିଁ, କାରଣ ଏହାଦ୍ୱାରା ଏହାର ତଥା ସରକାରଙ୍କ ବିଫଳତା ଜଣାପଡ଼ିବ। ଚାପଗ୍ରସ୍ତ ସମ୍ପତ୍ତି କହିଲେ ଋଣ ରାଇଟ ଅଫ୍, ପୁନର୍ଗଠିତ ଋଣ ଓ ଅଚଳ ସମ୍ପତ୍ତି/ ଖରାପ ଋଣର ସମ୍ମିଶ୍ରଣକୁ ବୁଝାଇଥାଏ। ପୁନଶ୍ଚ ବର୍ତ୍ତମାନ ବିନା ବନ୍ଧକରେ ଦିଆଯାଇଥିବା ଋଣ ଓ ଏଭରଗ୍ରିନିଂ ଅଫ୍ ଲୋନ ଏକ ବଡ଼ ସମସ୍ୟା ହୋଇଛି। ଏଭରଗ୍ରିନିଂ ଅଫ୍ ଲୋନ କହିଲେ ପୁନର୍ଗଠିତ ଋଣକୁ ବୁଝାଏ। ଜଣେ ପ୍ରଶ୍ନ କରିପାରେ ବ୍ୟାଙ୍କଗୁଡ଼ିକ ଏତେ ମାତ୍ରାରେ 'ଋଣ ରାଇଟ ଅଫ୍' କରି ମଧ୍ୟ କିପରି ଲାଭ କରୁଛନ୍ତି। ବ୍ୟାଙ୍କଗୁଡ଼ିକ ବାସ୍ତବ ଜମା ସୁଧହାର (ସାଙ୍କେତିକ ସୁଧହାର- ମୁଦ୍ରାସ୍ଫୀତି) କମ୍ ବା ବିଯୁକ୍ତାତ୍ମକ ରଖୁଛନ୍ତି। ଯେଉଁ ହାରରେ ରେପୋ ରେଟ୍ ଏବଂ ଋଣ ସୁଧ ହାର ବୃଦ୍ଧି ପାଉଛି, ସେହି ଅନୁସାରେ ଜମା ସୁଧହାର ବୃଦ୍ଧି ପାଉନି। ଜମାକାରୀଙ୍କ ପକେଟ କାଟି ଋଣ ଖିଲାପକାରୀଙ୍କ ସ୍ୱାର୍ଥର ସୁରକ୍ଷା କରାଯାଉଅଛି। ଏହା ବୋଧେ 'ଅମୃତ କାଳ' ଓ ସୁଶାସନର ଏକ ନମୁନା।

**ସ୍ତମ୍ଭକାର ଓ ଅର୍ଥନୀତିଜ୍ଞ**
**ମୋ:୯୪୩୭୨୦୮୭୬୨**

# ଗତାନୁଗତିକ ନୂଆବର୍ଷ ପାଳନ



ଡ. ମନୋରଞ୍ଜନ ପ୍ରଧାନ

ଜାନୁୟାରୀ ପହିଲା ଇଂରାଜୀ ନବ ବର୍ଷ। କେବଳ କ୍ୟାଲେଣ୍ଡର ବଦଳାଇବା ଦିନଟିଏ ବିଶେଷକରି ଭାରତୀୟମାନଙ୍କ ପାଇଁ। କାରଣ ଏ ନୂଆବର୍ଷ ଆମ୍ଭମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ନାହିଁ କି ଏହାର କୌଣସି ଐତିହାସିକ, ସାଂସ୍କୃତିକ, ସାମାଜିକ ବା ଆଧ୍ୟାତ୍ମିକ ପୃଷ୍ଠଭୂମି ନାହିଁ କହିଲେ ଚଳେ। ଉଦାହରଣ ସ୍ୱରୂପ ଓଡ଼ିଆ ନବବର୍ଷ (ପଣା ସଂକ୍ରାନ୍ତି) ଅଥବା ଚୈତ୍ର ଶୁକ୍ଳ ପ୍ରତିପଦା ହିନ୍ଦୁ ନବବର୍ଷ ଆଦିର ପାଳନ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପୃଷ୍ଠଭୂମି ଆଧାରିତ ଓ ବିଜ୍ଞାନସମ୍ମତ ମଧ୍ୟ। କିନ୍ତୁ ଜାନୁୟାରୀ ପହିଲାକୁ ଆମେ ଗତାନୁଗତିକ ଭାବରେ ଅତି ଜାକଜମକରେ ପାଳନ କରୁଛେ ଓ କେତୋଟି ଉଦାହରଣ ଉପସ୍ଥାପନ କରୁଛି।

ପ୍ରଥମତଃ, ଅପାଠୁଆଠାରୁ ପାଠୁଆ, ବେରୋଜଗାରରୁ ଚାକିରିଆ, ପିଲାରୁ ବୁଢ଼ା ସମସ୍ତେ ଯାହାକୁ ଦେଖିଲେ ହ୍ୟାପି ନ୍ୟୁ ଇୟର୍ କରି କରମର୍ଦ୍ଦନ ବା ଆଲିଙ୍ଗନ କରିବା। ଅନେକ ଏହାକୁ ଠିକ୍ ଉଚ୍ଚାରଣ ମଧ୍ୟ କରିପାରି ନ ଥା'ନ୍ତି ଲେଖିବା ତ ଦୂରର କଥା। କିନ୍ତୁ ସେଦିନ ସମସ୍ତେ ପରସ୍ପରକୁ ହ୍ୟାପି ନ୍ୟୁ ଇୟର୍ ଜଣାନ୍ତି। ଗ୍ରିଟିଂସ୍ ଯୁଗ ଗଲାପରେ ଆଜିକାଲି ମୋବାଇଲରେ ଡିସେମ୍ବର ଏକତିରିଶ ରାତି ବାରଟାରୁ କୁଢ଼ କୁଢ଼ ମେସେଜ ପାଇ ମୋବାଇଲ ଷ୍ଟୋରେଜ ଭର୍ତ୍ତି।

ଦ୍ୱିତୀୟରେ କାନ୍ଥବାଡ଼, ରାସ୍ତାଘାଟ ସବୁଠି ହ୍ୟାପି ନ୍ୟୁ ଇୟର୍ ଲେଖାଯାଉଛି। ତୃତୀୟରେ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ମାସେ ଆଗରୁ ପ୍ରସ୍ତୁତି। ଏପରିକି ରାତି ବାରଟାରୁ ବାଣ ଫୁଟାଇ, ବାଜା ବଜାଇ, ଡିଜେର ତାଳେ ତାଳେ ଡିସ୍କୋ ଡ୍ୟାନ୍ସ। କେବଳ ସେତିକି ନୁହେଁ, ସବୁଆଡ଼େ ମାଉଁସ ଭୋଜି ଭାତର ଆସର। ସତେ ଯେପରି ଏଇ ନୂଆବର୍ଷଟା ବୁଦ୍ଧିଆ ମଣିଷ ପାଇଁ ହିଁ ହେଉଛି। ବିଚରା ପଶୁପକ୍ଷୀଙ୍କ ପାଇଁ ଏହା ବୋଧହୁଏ ପ୍ରାଣ ବିସର୍ଜନର ଦିନଟିଏ। ପରିବାରର ଯେତେ ସଦସ୍ୟ ସେତେଟା ଦଳ ସହ ଭୋଜି। ସେମିତି ଚାନ୍ଦା ସଂଗ୍ରହ। ଉଦ୍ଦେଶ୍ୟ କ'ଣ ନୂଆ ବର୍ଷକୁ ସ୍ୱାଗତ କରିବା। କିନ୍ତୁ ଏମିତି ନାଚ ଗୀତ କରି ଏକ ନୂତନ ବର୍ଷକୁ ସ୍ୱାଗତ କରିବା ଉଚିତ ? ସେଦିନ ଯଦି ନୂଆବର୍ଷ ବୋଲି ମାନୁଛେ ଠିକ୍ ଅଛି, ହେଲେ କୌଣସି ଭଲ କାମର ଶୁଭାରମ୍ଭ କରି ସ୍ୱାଗତ କଲେ କେମିତି ହୁଅନ୍ତା !

ଉଦାହରଣ ସ୍ୱରୂପ ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟା ତ୍ୟାଗ କରି ନିଜ ଆରାଧ୍ୟଙ୍କୁ ସ୍ମରଣ କରି ଗୋଟିଏ ଭଲ କାମ କଲେ କେମିତି ହୁଅନ୍ତା ? ଗରିବ ବସ୍ତିରେ ପିଲାଙ୍କୁ ସହାୟତା ବା ପାଠ ପଢ଼େଇ ବା କୌଣସି ସ୍ଥାନରେ ବୃକ୍ଷରୋପଣ କରି ବା ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରି ଅବା ଅନ୍ୟ କୌଣସି ଭଲ କାମ ଜରିଆରେ ନୂଆବର୍ଷର ଶୁଭାରମ୍ଭ ହେଲେ ଭଲ ହୁଅନ୍ତାନି ! ନୂଆବର୍ଷରେ କିଛି ନୂଆ ଯୋଜନା ବା ମହତ୍ କାମ ଆରମ୍ଭ ହେଉ-କୌଣସି ଖରାପ ଅଭ୍ୟାସ (ମଦ ପିଇବା, ବିଡ଼ି, ଗୁଟ୍ଖା ସେବନ )କୁ ପରିହାର କରିବା, ଯଦି ଲାଞ୍ଚ ନେବାର ଅଭ୍ୟାସ ଅଛି ଛାଡ଼ିବା, ଇତ୍ୟାଦି। କିନ୍ତୁ ଆମେ ସେଦିନଟିକୁ ଖାମଖିଆଲ ଭାବେ ନଷ୍ଟ କରୁଛେ। ଭୋଜିଭାତ ନାଁରେ ପରିବେଶ ବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଅପରିଷ୍କାର କରୁଛେ, ଯାହାକି ଆମ ବିଚାର ଓ ସଂସ୍କାରର ପରିପନ୍ଥୀ ମନେହୁଏ।

ପରିତାପର ବିଷୟ, ଆମେ ପାଶ୍ଚାତ୍ୟ ଅପସଂସ୍କୃତିର ଅନୁକରଣ ଯେତେ ବ୍ୟାପକ ଭାବରେ କରୁଛେ, ତାହା ଅନ୍ୟ କୌଣସି ଦେଶରେ ଦେଖିବାକୁ ମିଳୁନଥିବ। ସେମାନେ ଏଭଳି ବିଦେଶାଗତ ପର୍ବପର୍ବାଣିର ଭାଗୀଦାରି ହେଲେ ବି ନିଜ ସଂସ୍କୃତି ଓ ପରମ୍ପରାକୁ ଭୁଲନ୍ତି ନାହିଁ। ଜଣେ ଶିକ୍ଷକ ଭାବରେ ଅନେକ ଥର ଅନେକ ପିଲାଙ୍କୁ ଓଡ଼ିଆ ନବବର୍ଷ ବା ଚୈତ୍ର ଶୁକ୍ଳ ପ୍ରତିପଦା ହିନ୍ଦୁ ନବବର୍ଷ ସମ୍ବନ୍ଧରେ ପଚାରିଛି, କିନ୍ତୁ ପ୍ରାୟ ଠିକ ଉତ୍ତର ଦେଇପାରିନାହାନ୍ତି। ବିଡ଼ମ୍ବନା ହେଉଛି ଯେଉଁ କାର୍ଯ୍ୟ ବା ସଂସ୍କାର ପରିବାର ଓ ବିଦ୍ୟାଳୟରୁ ଶିକ୍ଷାଲାଭ କରାଯିବା କଥା, ତାହା ଆମେ ପ୍ରଦାନ କରିବାରେ ବିଫଳ ହୋଇଛେ। ସେଥିପାଇଁ ଆମ ପିଲାମାନେ ପାଶ୍ଚାତ୍ୟ ଅପସଂସ୍କୃତିରେ ଗୋଲକ ଧନ୍ଦାର ସ୍ଥାୟୀ ଗରାଖ ପାଲଟି ଯାଉଛନ୍ତି ଏବଂ ନିଜ ପରମ୍ପରା ଓ ସଂସ୍କୃତିକୁ ଅପମାନ କରିବାକୁ ପଛାଉ ନାହାନ୍ତି। ତେଣୁ ବେଳଥାଉ ସାବଧାନ ହେବାକୁ ପଡ଼ିବ। ଅନ୍ୟ ସଂସ୍କୃତି ଯଦି ଗ୍ରହଣୀୟ ଓ ଶିକ୍ଷଣୀୟ ତାହାକୁ ଆଦରି ନେବାରେ ଅସୁବିଧା ନାହିଁ। କିନ୍ତୁ ତା'ର ବିଭିନ୍ନ ପୃଷ୍ଠଭୂମି ସହ ଭଲଭେଲର ସମୀକ୍ଷା କରି ଆପଣେଇବା ଉଚିତ। କାରଣ ଗତାନୁଗତିକ ଅନ୍ଧାନୁକରଣ ନିଜ ଅସ୍ତିତ୍ୱ ଓ ଅସ୍ମିତା ପାଇଁ ଏକ ମହାସଙ୍କଟ ହୋଇପାରେ। ନିଜର ସାମାନ୍ୟ ଖୁସି ଅନ୍ୟ ପାଇଁ (ବ୍ୟକ୍ତି/ସମାଜ/ପରିବେଶ) ହାନିକାରକ ନ ହେଉ, ସେକଥା ଆମ ପ୍ରତ୍ୟେକ କାର୍ଯ୍ୟକଳାପର ଆଧାରବିନ୍ଦୁ ହେବା ଉଚିତ। ସେ ଯା'ହେଉ ନୂଆବର୍ଷଟା ଗତାନୁଗତିକ ନ ହୋଇ ରଚନାତ୍ମକ ବା ସଂସ୍କାରଯୁକ୍ତ ତଥା ସମାଜ ଓ ପରିବେଶ ଅନୁକୂଳ ହେଉ।

ମୋ: ୯୪୩୭୯୧୪୮୧୮

## ଚିରନ୍ତନୀ

ତୋଳରେ ସେ ମାଟି ମାଆର ତିଳକ ଲଗାଅ ପଳେ
ଦେଖ ଦେଖ ଆଜି କାହାର ରୁଧିର ପଡିଲା ତଳେ।
ପିଶାଚୀ ବସୁଧା କାହା ଲହୁ ଆଜି ପିଇଲା ବାଛି
ଗୁଣେ ତୀର ଯୋଖ ନବୀନ ଯୁଗର ସବ୍ୟସାଚୀ।

–(ରକ୍ତ–ସ୍ରୋତ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବେକାରି ସମସ୍ୟା ଉତ୍କଟ ହେଲାଣି

ମହାଶୟ,

ରାଜ୍ୟରେ ବେକାରି ସମସ୍ୟା ଉତ୍କଟ ହେଲାଣି। ଯୁବବର୍ଗ ରୋଜଗାର ପାଉନାହାନ୍ତି। ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ କେତେକେ ସମୟର ପ୍ରତିକୂଳ ସ୍ଥିତିରେ ନିରାଶ ହୋଇ ଫେରୁଛନ୍ତି। ପୁଣି କେତେଜଣ ପଙ୍ଗୁ ହୋଇଯାଉଛନ୍ତି ଜୀବନସାରା। ଏମାନଙ୍କ ଦୁଃଖ ବୁଝିବା ପାଇଁ କେହି ନାହାନ୍ତି। ଦୁରବସ୍ଥା ଏପରି ଯେ, ରୋଜଗାର ପନ୍ଥା ହରାଇବା ହେତୁ ଏମାନଙ୍କ ପାରିବାରିକ ଜୀବନ ଦୁର୍ବିଷହ ହେବାକୁ ବସିଲାଣି। ନାଗରିକମାନଙ୍କୁ ରୋଜଗାର ଯୋଗାଇଦେବା ସରକାରଙ୍କ ପ୍ରଧାନ କର୍ତ୍ତବ୍ୟ। ବେକାରି ସମସ୍ୟା କେବେ ବି ରାଜ୍ୟର ହିତ ସାଧନ କ୍ଷେତ୍ରରେ ସହାୟକ ହୋଇପାରିବ ନାହିଁ। ସରକାର ଏ ଦିଗରେ ଦୃଢ଼ ପଦକ୍ଷେପ ନିଅନ୍ତୁ।

**–ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୫ଦିନରେ ସାନି ସଭାପତି ନିର୍ବାଚନ ପାଇଁ ଟ୍ରିବ୍ୟୁନାଲ୍‌ଙ୍କ ନିର୍ଦ୍ଦେଶ



କାମାକ୍ଷାନଗର ବାର୍ ଆସୋସିଏଶନ

କଟକ,୨୭।୧୨(କାର୍ତ୍ତିକ ସାହୁ)

କାମାକ୍ଷାନଗର ବାର୍ ଆସୋସିଏଶନ ସଭାପତି ପଦ ପାଇଁ ହୋଇଥିବା ନିର୍ବାଚନକୁ ଷ୍ଟେଟ ବାର୍ କାଉନ୍‌ସିଲ୍ ଦ୍ୱାରା ଗଠିତ ନିର୍ବାଚନ ଟ୍ରିବ୍ୟୁନାଲ୍ ବେଆଇନ ବୋଲି ଦର୍ଶାଇବା ସହିତ ଖାରଜ କରିଛନ୍ତି । ଏଥିସହିତ ଆସନ୍ତା ୧୫ଦିନ ମଧ୍ୟରେ ସାନି ନିର୍ବାଚନ କରିବାକୁ ବରିଷ୍ଠ ଆଇନଜୀବୀ ରୁଦ୍ର ପ୍ରସାଦ କର, ସନ୍ତୋଷ କୁମାର ପଟ୍ଟନାୟକ ଏବଂ ବିବେକାନନ୍ଦ ଭୂୟାଁଙ୍କୁ ନେଇ ଗଠିତ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି । ସବୁଠାରୁ ମୁଖ୍ୟ କଥା ହେଲା ଆଇନଜୀବୀ ପ୍ରଭାସ କୁମାର ମିଶ୍ରଙ୍କୁ ଭବିଷ୍ୟତରେ କେବେ ନିର୍ବାଚନ ଅଧିକାରୀ ନ କରାଇବାକୁ ଟ୍ରିବ୍ୟୁନାଲ୍ ବାର୍ କାଉନ୍‌ସିଲକୁ କହିଛନ୍ତି । ରଞ୍ଜନ କୁମାର ରାଉତଙ୍କ ପକ୍ଷରୁ ଆଗତ ଏକ ଆବେଦନର ଶୁଣାଣି ସମୟରେ ଟ୍ରିବ୍ୟୁନାଲ୍ ଅନୁଭବ କରିଥିଲେ ଯେ, କାମାକ୍ଷାନଗର ବାର୍ ଆସୋସିଏଶନ ନିର୍ବାଚନ ସମୟରେ ନିର୍ବାଚନ ଅଧିକାରୀ ପ୍ରଭାସ କୁମାର ମିଶ୍ର ଏକ ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ସମ୍ପାଦନ ପାଇଁ ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇ ନାହାନ୍ତି । ମିଳିଥିବା ସୂଚନା ଅନୁସାରେ ୨୦୨୩-୨୪ ବର୍ଷ ପାଇଁ କାମାକ୍ଷାନଗର ବାର୍ ଆସୋସିଏଶନର ସଭାପତି ପଦ ପାଇଁ ରଞ୍ଜନ କୁମାର ରାଉତ ଏବଂ ଏବଂ ଧର୍ମାନନ୍ଦ ମଲ୍ଲିକ ନାମାଙ୍କନ ପତ୍ର ଦାଖଲ କରିଥିଲେ । ତେବେ ରଞ୍ଜନଙ୍କ ପାଇଁ ପ୍ରସ୍ତାବକ ଥିବା ସର୍ବଜିତ୍ ଜୀଙ୍କ ନାମଲେଖାରେ ବନାନ୍‌ଗତ(ସ୍ପେଲିଂ) ତ୍ରୁଟିଥିବା ଦର୍ଶାଇ ନିର୍ବାଚନ ଅଧିକାରୀ ତାଙ୍କ ନାମାଙ୍କନ ପତ୍ରକୁ ଖାରଜ କରିଦେଇଥିଲେ । ଏଥିସହ ଧର୍ମାନନ୍ଦଙ୍କୁ ମାର୍ଚ୍ଚ ୨୫ରେ ଅପ୍ରତିଦ୍ୱନ୍ଦ୍ୱୀ ସଭାପତି ଭାବେ ବିଜୟୀ ଘୋଷଣା କରିଥିଲେ । ନିର୍ବାଚନ ଅଧିକାରୀଙ୍କ ଏହି ଘୋଷଣାକୁ ବିରୋଧ ସହ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ରଞ୍ଜନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ସେପ୍ଟେମ୍ବର ୧୩ରେ ହାଇକୋର୍ଟ ଉକ୍ତ ଆବେଦନକୁ ଗ୍ରହଣ କରି ଓଡ଼ିଶା ଷ୍ଟେଟ୍ ବାର୍ କାଉନ୍‌ସିଲକୁ ଏକ ନିର୍ବାଚନ ଟ୍ରିବ୍ୟୁନାଲ୍ ଗଠନ କରି ଉକ୍ତ ଆବେଦନର ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାମଲାର ଶୁଣାଣି ସମୟରେ ରଞ୍ଜନଙ୍କ ପକ୍ଷରୁ ଆଇନ୍‌ଜୀବୀ ଲଳିତେନ୍ଦୁ ମିଶ୍ର ନିର୍ବାଚନ ଅଧିକାରୀଙ୍କ ଆଦେଶକୁ ବେଆଇନ ବୋଲି ଯୁକ୍ତି ବାଢ଼ିଥିଲେ ।


## ସାର୍ବଜନୀନ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ37 ଏଫ୍‌ବିଟି ଗୁଡ୍‌ସ
ଗାଡ଼ି ନଂ.- OD14P2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 847363.41

2) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ31 ଏଫ୍‌ବିଟି ଟିପ୍ପର୍
ଗାଡ଼ି ନଂ.- OD14R2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 903710.75

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଅବସ୍ଥାରେ" ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍,**
184, ତଳ ମହଲା, ଜନପଥ,
ଭୁବନେଶ୍ୱର, ଓଡ଼ିଶା-751001
ଠିକଣାରେ ପଠାଇପାରିବେ କିମ୍ବା
ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482


# ଆଖି ବୁଜିଲା ଅସୁସ୍ଥ ଗୁଳିବିଦ୍ଧ ଦନ୍ତା

- ଟ୍ରାଙ୍କୁଲାଇଜ୍ ପରେ ଉଠି ନ ଥିଲା
- ଚିକିତ୍ସାରେ ଅବହେଳା ଅଭିଯୋଗ

ନୟାଗଡ଼/ରଣପୁର,୨୭।୧୨
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)



ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ୍‌ର କାଞ୍ଚନପୁର କାଜୁ ଜଙ୍ଗଲରେ ବନ ବିଭାଗ ଦ୍ୱାରା ୨ ଦିନ ଧରି ଚିକିତ୍ସିତ ହେଉଥିବା ଅସୁସ୍ଥ ଗୁଳିବିଦ୍ଧ ଦନ୍ତାହାତୀର ବୁଧବାର ସକାଳେ ମୃତ୍ୟୁ ହୋଇଛି । ଟ୍ରାଙ୍କୁଲାଇଜ୍ ପରେ ହାତୀର ମୃତ୍ୟୁ ହେବାରୁ ଚିକିତ୍ସାରେ ଅବହେଳା କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି । ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ ବୁଧବାର ମଧ୍ୟାହ୍ନରେ କାଞ୍ଚନପୁର କାଜୁ ଜଙ୍ଗଲରେ ପହଞ୍ଚି ହାତୀ ମୃତ୍ୟୁର ତଦନ୍ତ କରିଥିଲେ । ଅନ୍ୟପକ୍ଷେ କାଜୁ ଜଙ୍ଗଲରେ ହାତୀର ପଞ୍ଚନାମା କରାଯାଇ ମାଟି ତଳେ ପୋତି ଦିଆଯାଇଛି । ଡିଏଫ୍‌ଓ ପାଣ୍ଡିଆନଙ୍କ ସୂଚନା ଅନୁସାରେ, ଦନ୍ତାହାତୀର ଗୋଡଟି ଫୁଲି ଯାଇଥିଲା । ଚିକିତ୍ସା ପାଇଁ ଟ୍ରାଙ୍କୁଲାଇଜ୍ କରିବାକୁ ପଡ଼ିଥିଲା । ଚିକିତ୍ସା ପରେ ହାତୀ ଆପେ ଆପେ ଉଠିବା କଥା । କିନ୍ତୁ ଅସୁସ୍ଥ ଯୋଗୁ ଶକ୍ତି ହ୍ରାସ ପାଇବାରୁ ହାତୀଟି ଉଠି ପାରି ନ ଥିଲା । କ୍ରେନ, ଜେସିବି ପରି ଯନ୍ତ୍ର ନେଇ ଉଠାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲୁ । ହାତୀଟି ବୁଧବାର ସକାଳେ ପ୍ରାଣ ହରାଇଛି । ହାତୀ ମୃତ୍ୟୁର କାରଣ ଜଣାପଡ଼ିନି । ପ୍ରାଣୀ ଚିକିତ୍ସା ଅଧିକାରୀ ସାମ୍ପୁଲ ସଂଗ୍ରହ କରିଛନ୍ତି । ସାମ୍ପୁଲ ପରୀକ୍ଷଣ ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି ।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ଦନ୍ତାହାତୀର ଡାହାଣ ଆଗ ଗୋଡ଼କୁ କେହି ଶିକାରୀ ଗୁଳି କରିଥିଲେ । ଗୁଳିଟି କିଛିଦିନ ରହିବା ପରେ ଗୋଡ଼ଟି ସଂକ୍ରମଣ ହୋଇଯାଇଥିଲା । ଅସୁସ୍ଥ ହାତୀ କାଞ୍ଚନପୁର କାଜୁ ଜଙ୍ଗଲରେ ପ୍ରାୟ ମାସେ ଧରି ଘୁରି ବୁଲୁଥିଲା । କେତେଜଣ ଗ୍ରାମବାସୀ ହାତୀଟିକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ । ବନ ବିଭାଗ କିନ୍ତୁ ଠିକ୍ ସମୟରେ ହାତୀ ପାଖରେ ପହଞ୍ଚି ପାରି ନ ଥିବା ଅଭିଯୋଗ ଉଠିଛି ।

# ୧୫ ଜିଲାରେ ଘନକୁହୁଡ଼ି

ଭୁବନେଶ୍ୱର,୨୭।୧୨
(ଅନିଲ ଦାସ)

ରାଜ୍ୟରେ ଶୀତ କମିଯାଇଛି । ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି । କୋରାପୁଟ ଏବଂ ଦାରିଙ୍ଗବାଡ଼ିକୁ ବାଦ୍ ଦେଲେ ରାଜ୍ୟର ଅନ୍ୟ ସମସ୍ତ ଜିଲାରେ ପାରଦ ୧୦ ଡିଗ୍ରୀ ଉପରେ ରହିଛି । ଶୀତ କମିବା ସହିତ ରାଜ୍ୟରେ କୁହୁଡ଼ି ବଢ଼ିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୫ ଜିଲାରେ ଘନକୁହୁଡ଼ି ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି । ସେହିସବୁ ଜିଲାଗୁଡ଼ିକ ହେଲା ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ଏବଂ କୋରାପୁଟ । ଏହିସବୁ ଜିଲା ପାଇଁ ୟେଲୋଓ୍ୱାର୍ନିଂ ଜାରି କରାଯାଇଛି । ସେହିପରି କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ସୁନ୍ଦରଗଡ, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, କଟକ, ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବ ବୋଲି ପୂର୍ବାନୁମାନ କରାଯାଇଛି । କୁହୁଡ଼ି ଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହେବ । ଘନକୁହୁଡ଼ି ଯୋଗୁ ଜାତୀୟ ରାଜପଥରେ ଦୁର୍ଘଟଣାର ମଧ୍ୟ ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି ।

# ୩୩ ଦିନ ପରେ ଖୋଲିଲା ଶିମିଳିପାଳ

ବାରିପଦା,୨୭।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

୩୩ ଦିନ ପରେ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବୁଧବାର ପର୍ଯ୍ୟଟକଙ୍କ ନିମନ୍ତେ ଖୋଲିଛି । ମୋଟ ୨୭ ଚାରିଚକିଆ ଯାନରେ ୧୯୦ ଜଣ ପର୍ଯ୍ୟଟକ ଅଭୟାରଣ୍ୟ ବୁଲିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ସୂଚନା ଦେଇଛନ୍ତି ।

ଶୀତ ଋତୁରେ ଶିମିଳିପାଳ ଅଭୟାରଣ୍ୟ ବୁଲିବା ପାଇଁ ଭିଡ଼ ପରିଲକ୍ଷିତ ହୋଇଥାଏ । ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକମାନେ ଅଭୟାରଣ୍ୟ ବୁଲି ବନ୍ୟଜନ୍ତୁଙ୍କୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇଥାନ୍ତି । ମାତ୍ର ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ଲୋକେ ମୌଳିକ ସମସ୍ୟାକୁ ନେଇ ୩୩ ଦିନ ହେଲା ଅଭୟାରଣ୍ୟ ପ୍ରବେଶ ପଥ ଅବରୋଧ କରି ପର୍ଯ୍ୟଟକମାନଙ୍କୁ ଭିତରକୁ ଛାଡୁ ନ ଥିଲେ । ବନ ବିଭାଗ ଓ ଜିଲା ପ୍ରଶାସନ ଲୋକଙ୍କ ସମସ୍ୟାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେବା ପରେ ମଙ୍ଗଳବାର ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା । ବୁଧବାର ଯଶିପୁରସ୍ଥିତ କାଳିଆଣୀ ଫାଟକ ଦେଇ ୧୫ଟି ଓ ବାରିପଦା ପିଠାବଟା ଫାଟକ ଦେଇ ୧୨ଟି ଗାଡ଼ି ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିଲା । ତେବେ ଅଭୟାରଣ୍ୟ ଖୋଲି ଥିବାରୁ ପ୍ରତିଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ଆଶା ପ୍ରକଟ କରିଛନ୍ତି । ଜିଲାରେ ଶୀତର ପ୍ରକୋପ କମିଥିବା ବେଳେ ଅଭୟାରଣ୍ୟ ମଧ୍ୟରେ ତାପମାତ୍ରା ସର୍ବନିମ୍ନ ୭ ଡିଗ୍ରୀ ରହିଛି । ବନ ବିଭାଗର ସୂଚନା ଅନୁଯାୟୀ, ଉପରବାରହା କାମୁଡ଼ାରେ ୭ ଡିଗ୍ରୀ, ଚହଲାରେ ୮ ଡିଗ୍ରୀ, ନଆଁଣାରେ ୯ଡିଗ୍ରୀ, ଗୁଡଗୁଡ଼ିଆରେ ୧୧ଡିଗ୍ରୀ, ବରେହିପାଣିରେ ୧୨ଡିଗ୍ରୀ, କିଆଝରୀରେ ୧୩ଡିଗ୍ରୀ ଓ ରାମତୀର୍ଥରେ ୧୫ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି ।

# ସର୍ବେଶ୍ୱରଙ୍କୁ ୨୨୮ କୋଟିର ଝଟକା

## ମାଣ୍ଡୁକା ପାହାଡ଼ରୁ ମୋରମ ଲୁଟ୍ ମାମଲା

ଯାଜପୁର,୨୭।୧୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନରେ ଥିବା ମାଣ୍ଡୁକା ପାହାଡ଼ରୁ ମୋରମ ଲୁଟ୍ ମାମଲାର କ୍ଷତିପୂରଣ ବାବଦକୁ ୨୨୮ କୋଟି ୨୫ ଲକ୍ଷ ୬୧ ହଜାର ୭୮ ଟଙ୍କା ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଛି । ଏନେଇ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ତାଙ୍କ ପତ୍ରସଂଖ୍ୟା ୧୪୬୧୩/୨୬।୧୨।୨୦୨୩ରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ଡିମାଣ୍ଡ ନୋଟିସ ଦେବାକୁ ଦର୍ପଣ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସାଟେଲାଇଟ୍ ମାପଚୁପ୍‌ରେ ଏହି ଅର୍ଥ ଆକଳନ ହୋଇଥିବାବେଳେ ପୂର୍ବରୁ କଳାପଥର ଲୁଟ୍ ପରିମାଣ ତୁଳନାରେ ଅତି କମ୍ ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଥିବା ନେଇ ଏବେ ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି । ଯାହା ଦ୍ୱାରା ରାଜ୍ୟ ସରକାର ଅନେକ କୋଟି ଟଙ୍କା ରାଜସ୍ୱ ହରାଇଛି ବୋଲି ମତପ୍ରକାଶ ପାଇଛି ।

ଜିଲାପାଳଙ୍କୁ ଦେଇଥିବା ଦର୍ପଣ ତହସିଲଦାରଙ୍କ ପ୍ରସ୍ତାବ ଅନୁସାରେ ସର୍ବେଶ୍ୱର ମାଣ୍ଡୁକା ମୋରମ ଖଣିରୁ ୨୫୩୨୭୩.୬୫ ଘନମିଟର ମୋରମ ବେଆଇନ ଭାବେ ଉତ୍ତୋଳନ କରିଥିଲେ । ଓଏମ୍‌ଏମ୍‌ସି ରୁଲ୍ସ-୨୦୧୬ ଅନୁସାରେ, ଘନମିଟର ପିଛା ୩୫ ଟଙ୍କା ହିସାବରେ ୮୮,୬୪,୫୭୮ ଟଙ୍କା, ଅତିରିକ୍ତ ଜରିମାନା ବାବାଦକୁ ଘନମିଟର ପିଛା ୧୧୦୦ ଟଙ୍କା ହିସାବରେ ୨୭,୮୬,୦୧,୦୧୫ ଟଙ୍କା, ଏହାର ୧୦୦% ଜରିମାନାକୁ ମିଶାଇଲେ ୫୭,୪୯,୩୧,୧୮୬ ଟଙ୍କା, ୩୦% ଡିଏମ୍‌ଏଫ୍ ବାବଦକୁ ୨୬,୫୯,୩୭୩ ଟଙ୍କା, ୫% ଇଏମ୍‌ଏଫ୍ ବାବଦକୁ ୪,୪୩,୨୨୯ ଟଙ୍କା ଏବଂ ପରିବେଶଗତ କ୍ଷତିପୂରଣ ବାବଦକୁ ଘନମିଟର ପିଛା ୬୭୩୦ ଟଙ୍କା ଅନୁସାରେ ୧୭୦,୪୫,୨୭,୨୯୦ ଟଙ୍କା ଜରିମାନା ଅର୍ଥ ଆକଳନ କରାଯାଇଛି । ଅଭିଯୋଗ ଅନୁଯାୟୀ, ମାଣ୍ଡୁକା ମୌଜାର ୩୬୧୧ ପ୍ଲଟ୍ ୧୨ ଏକର ଜମିରେ ମୋରମ ଉତ୍ତୋଳନ କରିବାକୁ ଭୁବନେଶ୍ୱର ବାପୁଜୀ ନଗରର ହରପ୍ରସାଦ ଷଡ଼ଙ୍ଗୀଙ୍କୁ ତହସିଲ ପକ୍ଷରୁ ଅନୁମତି ମିଳିଛି । ଅନୁମତି ଅନୁସାରେ ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ୫ ବର୍ଷ ଦୀର୍ଘମିଆଦି ଲିଜ୍ ଅନୁସାରେ ବର୍ଷକୁ ୧ କୋଟି ଟଙ୍କା ହିସାବରେ ଲିଜ୍ ଦିଆଯାଇଛି । ହେଲେ ଲିଜ୍ ଏରିଆ ବାହାରେ ୩୬୧୦ ନମ୍ବର ପ୍ଲଟରୁ ମୋରମ ବେଆଇନ ଭାବେ ଉତ୍ତୋଳନ ହେଉଥିବାବେଳେ ଗତ ଜୁଲାଇରେ ତହସିଲ ପ୍ରଶାସନ ପକ୍ଷରୁ ଚଢାଉ ହୋଇଥିଲା । ପ୍ରଶାସନ ପକ୍ଷରୁ ହୋଇଥିବା ତଦନ୍ତରେ ଏଥିରେ ସର୍ବେଶ୍ୱରଙ୍କ ସମ୍ପୃକ୍ତି ଥିବା ଜଣାପଡିଥିଲା । ଏହାପରେ ସେପ୍ଟେମ୍ବରରେ ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୁପ କରାଯାଇଥିଲା । ଉକ୍ତ ରିପୋର୍ଟକୁ ଆଧାର କରି ଦର୍ପଣ ତହସିଲଦାର ଗତ ୨୧।୧୧।୨୦୨୩ରେ ଜିଲାପାଳଙ୍କୁ ଜରିମାନା ଆଦାୟ କରିବାକୁ ପ୍ରସ୍ତାବ ଦେଇଥିଲେ ।


## ପୂର୍ବ ତଟ ରେଳପଥ

(1) ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2023-T-185
**କାର୍ଯ୍ୟର ନାମ :** ସମ୍ବଲପୁର କୋଚିଙ୍ଗ୍ ଡିପୋର EOG ଟାଇପ୍ LHB AC କୋଚ୍ ଏବଂ ବିଦ୍ୟୁତ୍ କାରଗୁଡ଼ିକର ସୁଇଚ୍ ବୋର୍ଡ଼ କ୍ୟାବିନେଟ୍ (SBC)ର HT କମ୍ପାର୍ଟମେଣ୍ଟରେ ରୋଡେଣ୍ଟ (Rodent) ପ୍ରବେଶକୁ ରୋକିବା ପାଇଁ ମଲ୍ଟି ଡାୟାମିଟର ହାଲୋଜେନ ମୁକ୍ତ EPDM ମଡ୍ୟୁଲ୍ସ ଦ୍ୱାରା କେବୁଲ ଟ୍ରାଞ୍ଜିଟ୍ ଏଣ୍ଟ୍ରି ସିଲିଙ୍ଗ୍ ଏବଂ ଫୁଲପ୍ରୁଫ (Foolproof) ସୁରକ୍ଷା ସିଷ୍ଟମର ଯୋଗାଣ ଏବଂ ସଂସ୍ଥାପନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 3,65,239.50,
EMD/ବିଡ୍ ସୁରକ୍ଷା ଜମା (₹) : 7,300.00 ।
(2) ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2023-T-186
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ OHE ର ବିଶ୍ୱସନୀୟତାର ଉନ୍ନତିକରଣ ନିମନ୍ତେ ଲାଇଭ ଲାଇନ୍ ଇନ୍‌ସୁଲେଟର ସଫେଇ ସୁବିଧା ନିମନ୍ତେ ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 3,17,603.32,
EMD/ବିଡ୍ ସୁରକ୍ଷା ଜମା (₹) : 6,400.00 ।
କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA) ଜାରୀ ହେବା ତାରିଖଠାରୁ 03(ତିନି) ମାସ (କ୍ରମ ସଂ.1 ପାଇଁ) ଏବଂ 06(ଛଅ) ମାସ (କ୍ରମ ସଂ.2 ପାଇଁ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.15.01.2024 ରିଖ 1100 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-922/O/23-24

## ଦ.ପୂ. ରେଳପଥ - ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଏସ୍-ଆରଓୟୁ-୦୩-୨୦୨୩-୨୪, ତାରିଖ: ୨୬।୧୨।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଏସ୍), ରାଉରକେଲା, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ବର୍ଣ୍ଣନା:** ଇଏଲ୍‌ଏସ୍/ରାଉରକେଲାର ପୂର୍ବରୁ ପିୟୁ ପେଣ୍ଟ ହୋଇଥିବା ଇଲେକ୍ଟ୍ରିକ ଲୋକୋମୋଟିଭଗୁଡ଼ିକର ପିୟୁ ପେଣ୍ଟିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୬୬,୯୩,୧୨୦ । **ଅମାନତ ରାଶି:** ₹୧,୩୩,୯୦୦ । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୫।୦୧।୨୦୨୪ରିଖ ୧୧.୦୦ ଘଟିକା । **ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ:** http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।
(PR-964)


# ସ୍ୱଧର୍ମକୁ ଫେରାଇବାକୁ ଲଣ୍ଡାକଲେ

## ଗ୍ରାମରେ ଉତ୍ତେଜନା, ୮ ଗିରଫ

ଯୋଡ଼ା,୨୭।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଯୋଡ଼ା ବ୍ଲକ୍‌ସ୍ଥିତ ପିଢ଼ପୋଖରୀ ଗ୍ରାମରେ ଧର୍ମ ପରିବର୍ତ୍ତନକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଛି । ଧର୍ମ ପରିବର୍ତ୍ତନ କରିଥିବା ୨ ଯୁବକଙ୍କୁ ସ୍ୱଧର୍ମକୁ ଫେରାଇବାକୁ ଲଣ୍ଡା କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଘଟଣାକୁ ନେଇ ଅପହଞ୍ଚ ବନ ପାହାଡ଼ ଘେରା ପୀଢ଼ପୋଖରୀ ଏବେ ଚର୍ଚ୍ଚାର ପରିଧିକୁ ଆସିଥିବା ବେଳେ ଗ୍ରାମରେ ଅଶାନ୍ତି ଲାଗି ରହିଥିବାରୁ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି ।

ସୂଚନା ଅନୁଯାୟୀ, ଗ୍ରାମର କେତେକ ପରିବାର ଏକ ନିର୍ଦ୍ଦିଷ୍ଟ ଧର୍ମ ଅବଲମ୍ବନ କରିଛନ୍ତି । ଉକ୍ତ ଧର୍ମାବଲମ୍ବୀମାନେ ଅନ୍ୟ ଧର୍ମର କେତେ ଜଣଙ୍କୁ ପ୍ରବର୍ତ୍ତାଇ ତାଙ୍କ ଧର୍ମର ଏକ ପ୍ରମୁଖ ପର୍ବକୁ ଗ୍ରାମରେ ପାଳନ କରିଥିଲେ । ଏ ନେଇ ଗ୍ରାମରେ ଉତ୍ତେଜନା ଆଶଙ୍କା କରି ପର୍ବ ପାଳନ ବେଳେ ପୋଲିସ ଉପସ୍ଥିତ ରହିଥିଲା । କୁହୁଳୁଥିବା ଅସନ୍ତୋଷ ପର୍ବ ପାଳନ ପରେ ବିବାଦର କାରଣ ହୋଇଥିଲା । ଅନ୍ୟ ଧର୍ମ ଗ୍ରହଣ କରିଥିବା ୨ ଜଣ ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଇଚ୍ଛା ପ୍ରକାଶ କରିବାରୁ ସେମାନଙ୍କୁ ଗ୍ରାମବାସୀ ଲଣ୍ଡା କରି ସ୍ୱ-ଧର୍ମକୁ ଫେରାଇ ଆଣିଥିଲେ । ଏହି ଘଟଣାକୁ ନେଇ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀମାନେ ବାମେବାରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ପହଞ୍ଚି ୮ ଜଣଙ୍କୁ ଗିରଫ କରିଛି । ଏନେଇ ଥାନାରେ ଏକ ମାମଲା(ନଂ.୨୩୯/୨୩)ରେ ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ସୂଚନା ଦେଇଛନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ଗ୍ରାମରେ ପୋଲିସ ଫ୍ଲାଗ୍ ମାର୍ଚ୍ଚ କରୁଛି ।

# ଭିଣୋଇଙ୍କ ସହ ଅନୈତିକ ସମ୍ପର୍କରୁ ସ୍ୱାମୀ ହତ୍ୟା

## ଉମାକାନ୍ତ ହତ୍ୟାକାଣ୍ଡ: ସ୍ତ୍ରୀ, ଭିଣୋଇ ଗିରଫ

ଦେବଗଡ,୨୭।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ଲଇମୁରା ଗ୍ରାମର ଉମାକାନ୍ତ ବାଘ ନିଖୋଜ ଘଟଣାର ପର୍ଦ୍ଦାଫାଶ କରିଛି ଲଇମୁରା ପୋଲିସ । ତଦନ୍ତ ସମୟରେ ଏହା ଏକ ହତ୍ୟାକାଣ୍ଡ ଜଣାପଡିବା ପରେ ପୋଲିସ ସ୍ତ୍ରୀ ଆରତୀ ବାଘ ଓ ଭିଣୋଇ ଚନ୍ଦ୍ରମଣି ସୁନାନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏଥିସହ ପୋଡିଯାଇଥିବା ଉମାକାନ୍ତଙ୍କ କଙ୍କାଳ ଓ ପାଉଁଶ ଜବତ କରିଛି ।

ଅଭିଯୋଗ ଅନୁଯାୟୀ, ଉମାକାନ୍ତ ବାଘଙ୍କ ସ୍ତ୍ରୀ ଆରତୀ ଓ ଭିଣୋଇ ଚନ୍ଦ୍ରମଣି ସୁନାନୀଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ରହିଥିବା ନେଇ ଉମାକାନ୍ତ ଓ ଆରତୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା । ଏପରି କି ମାମଲା ଲଇମୁରା ଥାନା ପର୍ଯ୍ୟନ୍ତ ଯାଇଥିଲା । ଏହି କ୍ରମରେ ଗତ ନଭେମ୍ବର ୨୭ ରାତିରେ ଉଭୟ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ପୁଣିଥରେ ବଚସା ହୋଇଥିଲା । ଏଥିରେ ଆରତୀ ଉତ୍କ୍ଷିପ୍ତ ହୋଇ ଉମାକାନ୍ତଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ନିଷ୍ପତ୍ତି ନେବାସହ ଭିଣୋଇ ଚନ୍ଦ୍ରମଣିଙ୍କୁ ଫୋନ ଯୋଗେ ଡକାଇଥିଲେ । ଚନ୍ଦ୍ରମଣି ପହଞ୍ଚିବା ପରେ ଉଭୟେ ମିଶି ଉମାକାନ୍ତଙ୍କୁ ଗଳାଚିପି ହତ୍ୟା କରିଥିଲେ । ପ୍ରମାଣ ନଷ୍ଟ କରିବାକୁ ଯାଇ ଚନ୍ଦ୍ରମଣି ମୃତଦେହକୁ ନିକଟସ୍ଥ ଭାଲୁଗୁହା ଜଙ୍ଗଲକୁ ନେଇ ପୋତି ଦେଇଥିଲେ । ଏକଥା ଜଣାପଡିଯିବା ଭୟରେ କିଛିଦିନ ପରେ ମୃତଦେହକୁ ସେ ଅନତି ଦୂରରେ ଥିବା ନାଳ ମଧ୍ୟରେ ବୁଡାଇ ଦେଇଥିଲେ । କେତେଜଣ ଯୁବକ ମୃତଦେହର ଚିତ୍ର ଉତ୍ତୋଳନ କରିଥିବା ଚନ୍ଦ୍ରମଣି ଜାଣିବା ପରେ ରାତାରାତି ମୃତଦେହ ବାହାର କରି ନିକଟସ୍ଥ ଜଙ୍ଗଲକୁ ନେଇ ପୋଡି ଦେଇଥିଲେ । ଏଣେ ଉମାକାନ୍ତଙ୍କୁ ପୋଲିସ ଠାବ କରିପାରି ନ ଥିବା ପ୍ରତିବାଦରେ ଅଞ୍ଚଳର ମହିଳାମାନେ ମଙ୍ଗଳବାର ଲଇମୁରା ଥାନା ଘେରାଉ କରିଥିଲେ । ଦେବଗଡ ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲେ ହେଁ ସେମାନେ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଅଟଳ ରହିଥିଲେ । ଏପରିସ୍ଥଳେ ଉମାକାନ୍ତଙ୍କୁ ଚନ୍ଦ୍ରମଣି ହତ୍ୟା କରିବା ସହ ମୃତଦେହ ପୋଡ଼ିବାର ଦେଖିଥିବା ନେଇ ଭାଲୁଗୁହା ଗ୍ରାମର ଗଗନ ନାୟକ ମଙ୍ଗଳବାର ଲଇମୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନୁଯାୟୀ ଥାନା ଅଧିକାରୀ ସନ୍ତୋଷ କୁମାର ସେଠୀ ତଦନ୍ତ କରି ଚନ୍ଦ୍ରମଣି ଓ ଆରତୀଙ୍କୁ ଗିରଫ କରିଥିଲେ । ସେମାନଙ୍କୁ ଦେଖିବା ପାଇଁ ମହିଳାମାନେ ଜିଦ ଧରିଥିଲେ । ସୁରକ୍ଷା ଦୃଷ୍ଟିରୁ ପୋଲିସ ଅନୁମତି ନ ଦେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଅପରାହ୍ନରେ ଆନ୍ଦୋଳନରତା ମହିଳା ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡବିଧାନ ନିମନ୍ତେ ଏସ୍‌ପିଙ୍କୁ ସ୍ମାରକପତ୍ର ଦେଇଥିଲେ । ତାଙ୍କଠାରୁ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପାଇବା ପରେ ସେମାନେ ଫେରିଯାଇଥିଲେ ।


**Shree Jagannath Temple Office, Puri**

**Tender Call Notice Bid Identification No. 35/23 dt.22.12.23 Memo No.16042 dt.22.12.23**
"Double cover system for construction of Branch Office building of SJTA, Puri at Jatni".
Visit Website: www.shreejagannatha.in
**Last date: 12.01.2024 by 3.00 P.M.**
Sd./- Administrator
Shri Jagannath Temple, Puri

**TPCODL**
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଶେଷ ସୂଚନା**
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଭରତପୁର ଅଞ୍ଚଳରେ ସକାଳ ୯ ଘଟିକାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

**TPNODL**
**TP NORTHERN ODISHA DISTRIBUTION LIMITED**
(A Tata power and Odisha Govt. Joint Venture)
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com
**NOTICE INVITING TENDER (NIT) December 28th, 2023**
**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2023-24/2500000546 | Rate Contract for Supply & Installation of Office Furniture under Various Circles at TPNODL |
| 2 | TPNODL/OT/2023-24/2500000551 | RC for Providing Meals, Tea, Coffee, and snacks for TPNODL Corporate Office Canteen, Balasore |
| 3 | TPNODL/OT/2023-24/2500000552 | Rate Contract for Public safety awareness "TPNODL Suraksha Rath" |

* MSMEs registered in the State of Odisha shall pay tender fee of **Rs. 1,180/-** including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com**. All tenders will be available on TPNODL website.
Future communication / corrigendum to tender documents, if any, shall be available on website.
**Chief- Contracts & MM**



## ସଂକ୍ଷେପରେ

### ମିଲିଟାରୀ ସ୍ପେସିଆଲ ଟ୍ରେନ ମଝିରୁ ଭ୍ୟାକୁମ ଛିଡ଼ିଲା

ନିରାକାରପୁର,୨୭।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ବୁଧବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ମିଲିଟାରୀ ସ୍ପେଶିଆଲ ଟ୍ରେନ ଯାଉଥିବା ବେଳେ ମଝିରୁ ଅଲଗା ହୋଇଯାଇଥିଲା। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ସଂଯୋଗ କରାଯାଇ ନଥିବା ସୂଚନା ମିଳିଛି। ସୂଚନା ମୁତାବକ, ନିରାକାରପୁର ଷ୍ଟେଶନ ଦେଇ ଡାଉନ ଲାଇନରେ ପଲାସାରୁ ଜଟଣୀ ଅଭିମୁଖେ ଏକ ମିଲିଟାରୀ ସ୍ପେସିଆଲ ଟ୍ରେନ ଯାଉଥିଲା। ହଠାତ୍ ନିରାକାରପୁର ରେଲୱେ ଲେଭଲ କ୍ରସିଂଠାରେ ଟ୍ରେନ ମଝିରୁ ଭ୍ୟାକୁମଟି ଛିଡ଼ି ଯାଇଥିଲା। ଫଳରେ ପଛପଟୁ କେତେକ ବଗି ଠେଲି ହୋଇ ପଛକୁ ପଳାଇଥିବା ବେଳେ ଆଗକୁ କେତେକ ବଗି ପଳାଇଯାଇଥିଲା। ଏହି ସମୟରେ ରେଳ ଫାଟକ ବନ୍ଦ ରହିଥିବାରୁ କୌଣସି ଅଘଟଣ ଘଟି ନ ଥିଲା। ଅନୁରୂପ ଭାବେ ଟ୍ରେନଟି ଅପେକ୍ଷାକୃତ ସ୍ଲୋ ଥିବାରୁ ସେଥିରେ ଥିବା ଯବାନମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କପଲିଂ କରାଯାଇନଥିବା ଦେଖିବାକୁ ମିଳିଥିଲା। ଟ୍ରେନଟି ନିର୍ଦ୍ଦିଷ୍ଟ ଷ୍ଟେଶନରୁ ଛାଡିବା ପୂର୍ବରୁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଟ୍ରେନଟି ଅନକପଲିଂ ହୋଇଥିବା ସ୍ଥାନୀୟ କେତେଜଣ ରେଳ କର୍ମଚାରୀ ନିଜ ନାମକୁ ଗୋପନ ରଖି ସୂଚନା ଦେଇଛନ୍ତି।

### ହରପାର୍ବତୀ ଯୋଗ ଅନୁଷ୍ଠାନର ଚତୁର୍ଥ ବାର୍ଷିକୋତ୍ସବ

ବାଲିପାଟଣା,୨୭।୧୨(ଅଭିମନ୍ୟୁ ନାୟକ)

ବାଲିପାଟଣା ବନମାଳୀପୁର ହରପାର୍ବତୀ ମଣ୍ଡପଠାରେ ହରପାର୍ବତୀ ଯୋଗ ଅନୁଷ୍ଠାନ ପକ୍ଷରୁ ଚତୁର୍ଥ ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଡ. ମୁରଲୀଧର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବରେ ସୁବ୍ରତ ମେହେର ଯୋଗଦେଇ ଯୋଗ ଜୀବନର ମହୌଷଧି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାଗୀରଥି ଦାସ, ରଞ୍ଜନ ମିଶ୍ର ଓ ଡ. ନିର୍ମଳା ସୁବୁଦ୍ଧି ଯୋଗଦେଇଥିଲେ। ଉତ୍ସବରେ ହରପାର୍ବତୀ ଯୋଗ ଅନୁଷ୍ଠାନ, ହରପାର୍ବତୀ କୁଶଭଦ୍ରା ଯୋଗ ଅନୁଷ୍ଠାନ, ବାରଭୁଜା ଯୋଗ ଅନୁଷ୍ଠାନର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଯୋଗ ଦ୍ୱାରା ଆମେ ନୀରୋଗ ରହିବା ସହିତ ମାନସିକ ଚାପରୁ ମୁକ୍ତି ପାଇପାରିବା ବୋଲି ଆଲୋଚିତ ହୋଇଥିଲା। ବିଭିନ୍ନ ରୋଗ ସମ୍ପର୍କରେ ଆକ୍ୟୁପ୍ରେସର ଏବଂ ନେଚର ଥେରାପିରେ ସରଳ ସମାଧାନର ସୂତ୍ର ସମ୍ପର୍କରେ ଆଲୋକପାତ କରିଥିଲେ।

### ଦନ୍ତ ଚିକିତ୍ସା ଶିବିର

ବାରଙ୍ଗ,୨୭।୧୨(ଲିଙ୍ଗରାଜ ରାଉତ)

ମେଣ୍ଟାଶାଳ ଗ୍ରାମପଞ୍ଚାୟତ ସଭାଗୃହରେ ବୁଧବାର ଏକ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶାଖା ଓ ଅନୁସନ୍ଧାନ ସଂସ୍ଥାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସ ପକ୍ଷରୁ ଆୟୋଜିତ ଏହି ଶିବିରରେ ୧୪୦ ଦନ୍ତ ରୋଗୀ ସେମାନଙ୍କ ଦନ୍ତ ପରୀକ୍ଷା କରିବା ସହ ମାଗଣା ଔଷଧ ନେଇଥିଲେ। ସରପଞ୍ଚ କୌଶଲ୍ୟା ବଳିଆରସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଡ. ସୌରଭଚନ୍ଦ୍ର ବିଦ୍ୟାସାଗର, ଡ. ସୁବ୍ରଚନ୍ଦ୍ର ଶାହା, ସଂଯୁକ୍ତା ମହାପାତ୍ର, ସମ୍ପିତ ମହାପାତ୍ର, ପ୍ରିୟଙ୍କା ମଜୁମ୍‌ଦାର, ଅଭିବ୍ରତ ଦେ, ସୁଲଗ୍ନା ଦେ, ସ୍ମିତାପ୍ରଜ୍ଞା ରାୟଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାକି କାମ ପାଇଁ ଅତିରିକ୍ତ ୨୯୦ କୋଟିର ବଜେଟ୍

## କର୍ପୋରେଶନରେ ପ୍ରସ୍ତାବ ଆଗତ ବିନା ନିଷ୍ପତ୍ତି: ନୃପେଶ

ଭୁବନେଶ୍ୱର,୨୭।୧୨ (ବନ୍ଦନା ସେଠୀ)

୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆଉ ଅତିରିକ୍ତ ୨୯୦ କୋଟିର ବଜେଟ ଅନୁମୋଦନ କରିଛି। ବୁଧବାର ଏ ନେଇ ସପ୍ଲିମେଣ୍ଟାରି ବଜେଟ୍ ପ୍ରସ୍ତୁତ ହୋଇଥିବାବେଳେ ଶୁକ୍ରବାର ବସିବାକୁ ଥିବା କର୍ପୋରେଶନ ବୈଠକରେ ଏହାକୁ ବିଧିବଦ୍ଧ ଭାବେ ଅନୁମୋଦନ ଦିଆଯିବ ବୋଲି ସୂଚନା ମିଳିଛି। ବିଏମ୍‌ସି ବର୍ଷ ଆରମ୍ଭରୁ ୬୯୦ କୋଟି ୨ ଲକ୍ଷ ଟଙ୍କାର ବଜେଟ ରଖିଥିଲା, ଯାହାକି ଏବେ ସୁଦ୍ଧା ପ୍ରାୟ ବିନିଯୋଗ ହୋଇଯାଇଛି। ଆର୍ଥିକ ବର୍ଷ ସରିବାକୁ ଆହୁରି ୩ ମାସ ବାକି ଥିବାବେଳେ ଅନେକ କାମ ବାକି ରହିଛି। ଫଳରେ ବୁଧବାର ଅପରାହ୍ଣରେ ବିଏମ୍‌ସି ମୁଖ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏହି ସପ୍ଲିମେଣ୍ଟାରି ବଜେଟ୍ ପ୍ରସ୍ତୁତ କରାଯାଇଛି। ବୈଠକରେ ମୋଟ ୨୯୦.୧୮ କୋଟିର ସପ୍ଲିମେଣ୍ଟାରି ବଜେଟ୍ ପାରିତ ହୋଇଛି। ଏହି ବଜେଟରେ ବିଏମ୍‌ସି ବାକି ଥିବା ବିକାଶ କାର୍ଯ୍ୟ କରିବ। ବିଭିନ୍ନ ପ୍ରକଳ୍ପର ୱାର୍କ ଅର୍ଡର ଓ ଫଣ୍ଡ ରିଲିଜ୍ ହେବ। ଏପର୍ଯ୍ୟନ୍ତ ବିଏମ୍‌ସି ନିଜ ବଜେଟର ୯୫% ବିନିଯୋଗ କରିସାରିଛି। ତେବେ ବିଏମ୍‌ସିର ଏଭଳି ତରବରିଆ ଭାବେ ବଜେଟ ଅନୁମୋଦନକୁ କେତେଜଣ କର୍ପୋରେଟର ବିରୋଧ କରିଛନ୍ତି।

କର୍ପୋରେଶନରେ ପ୍ରସ୍ତାବ ଆଗତ ବିନା ବିଏମ୍‌ସି ମୁଖିଆମାନେ କିଭଳି କେତେଜଣ କର୍ପୋରେଟରଙ୍କୁ ନେଇ ଏଭଳି ନିଷ୍ପତ୍ତି ନେଉଛନ୍ତି ସେମାନେ ପ୍ରଶ୍ନ କରିଛନ୍ତି। ଏନେଇ ୱାର୍ଡ ନଂ ୫୫ର କର୍ପୋରେଟର ନୃପେଶ କୁମାର ନାୟକ କହିଛନ୍ତି, ଗତ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟିରେ ମୁଁ ଅତିରିକ୍ତ ବଜେଟ ନେଇ କର୍ପୋରେଶନରେ ପ୍ରସ୍ତାବ ରଖିବାକୁ କହିଥିଲି। ପରେ ମେୟର ୨୭ ତାରିଖ ଅର୍ଥାତ ବୁଧବାର ଏ ନେଇ ବୈଠକ କରାଯିବ ବୋଲି କହିଥିଲେ। ବୈଠକ ବି କଲେ, ମାତ୍ର ଏନେଇ ମୋତେ କିମ୍ବା ସମସ୍ତ କର୍ପୋରେଟରଙ୍କୁ ସୂଚନା ଦେଲେନାହିଁ। ଲୋକଙ୍କ ପଇସା ଲୋକଙ୍କ ପାଇଁ ଖର୍ଚ୍ଚ ହେବ, ତେବେ ଏଥିରେ ଲୁଚାଛପା କାହିଁକି। ସେହିପରି ଯଦି କର୍ପୋରେଶନକୁ ନ ଜଣାଇ ବଜେଟ ଅନୁମୋଦନ ହେଉଛି, ତେବେ ଲୋକଦେଖାଣିଆ ଭାବେ ଆସନ୍ତା କର୍ପୋରେଶନରେ ପ୍ରସ୍ତାବ ରଖିବା କ'ଣ ଆବଶ୍ୟକ ବୋଲି ନୃପେଶ ପ୍ରଶ୍ନ କରିଛନ୍ତି। ଉକ୍ତ ବୈଠକରେ ଡେପୁଟି ମେୟର ମଞ୍ଜୁଲତା କଅଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଡେପୁଟି କମିଶନର (ରାଜସ୍ୱ) ପ୍ରିୟବ୍ରତ ପାଢୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରୀତିନନ୍ଦା ରାଉତରାୟ, ବିରଞ୍ଚି ନାରାୟଣ ମହାସୁପକାର, ଅମରେଶ ଜେନା ଏବଂ ଅନ୍ୟ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରତାପ ଶାସନ ଡିଗ୍ରୀ କଲେଜରେ ନୂଆ-ଓ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଉଛି।

ବାଲକାଟୀ,୨୭।୧୨(ମନୋଜ ମଣ୍ଡଳ)

ରାଜଧାନୀ ଉପକଣ୍ଠ ବାଲକାଟୀସ୍ଥିତ ପ୍ରତାପ ଶାସନ ଡିଗ୍ରୀ କଲେଜରେ ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା ନୂଆ -ଓ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. କାଳନ୍ଦୀ ଚରଣ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ସୂଚନା କମିଶନର ତଥା ବରିଷ୍ଠ ଖବରଦାତା ଦିଲୀପ ବିଶୋଇ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କଲେଜ ପରିଚାଳନା କମିଟି ସଭାପତି ଡ. ରଜନୀ ରଞ୍ଜନ ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା କୁନମୁନ୍ ଲେଙ୍କା, ଚଳଚ୍ଚିତ୍ର ଅଭିନେତା ସୋହମ ସିଂ, ଲୋକପ୍ରିୟ ଅଭିନେତ୍ରୀ ସିମ୍ରନ ପ୍ରମୁଖ ଯୋଗଦେଇଥିଲେ। ସିମ୍ରନ ଓ ସୋହମ ଛାତ୍ରୀଛାତ୍ରଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲେ। ଛାତ୍ରୀଛାତ୍ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟି ସଦସ୍ୟା ନୀଳିମା ମଞ୍ଜରୀ ଦାଶ, ଇତିଶ୍ରୀ ମହାନ୍ତି, ନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କଲେଜ ଅଧ୍ୟାପକ ଗଙ୍ଗାଧର ରାଉତ, ଚିତ୍ରସେନ ସାହୁ ଓ ହେମନ୍ତ ଦାଶ ପରିଚାଳନା କରିଥିଲେ।

# 'ଭାରତୀୟ ସଂସ୍କୃତି, ପରମ୍ପରା ମାଧ୍ୟମରେ ଶିକ୍ଷାଦାନ ହେଉ'

ବାରଙ୍ଗ,୨୭।୧୨(ଲିଙ୍ଗରାଜ ରାଉତ)

ଭାରତୀୟ ଶିକ୍ଷା ପରିଷଦ ଅନୁବନ୍ଧିତ ବିଦ୍ୟାଳୟଗୁଡ଼ିକର ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପଟିଆ, କାନନ ବିହାରସ୍ଥିତ ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ର ପରିସରରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁଧୀର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ତଥା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ସଭାପତି ପଦ୍ମଚରଣ ନାୟକ, ସାମାଜିକ କର୍ମୀ ଅପର୍ଣ୍ଣା ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ଶିକ୍ଷାର୍ଥୀଙ୍କୁ ଭାରତୀୟ ସଂସ୍କୃତି ଓ ପରମ୍ପରା ମାଧ୍ୟମରେ ଶିକ୍ଷାଦାନ ପଦ୍ଧତିକୁ ଆହୁରି ସରସ ସୁନ୍ଦର କରି ଭବିଷ୍ୟତରେ ସର୍ବଭାରତୀୟସ୍ତରରେ ସୁନାଗରିକ ତିଆରି କରିବାର ପ୍ରଚେଷ୍ଟା ଜାରି ରଖିବାକୁ ଅତିଥିମାନେ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟ, ସମ୍ପାଦକ ରବିନାରାୟଣ ଜେନା, ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପାଣି ଅତିଥି ଭାବେ ଯୋଗଦେଇଥିଲେ। ସୁଶାନ୍ତ ସେନାପତି, ଅନାମ ଚରଣ ମାଝି, ବସନ୍ତ ବେହେରା ଓ ଅସିତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁନ୍ଦର ମୋହନ ବାରିକ, ବିଚିତ୍ରାନନ୍ଦ ସ୍ୱାଇଁ ଓ ରାଜକିଶୋର ସ୍ୱାଇଁ ଏଥିରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଏକକ, ଦ୍ୱୈତ୍ୟ ଓଡ଼ିଶୀ ନୃତ୍ୟର ପ୍ରଦର୍ଶନ


ରବୀନ୍ଦ୍ର ମଣ୍ଡପରେ ଶିଳ୍ପୀ ନରହରି ମହାରଣା ଓ ଦିବ୍ୟାଶ୍ରୀ ମାଝୀଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।

ଭୁବନେଶ୍ୱର,୨୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ବୁଧବାର ଥିଲା ଦ୍ୱିତୀୟ ଦିବସ। ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଏହି ଉତ୍ସବରେ ସନ୍ଧ୍ୟାରେ ଅତିଥି ଭାବେ ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ସଙ୍ଗୀତ ଗବେଷକ କୀର୍ତ୍ତନ ନାରାୟଣ ପାଢୀ, ଭଞ୍ଜ ସାହିତ୍ୟ ଗବେଷକ ଶାନ୍ତନୁ ରଥ, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟନିର୍ବାହୀ ଅଧିକାରୀ ସିକତା ଦାସ ଏବଂ ପ୍ରଶାସନିକ ଅଧିକାରୀ ଡ. ଅନୁଜା ତାରିଣୀ ମିଶ୍ର ଉପସ୍ଥିତ ଥିଲେ। ସନ୍ଧ୍ୟା ଅଧିବେଶନରେ ବିଶିଷ୍ଟ ନୃତ୍ୟାଙ୍ଗନା ମୀରା ଦାସଙ୍କ ଦ୍ୱାରା ଏକକ ନୃତ୍ୟ ପର୍ଯ୍ୟାୟରେ ଅଭିନୟ କିଶଳୟ ଶୟନ ପରିବେଷଣ କରାଯାଇଥିଲା। ପରେ ରୀନା ଜାନାଙ୍କ ଦ୍ୱାରା ଅଭିନୟ ସା ବିରହେ, ଦ୍ୱୈତ ନୃତ୍ୟରେ ମମତା ବରିହା ଓ କଲ୍ୟାଣୀ ମହାନ୍ତିଙ୍କ ଦ୍ୱାରା ଅଭିନୟ ସେ ନଟ ନାଗର କାହ୍ନା, ସୁମେଧା ସେନଗୁପ୍ତାଙ୍କ ଦ୍ୱାରା ଅଭିନୟ ଆହେ ନୀଳଶୈଳ, ଯୁଧିଷ୍ଠିର ପ୍ରଧାନ ଓ ଇତିଶ୍ରୀ ନାୟକଙ୍କ ଦ୍ୱାରା ଶ୍ରୀକୃଷ୍ଣାଷ୍ଟକମ ଉପସ୍ଥାପିତ ହୋଇଥିଲା। ପରବର୍ତ୍ତୀ ଏକକ ନୃତ୍ୟ ଶିଳ୍ପୀ ଦେବଯାନୀ ଶର୍ମା ଓ ସୁଜାତା ମଜୁମଦାରଙ୍କ ପ୍ରଦର୍ଶନ ପରେ ଅନ୍ତିମ ପରିବେଷଣରେ ଆର୍ଟ ଭିଜନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ସରିତା ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଞ୍ଚାଳନ କରିଥିଲେ।

### ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦୁଇଟି ଏତଲା

ପୁରୀ,୨୭।୧୨(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ବୁଧବାର ସିଂହଦ୍ୱାର ଥାନାରେ ଦୁଇଟି ଏତଲା ଦେଇଛନ୍ତି। ସେ ତାଙ୍କ ଏତଲାରେ କାମିଆ ଜାନୀଙ୍କ ମହାପ୍ରସାଦ ସେବନ, ପ୍ରଚାର ଓ ଶ୍ରୀମନ୍ଦିର ଭିତରକୁ ପ୍ରବେଶକୁ ବିରୋଧ କରିଛନ୍ତି। ଜାନୀଙ୍କୁ କିଏ ଶ୍ରୀମନ୍ଦିରରେ ପ୍ରବେଶ କରାଇଛି ତାହା ଜାଣିବା ପାଇଁ ସିସିଟିଭି ଯାଞ୍ଚ କରାଯାଇ ଉକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେହିପରି ଦ୍ୱିତୀୟ ଏତଲା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ବିରୋଧରେ ଦେଇଛନ୍ତି। ଆସନ୍ତା ୩୧ ତାରିଖରେ ପ୍ରବଳ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ମହାପ୍ରଭୁଙ୍କୁ ପହୁଡ ହୋଇ ନ ପାରେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଥିଲେ। ତେଣୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଏଭଳି ପରମ୍ପରା ବିରୋଧୀ କହିବାରୁ ତାଙ୍କ ବରୋଧରେ ମଧ ପଟ୍ଟନାୟକ ଏତଲା ଦେଇଛନ୍ତି।

### ଆୟୁର୍ବେଦ ମେଡିକାଲ ଅଫିସର କ୍ୟାଡର ପୁନର୍ଗଠନକୁ ବିରୋଧ

ପୁରୀ,୨୭।୧୨(ଅଜିତ୍ ମହାନ୍ତି)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରକାଶ ପାଇଥିବା ରେଜୋଲ୍ୟୁଶନ ଅନୁଯାୟୀ ୬୯୦ ଏଏମ୍‌ଓ ପଦବୀକୁ ୪୬୦ ଏଏମ୍‌ଓ ପଦବୀ କରାଯାଇଛି, ଯାହା ଛାତ୍ରୀଛାତ୍ରଙ୍କୁ ନିରାଶ କରିଛି। ଚଳିତବର୍ଷ ଅଗଷ୍ଟ ଓ ସେପ୍ଟେମ୍ବରରେ ଅଖିଳ ଓଡ଼ିଶା ଆୟୁଷ ଛାତ୍ରସଂଘ ଦ୍ୱାରା ଆୟୁଷ ଡାକ୍ତର ପଦବୀ ବୃଦ୍ଧି ନିମନ୍ତେ ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟରେ ଆନ୍ଦୋଳନ ସହ ଲୋୟର୍ ପିଏମ୍‌ଜିରେ ହୋହଲ୍ଲା କରାଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହ ବାରମ୍ବାର ଆଲୋଚନା କରାଯାଇ ଦାବି ପୂରଣ ପାଇଁ ଆଶ୍ୱାସନା ମିଳିବା ପରେ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ହେଲେ ରାଜ୍ୟ ସରକାର ସଂଘ ଦାବିର ବିପରୀତ ଦିଗରେ କାର୍ଯ୍ୟ କରିଛନ୍ତି, ଯାହାକୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ର ସଂସଦ ନିନ୍ଦା କରିବା ସହ ବିରୋଧ କରିଛି। ଏ ଦିଗରେ ଯଦି ସରକାର କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଏକ ବିଜ୍ଞପ୍ତି ଜରିଆରେ ଛାତ୍ର ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

### ପ୍ଲଟ୍ କିଣାଇଦେବା ନାଁରେ ୨୫ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୭।୧୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଭଗବାନପୁର ମୌଜାର ପାତ୍ରପଡ଼ାରେ ପ୍ଲଟ କିଣାଇ ଦେବାକୁ କହି ଜଣେ ମହିଳାଙ୍କଠାରୁ ୨୫ ଲକ୍ଷ ଟଙ୍କା ଠକି ନିଆଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଟଙ୍କା ନେଇଥିଲେ ମଧ କୌଣସି ପ୍ଲଟ ଦେଇନଥିଲେ। ଟଙ୍କା ମାଗିବାରୁ ଅଭିଯୋଗକାରୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ଯାଜପୁରର ଅକ୍ଷୟ କୁମାର ଘଡେଇ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଅଭିଯୁକ୍ତ ୩ଟି ଚେକ ମହିଳାଙ୍କୁ ଦେଇଥିଲେ, ଯାହା ପରବର୍ତ୍ତୀ ସମୟରେ ବାଉନ୍ସ ହୋଇଯାଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

### ଉଦ୍‌ଯାପିତ ହେଲା ନୂଆ-ଓ କାର୍ଯ୍ୟକ୍ରମ

ବାରଙ୍ଗ,୨୭।୧୨(ଲିଙ୍ଗରାଜ ରାଉତ)

ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜରେ ଚାଲିଥିବା ନୂଆ -ଓ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସମନ୍ୱିତ ଯୁବ ବିକାଶ ଉତ୍ସବ ମାଧ୍ୟମରେ ଯୁବକଙ୍କୁ ଉତ୍ସାହିତ କରିବାକୁ ୧୨ ଦିନ ଧରି ଏହି ଉତ୍ସବ ଚାଲିଥିଲା। କାର୍ଯ୍ୟକ୍ରମରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସିନେ ତାରକା ପୃଥ୍ୱୀରାଜ ଶତପଥୀ, ନୈନା ଦାଶ, କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ମୁଖ୍ୟବକ୍ତା ଭାବେ ୧ନଂ. ୱାର୍ଡ କର୍ପୋରେଟର ମିହିର ରାଉତ, ୨ ନଂ. ୱାର୍ଡ କର୍ପୋରେଟର ମୋନାଲିସା ବେହେରା ଓ ୩ ନଂ. ୱାର୍ଡ କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା ଏବଂ କଲେଜ ପରିଚାଳନା କମିଟି ସଭାପତି ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ରାଉତ ସ୍ୱାଗତ ଭାଷଣ ଦେଇ ସଭାର ମହତ୍ତ୍ୱ ବଢାଇଥିଲେ। ସମନ୍ୱିତ ଯୁବ ବିକାଶ ଉତ୍ସବର ନୋଡ଼ାଲ ଅଫିସର ଅଧ୍ୟାପକ ପ୍ରବୀଣ ସାହୁ ସଂଯୋଜନା କରିଥିଲେ। କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଭାଗର ସହଯୋଗୀ ପ୍ରଫେସର ଡ. ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ଦାବି ପ୍ରତି ଧ୍ୟାନ ଦେଉନାହାନ୍ତି ସରକାର: ଉତ୍ସା

## ୨୯ରୁ ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଆଗରେ ଅନଶନ କରିବେ ଶିକ୍ଷକ

ଭୁବନେଶ୍ୱର,୨୭।୧୨(ଅନୁରାଧା ମହାରଣା)

ସଂସ୍କୃତ, ହିନ୍ଦୀ, କ୍ରୀଡ଼ା ଶିକ୍ଷକମାନେ ମିଳିତଭାବେ ଶିକ୍ଷାମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନରେ ବସିବେ। ସଂଶୋଧିତ କ୍ୟାଡର ଫାଇଲକୁ ସରକାର ଖୁବଶୀଘ୍ର କାର୍ଯ୍ୟକାରୀ ନ କଲେ ଆସନ୍ତା ୨୯ ତାରିଖରୁ ଏହି ଅନଶନ ଆରମ୍ଭ ହେବ ବୋଲି ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘ (ଉତ୍ସା) ସୂଚନା ଦେଇଛି। ଗତ ୨୩ ତାରିଖରେ ସଂସ୍କୃତ, ହିନ୍ଦୀ, କ୍ରୀଡ଼ା ଶିକ୍ଷକ ସଂଘ ମିଳିତଭାବେ ଶିକ୍ଷାମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟିଥିଲେ। ଏ ନେଇ ମନ୍ତ୍ରୀ ୨୮ ତାରିଖରେ ଆଲୋଚନା ପାଇଁ ଡାକିଛନ୍ତି। ତେବେ ଉକ୍ତ ଆଲୋଚନାରେ ସରକାର ଯଦି ସଂଘର ଦାବିକୁ ଗ୍ରହଣ ନ କରନ୍ତି, ତା'ହେଲେ ମିଳିତ ଭାବେ ଅନଶନରେ ବସିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ସଂଘ ଅଭିଯୋଗ ଆଣିଛି ଯେ, ଉକ୍ତ କ୍ୟାଡର ଫାଇଲ ପୂର୍ବତନ ଶିକ୍ଷାମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଦ୍ୱାରା ୨୦୧୭ ମସିହାରୁ ଅନୁମୋଦିତ ହୋଇସାରିଥିଲେ ସୁଦ୍ଧା ଗଣଶିକ୍ଷା ବିଭାଗର କେତେଜଣ ଅଧିକାରୀଙ୍କ ବୈମାତୃକ ମନୋଭାବ ପାଇଁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ଇତିମଧ୍ୟରେ ପ୍ରାଥମିକ ଶିକ୍ଷକ ତଥା ଉଚ୍ଚମାଧ୍ୟମିକ ଶିକ୍ଷକଙ୍କ ସଂଶୋଧିତ କ୍ୟାଡର୍ ରୁଲ୍ କାର୍ଯ୍ୟକାରୀ ହୋଇସାରିଥିବାବେଳେ ଓଡ଼ିଶା ମାଧ୍ୟମିକ ଶିକ୍ଷା (ନିଯୁକ୍ତି ଓ ସେବାର ପ୍ରାରୂପ) ଅଧିନିୟମ-୨୦୨୦ ବିଭାଗୀୟ ନାଳିଫିତା ତଳେ ଚାପି ହୋଇରହିଛି। ଅକ୍ଟୋବରରେ ଉତ୍ସା ପକ୍ଷରୁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ଭେଟି ଫାଇଲ ଆଗକୁ ବଢ଼ାଇବା ପାଇଁ ଅନୁରୋଧ କରାଯାଇଥିଲା। ଅନୁରୂପଭାବେ ବିଭାଗୀୟ ଅତିରିକ୍ତ ସଚିବ ଅଶ୍ୱିନୀ ମିଶ୍ର ଓ ମୁଖ୍ୟ ସଚିବଙ୍କୁ ଉତ୍ସା ଏବଂ ହିନ୍ଦୀ ଶିକ୍ଷକ ସଂଘ ତରଫରୁ ବାରମ୍ବାର ନିବେଦନ କରାଯାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଡିସେମ୍ବର ୧ରେ ଉତ୍ସା ଗଣଶିକ୍ଷା ବିଭାଗର ମୁଖ୍ୟ ସଚିବ ଅଶ୍ୱଥୀ. ଏସ୍‌ଙ୍କୁ ଭେଟିଥିଲା। ଉତ୍ସା ସଭାପତି ବିଜୟ କୁମାର ତ୍ରିପାଠୀ କହିଛନ୍ତି, ଦୀର୍ଘବର୍ଷ ଧରି ଫାଇଲଟି ପଡ଼ିରହିଥିବାରୁ ବହୁତ ଶିକ୍ଷକ ବିନା ପଦୋନ୍ନତିରେ ଅବସର ନେଇସାରିଲେଣି। ଉପଯୁକ୍ତ କ୍ୟାଡର୍ ଅଭାବରୁ ଅବସର ନିକଟତର ହୋଇଥିଲେ ସୁଦ୍ଧା ବରିଷ୍ଠ ସଂସ୍କୃତ ଓ ହିନ୍ଦୀ ଶିକ୍ଷକମାନେ ନବନିଯୁକ୍ତ ଟିଜି ଶିକ୍ଷକଙ୍କଠାରୁ କନିଷ୍ଠରୂପେ ବିବେଚିତ ହେଉଛନ୍ତି। ଏଲଏସ୍‌ଇଏସ୍ (କନିଷ୍ଠତମ) କ୍ୟାଡର୍ ହେତୁ ବିଦ୍ୟାଳୟରେ ସଂସ୍କୃତ, ହିନ୍ଦୀ ଶିକ୍ଷକମାନେ ନିଜକୁ ଅବହେଳିତ ମନେ କରୁଛନ୍ତି। ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ମଧ୍ୟ ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ସଂସ୍କୃତ ଓ ହିନ୍ଦୀ ଶିକ୍ଷକ, କ୍ରୀଡ଼ା ଶିକ୍ଷକମାନେ ମିଳିତ ଭାବେ -ଶିକ୍ଷାମନ୍ତ୍ରୀଙ୍କ ବାସଭବନରେ ଆମରଣ ଅନଶନରେ ବସିବାକୁ ଯାଉଛନ୍ତି। ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# 'ବିପର୍ଯ୍ୟୟ ସହାୟତାରେ ଲିଙ୍ଗଗତ ପାର୍ଥକ୍ୟ ରହିବନି'

ଭୁବନେଶ୍ୱର, ୨୭।୧୨(ଅସମାପିକା ସାହୁ)



ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ରୋଡ୍ ମ୍ୟାପ୍‌କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଲିଙ୍ଗଭିତ୍ତିକ ଅସମାନତା ଦୂର କରି ଏକ ସମନ୍ୱିତ ବିପର୍ଯ୍ୟୟ ମୁକାବିଲା କାର୍ଯ୍ୟ ଜାରି ରଖିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) ଦ୍ୱାରା ଏକ ସ୍ୱତନ୍ତ୍ର ଲିଙ୍ଗ ଓ ଅନ୍ତର୍ଭୁକ୍ତୀକରଣ କକ୍ଷ ଖୋଲାଯାଇଛି। ରାଜ୍ୟରେ ଘଟୁଥିବା କୌଣସି ପ୍ରକାର ବିପର୍ଯ୍ୟୟ ସମୟରେ ଲିଙ୍ଗଗତ ପାର୍ଥକ୍ୟ ନ ରଖି ତୁରନ୍ତ ସେମାନଙ୍କୁ ସହାୟତା କରିବା ପାଇଁ ଓସ୍‌ଡମାର ଏହି କକ୍ଷଟି ଉତ୍ସର୍ଗୀକୃତ। ଏହି ଯୁଗାନ୍ତକାରୀ ପଦକ୍ଷେପ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ବୁଧବାର ସ୍ଥାନୀୟ ଏକ ହୋଟେଲରେ ବିପର୍ଯ୍ୟୟ ପରିଚାଳନା ନିର୍ଦ୍ଦେଶକ ଡ. ଜ୍ଞାନ ରଞ୍ଜନ ଦାସ ଏହାକୁ ଉନ୍ମୋଚନ କରିଛନ୍ତି। ଓସ୍‌ଡମା ଏବଂ ୟୁଏନ୍‌ଏଫ୍‌ପିଏର ମିଳିତ ସହଯୋଗ ତଥା ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଏବଂ ସଂସ୍ଥାଗୁଡ଼ିକର ସହାୟତାରେ ଏହି ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ରୋଡମ୍ୟାପ ଉନ୍ମୋଚନ ଅବସରରେ ଡ. ଦାସ କହିଥିଲେ, ଏହି ପଦକ୍ଷେପ କେବଳ ରାଜ୍ୟ ସ୍ତରରେ ନୁହେଁ, ଏହା ଜାତୀୟ ସ୍ତରରେ ମଧ ବିପର୍ଯ୍ୟୟ ସମୟର ସୁଦୃଢ଼ ମୁକାବିଲା କରିବା ନିମନ୍ତେ ପ୍ରଯୁଜ୍ୟ। 'ରୋଡମ୍ୟାପ୍ ଫର୍ ଜେଣ୍ଡର 'ଟ୍ରାନ୍ସଫରମେଟିଭ ଆପ୍ରୋଚ୍ ଇନ୍ ଡିଜାଷ୍ଟର ରିସ୍କ ରେଜିଲିଏନ୍ସ' ନାମରେ ନାମିତ ଏହି ରଣନୀତି ଭିତ୍ତିକ ପୁସ୍ତିକାରେ ସମାଜର ୫ଟି ବିଶେଷ କ୍ଷେତ୍ରକୁ ଧ୍ୟାନ ଦିଆଯାଇଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସାମିଲ ଥିବା ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଙ୍ଗଠନ ନିମନ୍ତେ ଏହି ରୋଡମ୍ୟାପ୍ ଏକ ମାର୍ଗଦର୍ଶିକା ହୋଇପାରିବ। ଏହି ଅବସରରେ ସିୱାଇଏସ୍‌ଡିର ଜଗଦାନନ୍ଦ, ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସୁସ୍ମିତା ବେହେରା, ୟୁଏନ୍‌ଏଫ୍‌ପିଏର ଓଡ଼ିଶା ମୁଖ୍ୟ ନଦ୍ଦିମ ନୁର, ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର ଲିପିକା ଦାସ, ଓସ୍‌ଡମାର ଜେନେରାଲ ମ୍ୟାନେଜର ସୁନିତା ଜେନା ପ୍ରମୁଖ ଉପସ୍ଥିତ ରହି ଏହି ରୋଡମ୍ୟାପ୍‌ର ଗୁରୁତ୍ୱ ଉପରେ ମତ ରଖିଥିଲେ।

**ସଂକ୍ଷେପରେ**

## ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ସୁଶାନ୍ତ ଧଳ ସାମନ୍ତ



କଟକ,୨୭।୧୨(ଶିକ୍ଷା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରୁ ଡିସ୍‌ର୍ଚାଜ ହୋଇ ଜେଲ ଫେରିଛନ୍ତି ଅପରାଧୀ ସୁଶାନ୍ତ ଧଳ ସାମନ୍ତ। ଛଅଦିନ ଏସ୍‌ସିବିରେ ଚିକିତ୍ସିତ ହେବା ପରେ ସ୍ୱାସ୍ଥ୍ୟରେ ସୁଧାର ଆସିଥିବାରୁ ବୁଧବାର ଡିସ୍‌ଚାର୍ଜ କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ରହିଛି। ଅପରାହ୍ନ ୧ଟାରେ ଏସ୍‌ସିବରୁ ସୁଶାନ୍ତଙ୍କୁ ଭୁବନେଶ୍ୱରସ୍ଥିତ ଏକ ଚକ୍ଷୁ ଚିକିତ୍ସାଳୟକୁ ପରୀକ୍ଷଣ ପାଇଁ ନିଆଯାଇଥିଲା। ପରେ ସେଠାରୁ ସମ୍ବଲପୁର ଜେଲ ଅଭିମୁଖେ ନିଆଯାଇଥିବା ମେଡିକାଲ ପକ୍ଷରୁ ସୂଚନା ରହିଛି। ସୂଚନାନୁଯାୟୀ, ଗତ ୨୨ତାରିଖରେ ସୁଶାନ୍ତଙ୍କୁ ଏସ୍‌ସିବି ମେଡିକାଲ୍‌ରେ ହୃଦ୍‌ରୋଗ ବିଭାଗ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ନେଫ୍ରୋଲୋଜି, କାର୍ଡିଓଲୋଜି,ଏଣ୍ଡୋକ୍ରାଇନ ବିଭାଗର ଛଅ ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସୁଶାନ୍ତଙ୍କ ଚିକିତ୍ସା କରୁଥିଲେ। ସୁଶାନ୍ତଙ୍କ ମଧୁମେହ ଓ ଚକ୍ଷୁ ସମସ୍ୟା ରହିଥିଲା। ସେ ଏସ୍‌ସିବିରେ ଚିକିତ୍ସିତ ହେବା ସମୟରେ ମେଡିକାଲ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଡାକ୍ତର ଓ ମେଡିକାଲ ଷ୍ଟାଫ୍‌ଙ୍କୁ ବାଦ୍ ଦେଲେ କୌଣସି ବ୍ୟକ୍ତିଙ୍କୁ କୋର୍ଟଙ୍କ ବିନା ଅନୁମତିରେ ସୁଶାନ୍ତଙ୍କ ପାଖକୁ ଛଡ଼ାଯାଇ ନ ଥିଲା।

# ସ୍ୱାଭାବିକ ହୋଇପାରୁନି କାଉନ୍‌ସିଲ ବୈଠକ

## ହଟ୍ଟଗୋଳ ଯୋଗୁ ଅଧାରୁ ବନ୍ଦ

କଟକ,୨୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ )

ସ୍ୱାଭାବିକ ହୋଇପାରୁନି କଟକ ମହାନଗର ନିଗମ କାଉନ୍‌ସିଲ ବୈଠକ। ବୁଧବାର ଅନୁଷ୍ଠିତ ବୈଠକ ମଧ୍ୟ ଅଧାରୁ ହଟ୍ଟଗୋଳ ଯୋଗୁ ବନ୍ଦ ହୋଇଯାଇଛି। ବାଲିଯାତ୍ରାରେ ଦୁର୍ନୀତି ପ୍ରସଙ୍ଗରେ ବିରୋଧୀ ସଦସ୍ୟଙ୍କ ପ୍ରଶ୍ନବାଣକୁ ସମ୍ମୁଖୀନ କରି ନ ପାରି ଅଧାରୁ ବୈଠକକୁ ଭାଙ୍ଗି ନିଜ କକ୍ଷକୁ ମେୟର, ଡେପୁଟି ମେୟର ଏବଂ କମିଶନର ଫେରିଗଲେ। ବୈଠକ ଆରମ୍ଭରୁ ସବୁ କିଛି ଠିକ୍‌ଠାକ୍ ଚାଲିଥିଲା। ୱାର୍ଡ ୱାରି ସମସ୍ୟାଗୁଡ଼ିକ ବାବଦରେ ପ୍ରଥମେ ଆଲୋଚନା କରାଯିବ ବୋଲି ମେୟର କହିଥିଲେ। କିନ୍ତୁ ବିରୋଧୀ ଭାଜପା ଓ କଂଗ୍ରେସ କର୍ପୋରେଟରମାନେ ପ୍ରଥମେ ବାଲିଯାତ୍ରାରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ବିବୃତି ଦାବି କରିଥିଲେ। ଏହା ପରେ ବିରୋଧୀ କର୍ପୋରେଟରମାନେ ହୋହଲ୍ଲା କରିବାରୁ ଶାସକ ଓ ବିରୋଧୀ କର୍ପୋରଟରମାନେ ମୁହାଁମୁହିଁ ହୋଇଥିଲେ। ଫଳରେ ବୈଠକ ଅଧାରୁ ବାତିଲ କରି ମେୟର, ଡେପୁଟି ମେୟର ଓ କମିଶନର ଉଠି ଚାଲିଯାଇଥିଲେ। ବାଲିଯାତ୍ରାରେ ହୋଇଥିବା ମହା ଦୁର୍ନୀତିକୁ ଘୋଡାଇବା ପାଇଁ ମେୟର ଏକ ସୁଚିନ୍ତିତ ଯୋଜନା କରିଥିବା ବିରୋଧୀ କର୍ପୋରେଟରମାନେ ଅଭିଯୋଗ ଆଣୁଥିବାବେଳେ ବିରୋଧୀମାନେ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଥିବା ମେୟର ସୁବାସ ସିଂ କହିଛନ୍ତି।

ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଅନୁମୋଦନ କରିବା ନିମନ୍ତେ ବିଭାଗୀୟ ଅଧିକାରୀ ପ୍ରସ୍ତାବ ଆଗତ କରିଥିଲେ। ଲାଇସେନ୍ସ ଓ ଗୃହ ଟିକସ ବାବଦରେ ସଂଗୃହୀତ ଅର୍ଥରୁ ଅନ୍ୟୁନ ୧୦କୋଟି ଟଙ୍କା ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ଆକାରରେ ରଖାଯିବା ଉପରେ ଆଲୋଚନା ହୋଇଥିଲା। ଏହାପରେ ନିଗମର ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟ କରୁଥିବା ସିଡିଇଏଫ୍ ଦଳ(ଅବସରପ୍ରାପ୍ତ ସେନା)ର ୧୨ଜଣ କର୍ମଚାରୀଙ୍କୁ ନିଗମ ଅଧୀନରେ ବହିଃସଂସ୍ଥା(ନିରାକାର ଓ ସ୍ୱର୍ଣ୍ଣଦେବୀ) ମାଧ୍ୟମରେ ନିୟୋଜନକୁ କେତେଜଣ କର୍ପୋରେଟର ବିରୋଧ କରିଥିଲେ। ନିର୍ଦ୍ଦିଷ୍ଟ ଦୁଇଟି ସଂସ୍ଥା ନାମରେ ଅଭିଯୋଗ ଥିବାରୁ ଅନ୍ୟ ସଂସ୍ଥାରେ ରଖାଯିବାକୁ ପରାମର୍ଶ ଦିଆଯାଇଥିଲା। ୱାର୍ଡ ସଫେଇ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ସେମାନଙ୍କ ଦେୟ ପ୍ରଦାନ କ୍ଷେତ୍ରରେ ସମ୍ପୃକ୍ତ ୱାର୍ଡ କର୍ପୋରେଟରଙ୍କ କାଉଣ୍ଟର ସାଇନ୍ ପ୍ରସ୍ତାବକୁ କର୍ପୋରେଟରମାନେ ଅଗ୍ରାହ୍ୟ କରିଦେଇଥିଲେ। ଏହାପରେ ୱାର୍ଡୱାରୀ ଆଲୋଚନା କରିବା ନିମନ୍ତେ ମେୟର ସିଂ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମେ ୬ନଂ ୱାର୍ଡ କର୍ପୋରେଟର ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିବାକୁ କହିଥିଲେ। ଏହାକୁ ନେଇ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ ଓ ଭାଜପା କର୍ପୋରେଟର ଗଗନ ଓଝା ପ୍ରଥମେ ସେମାନଙ୍କ ପ୍ରସଙ୍ଗ ଉପସ୍ଥାପନ କରିବାକୁ ସୁଯୋଗ ଦେବାକୁ ମେୟରଙ୍କୁ ଅନୁରୋଧ କରିଥିଲେ। କର୍ପୋରେଟର ବିକାଶ ରଞ୍ଜନ ବେହେରା ଏଥିରେ ଅସହମତି ପ୍ରକାଶ କରିବା ପରେ ବହୁସଂଖ୍ୟାରେ ଶାସକ କର୍ପୋରେଟର ୱାର୍ଡ ଅନୁଯାୟୀ ଆଲୋଚନା କରିବାକୁ ମେୟରଙ୍କ ନିକଟରେ ଦାବି ରଖିଥିଲେ। ଫଳରେ ଶାସକ ଓ ବିରୋଧୀ କର୍ପୋରେଟରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶାସକ ଓ ବିରୋଧୀ କର୍ପୋରେଟରମାନେ ନିଜ ଜିଦ୍‌ରେ ଅଟଳ ରହିବାରୁ ମେୟର ଓ କମିଶନର ବୈଠକ ଅଧାରୁ ଉଠି ପଳାଇଥିଲେ। ଶାସକ ବିଜେଡିର ସଂଖ୍ୟା ଗରିଷ୍ଠତା ଦୃଷ୍ଟିରୁ ସମସ୍ତ ପ୍ରସ୍ତାବ ଅନୁମୋଦନ କରିନିଆଯାଇଥିଲା। ବିନା ଆଲୋଚନାରେ ଅନୁମୋଦନକୁ କଂଗ୍ରେସ ଓ ଭାଜପା କର୍ପୋରେଟରମାନେ ଦୃଢ଼ ବିରୋଧ କରିଥିଲେ। ବାଲିଯାତ୍ରା ଦୁର୍ନୀତି ଧରାପଡ଼ିଯାଇଥିବାରୁ ମେୟର ଓ ଶାସକ କର୍ପୋରେଟର ମିଳିତ ହୋଇ ବୈଠକ ବନ୍ଦ କରିବାକୁ ଯୋଜନା କରିଥିବା ବିରୋଧୀମାନେ ଅଭିଯୋଗ ଆଣିଥିଲେ। ପ୍ରତ୍ୟୁତରରେ ଶାସକ କର୍ପୋରେଟରମାନେ କହିଥିଲେ ଯେ ବିରୋଧୀମାନେ ପ୍ରତି ବୈଠକରେ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ୱାର୍ଡ ସମସ୍ୟା ସଂକ୍ରାନ୍ତରେ ଆଲୋଚନା ହୋଇପାରୁ ନାହିଁ। ବୈଠକ ବନ୍ଦ ପରେ ବିରୋଧୀ ଭାଜପା କର୍ପୋରେଟରମାନେ ପ୍ରତିବାଦ ଜଣାଇଥିଲେ। ବାଲିଯାତ୍ରା ତୋରଣରେ ଦୁର୍ନୀତି, ସଫେଇ ଦୁର୍ନୀତି ଓ ଲେଜର ଲାଇଟ୍ ଶୋ’ରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ବ୍ୟାନର ଧରି ପ୍ରତିବାଦ ଜଣାଇଥିଲେ। ଏହି ବ୍ୟାନର ମଧ୍ୟରେ ସହରରେ ମଶା ଉତ୍ପାତକୁ ନେଇ କର୍ପୋରେଟର ଗୋପାଳ ବେହେରା ‘ମୁଁ କଟକର ରାଜା କଟକବାସୀଙ୍କୁ ଦେଉଛି ସଜା’ ଲେଖାଥିବା ବ୍ୟାନର ଧରି ପ୍ରତିବାଦ କରିଥିଲେ।



ସିଏମ୍‌ସି ବୈଠକରେ ବିରୋଧୀ କର୍ପୋରେଟରମାନେ ପ୍ଲାକାର୍ଡ ଦେଖାଇ ବିରୋଧ ପ୍ରଦର୍ଶନ କରୁଛନ୍ତି।



ବୈଠକରେ ମେୟର ସୁବାସ ସିଂଙ୍କୁ କର୍ପୋରେଟରମାନେ ବିଭିନ୍ନ ପ୍ରଶ୍ନ କରୁଛନ୍ତି।

**ନାବାଳିକା ବଳାତ୍କାର ମାମଲା**

## ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**କଟକ,୨୭।୧୨(କାର୍ତ୍ତିକ ସାହୁ):** ନିଆଳି ଥାନା ଅଞ୍ଚଳରେ ଜଣେ ୧୩ ବର୍ଷର ବାଳିକା ଅପହରଣ ଓ ବଳାତ୍କାର ମାମଲାର ରାୟ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବୁଧବାର ପ୍ରକାଶ ପାଇଛି। ଅଦାଲତ ଅଭିଯୁକ୍ତ ହରେକୃଷ୍ଣ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡ ଦେବା ସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ କ୍ଷେତ୍ରରେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ୧୧ ଜଣ ସାକ୍ଷୀ ଓ ୧୯ ପ୍ରମାଣକୁ ଆଧାରକରି ଅଦାଲତ ଏହି ରାୟ ଶୁଣାଇଛନ୍ତି। ନିଆଳି ଥାନା ଅଞ୍ଚଳର ପୀଡ଼ିତା ନାବାଳିକା ଜଣକ ତାଙ୍କ ମାମୁଘର କୋଣାର୍କ ଅଞ୍ଚଳରେ ରହି ପଢ଼ନ୍ତି। ସେ ବିଦ୍ୟାଳୟକୁ ଯିବା ସମୟରେ ଅଭିଯୁକ୍ତ ଜଣକ ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ୨୦୧୫ ମାର୍ଚ୍ଚ ୧୩ ତାରିଖରେ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ପିତାଙ୍କ ଏତଲା କ୍ରମେ ନିଆଳି ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ନାବାଳିକାଙ୍କୁ ତାମିଲନାଡୁରେ ରଖି ପୀଡ଼ିତାଙ୍କୁ ବହୁବାର ବଳାତ୍କାର କରିଥିଲେ। ପରେ ୨୦୧୫ ମେ ୧୭ତାରିଖରେ ଅଭିଯୁକ୍ତ ନାବାଳିକାଙ୍କୁ ଧରି ଘରକୁ ଫେରିବା ପରେ ପୋଲିସ ଏହା ଜାଣି ତାଙ୍କୁ ଗିରଫ କରିଥିଲା। ପୋଲିସ ମାମଲାର ଚାର୍ଜସିଟ୍ ଦାଖଲ କରିବା ପରେ ପୋକ୍ସୋ କୋର୍ଟରେ ମାମଲାର ବିଚାର ହୋଇ ରାୟ ସଂରକ୍ଷିତ ଥିଲା। ଅଭିଯୁକ୍ତ ଜଣକ ବିବାହିତ ହୋଇଥିବା ବେଳେ ପୀଡ଼ିତା ଏନେଇ ଅବଗତ ନ ଥିଲେ। ଜଣେ ବିବାହିତ ପୁରୁଷ ହୋଇ ଏଭଳି ଘୃଣ୍ୟ କାର୍ଯ୍ୟ କରିଥିବାରୁ ଅଦାଲତ ଏହାକୁ ଗୁରୁତର ସହିତ ନେଇ ବିଚାର କରିଛନ୍ତି।

## କଟକ କଲେଜ ପକ୍ଷରୁ ଐତିହ୍ୟସ୍ଥଳୀରେ ସେବା

କଟକ,୨୭।୧୨(କାର୍ତ୍ତିକ ସାହୁ)

ବିଦ୍ୟାଧରପୁରସ୍ଥିତ କଟକ କଲେଜ ପକ୍ଷରୁ ଐତିହ୍ୟସ୍ଥଳୀରେ ସେବା ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ପ୍ରଣତୀ ପଟ୍ଟନାୟକଙ୍କ ନେତୃତ୍ୱରେ ନେତାଜୀ ସୁଭାଷ ବୋଷ, ଜାତିର ପିତା ମହାତ୍ମା ଗାନ୍ଧୀ ଓ କଳିଙ୍ଗ ପୁତ୍ର ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଆବାହକ ଦେବପ୍ରସାଦ ପତି, ସଂଯୋଜକ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ଅଧ୍ୟାପିକା ଦୀପାୟନା ପ୍ରିୟଦର୍ଶିନୀ ଓ ରଶ୍ମି ଦାଶ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ନେତାଜୀଙ୍କ ଜନ୍ମସ୍ଥାନ, ସ୍ୱରାଜ ଆଶ୍ରମ ଏବଂ ଆନନ୍ଦ ଭବନ ଆଦି ଐତିହ୍ୟସ୍ଥଳୀ ଭ୍ରମଣ କରି ବରପୁତ୍ରଙ୍କ ଜୀବନାଦର୍ଶ ବିଷୟରେ ଅବଗତ ହୋଇଥିଲେ।

# ‘ସାହିତ୍ୟ ହେଉଛି ସମାଜର ଏକ ଅଂଶ’




ଶ୍ରୀଦୁର୍ଗା ସାହିତ୍ୟ ସଂସଦର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ସଂସଦର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଶ୍ରୀଦୁର୍ଗା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ**

କଟକ,୨୭।୧୨(କାର୍ତ୍ତିକ ସାହୁ)

ଶ୍ରୀଦୁର୍ଗା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଦୁର୍ଗାପ୍ରସନ୍ନ ଚୌଧୁରୀ ଉତ୍ସବକୁ ଉଦ୍‌ଘାଟନକରି କହିଲେ, ସାହିତ୍ୟ ହେଉଛି ସମାଜର ଏକ ଅଂଶ। ଲେଖକମାନେ ସମାଜକୁ ଦିଗ୍‌ଦର୍ଶନ ଦେବା ସହ ସୁସ୍ଥ ସମାଜ ଗଠନ ପାଇଁ ସର୍ବଦା ଚେଷ୍ଟିତଥାନ୍ତି ବୋଲି ଚୌଧୁରୀ କହିଥିଲେ। ମୁଖ୍ୟ ଅତିଥି ପ୍ରଫେସର ବିଜୟାନନ୍ଦ ସିଂହ ସମାଜ ଓ ମଣିଷକୁ ଯୋଡ଼ିବାର ସର୍ବଶ୍ରେଷ୍ଠ ମାଧମ ସାହିତ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଭାତୀ ମିଶ୍ର ମଣିଷର ନିତିଦିନିଆ କଥା ସାହିତ୍ୟରେ ପ୍ରତିଫଳିତ ହେଲେ ତାହା କାଳଜୟୀ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ବକ୍ତା କବି ପ୍ରସନ୍ନ ସ୍ୱାଇଁ ସତ୍ ସାହିତ୍ୟ ସବୁବେଳେ ମା’ ଓ ମାଟିର କଥା କହିଥାଏ ବୋଲି କହିଥିଲେ। ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଡ. ଭାଗବତ ଶୁକ୍ଳଙ୍କୁ ବିଦ୍ୟାଭାରତୀ ସମ୍ମାନ, ଗୀତିକବି ବୈଦ୍ୟନାଥ ଖିଲାରଙ୍କୁ ଗୀତିଭାରତୀ ସମ୍ମାନ, ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କୁ ଗଳ୍ପସ୍ୱଳ୍ପ ସମ୍ମାନ, କବି ସୁରେଶ କୁମାର ନାୟକଙ୍କୁ ପାଣ୍ଡୁଲିପି ସମ୍ମାନ, ସଙ୍ଗଠକ ମୈତ୍ରୀଭୂଷଣ ଖୁଣ୍ଟିଆ ଓ ସୁମନ୍ତ ସାହୁଙ୍କୁ ମହାତ୍ମା ନାଥବ୍ରହ୍ମ ସଙ୍ଗଠକ ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ସ୍ମରଣିକା ଶ୍ରୀଦୁର୍ଗା ଉନ୍ମୋଚିତ ହୋଇଥିଲା। ପ୍ରଥମ ଅଧିବେଶନରେ କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଜ୍ୟସ୍ତରୀୟ କବି ସମ୍ମିଳନୀକୁ ସାହିତ୍ୟିକ ରଘୁନାଥ ମହାପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୀବନାନନ୍ଦ ଅଧିକାରୀ, ପତିତପାବନ ମହାପାତ୍ର, ପଣ୍ଡିତ ଅଭୟ କୁମାର ଦାଶ, ବ୍ରହ୍ମାନନ୍ଦ ବିଶ୍ୱାଳ, ବ୍ରହ୍ମାନନ୍ଦ ମହାନ୍ତି, ପଣ୍ଡିତ ନୀଳକଣ୍ଠ ରାଉତ, ଦିଲୀପ କୁମାର ଦାସ ଯୋଗଦେଇଥିଲେ। ମନୋରଞ୍ଜନ ପଣ୍ଡା ଓ ବିଜୟ କୁମାର ନାଥ ସଂଯୋଜନା କରିଥିଲେ। ବିଶ୍ୱାମିତ୍ର ମିଶ୍ର, ସାଇନାରାୟଣ ସାହୁ, ସତ୍ୟଶୈଳ ମହାନ୍ତି, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ନରେନ୍ ଚନ୍ଦ୍ର ଦାଶଙ୍କ ତୈଳଚିତ୍ର ଉନ୍ମୋଚିତ

କଟକ,୨୭।୧୨(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନଠାରେ ବୁଧବାର ସନ୍ଧ୍ୟାରେ ନରେନ୍ ଚନ୍ଦ୍ର ଦାଶଙ୍କ ତୈଳଚିତ୍ର ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ହାଇକୋର୍ଟର ପୂର୍ବତନ ବିଚାରପତି ଦୁର୍ଗାପ୍ରସନ୍ନ ଚୌଧୁରୀ ତୈଳଚିତ୍ରକୁ ଅନାବରଣ କରି ନରେନ୍ ଚନ୍ଦ୍ରଙ୍କ ମହନୀୟ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ବିଜୟାନନ୍ଦ ସିଂହ ବକ୍ତବ୍ୟରେ ନରେନ୍ ଚନ୍ଦ୍ରଙ୍କ ଜୀବନୀ ଓ ସାରସ୍ୱତ କୃତୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ତଥା ନରେନ୍ ଚନ୍ଦ୍ରଙ୍କ ସହଧର୍ମିଣୀ ପ୍ରଭାତୀ ମିଶ୍ର ବିତେଇଥିବା ବ୍ୟକ୍ତିଗତ ଅନୁଭୂତି ଆଲୋଚନା କରିଥିଲେ। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ ଓ ସଂଗଠନ ସମ୍ପାଦକ ସୁନାମଣି ରାଉତ ଅତିଥି ପରିଚୟ ଦେଇଥିଲେ।

## ରେଭେନ୍‌ଶାରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

କଟକ,୨୭।୧୨(ଶିକ୍ଷା ପ୍ରିୟଦର୍ଶିନୀ)

ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଆରତି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର ଆୟାର, ଓଡ଼ିଶା ସରକାରଙ୍କ ଯୁବ ବିକାଶର ସାଧାରଣ ସମ୍ପାଦିକା ଏଲିନା ଦାଶ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ନୋଡାଲ ଅଧିକାରୀ ରୀତା ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ କାର୍ଯ୍ୟକ୍ରମ ସଂଯୋଜିକା ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ଉଚ୍ଚସ୍ତରୀୟ ତଦନ୍ତ ନ ହେଲେ ଆନ୍ଦୋଳନ ତୀବ୍ର ହେବ: ମୋକିମ୍




ଶୋଭାଯାତ୍ରାରେ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ସହ ଅନ୍ୟମାନେ।

**ମୋଟରସାଇକେଲ ଶୋଭାଯାତ୍ରା କରି ପ୍ରତିବାଦ**

କଟକ,୨୭।୧୨(ଶିକ୍ଷା ପ୍ରିୟଦର୍ଶିନୀ)

ଥମୁନି ବାଲିଯାତ୍ରା ଦୁର୍ନୀତି ବିବାଦ। ବାଲିଯାତ୍ରାକୁ ସରିବାର ୨୦ରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ବିବାଦ ତୀବ୍ର ହେବାରେ ଲାଗିଛି। ଏନେଇ ବୁଧବାର ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ପୁଣିଥରେ ସିଏମ୍‌ସିକୁ ଟାର୍ଗେଟ କରିଛନ୍ତି। ବାଲିଯାତ୍ରା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଏକ ଦୁଇଦିନିଆ ଜନ ସଚେତନତା ମୋଟର ସାଇକେଲ ଶୋଭାଯାତ୍ରା ଓ ଏକ ସଚେତନା ରଥ ସିଡିଏ ସେକ୍ଟର-୬ସ୍ଥିତ ଦୁର୍ଗା ମଣ୍ଡପଠାରୁ ବାହାରି ସହର ପରିକ୍ରମା କରିଛି। ବାରବାଟୀ-କଟକ ବିଧାୟକ ମୋକିମ୍‌ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ପ୍ରଥମ ଦିନରେ ବାରବାଟୀ-କଟକର ସମସ୍ତ ୱାର୍ଡ ପରିକ୍ରମା କରି ଜନସାଧାରଣଙ୍କୁ ଦୁର୍ନୀତି ନେଇ ସଚେତନ କରାଇବା ସହ ତଦନ୍ତ ଦାବି କରିଛନ୍ତି। ସିଏମ୍‌ସି ବାଲିଯାତ୍ରାରେ ଯେଉଁ ଦୁର୍ନୀତି ହୋଇଛି ତା’ର ହିସାବ ଏବେ ପର୍ଯ୍ୟନ୍ତ କଟକବାସୀ ପାଇ ପାରିନାହାନ୍ତି। ଟେଣ୍ଡର ମୁତାବକ ଯେଉଁ ରେଟ୍ ରହିଥିଲା ତାହା ଅହେତୁକ ଭାବେ ବୃଦ୍ଧି କରାଯାଇଥିଲା, ଯାହାକୁ ନେଇ କର୍ପୋରେଟର ଓ ଅନ୍ୟାନ୍ୟ ବ୍ୟକ୍ତି ମଧ୍ୟ ଏନେଇ ସ୍ୱର ଉତ୍ତୋଳନ କରିଥିଲେ। ଏଥିରେ ଦୁର୍ଗନ୍ଧର ଗନ୍ଧ ବାରି ହୋଇ ପଡ଼ିଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମଧ୍ୟ ଦାବି କରିଥିଲୁ ହେଲେ ଏନେଇ କୌଣସି ପଦକ୍ଷପ ନିଆଯାଇ ନାହିଁ। ମେୟର ସୁବାସ ସିଂ ହିସାବ ଦେବା ବଦଳରେ କେବଳ ସମୟ ଗଡ଼ାଉଛନ୍ତି। ଏପରି କି ଗଠନ ହୋଇଥିବା ଯାଞ୍ଚ କମିଟି ମଧ୍ୟ ଫେଲ୍ ମାରିଛି। କଟକବାସୀଙ୍କୁ ମେୟର ସମସ୍ତ ହିସାବ ଯେପର୍ଯ୍ୟନ୍ତ ଦେଇ ନାହାନ୍ତି ସେପର୍ଯ୍ୟନ୍ତ କଂଗ୍ରେସ ଦଳ ଚୁପ୍ ହୋଇ ବସିବ ନାହିଁ। ଦୁଇଦିନରେ ସମସ୍ତ ୱାର୍ଡ କଂଗ୍ରେସ ଦଳ ଗସ୍ତ କରି ସଚେତନ କରାଇବା ସହ ତଦନ୍ତ ଦାବି କରିବ। ଘଟଣାର ତଦନ୍ତ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ବିଧାୟକ ମୋକିମ କହିଛନ୍ତି। ଏନେଇ ମେୟର ସିଂଙ୍କୁ ଫୋନ୍ ଯୋଗାଯୋଗ କରାଯାଇଥିବାବେଳେ କୌଣସି ଉତ୍ତର ମିଳି ପାରି ନାହିଁ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗର ସଭାପତି ଗିରିବାଳା ବେହେରା, କର୍ପୋରେଟର ସନ୍ତୋଷ ଭୋଳ, ଶୁବାଶିଷ ପଟ୍ଟନାୟକ, ଲିଜାରାଣୀ ରାଉତ, ଭାନୁ ସେନାପତି ପ୍ରମୁଖ ଉପସ୍ଥିତ ରହିଥିଲେ।

# କୃଷକଙ୍କ ଆୟ ଦ୍ୱିଗୁଣିତ ହେବ: କୃଷିମନ୍ତ୍ରୀ



ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଲି ଦେଖୁଛନ୍ତି।

**ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ**

କଟକ,୨୭।୧୨ (କାର୍ତ୍ତିକ ସାହୁ)

ରାଜ୍ୟ ତଥା ଦେଶର ସମୃଦ୍ଧି ଓ ଅର୍ଥନୀତି କୃଷକମାନଙ୍କ ଉପରେ ନିର୍ଭରଶୀଳ। ନୂତନ ଜ୍ଞାନକୌଶଳ ପ୍ରୟୋଗ, କୃଷି ଯନ୍ତ୍ରପାତି ଉପଯୋଗ ଦ୍ୱାରା ସ୍ୱଳ୍ପ ସମୟ ଓ ଅଳ୍ପ ଖର୍ଚ୍ଚରେ କୃଷକମାନଙ୍କ ଆୟ ଦ୍ୱିଗୁଣିତ ହେବ ବୋଲି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଜିଲା କୃଷି କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଉପର ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ ମନ୍ତ୍ରୀ ସ୍ୱାଇଁ ଉଦ୍‌ଘାଟନ କରି କହିଲେ, ଭାରତର କୃଷିକ୍ଷେତ୍ରରେ ଯାନ୍ତ୍ରିକୀକରଣର ଜାତୀୟ ହାର ୪୨% ଥିବାବେଳେ ଓଡ଼ିଶାରେ ତାହା ୩୫% ରହିଛି। ଚଳିତବର୍ଷ ରାଜ୍ୟରେ କୃଷିକ୍ଷେତ୍ରରେ ଯାନ୍ତ୍ରିକୀକରଣର ସୁବିଧା ଯୋଗାଇଦେବା ପାଇଁ ୧ ହଜାର କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରୁ କୃଷକ ଭାଇମାନେ ପ୍ରାୟ ୩ ଶହ କୋଟି ଟଙ୍କାର ରିହାତି ପାଇପାରିବେ। ଏହି ମେଳା ବ୍ଲକସ୍ତରକୁ ସମ୍ପ୍ରସାରଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସ୍ୱଳ୍ପ ସମୟ ମଧ୍ୟରେ ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ କୃଷକମାନଙ୍କୁ ରିହାତି ମୂଲ୍ୟରେ ଯନ୍ତ୍ରପାତି ଯୋଗାଇଦେବାକୁ ରାଜ୍ୟର ସବୁ ଜିଲାରେ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏହି କୃଷି ଯାନ୍ତ୍ରିକ ମେଳା ରାଜ୍ୟର ୨୭ଟି ଜିଲାରେ ଆୟୋଜିତ ହୋଇଥିବାବେଳେ ୫୮ଗୋଟି ସମସ୍ତ ଉପଖଣ୍ଡରେ ଆୟୋଜିତ ହୋଇସାରିଛି। ଯାନ୍ତ୍ରିକ ପଦ୍ଧତିରେ କୃଷି ଉତ୍ପାଦନ ଦ୍ୱାରା କୃଷକମାନେ ଅନ୍ୟାନ୍ୟ ଲାଭଜନକ ଫସଲ ନିମନ୍ତେ ସମୟ ବିନିଯୋଗକରି ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବେ। ରାଜ୍ୟ ସରକାର ମହିଳାମାନଙ୍କୁ କୃଷି ଉପଯୋଗୀ ଯନ୍ତ୍ରପାତି ବ୍ୟବହାର କ୍ଷେତ୍ରରେ ଅଗ୍ରାଧିକାର ଦେଇଆସୁଛନ୍ତି। ଉତ୍ପାଦନ ଅଭିବୃଦ୍ଧି ନିମନ୍ତେ କୃଷି ପାଇଁ ଉଦ୍ଦିଷ୍ଟ ବଜେଟର ୩୦% ଅର୍ଥ ଯନ୍ତ୍ରପାତି ଉପଯୋଗ ଲାଗି ବ୍ୟୟ କରାଯାଉଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ କୃଷି ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରାଇବା ନିମନ୍ତେ ଯନ୍ତ୍ରପାତି କ୍ରୟ ବାବଦରେ ୭୫% ରିହାତି, ଫେଡେରେଶନ ମାଧ୍ୟମରେ କ୍ରୟକଲେ ଶତପ୍ରତିଶତ ରିହାତି ଉପଲବ୍ଧ କରାଯାଉଛି। ଏଥିସହ ଅନୁସୂଚିତ ଜାତି ଓ ଜନଜାତିର କୃଷକଙ୍କୁ ୫୦% ରିହାତିରେ ଯନ୍ତ୍ରପାତି ମଧ୍ୟ ଯୋଗାଯାଉଛି। ସାଧାରଣ ଚାଷୀଙ୍କୁ ୪୦% ରିହାତି ଯନ୍ତ୍ରପାତି କ୍ରୟ ବାବଦରେ ଦିଆଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂହ କହିଲେ, କୃଷିମେଳା କୃଷକମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଯନ୍ତ୍ରପାତିର ବିନିଯୋଗରେ ଆୟବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାର ପ୍ରୋତ୍ସାହିତ କରିଆସୁଛନ୍ତି। ସମ୍ମାନିତ ଅତିଥି କଟକ ଜିଲା ପରିଷଦ କୃଷି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ ମୁଖ୍ୟମନ୍ତ୍ରୀ ଓଡ଼ିଶାର କୃଷି ବଜେଟକୁ ୩ଗୁଣ ଅଭିବୃଦ୍ଧିକରି କୃଷିକ୍ଷେତ୍ର ନିମନ୍ତେ ଚଳିତ ବର୍ଷ ୨୪,୮୨୯ କୋଟି ବ୍ୟୟ ଅଟକଳ ଧାର୍ଯ୍ୟ କରିଛନ୍ତି ବୋଲି କହିଥିଲେ। ଜିଲାପାଳ ନରହରି ସେଠୀ ଅଧ୍ୟକ୍ଷତା କରିଥିଲେ। ଏହି ମେଳା ୩୧ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବ ବୋଲି ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗର ମୁଖ୍ୟଯନ୍ତ୍ରୀ ମୁକ୍ତିକାନ୍ତ ମହାପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ଜଗବନ୍ଧୁ ରାଉତ, ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର କର ପ୍ରମୁଖ କୃଷିକ୍ଷେତ୍ରରେ ଯନ୍ତ୍ରପାତିର ଉପଯୋଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମଣ୍ଡଳ କୃଷି ଅଧିକାରୀ କୁଳମଣି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ଅଭିଯୁକ୍ତ ଅଶୋକଙ୍କୁ ୧୦ ବର୍ଷ ଜେଲ

ଭୁବନେଶ୍ୱର,୨୭।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ଦୌରା ଜଜ୍‌ଙ୍କ କୋର୍ଟରେ ବୁଧବାର ଖଣ୍ଡଗିରି ଥାନା ଅଞ୍ଚଳରେ ଗୁଳିମାଡ଼ କରି ସୁନାଚେନ୍ ଲୁଟ୍ ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡାଦେଶ ହୋଇଛି। ସେ ହେଲେ ଗଞ୍ଜାମ ଜିଲା ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ଅଞ୍ଚଳର ଅଶୋକ ବେହେରା ଓରଫ ନଣ୍ଡା। ଅଶୋକଙ୍କୁ ବିଭିନ୍ନ ଦଫାରେ ମୋଟ ୫୨ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ସେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ। ତେବେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଭୀମସେନ ନାୟକ କୋର୍ଟରେ ହାଜର ନ ହେବାରୁ ତାଙ୍କର ଦଣ୍ଡ ଶୁଣାଣି ସ୍ଥଗିତ ରଖାଯାଇଛି। ଭୀମସେନ୍‌ଙ୍କ ବିରୋଧରେ ବିଚାରପତି ଶରତ କୁମାର ଜେନା ଜାମିନ ବିହୀନ ପରୱାନା ଜାରି କରିଛନ୍ତି ବୋଲି ସୂଚନା ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ବିଶ୍ୱରଞ୍ଜନ ସ୍ୱାଇଁ ୨୦୧୭ ଅଗଷ୍ଟ ୨୦ ତାରିଖ ରାତି ପ୍ରାୟ ୯ଟା ବେଳେ କାର୍‌ରେ ସ୍ତ୍ରୀ ମୋନାଲିସାଙ୍କୁ ନେଇ ସିଜୁଆସ୍ଥିତ ଶ୍ୱଶୁରଘରକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ମୋନାଲିସା କାର୍‌ରୁ ଓହ୍ଲାଇ ଘର ଭିତରକୁ ଯାଉଥିଲେ ଏବଂ ସ୍ୱାମୀ ବିଶ୍ୱରଞ୍ଜନ କାର୍ ପାର୍କିଂ କରୁଥିଲେ। ଏପଟେ ଅଶୋକ ଓ ଭୀମସେନ୍ ଏକ ମୋଟରସାଇକେଲ୍‌ରେ ସେମାନଙ୍କୁ ପିଛା କରି ଘର ପାଖରେ ପହଞ୍ଚିଥିଲେ। ଭୀମସେନ୍ ବାଇକ୍‌କୁ ଷ୍ଟାର୍ଟ କରି ରଖିଥିବା ବେଳେ ଅଶୋକ ଘର ପାଚେରି ଡେଇଁ ମୋନାଲିସାଙ୍କ ବେକରୁ ସୁନାଚେନ୍ ଝାମ୍ପିନେବାକୁ ଉଦ୍ୟମ କରିଥିଲେ।

## ମିଲିଟାରୀ ସ୍ପେସିଆଲ ଟ୍ରେନ ମଝିରୁ ଭ୍ୟାକୁମ ଛିଡ଼ିଲା

ନିରାକାରପୁର,୨୭/୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ବୁଧବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ମିଲିଟାରୀ ସ୍ପେଶିଆଲ ଟ୍ରେନ ଯାଉଥିବା ବେଳେ ମଝିରୁ ଅଲଗା ହୋଇଯାଇଥିଲା। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ସଂଯୋଗ କରାଯାଇ ନଥିବା ସୂଚନା ମିଳିଛି। ସୂଚନା ମୁତାବକ, ନିରାକାରପୁର ଷ୍ଟେଶନ ଦେଇ ଡାଉନ ଲାଇନରେ ପଲାସାରୁ ଜଟଣୀ ଅଭିମୁଖେ ଏକ ମିଲିଟାରୀ ସ୍ପେସିଆଲ ଟ୍ରେନ ଯାଉଥିଲା। ହଠାତ୍ ନିରାକାରପୁର ରେଲୱେ ଲେଭଲ କ୍ରସିଂଠାରେ ଟ୍ରେନ ମଝିରୁ ଭ୍ୟାକୁମଟି ଛିଡ଼ି ଯାଇଥିଲା। ଫଳରେ ପଛପଟୁ କେତେକ ବଗି ଠେଲି ହୋଇ ପଛକୁ ପଳାଇଥିବା ବେଳେ ଆଗକୁ କେତେକ ବଗି ପଳାଇଯାଇଥିଲା। ଏହି ସମୟରେ ରେଳ ଫାଟକ ବନ୍ଦ ରହିଥିବାରୁ କୌଣସି ଅଘଟଣ ଘଟି ନ ଥିଲା। ଅନୁରୂପ ଭାବେ ଟ୍ରେନଟି ଅପେକ୍ଷାକୃତ ସ୍ଲୋ ଥିବାରୁ ସେଥିରେ ଥିବା ଯବାନମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କପଲିଂ କରାଯାଇନଥିବା ଦେଖିବାକୁ ମିଳିଥିଲା। ଟ୍ରେନଟି ନିର୍ଦ୍ଦିଷ୍ଟ ଷ୍ଟେଶନରୁ ଛାଡିବା ପୂର୍ବରୁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଟ୍ରେନଟି ଅନକପଲିଂ ହୋଇଥିବା ସ୍ଥାନୀୟ କେତେଜଣ ରେଳ କର୍ମଚାରୀ ନିଜ ନାମକୁ ଗୋପନ ରଖି ସୂଚନା ଦେଇଛନ୍ତି।

# ପରମ୍ପରା ବଜାୟ ରଖିଛି ଲୋକକଳା

ବୋଲଗଡ଼,୨୭।୧୨(ଦେବବ୍ରତ ହୋତା)



ବୋଲଗଡ଼ ମହୋତ୍ସବ 'ଆଶା–୨୦୨୩' ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ବୋଲଗଡ଼ ମହୋତ୍ସବ 'ଆଶା–୨୦୨୩'ର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଡିହଖଉରଣୀ ଗ୍ରାମର ମା' ମହିଷାମର୍ଦ୍ଦିନୀ ଭାଗବତ ମଣ୍ଡଳୀ ଦ୍ୱାରା ଖଞ୍ଜଣି ଭଜନ, ଗୋଡ଼ିଆଳି ଗ୍ରାମର ଶ୍ରୀରାଘୁନାଥ ଦେବ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ, ଖଉରଣୀ ଗ୍ରାମର ଧର୍ମାନନ୍ଦ ସୁନ୍ଦରାୟ ଓ ସାଥୀଙ୍କ ଦ୍ୱାରା କେନ୍ଦରା ନୃତ୍ୟ, ବୋଲଗଡ଼ର ନବକିଶୋର ସିଂହ ଓ ସାଥୀଙ୍କ ଦ୍ୱାରା ପାଇକ ଆଖଡ଼ା, ବ୍ରହ୍ମପୁରା ଗ୍ରାମର ଦେବେନ୍ଦ୍ର ମହାପାତ୍ର ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ ଓ ବୋଲଗଡ଼ର ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ କଳାକାରଙ୍କ ଦ୍ୱାରା ଓଡ଼ିଶୀ ଓ ଲୋକନୃତ୍ୟ ସାଥିକୁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଦତ୍ତ ନୂଆପଡ଼ାର ମା'ମାହେଶରୀ କଳା ପରିଷଦ ଦ୍ୱାରା ଦୁଲ୍‌ଦୁଲି ନୃତ୍ୟ ଦର୍ଶକଙ୍କ

**ବୋଲଗଡ଼ ମହୋତ୍ସବ 'ଆଶା-୨୦୨୩' ଦ୍ୱିତୀୟ ସନ୍ଧ୍ୟା**

ମନ ମୋହିଥିଲା। ସଂସ୍କୃତି ଓ ପରମ୍ପରାକୁ ଯୁବପିଢ଼ିମାନଙ୍କୁ ଅବଗତ କରାଇବା ସହ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ମହୋତ୍ସବ କମିଟି ଉପାଧ୍ୟକ୍ଷ କୃଷ୍ଣମୋହନ ପାଲଟାସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ୟଙ୍ଗ କବି ବ୍ରଜବିହରି ସୁବୁଦ୍ଧି, ସମ୍ମାନିତ ଅତିଥି ଐତିହାସିକ ରବୀନ୍ଦ୍ର ପରିଡ଼ା, ସମବାୟବିତ୍ ଲଲାଟେନ୍ଦୁ କେଶରୀସିଂହ, ସାଧାରଣ ସମ୍ପାଦକ ବୀର ଦାସ, ଉପଦେଷ୍ଟା ପ୍ୟାରୀ ମୋହନ ଦାସ, ସନାତନ ପାଟଶାଣୀ, ପାର୍ବତୀକାନ୍ତ ଚମ୍ପତିରାୟ ଓ ସିନେ କଳାକାର ସିମ୍ରନ ଯୋଗଦେଇଥିଲେ। ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କବି ବଭୂତି ଭୂଷଣ ଦଳେଇ, ସାପ ଧରାଳି ଗଦାଧର ଚମ୍ପତି, କବି ନାରାୟଣ ମାର୍ଥାଙ୍କୁ ବୋଲଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୁଇଜ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ରଙ୍କ ପରିଚାଳନାରେ ଅପରାହ୍ନରେ ସ୍କୁଲ ପିଲାଙ୍କ ପାଇଁ କୁଇଜ କାର୍ଯ୍ୟକ୍ରମରେ ଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରାଯାଇଥିଲା। ଉପସ୍ଥାପକ ଅଖିଳେଶ ମହାପାତ୍ର ଓ ଶ୍ରୀକାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ନାରାୟଣ ମାର୍ଥା ଧନ୍ୟବାଦ ଦେଇଥିଲେ।


ବାମନ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ବୋଲଗଡ଼ ମହୋତ୍ସବ 'ଆଶା–୨୦୨୩' ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

## ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଗୁରୁତ୍ୱ

ପୁରୀ,୨୭।୧୨(ଅଜିତ୍ ମହାନ୍ତି)

**ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଆଇଜି**

ଆଉ ଦିନ କେଇଟା ପରେ ନୂଆବର୍ଷ। ଏବେଠାରୁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଗହଳି ହେଲାଣି। ବୁଧବାର କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂହ ପୁରୀ ଗସ୍ତରେ ଆସି ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ନୂଆବର୍ଷରେ ଯେପରି ଭକ୍ତମାନେ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେନେଇ ସମୀକ୍ଷା କରିଥିଲେ। ଏହି ଅବସରରେ କେନ୍ଦ୍ରାଞ୍ଚଳ ଆଇଜି ସିଂହ କହିଛନ୍ତି ଯେ, ଭକ୍ତମାନଙ୍କ ସୁବିଧା ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷପ ଗ୍ରହଣ କରାଯାଉଛି। ଏସି ସେଡ ହେଉ କିମ୍ବା ଅଭ୍ୟର୍ଥନା ଗୃହ ହେଉ ସମସ୍ତ କାର୍ଯ୍ୟ ଜାରି ରହିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ହେବା ଫଳରେ ଆଗ ଅପେକ୍ଷା ଏବେ ସ୍ଥାନ ପ୍ରସସ୍ତ ହୋଇଛି। ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଭକ୍ତଙ୍କ ସୁବିଧା ପାଇଁ ଯେଉଁ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ତାହା ଆଉ ଦୁଇ ତିନିଦିନ ମଧ୍ୟରେ ଶେଷ ହେବ। ଫଳରେ ଭକ୍ତମାନେ ଆଉ ହଇରାଣ ହେବେ ନାହିଁ। ଆଗକୁ ମଧ୍ୟ ସ୍ୱତନ୍ତ୍ର ବାଟାଲିୟାନର ବ୍ୟବସ୍ଥା କରାଯାଉଛି। ଯାହାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ତେବେ ନୂଆବର୍ଷ ପାଇଁ ବ୍ୟାପକ ପୋଲିସ ଅଫିସର ଓ ଫୋର୍ସ ନିୟୋଜିତ ହେବ। ଗୁରୁବାରଠାରୁ ଫୋର୍ସ ପୁରୀରେ ପହଞ୍ଚିବେ। ୨୯ ତାରିଖରେ ସେମାନଙ୍କର ରିୟସସିଏଲ କରାଯିବା ସହ ଉକ୍ତ ଦିନ କେତେ ପ୍ଲାଟୁନ ପୋଲିସ ଫୋର୍ସ ଓ ଅଧିକାରୀ ନିୟୋଜିତ ହେବେ ସୂଚନା ଦିଆଯିବ ବୋଲି ସିଂହ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଅନେକ ସମୟ ଧରି ବ୍ୟାରିକେଡରେ ଛିଡ଼ା ହେଉଛନ୍ତି। ଯାହାକୁ ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପହିଲିଭୋଗ ଚାଲିଥିବାରୁ ମହାପ୍ରଭୁଙ୍କ ନୀତିକ୍ରାନ୍ତି ଶୀଘ୍ର ହେଉଛି। ଅରପପକ୍ଷେ ଭୋଗ ସମୟରେ ଭକ୍ତମାନଙ୍କୁ ଅପେକ୍ଷା କରିବାକୁ ପଡ଼ୁଛି। ବର୍ତ୍ତମାନ ଏସି ବ୍ୟାରିକେଡ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ତାହାର କାର୍ଯ୍ୟ ଶେଷ ହୋଇନାହିଁ। ଅପରପକ୍ଷରେ ଭକ୍ତଙ୍କ ଗହଳିକୁ ସମ୍ଭାଳିବାରେ ପୋଲିସ ପ୍ରଶାସନ ଏକପ୍ରକାର ବିଫଳ ହୋଇଛି । ଯାହାର ଉଦାହରଣ ବୁଧବାର ଦେଖିବାକୁ ମିଳିଥିଲା। ବ୍ୟାରିକେଡ ମଧ୍ୟରେ ଘଣ୍ଟା ଘଣ୍ଟା ଧରିଛିଡ଼ା ହେବାରୁ ଜଣେ ମହିଳା ଭକ୍ତ ଅଚେତ ହୋଇଯାଇଥିଲେ। ସେହିପରି ବହୁ ସମୟ ଠିଆ ହୋଇ ରହିଥିବା ଜଣେ ଅସୁସ୍ଥ ମହିଳାଙ୍କୁ ଫିଡ୍ ମାରିଥିଲା। ଫଳରେ ସେ ବ୍ୟାରିକେଡରେ ପରିଶ୍ରା ସହ ମଳତ୍ୟାଗ କରିଥିଲେ। ଯାହାକୁ ନେଇ ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଭକ୍ତମାନେ ଦାବି କରିଛନ୍ତି।

## ଭବିଷ୍ୟତରେ ସୁନାଗରିକ ହେବାକୁ ଉପଦେଶ

ବାରଙ୍ଗ,୨୭।୧୨(ଲିଙ୍ଗରାଜ ରାଉତ)

ଭାରତୀୟ ଶିକ୍ଷା ପରିଷଦ ଅନୁବନ୍ଧିତ ବିଦ୍ୟାଳୟଗୁଡ଼ିକର ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପଟିଆ, କାନନ ବିହାରସ୍ଥିତ ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ର ପରିସରରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁଧୀର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ତଥା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ସଭାପତି ପଦ୍ମଚରଣ ନାୟକ, ସାମାଜିକ କର୍ମୀ ଅପର୍ଣ୍ଣା ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ଶିକ୍ଷାର୍ଥୀଙ୍କୁ ଭାରତୀୟ ସଂସ୍କୃତି ଓ ପରମ୍ପରା ମାଧ୍ୟମରେ ଶିକ୍ଷାଦାନ ପଦ୍ଧତିକୁ ଆହୁରି ସରସ ସୁନ୍ଦର କରି ଭବିଷ୍ୟତରେ ସର୍ବଭାରତୀୟସ୍ତରରେ ସୁନାଗରିକ ତିଆରି କରିବାର ପ୍ରଚେଷ୍ଟା ଜାରି ରଖିବାକୁ ଅତିଥିମାନେ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟ, ସମ୍ପାଦକ ରବିନାରାୟଣ ଜେନା, ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପାଣି ଅତିଥି ଭାବେ ଯୋଗଦେଇଥିଲେ। ସୁଶାନ୍ତ ସେନାପତି, ଅନାମ ଚରଣ ମାଝି, ବସନ୍ତ ବେହେରା ଓ ଅସିତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁନ୍ଦର ମୋହନ ବାରିକ, ବିଚିତ୍ରାନନ୍ଦ ସ୍ୱାଇଁ ଓ ରାଜକିଶୋର ସ୍ୱାଇଁ ଏଥିରେ ସହଯୋଗ କରିଥିଲେ।

# 'ଶୃଙ୍ଖଳିତ ଶିକ୍ଷା ଦିଏ ସୁନ୍ଦର ଭବିଷ୍ୟତ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବେଗୁନିଆ,୨୭।୧୨(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳସ୍ଥିତ ସ୍ୱାମୀ ଦୟାନନ୍ଦ ଆଦର୍ଶ ଗୁରୁକୁଳ ଆଶ୍ରମ ପରିସରରେ ୩ ଦିନ ଧରି ଚାଲିଥିବା ବାର୍ଷିକୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଆଶ୍ରମର ପ୍ରତିଷ୍ଠାତା ତଥା ବିଶିଷ୍ଟ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡ. ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରବଚକ ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ ଓ ସ୍ୱାମୀ ଶାନ୍ତାନନ୍ଦ ସରସ୍ୱତୀ, ଡ. ବିକାଶ ପଣ୍ଡା, ଅଜୟ ନାୟକ, ନୟାଗଡ଼ର ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ଭୁବନେଶ୍ୱରସ୍ଥିତ ଆର୍ଯ୍ୟ ସମାଜର ଅଧ୍ୟକ୍ଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଶ୍ରୀଚନ୍ଦନ, ଶ୍ରୁତିପ୍ରିୟ ବାନପ୍ରସ୍ଥି ସୁରେନ୍ଦ୍ର ଛୋଟରାୟ, ସାମାଜିକ କର୍ମୀ ଭିକାରୀ ଚରଣ ସାହୁ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଶିକ୍ଷା ଏମିତି ଏକ ଶବ୍ଦ, ଯାହାର କୌଣସି ଅନ୍ତ ନ ଥାଏ। ବାଲ୍ୟକାଳରୁ କିଏ କେତେପ୍ରକାର ଶିକ୍ଷାକୁ ଆପଣେଇ ନେଉଛନ୍ତି, କିଏ ସରକାରୀ ବିଦ୍ୟାଳୟରେ ତ ଆଉ କିଏ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷାଲାଭ କରୁଛନ୍ତି। ହେଲେ ସବୁଠି ଶୃଙ୍ଖଳିତ ଶିକ୍ଷା ଗ୍ରହଣ କଲେ ସୁନ୍ଦର ଭବିଷ୍ୟତ ଗଠନ ହୋଇପାରିବ ବୋଲି ଅତିଥି ଶ୍ରୀଚନ୍ଦନ ଉଦ୍‌ବୋଧନ ଦେଇଥିଲେ। ଆଶ୍ରମ ପରିସରରେ ଦୈନିକ ପ୍ରାତଃରେ ଯୋଗାଭ୍ୟାସ, ୫୧ କୁଣ୍ଡୀୟ ଯଜ୍ଞ, ବୈଦିକ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଆଶ୍ରମର ପ୍ରତାପ ପଟ୍ଟନାୟକ, ରବି ନାରାୟଣ ଲେଙ୍କା, ଲକ୍ଷ୍ମୀଧର ପଣ୍ଡା ଓ ସମ୍ପାଦକ ଦୁଷ୍ମନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଆଚାର୍ଯ୍ୟ ଧର୍ମରାଜ ଧନ୍ୟବାଦ ଦେଇଥିଲେ।

## ଜାନୁୟାରୀରୁ ଏକାମ୍ର ହେରିଟେଜ୍ ୱାକ୍

ଭୁବନେଶ୍ୱର, ୨୭।୧୨(ଅନୁରାଧା ମହାରଣା)

ଭୁବନେଶ୍ୱରରେ ପୁଣି ଏକାମ୍ର ହେରିଟେଜ୍ ୱାକ ଆରମ୍ଭ ହେବାକୁ ଯାଉଛି। ଜାନୁୟାରୀ ମାସଠାରୁ ପୁଣି ଏହାକୁ ଆରମ୍ଭ କରାଯିବ ବୋଲି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ହେରିଟେଜ୍ ୱାକ୍‌ର ତୃତୀୟ ସଂସ୍କରଣ ହୋଇଥିବାବେଳେ ଅଧିକରୁ ଅଧିକ ଐତିହ୍ୟ ସ୍ଥଳିକୁ ସାମିଲ କରାଯିବ। ପୂର୍ବବର୍ଷ ପରି ଚଳିତଥର ମଧ୍ୟ ଏହି ପଦଯାତ୍ରାରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ଓ ନେଚର ଟ୍ରେଲର ମଜା ମଧ୍ୟ ରହିବ। ସେହିପରି ସହରରେ ଥିବା ବିଭିନ୍ନ ମ୍ୟୁଜିୟମରେ ଏହି ପଦଯାତ୍ରା କରାଯିବ। ତେବେ ପ୍ରଥମଥର ଲାଗି ଚଉଷଠୀ ଯୋଗିନୀ ପୀଠକୁ ପଦଯାତ୍ରାରୋ ସାମିଲ କରିବା ଓ ମା'ଙ୍କ ଗାଥା ସହ ମନ୍ଦିରର କାରୁକାର୍ଯ୍ୟ ଉପରେ ପର୍ଯ୍ୟଟକଙ୍କୁ ଅବଗତ କରାଯିବାକୁ ଯୋଜନା ଥବବା ସୂଚନା ରହିଛି। ଏକାମ୍ରକ୍ଷେତ୍ରରେ ଥିବା ବିଭିନ୍ନ ଶୈବ ପୀଠ, ଖଣ୍ଡଗିରି–ଉଦୟଗିରି ଗୁମ୍ଫା ସହ କଳାଭୂମି ପରିଦର୍ଶନ ସହ ପର୍ଯ୍ୟଟକ ନେଚର ଟ୍ରେଲରେ ଭ୍ରମଣ ସହ କାହାଣୀର ମଜା ନେବେ। ସୂଚନା ଅନୁସାରେ, ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ଏହି ପଦଯାତ୍ରା କରାଯିବ । ବିଡିଏ ଏଥିଲାଗି ଏକ ବିଶେଷଜ୍ଞ ଏଜେନ୍ସିକୁ ନିଯୁକ୍ତ କରିବ । ଭୁବନେଶ୍ୱର ସହର ଇତିହାସ ୫ମ ଏବଂ ଷଷ୍ଠ ଶତାବ୍ଦୀରୁ ଆରମ୍ଭ ହୋଇଛି ଏବଂ ଏବେ ଏହା ସ୍ମାର୍ଟ ସିଟି ପାଲଟିଛି ।ଭୁବନେଶ୍ୱରର ଉତିହାସ ବିଷୟରେ ପର୍ଯ୍ୟଟକଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରାଯିବ।

## ପୌର ପରିଷଦ ପକ୍ଷରୁ କ୍ରୀଡ଼ା ଉତ୍ସବ



କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଜଟଣୀ,୨୭।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ପକ୍ଷରୁ ନୂଆ –ଓ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ସ୍ଥାନୀୟ ପ୍ରାଣନାଥ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ଏହି କ୍ରୀଡା ଉତ୍ସବ ବିଏସଏଫର ଡେପୁଟି କାମାଣ୍ଡାଣ୍ଟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଟଣୀ ପୋରାଧ୍ୟକ୍ଷ ଅନନ୍ତ ବେହେରା, ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ଉପାଧ୍ୟକ୍ଷା ଆରତୀ ରାଉତଙ୍କ ସମେତ ପୌରସଭ୍ୟ, ପୌର କର୍ମଚାରୀ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପର୍ବ ପରେ ଖେଳପଡିଆରେ ଟେନିସ ବଲ କ୍ରିକେଟ, କୁଦିଆରୀ କ୍ଲବ ପଡ଼ିଆରେ ଫୁଟବଲ, ଏନଡିଆରସି ବିଦ୍ୟାଳୟ ଖେଳପଡିଆରେ କବାଡି ଓ ଖୋଖୋ ଏବଂ ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଭଲିବଲ ଓ ହକି ମ୍ୟାଚ ହୋଇଥିଲା। ଏହି ଖେଳ ନକଆଉଟ ଭାବେ ଖେଳାଯିବା ସହ ବିଜେତା ଦଳଙ୍କୁ ଉଦଯାପନୀ ଇସବରେ ପୁରସ୍କୃତ କରିବା ସହ ଜିଲାସ୍ତରୀୟ ମ୍ୟାଚ ଖେଳିବାକୁ ପଠାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା

ପୁରୀ,୨୭।୧୨(ଅଜିତ୍ ମହାନ୍ତି)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ପୁରୀ ସରକାରୀ ଆଇଟିଆଇ ପ୍ରାଙ୍ଗଣରେ ଜିଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ୨୫ରୁ ଅଧିକ ନିଯୁକ୍ତି ଓ ତାଲିମ୍‌ଦାତା ସଂସ୍ଥା କଟକ ଆର୍ମି ଭର୍ତ୍ତି କାର୍ଯ୍ୟାଳୟ, ହୋଣ୍ଡା, ଆପାସ୍ କନ୍‌ସଲ୍‌ଟାନ୍ସି, ଆଇସିଆଇସିଆଇ ବ୍ୟାଙ୍କ, ଶାହୀ ଏକ୍ସପୋର୍ଟ, ଗ୍ରାମ ତରଙ୍ଗ, ସ୍ୱତନ୍ତ୍ର, ଲାଇଫ୍ ଲାଇଟ୍ କ୍ୟାରିଅର ସଲ୍ୟୁଶନ, ୱିନ୍‌ଷ୍ଟନ୍ ଇଣ୍ଡିଆ, ହଲିଡେ ରିସର୍ଟ ପୁରୀ, ଯଶସ୍ୱୀ ଏକାଡେମୀ, କ୍ରେଡିଟ୍ ଆସେସ୍ ଗ୍ରାମିନ୍ ଲିମିଟେଡ୍, ସିପେଟ୍ ଆଦି ସଂସ୍ଥା ଯୋଗଦେଇଥିଲେ। ଚାକିରି ଅନ୍ୱେଷଣରେ ୫ମ ଶ୍ରେଣୀ ପାସ୍ ଓ ତଦୂର୍ଦ୍ଧ୍ୱ ସ୍କୁଲ, କଲେଜ (ଯୁକ୍ତ୨ ଓ ଯୁକ୍ତ୩), ଆଇଟିଆଇ, ଡିପ୍ଲୋମା ପାସ୍ କରିଥିବା ଏବଂ ଅଧାରୁ ପାଠ ଛାଡ଼ିଥିବା ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ।

# ସମାନ୍ତରାଳ ଭାବେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ



ବୈଠକରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଏବଂ ଅନ୍ୟମାନେ।

ବାଲୁଗାଁ,୨୭।୧୨(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲୁଗାଁର ୨ଟି ସ୍ଥାନରେ ମଙ୍ଗଳବାର ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା, ଯାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଚିଲିକାରେ ବିଜେଡି ମଙ୍ଗ କିଏ ଧରିବ ସେନେଇ ଅନିଶ୍ଚିତତା ଦେଖାଦେଇଛି। ସ୍ଥାନୀୟ କ୍ରିଷ୍ଣା ମଣ୍ଡପଠାରେ ଆୟୋଜିତ ପ୍ରତିଷ୍ଠା ଦିବସରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲା ପର୍ଯ୍ୟବେକ୍ଷକ ରାଜା ଚକ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ମାନସ ପ୍ରଧାନ, ଜିଲା ବିଜେଡି ସାଧାରଣ ସମ୍ପାଦକ ମନୋଜ ପ୍ରଧାନ, ସନ୍ତୋଷ କୁମାର ଜାଲି, ବାଣପୁର ନଗରପାଳ ମିଟୁ ନାୟକ, ବାଲୁଗାଁ ଏନ୍‌ଏସି ନଗରପାଳିକା ସୁକାନ୍ତି ପାଇକରାୟ, ଉପାଧ୍ୟକ୍ଷ ଭଗବାନ ପ୍ରଧାନ, ଉତ୍ପଳ ପାଇକରାୟ, ପ୍ରଭାସ ସୁନ୍ଦରାୟ, ଅମ୍ରିତା ବେହେରା, ସୁଜାତା ପଣ୍ଡାଙ୍କ ସମେତ ଚିଲିକା ଏବଂ ବାଣପୁର ବ୍ଲକ୍‌ର ସମସ୍ତ ଜିଲା ପରିଷଦ ସଭ୍ୟ ଓ ଏନ୍‌ଏସି କାଉନ୍‌ସିଲରମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟପଟେ ରାମପୁର ରୋଡ୍‌ସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ବହୁ ବିଜେଡି କର୍ମୀ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଶପଥ ନେଇଥିଲେ। ସମସ୍ତ କର୍ମୀ ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ସଙ୍କଳ୍ପବଦ୍ଧ ହେବା ପାଇଁ ପୂର୍ବତନ ବିଧାୟକ ସାହୁ ଆହ୍ୱାନ ଦେଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଥିଲା।

# 'ବିଦ୍ୟାର୍ଥୀଙ୍କ ପ୍ରତିଭା ପ୍ରତିପାଦନର ସୁଯୋଗ ଆଣିଛି ନୂଆ-ଓ'

ବୋଲଗଡ଼,୨୭।୧୨(ଦେବବ୍ରତ ହୋତା)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ କାଳୀଚରଣ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା 'ନୂଆ–ଓ' କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଲେଜ ପରିଚାଳନା କମିଟି ସଭାପତି ନବକିଶୋର ସାମନ୍ତସିଂହାର ପୌରୋହିତ୍ୟ କରିଥିଲେ। ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ସୁକାନ୍ତ ବେହେରା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ମୁଖ୍ୟବକ୍ତା ସ୍ଥାନୀୟ ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଏହି କାର୍ଯ୍ୟକ୍ରମ ବିଦ୍ୟାର୍ଥୀଙ୍କ ପାଇଁ ପ୍ରତିଭା ପ୍ରତିପାଦନର ସୁଯୋଗ ଆଣିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଶିକ୍ଷାବିତ୍ କାଳୀଚରଣ ଜୟସିଂହ, ସମ୍ପାଦିକା କୁମୁଦିନୀ ଜୟସିଂହ, ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା, ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ପୂର୍ବତନ ସରପଞ୍ଚ ମାଧବ ଚନ୍ଦ୍ର ବିଶ୍ୱାଳ, ପରିଚାଳନା କମିଟି ସଦସ୍ୟା ପ୍ରଭାତି ରାଉତରାୟ, ସସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଗତ ୧୫ ତାରିଖରୁ ମହାବିଦ୍ୟାଳୟରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଭାଗନେଇ ପାରଦର୍ଶିତା ଦେଖାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ବିଭାଗ ପାଇଁ ଅଧ୍ୟାପିକା ଝିଲି ମହନ୍ତ, ସଂସ୍କୃତି ବିଭାଗ ପାଇଁ ଅଧ୍ୟାପକ ରାଜକିଶୋର ବୈରୀଗଞ୍ଜନ ଏବଂ ସାମାଜିକ ବିଭାଗରେ ଅଧ୍ୟାପକ ଡ. ସୁକାନ୍ତ ବେହେରା ନୋଡାଲ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଅଧ୍ୟାପକ ବୈରୀଗଞ୍ଜନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଖବରଦାତା ପୂର୍ଣ୍ଣାନନ୍ଦଙ୍କ ବିୟୋଗରେ ଶୋକ

ସାକ୍ଷୀଗୋପାଳ,୨୭।୧୨
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀର ବରିଷ୍ଠ ଖବରଦାତା ପୂର୍ଣ୍ଣାନନ୍ଦ ତ୍ରିପାଠୀ(୭୦)ଙ୍କ ବୁଧବାର ଅପରାହ୍ଣରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ଓଡ଼ିଶା ସାମ୍ବାଦିକ ସଂଘ ପୁରୀ ଜିଲା ସଭାପତି ମଧୁସୂଦନ ମିଶ୍ର, ସମ୍ପାଦକ ମିଳନ ମହାନ୍ତି, ଉପଦେଷ୍ଟା ସୌମିତ୍ର ହରିଚନ୍ଦନ, ସତ୍ୟବାଦୀ ଖବରଦାତା ସଂଘ ସଭାପତି କିଶୋର ମହାପାତ୍ର, ସମ୍ପାଦକ ଅଶୋକ ବେହେରା, କୋଷାଧ୍ୟକ୍ଷ ବସନ୍ତ ପଟ୍ଟନାୟକ, ସହସମ୍ପାଦକ ପ୍ରଶାନ୍ତ ବାରିକ, ସଭ୍ୟ ଅଶୋକ ମିଶ୍ର, ଅମର ଶତପଥୀ, ପ୍ରଭାତ ମିଶ୍ରଙ୍କ ସମେତ ଅନ୍ୟମାନେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ତ୍ରିପାଠୀଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତିମ ସଂସ୍କାର କରାଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ରଞ୍ଜିତା ତ୍ରିପାଠୀ, ବଡ଼ ପୁଅ ଓ ସାନ ପୁଅ ଓ ପୁତ୍ର ବଧୂ, ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ଜ୍ୟେଷ୍ଠ ପୁତ୍ର ଚନ୍ଦନ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

### ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦୁଇଟି ଏତଲା

ପୁରୀ,୨୭।୧୨(ଅଜିତ୍ ମହାନ୍ତି):

ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ବୁଧବାର ସିଂହଦ୍ୱାର ଥାନାରେ ଦୁଇଟି ଏତଲା ଦେଇଛନ୍ତି। ସେ ତାଙ୍କ ଏତଲାରେ କାମିଆ ଜାନୀଙ୍କ ମହାପ୍ରସାଦ ସେବନ, ପ୍ରଚାର ଓ ଶ୍ରୀମନ୍ଦିର ଭିତରକୁ ପ୍ରବେଶକୁ ବିରୋଧ କରିଛନ୍ତି। ଜାନୀଙ୍କୁ କିଏ ଶ୍ରୀମନ୍ଦିରରେ ପ୍ରବେଶ କରାଇଛି ତାହା ଜାଣିବା ପାଇଁ ସିସିଟିଭି ଯାଞ୍ଚ କରାଯାଇ ଉକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେହିପରି ଦ୍ୱିତୀୟ ଏତଲା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ବିରୋଧରେ ଦେଇଛନ୍ତି। ଆସନ୍ତା ୩୧ ତାରିଖରେ ପ୍ରବଳ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ମହାପ୍ରଭୁଙ୍କୁ ପହୁଡ ହୋଇ ନ ପାରେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଥିଲେ। ତେଣୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଏଭଳି ପରମ୍ପରା ବିରୋଧୀ କହିବାରୁ ତାଙ୍କ ବରୋଧରେ ମଧ୍ୟ ଏତଲା ଦେଇଛନ୍ତି ପଟ୍ଟନାୟକ।

### ଲଙ୍କେଶ୍ୱରୀ ସ୍ପୋର୍ଟ୍ସ କ୍ଲବ ସେମିରେ

ବଳଙ୍ଗା,୨୭।୧୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ମିନି ଷ୍ଟାଡିୟମରେ ଲଙ୍କେଶ୍ୱରୀ ଫୁଟବଲ କ୍ଲବ ପକ୍ଷରୁ ୨୨ତମ ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ମ୍ୟାଚରେ କିଶୋର କ୍ଲବ ଭୁବନେଶ୍ୱରକୁ ହରାଇ ବଳଙ୍ଗା ଲଙ୍କେଶ୍ୱରୀ ସ୍ପୋର୍ଟ୍ସ କ୍ଲବ ସେମିରେ ପ୍ରବେଶ କରିଛି। ମ୍ୟାଚ ଅମୀମାଂସିତ ଭାବେ ରହିଥିବାରୁ ଟ୍ରାଇ ବ୍ରେକର ସାହାଯ୍ୟରେ ଭୁବନେଶ୍ୱର କିଶୋର କ୍ଲବ ଗୋଲ୍ଡେନ ଗୋଲରେ ହରାଇ ଲଙ୍କେଶ୍ୱରୀ ସ୍ପୋର୍ଟ୍ସ କ୍ଲବ ବିଜୟୀ ହୋଇଛି। କ୍ଲବ ସମ୍ପାଦକ କୃପାସିନ୍ଧୁ ଦତ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ପ୍ରମୁଖ ଅତିଥି ଭାବେ ନିମାପଡ଼ା ରିଜିଓନାଲ କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ସାମନ୍ତରାୟ, ସାମାଜିକ କର୍ମୀ ତଥା ପୁରୀ ଜିଲା ଭାଜପାର ଉପସଭାପତି ଦେବାଶିଷ ଆଚାର୍ଯ୍ୟ, ବଳଙ୍ଗା ରାଜସ୍ୱ ଅଧିକାରୀ ଯୋଗଦେଇଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ସୁନିଲ ସାହୁଙ୍କୁ ପୁରସ୍କୃତ କରାଯଇଥିଲା। ମ୍ୟାଚକୁ ରେଫରି ସୁଦିପ୍ ଦାସ, ଅମିତ୍ ନାୟକ, ପ୍ରିୟବ୍ରତ ବାହିନୀପତି, ସୁଶାନ୍ତ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ନୀଳାଚଳ ସ୍ପୋର୍ଟ୍ସ କ୍ଲବ ପୁରୀ ଓ ଜଗା ୟୁନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

# ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଗୁରୁତ୍ୱ

## ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଆଇଜି

ପୁରୀ,୨୭।୧୨(ଅଜିତ୍ ମହାନ୍ତି):

ଆଉ ଦିନ କେଇଟା ପରେ ନୂଆବର୍ଷ। ଏବେଠାରୁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଗହଳି ହେଲାଣି। ବୁଧବାର କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂହ ପୁରୀ ଗସ୍ତରେ ଆସି ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ନୂଆବର୍ଷରେ ଯେପରି ଭକ୍ତମାନେ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେନେଇ ସମୀକ୍ଷା କରିଥିଲେ। ଏହି ଅବସରରେ କେନ୍ଦ୍ରାଞ୍ଚଳ ଆଇଜି ସିଂହ କହିଛନ୍ତି ଯେ, ଭକ୍ତମାନଙ୍କ ସୁରକ୍ଷିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଏସି ଶେଡ୍ ହେଉ କିମ୍ବା ଅଭ୍ୟର୍ଥନା ଗୃହ ହେଉ ସମସ୍ତ କାର୍ଯ୍ୟ ଜାରି ରହିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ହେବା ଫଳରେ ଆଗ ଅପେକ୍ଷା ଏବେ ସ୍ଥାନ ପ୍ରଶସ୍ତ ହୋଇଛି। ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଭକ୍ତଙ୍କ ସୁବିଧା ପାଇଁ ଯେଉଁ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ତାହା ଆଉ ଦୁଇ ତିନିଦିନ ମଧ୍ୟରେ ଶେଷହେବ। ଫଳରେ ଭକ୍ତମାନେ ଆଉ ହଇରାଣ ହେବେ ନାହିଁ। ଆଗକୁ ମଧ୍ୟ ସ୍ୱତନ୍ତ୍ର ବାଟାଲିୟନର ବ୍ୟବସ୍ଥା କରାଯାଉଛି, ଯାହାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ତେବେ ନୂଆବର୍ଷ ପାଇଁ ବ୍ୟାପକ ପୋଲିସ ଅଫିସର ଓ ଫୋର୍ସ ନିୟୋଜିତ ହେବେ। ଗୁରୁବାରଠାରୁ ଫୋର୍ସ ପୁରୀରେ ପହଞ୍ଚିବେ। ୨୯ ତାରିଖରେ ସେମାନଙ୍କର ରିହର୍ସାଲ କରାଯିବା ସହ ଉକ୍ତ ଦିନ କେତେ ପ୍ଲାଟୁନ ପୋଲିସ ଫୋର୍ସ ଓ ଅଧିକାରୀ ନିୟୋଜିତ ହେବେ ତାହାର ସୂଚନା ଦିଆଯିବ ବୋଲି ସିଂହ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅନେକ ସମୟ ଧରି ବ୍ୟାରିକେଡ୍‌ରେ ଛିଡ଼ା ହେଉଛନ୍ତି, ଯାହାକୁ ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପହିଲିଭୋଗ ନୀତି ଚାଲିଥିବାରୁ ମହାପ୍ରଭୁଙ୍କ ନୀତିକାନ୍ତି ଶୀଘ୍ର ହେଉଛି। ଅପରପକ୍ଷେ ଭୋଗ ସମୟରେ ଭକ୍ତମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ବର୍ତ୍ତମାନ ଏସି ବ୍ୟାରିକେଡ୍ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ତାହା ଶେଷ ହୋଇନାହିଁ। ଅପରପକ୍ଷରେ ଭକ୍ତଙ୍କ ଗହଳିକୁ ସମ୍ଭାଳିବାରେ ପୋଲିସ ପ୍ରଶାସନ ଏକପ୍ରକାର ବିଫଳ ହୋଇଛି, ଯାହାର ଉଦାହରଣ ବୁଧବାର ଦେଖିବାକୁ ମିଳିଥିଲା। ବ୍ୟାରିକେଡ୍ ମଧ୍ୟରେ ଘଣ୍ଟା ଘଣ୍ଟା ଧରି ଛିଡ଼ାହେବାରୁ ଜଣେ ମହିଳା ଭକ୍ତ ଅଚେତ ହୋଇଯାଇଥିଲେ। ସେହିପରି ବହୁ ସମୟ ଠିଆହୋଇ ରହିଥିବା ଜଣେ ଅସୁସ୍ଥ ମହିଳାଙ୍କୁ ଫିଟ୍ସ ମାରିଥିଲା। ଫଳରେ ସେ ବ୍ୟାରିକେଡରେ ପରିଶ୍ରା ସହ ମଳତ୍ୟାଗ କରିଥିଲେ, ଯାହାକୁ ନେଇ ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଶ୍ରୀମନ୍ଦିର ଚାରିପାଖରେ ଶୌଚାଳୟ ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ବହୁ ଭକ୍ତ ଶୌଚାଳୟ କେଉଁଠାରେ ଅଛି ଜାଣିପାରୁନାହାନ୍ତି। ଫଳରେ ଭକ୍ତମାନେ ହଇରାଣ ହେଉଛନ୍ତି। ଅପରପକ୍ଷେ ଶ୍ରୀମନ୍ଦିର ସିଂହଦ୍ୱାର ପଟେ ଶୌଚାଳୟ ନାହିଁ। ହେଲେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଦୋଳବେଦିଠାରେ ଅସ୍ଥାୟୀ ଶୌଚାଳୟ ରହିଛି। ଯେଉଁମାନେ ବ୍ୟାରିକେଡ ଦେଇ ଯାଉଛନ୍ତି ସେମାନେ ଆଉ ପଛକୁ ଆସିପାରୁନାହାନ୍ତି। ଫଳରେ ଅନେକ ସମୟରେ ଭକ୍ତମାନେ ହଇରାଣ ହେଉଛନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଭକ୍ତମାନେ ଦାବି କରିଛନ୍ତି।

# ଜିଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା



ପୁରୀ,୨୭।୧୨(ଅଜିତ୍ ମହାନ୍ତି):

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ପୁରୀ ସରକାରୀ ଆଇଟିଆଇ ପ୍ରାଙ୍ଗଣରେ ଜିଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ୨୫ରୁ ଅଧିକ ନିଯୁକ୍ତି ଓ ତାଲିମ୍‌ଦାତା ସଂସ୍ଥା କଟକ ଆର୍ମି ଭର୍ତ୍ତି କାର୍ଯ୍ୟାଳୟ, ହୋଣ୍ଡା, ଆପାସ୍ କନ୍‌ସଲ୍‌ଟାନ୍ସି, ଆଇସିଆଇସିଆଇ ବ୍ୟାଙ୍କ, ଶାହୀ ଏକ୍ସପୋର୍ଟ, ଗ୍ରାମ ତରଙ୍ଗ, ସ୍ୱତନ୍ତ୍ର, ଲାଇଫ୍ ଲାଇଟ୍ କ୍ୟାରିଅର ସଲ୍ୟୁଶନ, ୱିନ୍‌ଷ୍ଟନ୍ ଇଣ୍ଡିଆ, ହଲିଡେ ରିସର୍ଟ ପୁରୀ, ଯଶସ୍ୱୀ ଏକାଡେମୀ, କ୍ରେଡିଟ୍ ଆସେସ୍ ଗ୍ରାମିନ୍ ଲିମିଟେଡ୍, ସିପେଟ୍ ଆଦି ସଂସ୍ଥା ଯୋଗଦେଇଥିଲେ। ଚାକିରି ଅନ୍ୱେଷଣରେ ୫ମ ଶ୍ରେଣୀ ପାସ୍ ଓ ତଦୂର୍ଦ୍ଧ୍ୱ ସ୍କୁଲ, କଲେଜ (ଯୁକ୍ତ୨ ଓ ଯୁକ୍ତ୩), ଆଇଟିଆଇ, ଡିପ୍ଲୋମା ପାସ୍ କରିଥିବା ଏବଂ ଅଧାରୁ ପାଠ ଛାଡ଼ିଥିବା ଯୁବତୀଯୁବକ ଏଥିରେ ଅଂଶଗ୍ରହଣ କରିଥିଲେ। ମେଳାରେ ଡା. ଶରତ ମହାପାତ୍ର (ଏଡିଏମ୍), ମେଜର ହେମେନ୍ଦ୍ର ସିଂହ, ଅରକ୍ଷିତ ପ୍ରଧାନ ଏବିଡିଓ, ଅରବିନ୍ଦ ଘୋଷ୍ ଅଧ୍ୟକ୍ଷ, ଆଇଟିଆଇ ଏବଂ ସୁବାସ ଚନ୍ଦ୍ର ବେହେରା ଜିଲା ନିଯୋଜନ ଅଧିକାରୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଆଶାୟୀ ପ୍ରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# ରାଜ୍ୟସ୍ତରୀୟ ଶିଶୁସାହିତ୍ୟିକ ସମ୍ମିଳନୀ




ରାଜ୍ୟସ୍ତରୀୟ ଶିଶୁସାହିତ୍ୟିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

ପୁରୀ,୨୭।୧୨(ଅଜିତ୍ ମହାନ୍ତି):

ଶ୍ରୀକ୍ଷେତ୍ର ଶିଶୁସାହିତ୍ୟ ସଂସଦର ୩୧ତମ ବାର୍ଷିକ ଉତ୍ସବ ଅବସରରେ ଏକ ରାଜ୍ୟସ୍ତରୀୟ ଶିଶୁସାହିତ୍ୟିକ ସମ୍ମିଳନୀ ବୁଧବାର ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଶିଷ୍ଟ ଭାଷାବିତ୍ ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ.କୈଳାସ ଚନ୍ଦ୍ର ଟିକାୟତରାୟ ଉଦ୍‌ଘାଟକ, ଓଡ଼ିଶା ଶିଶୁ- କିଶୋର ସାହିତ୍ୟ ଏକାଡ଼େମୀର ସଭାପତି ପ୍ରଫେସର ଦାଶ ବେନହୁର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ନଗରପାଳ ସୁରେନ୍ଦ୍ର ଦାଶ, ବିଶିଷ୍ଟ ଗୀତିକାର ତଥା ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ଧନଞ୍ଜୟ ସ୍ୱାଇଁ, 'ଝୁମୁକା'ର ସମ୍ପାଦକ ମାନସ ରଞ୍ଜନ ସାମଲ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ.ହେମନ୍ତ କୁମାର ଛୋଟରାୟ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସମ୍ପାଦକ ମହେନ୍ଦ୍ର ବିଶୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ମହାନ୍ତି ଅତିଥି ପରିଚୟ ଏବଂ ଉପସଭାପତି ରମେଶଚନ୍ଦ୍ର ଦାଶ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରତ୍ନାକର ନାୟକ(ଯାଜପୁର), ହରିପ୍ରିୟା ପଟ୍ଟନାୟକ(ଭୁବନେଶ୍ୱର), ଡ.ବିଜୟା ପାତ୍ର (ଫୁଲବାଣୀ), ପ୍ରଭାସିନୀ ବରାଡ଼(ନୟାଗଡ), ସୁଶ୍ରୀ ସଞ୍ଜୁକ୍ତା ପରିଚ୍ଛା(ବଲାଙ୍ଗୀର), କବିତା ମିଶ୍ର (ପୁରୀ)ଙ୍କୁ ଶିଶୁସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ। ସମାରୋହରେ ପ୍ରଭାସିନୀ ବରାଡ଼ଙ୍କ ରଚିତ ଶିଶୁ ପତ୍ରିକା 'ମାଆ ଲୋ ମାଆ କହିଦେ ମୋତେ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

### ପୁରୁଣା ସ୍ମୃତି ମନେ ପକାଇଲେ ଛାତ୍ରୀଛାତ୍ର

ସାକ୍ଷୀଗୋପାଳ,୨୭।୧୨(ଭରତ ରାଉତ)

ଦୀର୍ଘ ୪୪ ବର୍ଷପରେ ଜାଗେଶ୍ୱରୀ ବିଦ୍ୟାପୀଠ ଅଲଗୁମ ୧୯୮୯ରେ ମ୍ୟାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରଙ୍କ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରାକ୍ତନ ଶିକ୍ଷକ ମାର୍କଣ୍ଡ ସେନାପତି, ବିରଞ୍ଚି ନାରାୟଣ ମହାନ୍ତି ଓ ଦୁର୍ଯ୍ୟୋଧନ ନାୟକଙ୍କୁ ପୁରାତନ ଛାତ୍ରୀଛାତ୍ର ଗୁରୁପୂଜନ ସହିତ ମାନପତ୍ର ଓ ଉପଢୌକନ ପ୍ରଦାନ କରି ଗୁରୁଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏଥିରେ ୨୦ ଜଣ ଛାତ୍ରୀଛାତ୍ର ପରିବାର ସହିତ ଯୋଗଦେଇ ପୁରୁଣା ସ୍ମୃତି ମନେ ପକାଇ ଭାବ ବିହ୍ୱଳ ହୋଇଥିଲେ। ସଭାର ପ୍ରାରମ୍ଭରେ ସ୍ୱର୍ଗାରୋହଣ କରିଥିବା ଡ. ଜିତିଷ ମହାନ୍ତି ଓ ସଚ୍ଚିଦାନନ୍ଦ ବରାଳଙ୍କ ସ୍ମୃତିରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏଥିରେ ଜାଗେଶ୍ୱରୀ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉର୍ମିଳା ନାୟକ ଯୋଗଦେଇ ସମସ୍ତଙ୍କ ଶୁଭକାମନା କରିଥିଲେ। ପୁରାତନ ଛାତ୍ରୀଙ୍କ ପକ୍ଷରୁ ଯୁଧିଷ୍ଠିର ବରାଳ, ବିଜୟ ପରିଡ଼ା ଓ ବୃନ୍ଦାବନ ବେହେରା ସଭା ପରିଚାଳନା କରିଥିଲେ।

### ଚିକିତ୍ସାଧୀନ ଅବସ୍ଥାରେ ହାତୀ ମୃତ

ଟାଙ୍ଗୀ,୨୭।୧୨(ରଘୁନାଥ ସାହୁ):

ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ରଣପୁର ବନାଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଅନ୍ୟପଟେ ହାତୀ-ମଣିଷ ଲଢ଼େଇରେ କେତେବେଳେ ହାତୀର ଜୀବନ ଯାଉଛି ତ ଆଉ କେତେବେଳେ ମଣିଷ ପ୍ରାଣ ହରାଉଛି। ଏହି ବନାଞ୍ଚଳ ଅନ୍ତର୍ଗତ ହରିହରପୁର ଜଙ୍ଗଲରେ ଏକ ହାତୀ ଅସୁସ୍ଥ ଅବସ୍ଥାରେ ବୁଲୁଥିବା ନେଇ ଖବରପାଇ ବନ ବିଭାଗ କର୍ମଚାରୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହାତୀଟିର ଆଗଗୋଡ଼ରେ ଗଭୀର କ୍ଷତ ହୋଇଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ଦଳ ଏବଂ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା କରିଥିଲେ ମଧ୍ୟ ହତୀର ମୃତ୍ୟୁ ଘଟିଥିଲା। ଏହି ହାତୀର ବୟସ ଆନୁମାନିକ ୩୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ବିଶ୍ୱ ନାଟ୍ୟ ଦିବସ ପ୍ରସ୍ତୁତି ବୈଠକ



ପୁରୀ,୨୭।୧୨(ଅଜିତ୍ ମହାନ୍ତି):

ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ୨୦୨୪ ମାର୍ଚ୍ଚ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହେବ। ଏନେଇ ବୁଧବାର ପ୍ରଥମ ପ୍ରସ୍ତୁତି ବୈଠକ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ସଭାପତି ଭରତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ମଣ୍ଡଳୀର ଚକ୍ରଧର ମହାପାତ୍ର, ପ୍ରସନ୍ନ କୁମାର ମିଶ୍ର, ପ୍ରଦ୍ୟୁମ୍ନ କୁମାର ମିଶ୍ର, ଲକ୍ଷ୍ମୀଧର ପୂଜାପଣ୍ଡା, ଡ.ରାଧେଶ୍ୟାମ ରଥ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଗତ କାର୍ଯ୍ୟକ୍ରମର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ କାର୍ଯ୍ୟକ୍ରମ ପାଇଁ ଆନୁମାନିକ ବଜେଟ ଉପସ୍ଥାପନା କରାଯାଇଥିଲା। ଏଥିସହିତ ଆଗାମୀ ଜାନୁୟାରୀ ୨୭ରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ହେବା ନେଇ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ଶକ୍ତି ପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ବିରଞ୍ଚି ନାରାୟଣ ଷଡ଼ଙ୍ଗୀ, ସାଂସ୍କୃତିକ ସମ୍ପାଦକ ପ୍ରକାଶ କୁମାର ସାହୁ, ରାମକୃଷ୍ଣ ମହାପାତ୍ର, ରବି ନାରାୟଣ ତ୍ରିପାଠୀ, ଉମା ସାହା, ଗଣେଶ ମହାପାତ୍ର, ପ୍ରଦୀପ କୁମାର ପ୍ରଧାନ, ବିକାଶ ଦତ୍ତ, ମଧୁସୂଦନ ପୂଜାପଣ୍ଡା, ସହସମ୍ପାଦକ ଭାରତୀ ମହାପାତ୍ର, ନରସିଂହ ମହାପାତ୍ର, ଉପସଭାପତି ସବିତା ହରିଚନ୍ଦନ, ପ୍ରଦ୍ୟୁମ୍ନମ୍ନ କୁମାର ମିଶ୍ର, କୋଷାଧ୍ୟକ୍ଷ ସମୀର କୁମାର ଆଚାର୍ଯ୍ୟ,ବିରଞ୍ଚି ଜଗଦେବ, ଦେବୀ ପ୍ରସାଦ ମିଶ୍ର, ଅଭ୍ୟୁଦୟ ଦାସ, ଗୋପ କୃଷ୍ଣ ପୂଜାପଣ୍ଡାଙ୍କ ସମେତ ସମସ୍ତ କଳାକାର ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

ପୁରୀ,୨୭।୧୨(ଅଜିତ୍ ମହାନ୍ତି):

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ସଭାପତି ପ୍ରଫେସର କିଶୋର ଚନ୍ଦ୍ର ପାଢ଼ୀ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ହରପ୍ରିୟା ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ବସନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଅତିଥିଭାବେ ଆଇନଜୀବୀ ପ୍ରକାଶ ମିଶ୍ର ଯୋଗଦେଇ ସରକାରଙ୍କ ଯୋଜନାଗୁଡ଼ିକୁ ପ୍ରଶଂସା କରିବା ସହ ସଫଳ ରୂପାୟନ ପାଇଁ କାମନା କରିଥିଲେ। ରବିଶଙ୍କର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଜ୍ୟୋତିସ୍ମିସ୍ମା ସାହୁ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରୀଛାତ୍ର ସେମାନଙ୍କ ଅନୁଭୂତି ବଖାଣିଥିଲେ। ସେହିପରି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ବିସ୍ମିତା ପାତ୍ର ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପିକା ସଂଘମିତ୍ରା ସ୍ୱାଇଁ, ସୌମିତ୍ରୀ ଦାସ, ସବିତା ରାଣୀ ଦାସ, ଅଧ୍ୟାପକ ଅଭିଜିତ୍ ପଣ୍ଡା, କେଦାର ବେହେରା, ବିମଳ ଚନ୍ଦ୍ର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ଆୟୁର୍ବେଦ ମେଡିକାଲ ଅଫିସର କ୍ୟାଡର ପୁନର୍ଗଠନକୁ ବିରୋଧ

ପୁରୀ,୨୭।୧୨(ଅଜିତ୍ ମହାନ୍ତି):

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରକାଶ ପାଇଥିବା ରେଜୋଲ୍ୟୁଶନ ଅନୁଯାୟୀ ୬୯୦ ଏଏମ୍‌ଓ ପଦବୀକୁ ୪୬୦ ଏଏମ୍‌ଓ ପଦବୀ କରାଯାଇଛି, ଯାହା ଛାତ୍ରୀଛାତ୍ରଙ୍କୁ ନିରାଶ କରିଛି। ଚଳିତବର୍ଷ ଅଗଷ୍ଟ ଓ ସେପ୍ଟେମ୍ବରରେ ଅଖିଳ ଓଡ଼ିଶା ଆୟୁଷ ଛାତ୍ରସଂଘ ଦ୍ୱାରା ଆୟୁଷ ଡାକ୍ତର ପଦବୀ ବୃଦ୍ଧି ନିମନ୍ତେ ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟରେ ଆନ୍ଦୋଳନ ସହ ଲୋୟର୍ ପିଏମ୍‌ଜିରେ ହୋହଲ୍ଲା କରାଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହ ବାରମ୍ବାର ଆଲୋଚନା କରାଯାଇ ଦାବି ପୂରଣ ପାଇଁ ଆଶ୍ୱାସନା ମିଳିବା ପରେ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ହେଲେ ରାଜ୍ୟ ସରକାର ସଂଘ ଦାବିର ବିପରୀତ ଦିଗରେ କାର୍ଯ୍ୟ କରିଛନ୍ତି, ଯାହାକୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ର ସଂସଦ ନିନ୍ଦା କରିବା ସହ ବିରୋଧ କରିଛି। ଏ ଦିଗରେ ଯଦି ସରକାର କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଏକ ବିଜ୍ଞପ୍ତି ଜରିଆରେ ଛାତ୍ର ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

# ବିଜେଡି ଗଣଦୌଡ଼ରେ ୭ଶହରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ସାମିଲ

ଡେଲାଙ୍ଗ,୨୭।୧୨(ରଶ୍ମିରଞ୍ଜନ ପ୍ରଧାନ)

ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଡେଲାଙ୍ଗ ବ୍ଲକର ଯୁବତୀ ଯୁବକଙ୍କୁ ନେଇ ଏକ ଗଣଦୌଡ଼, ଶପଥପାଠ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ୧୯୯୭ ମସିହା ଡିସେମ୍ବର ୨୬ରେ ଗଠିତ ହୋଇଥିବା ବିଜେଡି ବିଭିନ୍ନ ଜନହିତକାରୀ ଯୋଜନା ନିରନ୍ତର ଲୋକଙ୍କ ନିକଟରେ ପହଞ୍ଚାଇ ଦଳ ଆସ୍ଥା ଭାଜନ ହୋଇଥିବା ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଗଣଦୌଡ଼ ଉଦ୍‌ଘାଟନ ଉତ୍ସବରେ ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ସମାଜସେବା ପାଇଁ ଶପଥପାଠ କରାଯାଇଥିଲା। ଧାନକେରା ପଞ୍ଚାୟତର ବଳେଇ ବିଶ୍ୱନାଥ ମନ୍ଦିରଠାରୁ ଇନ୍ଦିପୁର ବାତ୍ୟା ଆଶ୍ରୟସ୍ଥଳ ପର୍ଯ୍ୟନ୍ତ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଜିଲା ପରିଷଦ ପ୍ରସନ୍ନ ସାହୁ, ଧରଣୀଧର ସାହୁ, ପ୍ରଜ୍ଞା ଛୋଟରାୟ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ବିଧାୟକ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ଆମ୍ବା ଅଧ୍ୟକ୍ଷା ମୀନତି ସେନାପତି, ପୂର୍ବତନ ଜିଲା ପରିଷଦ ଦେବାଶିଷ ନନ୍ଦ, ଏନ୍‌ଏସି ଅଧ୍ୟକ୍ଷ ଶେକ୍‌ବାବୁ ପ୍ରମୁଖ ଗଣଦୌଡ଼ରେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରାଇଥିଲେ। ପ୍ରତ୍ୟେକଙ୍କୁ ଦଳୀୟ ଚିହ୍ନ ଥିବା ଟି-ଶାର୍ଟ ପ୍ରଦାନ କରାଯାଇଥିଲା। ଦୌଡ଼ ପ୍ରତିଯୋଗିତାରେ ନିରାକାର ବେହେରା ପ୍ରଥମ, ଜସ୍ମିନ ସେନାପତି ଦ୍ୱିତୀୟ ଓ ରାଜେଶ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଧାୟକ ମହାରଥୀ ପ୍ରଶଂସା ପତ୍ର, ମେଡାଲ ସମେତ ଅର୍ଥରାଶି ପ୍ରଦାନ କରିଥିଲେ। ସେହିପରି ଯୁବତୀଙ୍କ ମଧ୍ୟରେ ବର୍ଷା ପ୍ରିୟଦର୍ଶିନୀ ଦଳାଇ ପୁରସ୍କୃତ ହୋଇଥିଲେ।



# ଦର୍ଶକଙ୍କ ମନମୋହିଲା ଗଣେଶ ବନ୍ଦନା

ନିମାପଡ଼ା,୨୭।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ମହୋତ୍ସବ କମିଟି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପଲାଇନ ପକ୍ଷରୁ ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହାୟତାରେ ମୁକ୍ତାକାଶ ମଞ୍ଚଠାରେ ୩ ଦିନ ବ୍ୟାପୀ ଆୟୋଜିତ ୨୩ତମ ନିମାପଡ଼ା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମନୋରମ ସନ୍ଧ୍ୟାରେ ଅତିଥି ଭାବେ ମହୋତ୍ସବ କମିଟି ସଭାପତି ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ମହୋତ୍ସବ ଲୋକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରି ଏକ ଗଣପର୍ବରେ ରୂପାନ୍ତରିତ ହୋଇଥିବା କହିଥିଲେ। ଓଡ଼ିଶାର କଳା, ଭାସ୍କର୍ଯ୍ୟ, ଐତିହ୍ୟ, ପରମ୍ପରା, ସଂସ୍କୃତି ଦୃଷ୍ଟିରୁ ଏହି ମହୋତ୍ସବ ଏକ ନିଆରା ମହୋତ୍ସବ। ଏହାର ଏକ ସ୍ୱତନ୍ତ୍ରତା ରହିଥିବା ଦାଶ କହିଥିଲେ। ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ରୁଦ୍ରପ୍ରସାଦ ମହାରଥୀ, ଓଡ଼ିଶା ସରକାରଙ୍କ ମୁକ୍ତା ଯୋଜନାର ରାଜ୍ୟ ଉପଦେଷ୍ଟା ମୀରା ପରିଡ଼ା, ଡିଆର୍‌ଡିଓ ବରିଷ୍ଠ ବୈଜ୍ଞାନିକ ଶୁଭାଶିଷ ମାରାଣ୍ଡି, ମହୋତ୍ସବ କମିଟି ସମ୍ପାଦକ ନିଗମାନନ୍ଦ ସାହୁ, ହେଲ୍ପଲାଇନ ସଭାପତି ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇ ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ କମିଟି ପକ୍ଷରୁ ପୂର୍ବତନ କାଉନସିଲର, ସାମାଜିକ କର୍ମୀ ସ୍ୱର୍ଗତ ନସିଂହ ଚରଣ ବେହେରାଙ୍କ ଉଦ୍ଦେଶ୍ୟରେ ତାଙ୍କ ନାତି ଅଭିଜିତ୍ ବେହେରା, ନାତୁଣୀ ଉସ୍ମିତା ପ୍ରିୟଦର୍ଶିନୀଙ୍କୁ ମରଣୋତ୍ତର ସମ୍ମାନ, କ୍ରୀଡ଼ାବିତ୍ ମୟଙ୍କ ପଟ୍ଟନାୟକ, ଜ୍ଞାନ ରଞ୍ଜନ ମହାପାତ୍ର ପ୍ରମୁଖଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସମାରୋହରେ କଟକ ନୃତ୍ୟଜ୍ୟୋତି ଡ୍ୟାନ୍ସ ଏକାଡମୀ ପକ୍ଷରୁ କ୍ରିଏଟିଭ୍ ନୃତ୍ୟ, ଖୋର୍ଦ୍ଧା ନୂପୁରଧ୍ୱନି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରାଜସ୍ଥାନୀ ଲୋକ ନୃତ୍ୟ, ନିମାପଡ଼ା ନଟରାଜ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ କ୍ରିଏଟିଭ୍ ନୃତ୍ୟ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ମା' ସନ୍ତୋଷୀ ଭଜନ ସନ୍ଧ୍ୟା ଗ୍ରୁପ୍ ପକ୍ଷରୁ ଆକର୍ଷଣୀୟ ଭଜନ ସନ୍ଧ୍ୟା ପରିବେଷିତ ହୋଇଥିଲା। ହେଲେ କଟକ ନୃତ୍ୟଜ୍ୟୋତିର ଗଣେଶ ବନ୍ଦନା 'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ, ନିର୍ବିଘ୍ନଂ କୁରୁମେଦେବୋ ସର୍ବକାର୍ଯ୍ୟେଷୁ ସର୍ବଦା' ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ପଳତା, ଶିକ୍ଷକ ପ୍ରତାପ ରାଉତ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ। ମହୋତ୍ସବର ଅନ୍ତିମ ଦିବସରେ ଆୟୋଜିତ ପଲ୍ଲିଶ୍ରୀ ମେଳା ଓ ମୀନା ବଜାରରେ ଦର୍ଶକଙ୍କ ପ୍ରବଳ ଭିଡ଼ ଜମିଥିଲା। ୩ ଦିନ ବ୍ୟାପୀ ଏହି ମହୋତ୍ସବ ପାଇଁ ସାରା ନିମାପଡ଼ା ସହର ଉତ୍ସବମୁଖର ହୋଇ ଉଠିଥିଲା।



ନିମାପଡା ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ସଂକ୍ଷେପରେ

### ଦ୍ୱୈତନଗରୀ ଜଗିବେ ୫୦ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର,୨୭।୧୨(ସୂର୍ଯ୍ୟକାନ୍ତ ବେହେରା)

ଦ୍ୱୈତନଗରୀରେ ଜିରୋ ନାଇଟ ଓ ନୂଆବର୍ଷ ପାଳନ ସମୟରେ ସହରରେ ଯେପରି କୌଣସି ଅଘଟଣ ନ ଘଟିବ ସେଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି ହେବ। ଏଥିପାଇଁ ୫୦ ପ୍ଲାଟୁନରୁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଏଥିସହ ପିସିଆର ଭ୍ୟାନ ରାତିସାରା ସହରରେ ପଇଁତରା ମାରିବ। ସେହିପରି ନିଶାସକ୍ତ ଅବସ୍ଥାରେ ଥିବା ଗାଡ଼ିଚାଳକଙ୍କ ଉପରେ ପୋଲିସ ନଜର ରଖିବ। ଯେଉଁମାନେ ଧରାପଡ଼ିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି। ହୋଟେଲଗୁଡିକରେ ଆୟୋଜକଙ୍କ ଉପରେ ଅବକାରୀ ବିଭାଗ ନଜର ରଖିବ। କେବଳ ରାଜଧାନୀରେ ୬୦ ସ୍ଥାନରେ ବ୍ଲକିଂ ପଏଣ୍ଟ କରାଯାଇଛି।

### ୨୯ରେ କ୍ୱାଞ୍ଜା ସେଲିବ୍ରେଶନ

#### ବଲିଉଡ ଗାୟକ ଜାଡେନ, ଟ୍ୱିନ ଷ୍ଟ୍ରିଙ୍ଗ୍ସଙ୍କ ସଙ୍ଗୀତ ପରିବେଷଣ

ଭୁବନେଶ୍ୱର,୨୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଇଂଲିଶ ନବବର୍ଷ ପାଇଁ ସେଲିବ୍ରେଶନ ଆରମ୍ଭ ହୋଇଗଲାଣି। ଶୁକ୍ରବାର ରଙ୍ଗାରଙ୍ଗ ସାଂସ୍କୃତିକ ଓ ସଙ୍ଗୀତ କାର୍ଯ୍ୟକ୍ରମ କ୍ୱାଞ୍ଜା ସେଲିବ୍ରେଶନ-୨୦୨୩ ଅନୁଷ୍ଠିତ ହେବ। ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବଲିଉଡ୍‌ର ବିଶିଷ୍ଟ ଗାୟକ ଜାଡେନ ଓ ଟ୍ୱିନ ଷ୍ଟ୍ରିଙ୍ଗ୍ସ ଯୋଗଦେବେ। ଡିଜେ ତୁଷାର ମଧ୍ୟ ଦର୍ଶକଙ୍କ ମନରେ ରୋମାଞ୍ଚ ସୃଷ୍ଟି କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନର ମଜା ନେଇପାରିବେ ଦର୍ଶକ। ଗତ ୨ବର୍ଷର ସଫଳତାକୁ ନଜରରେ ରଖି ପୁଣି ଥରେ ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱରରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଏକସଙ୍ଗେ ୪ ହଜାରରୁ ଅଧିକ ଦର୍ଶକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିପାରିବେ । କାର୍ଯ୍ୟକ୍ରମର ଆୟୋଜକ ପ୍ରଣବ ମହିପାଳ, ବତ୍ସଳ ବର୍ଦ୍ଧନ ପଟାଙ୍ଗିଆ, ଅନମୋଲ ଦାଶ ଏବଂ ଆକାଶ କୁମାର ସିଂହ ରହିଛନ୍ତି।

### ଉତ୍କଳ ସ୍ପୋର୍ଟିଂ ସେମିରେ

ଝାଁଳା,୨୭।୧୨(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଝାଁଳା ପଞ୍ଚାୟତର ରାଧାଚରଣପୁର ଖେଳପଡ଼ିଆରେ ଚାଲିଥିବା ୨୫ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ବୁଧବାର ଗ୍ରୁପ୍(ବି)ର ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମା’ ଭୁଆସୁଣୀ କ୍ଲବ ବିଡ଼ାନାସୀ କଟକ ଓ ଉତ୍କଳ ସ୍ପୋର୍ଟିଂ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ୯ମ ମିନିଟ୍‌ରେ ଉତ୍କଳ ସ୍ପୋର୍ଟିଂର ବିକାଶ ନାୟକ ଗୋଟିଏ ଗୋଲ ଦେଇଥିଲେ। ସେହିପରି ୧୧ତମ ମିନିଟ୍‌ରେ ଚନ୍ଦନ ଦାସ ଆଉ ଏକ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା ମା’ ଭୁଆସୁଣୀ କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ବିଦେଶୀ ନାୟକ, ରମେଶ ଚନ୍ଦ୍ର ପାଇକରାୟ, ପ୍ରଫୁଲ୍ଲ କୁମାର ବେହେରା, ଶିଶିର କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ବିକାଶ ନାୟକ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଜମିବ ଜିରୋ ନାଇଟ୍ ସେଲିବ୍ରେଶନ

## ଆରମ୍ଭ ହୋଇଗଲାଣି ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର,୨୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)



ପାଖେଇ ଆସିଲାଣି ଇଂଲିଶ ନବବର୍ଷ। ରାଜଧାନୀ ଭୁବନେଶ୍ୱରରେ ସେଲିବ୍ରେଶନ୍ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଆଲୋକମାଳାରେ ସଜେଇ ହେଲାଣି ହୋଟେଲଠୁ ନେଇ କ୍ଲବ। ଜିରୋ ନାଇଟ୍ ସେଲିବ୍ରେଶନକୁ ଉପଭୋଗ କରିବାକୁ ସମସ୍ତେ ଉତ୍ସାହିତ। ବିଶେଷକରି ଯୁବପିଢ଼ିଙ୍କୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିରୋ ନାଇଟ ସେଲିବ୍ରେଶନକୁ ଅଧିକ ଆଖିଦୃଶିଆ ଓ ଆକର୍ଷଣ କରିବା ନିମନ୍ତେ ହୋଟେଲ ଏବଂ କ୍ଲବଗୁଡ଼ିକ ମଧ୍ୟରେ ଆୟୋଜନ ଚାଲିଥିବା ପରିଲକ୍ଷିତ ହେଲାଣି। କ୍ଲବରେ ଯୁବପିଢ଼ିଙ୍କ ଗହଳି ରହୁଥିବାବେଳେ ପରିବାର ଧରି ଲୋକେ ସେଲିବ୍ରେଶନ କରିବାକୁ ବଡ଼ ବଡ଼ ହୋଟେଲକୁ ଆସିବେ। ଆତସବାଜି ସହ ସୁସ୍ୱାଦୁ ଖାଇବା, ଡିଜେ ଷ୍ଟାର, ନାଚଗୀତରେ ଝୁମି ଉଠିବ ରାଜଧାନୀ।

### ସ୍ୱସ୍ତିରେ ମୁନ୍ ଲାଇଟ୍ ରାଗାକୁ ଡିଜେ ରାକ୍ସୋ

ସ୍ୱସ୍ତି ହୋଟେଲ ଆଣ୍ଡ ଗ୍ରୁପ୍ ପକ୍ଷରୁ ଜିରୋ ନାଇଟ ପାଇଁ ମାସ୍କ୍ୟୁରେଡ୍ ପାର୍ଟିର ଆୟୋଜନ କରାଯାଇଛି। ଆସିବା ସମୟରେ ଆକର୍ଷଣୀୟ ଭାବେ ସ୍ୱାଗତ କରାଯିବ। ଶ୍ରେଷ୍ଠ ନୃତ୍ୟ ପ୍ରଦର୍ଶନ ଓ ସୁନ୍ଦର ବେଶଭୂଷା ହୋଇଥିବା କପଲ୍‌ଙ୍କ ପାଇଁ ଲକି ଡ୍ର ବକ୍ସ ଆୟୋଜନ କରାଯାଇଛି। ସେମାନଙ୍କୁ ଡାଇନିଂ ଭାଉଚର ଓ ରହିବା ପାଇଁ ରୁମ୍ ବ୍ୟବସ୍ଥା ଦିଆଯିବ। ଖାଦ୍ୟ ସହ ପାନୀୟ ବ୍ୟବସ୍ଥା ମଧ୍ୟ କରାଯିବ। ସ୍ମିତିକା ପାଢ଼ୀଙ୍କ ମୁନ୍ ଲାଇଟ୍ ରାଗା, କୋଲକାତାର ଡିଜେ ରାକ୍ସୋ ଏଥର ମୁଖ୍ୟ ଆକର୍ଷଣ ସାଜିବେ। ମଧ୍ୟରାତ୍ରରେ ୧୫ ମିନିଟ ପାଇଁ ଆତସବାଜି ଫୁଟାଯିବ। ତେବେ ସେଲିବ୍ରେଶନ ନିମନ୍ତେ ଦମ୍ପତିଙ୍କ ପାଇଁ ୯ହଜାର, ୧୨ବର୍ଷର ତଳକୁ ପିଲାଙ୍କ ପାଇଁ ୨୭୦୦ ଟଙ୍କା ରହିଛି।

### ଆଇଟିସିରେ ଓପନ୍ ସ୍କାଏ, ପିଲାଙ୍କ ପାଇଁ ପ୍ଲେ ଜୋନ

ୱେଲକମ୍ ଆଇଟିସି ହୋଟେଲରେ ମଧ୍ୟରାତ୍ରରେ କେକ୍ କଟାଯିବା ସହ ସେଲିବ୍ରେଶନର ବ୍ୟବସ୍ଥା କରାଯାଇଛି। ବର୍ଣ୍ଣ ଫାୟାର, ମ୍ୟୁଜିକ, ଡ୍ୟାନ୍ସ ସହ ପିଲାଙ୍କ ପାଇଁ ପ୍ଲେ ଜୋନ କରାଯାଇଛି। ଜଣଙ୍କ ପିଛା ୨୪୯୯ ଟଙ୍କା ରହିଥିବା ବେଳେ ୬ରୁ ୧୨ବର୍ଷ ପିଲାଙ୍କ ଲାଗି ଅଧା ଦାମ୍ ରହିଛି। ଲୋକେ ଶୀତୁଆ ସନ୍ଧ୍ୟାରେ ହୋଟେଲରେ ଥିବା ଓପନ୍ ସ୍କାଏର ମଜା ନେବେ। ଖାଦ୍ୟ ଉପରେ ଏଥର ମୁଖ୍ୟ ଧ୍ୟାନ ଦିଆଯିବ ବୋଲି ହୋଟେଲ ପକ୍ଷରୁ ସୂଚନା ଦିଆଯାଇଛି।

### ଏମ୍ପାସିରେ ମିକା ସିଂ ଅଫିସିଆଲ ଡିଜେ

ରାଜଧାନୀରେ ଥିବା ଏମ୍ପାସି କ୍ଲବ ସବୁଥର ନୂଆବର୍ଷ ପାଇଁ କିଛି ନୂଆ ଆକର୍ଷଣ ରଖିଥାଏ। ଏଥର ବଲିଉଡ୍ ସିଙ୍ଗର ମିକା ସିଂଙ୍କ ଅଫିସିଆଲ ଡିଜେର ପ୍ରଦର୍ଶନ ରହିବ। ଡିଜେ ରକିଙ୍ଗଙ୍କ ସହ ଝୁମିବେ ଯୁବପିଢ଼ି। ସେହିପରି ମଧ୍ୟରାତ୍ରରେ ସେଲିବ୍ରେଶନ ହେବା ସହ ଆକର୍ଷଣୀୟ ଆତସବାସି କରାଯିବ। ପାନୀୟ ଓ ଖାଦ୍ୟ ବ୍ୟବସ୍ଥା ମଧ୍ୟ ହେବ।

### ପୁଷ୍ପକରେ ୩୫ ପ୍ରକାର ସୁସ୍ୱାଦୁ ଖାଦ୍ୟ

ହୋଟେଲ ପୁଷ୍ପକରେ ଜିରୋ ନାଇଟ ପାଇଁ ବ୍ୟବସ୍ଥା କରାଯାଇଛି। ଡିଜେ ନାଇଟ୍ ସହ କଳାକାର ଓ ଗାୟକଙ୍କ ସହିତ ମନୋରଞ୍ଜନ କରିବେ ପରିଦର୍ଶକ। ଡିନରରେ ୪୫ଟି ଖାଦ୍ୟ ଆଇଟମ୍‌ର ବ୍ୟବସ୍ଥା ହେବା ସହ ୯ଟି ଷ୍ଟାର୍ଟର୍ସ ଓ ମିଠା ରହିବ। କଣ୍ଠଶିଳ୍ପୀ ଦୁର୍ଗା ଓ କାଜଲଙ୍କ ସଙ୍ଗୀତରେ ମତୁଆଲା ହେବେ ଶ୍ରୋତା। କପଲ୍‌ଙ୍କ ପାଇଁ ୫ ହଜାର ୪୦୦ ଟଙ୍କା ରଖାଯାଇଛି।

# ଜାନୁୟାରୀରୁ ଏକାମ୍ର ହେରିଟେଜ୍ ୱାକ୍

ଭୁବନେଶ୍ୱର, ୨୭।୧୨(ଅନୁରାଧା ମହାରଣା)

ଭୁବନେଶ୍ୱରରେ ପୁଣି ଏକାମ୍ର ହେରିଟେଜ୍ ୱାକ ଆରମ୍ଭ ହେବାକୁ ଯାଉଛି। ଜାନୁୟାରୀ ମାସଠାରୁ ପୁଣି ଏହାକୁ ଆରମ୍ଭ କରାଯିବ ବୋଲି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ହେରିଟେଜ୍ ୱାକ୍‌ର ତୃତୀୟ ସଂସ୍କରଣ ହୋଇଥିବାବେଳେ ଅଧିକରୁ ଅଧିକ ଐତିହ୍ୟ ସ୍ଥଳିକୁ ସାମିଲ କରାଯିବ । ପୂର୍ବବର୍ଷ ପରି ଚଳିତଥର ମଧ୍ୟ ଏହି ପଦଯାତ୍ରାରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ଓ ନେଚର ଟ୍ରେଲର ମଜା ମଧ୍ୟ ରହିବ। ସେହିପରି ସହରରେ ଥିବା ବିଭିନ୍ନ ମ୍ୟୁଜିୟମରେ ଏହି ପଦଯାତ୍ରା କରାଯିବ। ତେବେ ପ୍ରଥମଥର ଲାଗି ଚଉଷଠୀ ଯୋଗିନୀ ପୀଠକୁ ପଦଯାତ୍ରାରେ ସାମିଲ କରିବା ଓ ମା’ଙ୍କ ଗାଥା ସହ ମନ୍ଦିରର କାରୁକାର୍ଯ୍ୟ ଉପରେ ପର୍ଯ୍ୟଟକଙ୍କୁ ଅବଗତ କରାଯିବାକୁ ଯୋଜନା ଥବବା ସୂଚନା ରହିଛି। ଏକାମ୍ରକ୍ଷେତ୍ରରେ ଥିବା ବିଭିନ୍ନ ଶୈବ ପୀଠ, ଖଣ୍ଡଗିରି-ଉଦୟଗିରି ଗୁମ୍ଫା ସହ କଳାଭୂମି ପରିଦର୍ଶନ ସହ ପର୍ଯ୍ୟଟକ ନେଚର ଟ୍ରେଲରେ ଭ୍ରମଣ ସହ କାହାଣୀର ମଜା ନେବେ। ସୂଚନା ଅନୁସାରେ, ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ଏହି ପଦଯାତ୍ରା କରାଯିବ । ବିଡିଏ ଏଥିଲାଗି ଏକ ବିଶେଷଜ୍ଞ ଏଜେନ୍ସିକୁ ନିଯୁକ୍ତ କରିବ । ଭୁବନେଶ୍ୱର ସହର ଇତିହାସ ୫ମ ଏବଂ ଷଷ୍ଠ ଶତାବ୍ଦୀରୁ ଆରମ୍ଭ ହୋଇଛି ଏବଂ ଏବେ ଏହା ସ୍ମାର୍ଟ ସିଟି ପାଲଟିଛି ଏହା ଦେଶର ଏକ ପସନ୍ଦଯୋଗ୍ୟ ସହରୀ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଥବାବେଳେ ଭୁବନେଶ୍ୱରର ଉତିହାସ ବିଷୟରେ ପର୍ଯ୍ୟଟକଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ପଦଯାତ୍ରା ଆୟୋଜନ କରିବାକୁ ଥିବା ଏଜେନ୍ସି ତା’ର ଟେଣ୍ଡରରେ ଦର୍ଶାଇଛି। ଐତିହ୍ୟ ପଦଯାତ୍ରାର ପ୍ରଥମ ସଂସ୍କରଣ ୨୦୧୮ରେ ଏବଂ ଦ୍ୱିତୀୟଟି ଏଫଆଇଏଚ ପୁରୁଷ ହକି ବିଶ୍ୱକପ ସମୟରେ ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା ସାଧାରଣତଃ ପ୍ରତି ରବିବାର ସକାଳ ୬.୩୦ରୁ ସ୍ଥାନୀୟ ମୁକ୍ତେଶ୍ୱର ମନ୍ଦିର ପରିସରରୁ ଆରମ୍ଭ ହୋଇ ବିନ୍ଦୁସାଗରର ପଶ୍ଚିମ ପଟେ ଥିବା ଔଷଧୀୟ ଉଦ୍ଭିଦ ଉଦ୍ୟାନରେ ଶେଷ ହୋଇଥାଏ।

# ରଶ୍ମି ମିଶ୍ରଙ୍କ ଗଳ୍ପ ସଙ୍କଳନ ‘ଚକ୍ରବ୍ୟୂହ’ ଲୋକାର୍ପିତ



ଅତିଥିମାନେ ଗଳ୍ପ ସଙ୍କଳନ ‘ଚକ୍ରବ୍ୟୂହ’ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୨୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ପକ୍ଷୀଘର ପ୍ରକାଶନୀ ପକ୍ଷରୁ କଥାଶିଳ୍ପୀ ରଶ୍ମି ମିଶ୍ରଙ୍କ ଗଳ୍ପ ସଙ୍କଳନ ‘ଚକ୍ରବ୍ୟୂହ’ ସ୍ଥାନୀୟ ଆର୍ଯ୍ୟ ପ୍ୟାଲେସ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ହରପ୍ରସାଦ ଦାସ ଯୋଗଦେଇ କହିଛନ୍ତି, ଯେହେତୁ କବିତା ଭିତରେ ଗଳ୍ପ ଓ ଗଳ୍ପ ଭିତରେ କବିତାର ମିଶ୍ରଣ ହୋଇଯାଇଛି, ତେଣୁ ଆସନ୍ତା ୨୦ ବର୍ଷ ଭିତରେ ବିଶ୍ୱ ସାହିତ୍ୟରେ କବିତା ଓ ଗଳ୍ପର ଭାଗ୍ୟ କହିବା କଷ୍ଟ ହେବ। ଆଖପାଖରେ ଘଟୁଥିବା ଘଟଣାକୁ ଯଦି କଥାକାରମାନେ ଗପର ରୂପ ଦେବେ, ନିଶ୍ଚୟ ପାଠକୀୟତା ବୃଦ୍ଧି ପାଇବ। ବିଶିଷ୍ଟ ଅତିଥି କଥାଶିଳ୍ପୀ ଅଜୟ ସ୍ୱାଇଁ କହିଲେ, ପୁସ୍ତକର ବଜାରୀକରଣ ହୋଇପାରିଲେ ଓଡ଼ିଆ ସାହିତ୍ୟର ପାଠକୀୟତା ବଢ଼ିବ। ବିଶିଷ୍ଟ ଅତିଥି କଥାକାର ଗୌରହରି ଦାସ କହିଲେ, ଗପକୁ ସୃଜନଶୀଳତାର ସହ ଲେଖିବା ଆବଶ୍ୟକ। ଗପ ଯଦି ଗପ ଭଳି ଲାଗିବ ତେବେ ତାହା ସଫଳ ଗପ ହୋଇପାରିବ ନାହିଁ। ବିଧାନସଭା ସଚିବ ଦାଶରଥି ଶତପଥୀ ଓ କଥାକାର ଅଜୟ ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରଶ୍ମି ମିଶ୍ରଙ୍କ ପୁସ୍ତକର ଆଲୋଚନା କରିଥିଲେ। ପକ୍ଷୀଘର ପ୍ରତିଷ୍ଠାତା ବନୋଜ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅଭିନେତ୍ରୀ ମଧୁମିତା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନୀତି ନିର୍ଦ୍ଧାରଣରେ ବୈଷୟିକ ବିଶାରଦଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ସମ୍ମିଳନୀରେ ବିଶିଷ୍ଟ ଅର୍ଥନୀତିଜ୍ଞ ଡ. ମଣ୍ଟେକ ସିଂ ଆହଲୁୱାଲିଆ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୭।୧୨(ଅସମାପିକା ସାହୁ)

## ଭାରତୀୟ ଅର୍ଥନୀତି ସଂଘର ୧୦୬ତମ ସମ୍ମିଳନୀ ଉଦ୍‌ଘାଟିତ

କିଟ୍‌ରେ ଭାରତୀୟ ଅର୍ଥନୀତି ସଂଘର ୧୦୬ତମ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କିଟ୍ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଯୋଜନା ଆୟୋଗର ପ୍ରାକ୍ତନ ଉପାଧ୍ୟକ୍ଷ ଡ. ମଣ୍ଟେକ ସିଂ ଆହଲୁୱାଲିଆ ଯୋଗଦେଇ ବର୍ତ୍ତମାନ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ହେଉଥିବା ବେଳେ ନୀତି ନିର୍ଦ୍ଧାରଣରେ ବୈଷୟିକ ବିଶାରଦଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଭାରତୀୟ ଅର୍ଥନୀତି ସଂଘର ୧୦୬ତମ ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ଚାଟାର୍ଜୀ ସଭାପତିତ୍ୱ ଅଭିଭାଷଣ ଦେଇ ତୃଣମୂଳସ୍ତରରେ ଭାରତୀୟ ଅର୍ଥନୀତିର ସ୍ଥିତି ଉପରେ ଆଲୋକପାତ କରିଥିଲେ। ରାଞ୍ଚିସ୍ଥିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର କୁଳପତି ତଥା ଭାରତୀୟ ଅର୍ଥନୀତି ସଂଘର ସହଯୋଗୀ ସଭାପତି ତପନ ସାଣ୍ଡିଲ୍ୟ, ଚେନ୍ନାଇସ୍ଥିତ ଭିଇଏଲ୍‌ଏସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ଡ. ଏ.ଜ୍ୟୋଥି ମୁର୍ଗାନ, ଭାରତୀୟ ଅର୍ଥନୀତି ସଂଘର ଉପସଭାପତି ଡ. ଦେବେନ୍ଦ୍ର ଆୱସ୍ତି, ସମ୍ମିଳନୀର ମୁଖ୍ୟ ସଂଯୋଜକ ଡ. ଅନିଲ କୁମାର ଠାକୁର ପ୍ରମୁଖ ସଂଘ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଡିନ୍ ଏବଂ ଭାରତୀୟ ଅର୍ଥନୀତି ସଂଘର ସାଧାରଣ ସମ୍ପାଦକ ଡ. ରବୀନ୍ଦ୍ର ବ୍ରାହ୍ମେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କୁ ସମ୍ମାନିତ କରାଯାଇଥିଲା। ୩ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ସମଗ୍ର ଦେଶରୁ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଅର୍ଥନୀତିଜ୍ଞ, ନୀତି ନିର୍ଦ୍ଧାରକ, ଗବେଷକ, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଛନ୍ତି।

# ବେଆଇନ ଗୋ ଚାଲାଣ ଅଭିଯୋଗରେ ୩ ଗିରଫ

ଭୁବନେଶ୍ୱର,୨୭।୧୨(ସୂର୍ଯ୍ୟକାନ୍ତ ବେହେରା)

ବେଆଇନ ଭାବେ ଗୋ ଚାଲାଣ ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଡେଲାଙ୍ଗ ଅଞ୍ଚଳର ଏନାମ ଖାନ, ସତ୍ତାର ଖାନ ଓ ମହମ୍ମଦ ସଲିମ। ସେମାନଙ୍କଠାରୁ ୫ଟି ଗୋରୁ, ଅପରାଧରେ ବ୍ୟବହୃତ ପିକ୍‌ଅପ୍ ଭ୍ୟାନ ଜବତ ହୋଇଛି। ସୂଚନାନୁସାରେ, ମଙ୍ଗଳବାର ରାତି ସାଢେ ୩.୩୦ରେ ଗୋଟିଏ ପିକ୍‌ଅପ୍ ଭ୍ୟାନ ଦ୍ରୁତବେଗରେ ଜଟଣୀ ପାର୍ଶ୍ୱରୁ ସୁନ୍ଦରପଦା ଅଞ୍ଚଳକୁ ଆସୁଥିବା ଦେଖି ପିସିଆର୍ ଟିମ୍ ସେହି ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ଅଭିଯୁକ୍ତମାନେ ଗାଡ଼ି ନ ଅଟକାଇ ଫେରାର ହୋଇଯାଉଥିଲେ। ଫଳରେ ପୋଲିସ କର୍ମଚାରୀମାନେ ପିଛା କରି କିଛି ଦୂରରେ ଗାଡ଼ି ଅଟକାଇବାରେ ସକ୍ଷମ ହୋଇଥିଲେ। ଗାଡ଼ି ତଲାସି ବେଳେ ସେଥିରେ ୫ଟି ଗୋରୁ ରଶିରେ ବନ୍ଧାହୋଇଥିବା ଦେଖିବାକୁ ପାଇଥିଲେ। ଏହାପରେ ପୋଲିସ ଅଭିଯୁକ୍ତମାନଙ୍କୁ କାବୁ କରି ଥାନାକୁ ଆଣିଥିଲା।

# ସଂସ୍କୃତ ଭାଷା ମାଧ୍ୟମରେ ଜ୍ଞାନର ସମ୍ପ୍ରସାରଣ ହୋଇଛି



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର, ୨୭।୧୨(ଅସମାପିକା ସାହୁ)

ବିଜେବି କଲେଜ ସଂସ୍କୃତ ବିଭାଗରେ ‘ଜ୍ଞାନ ସମ୍ପ୍ରସାରଣରେ ସଂସ୍କୃତର ଅବଦାନ’ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗୁଲାମ୍ ମୟିନୁଦ୍ଦିନ ଖାନ୍ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ସଂସ୍କୃତ ଜ୍ଞାନ ପରମ୍ପରାର ମହତ୍ତ୍ୱ ବିଷୟରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଇତିଶ୍ରୀ ପାଢ଼ୀ ଆଲୋକପାତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ସୁବାସ ଚନ୍ଦ୍ର ଦାଶ ଜ୍ଞାନର ସମ୍ପ୍ରସାରଣ ସଂସ୍କୃତ ଭାଷା ମାଧ୍ୟମରେ କିପରି ହୋଇଛି ସେ ବିଷୟରେ ଆଲୋଚନା କରିଥିଲେ। ଏସ୍.ଭି.ଏମ୍. ମହାବିଦ୍ୟାଳୟର ପୂର୍ବତନ ବିଭାଗ ମୁଖ୍ୟ ଡ. ନାରାୟଣ ପ୍ରସାଦ ଦାଶ ମଧ୍ୟ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ସୁଜିତ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପିକା ଡ. ଶାନ୍ତିପ୍ରିୟା ଦେବୀ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ରରେ ଅଧ୍ୟାପକ ଡ. ଅରବିନ୍ଦ ନାୟକ, ଅଧ୍ୟାପକ ତାପସ କୁମାର ଦାଶଙ୍କ ସମେତ ବିଭାଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ମହତାବଙ୍କ ‘ଗାଁ ମଜଲିସ୍’ ଏକ ଯୁଗାନ୍ତକାରୀ ପୁସ୍ତକ

ଭୁବନେଶ୍ୱର,୨୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ମୌଳିକ ବିଜ୍ଞାନ ଓ କଳା ମହାବିଦ୍ୟାଳୟ (ଓୟୁଏଟି)ର ମିଳିତ ଆନୁକୂଲ୍ୟରେ ଓୟୁଏଟି ସମ୍ମିଳନୀ କକ୍ଷରେ ବୁଧବାର ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରେକୃଷ୍ଣ ମହତାବଙ୍କ ବହୁଚର୍ଚ୍ଚିତ ପୁସ୍ତକ ‘ଗାଁ ମଜଲିସ୍’ ବିଷୟରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଯୁଗାନ୍ତକାରୀ ପୁସ୍ତକଗୁଡ଼ିକ ପ୍ରତି ଶ୍ରୋତା ଏବଂ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ। ଏହି ପ୍ରୟାସ ମାଧ୍ୟମରେ ଓଡ଼ିଆ ଭାଷାରୁ ଦୂରେଇ ଯାଉଥିବା ପାଠକମାନେ ଓଡ଼ିଆ ପୁସ୍ତକର ଅନନ୍ୟ ରସ ଆସ୍ୱାଦନ କରିପାରିବେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ଅସିତ ମହାନ୍ତି ଯୋଗଦେଇ ଗାଁ ମଜଲିସ୍ ପୁସ୍ତକର ପୃଷ୍ଠଭୂମିର ପ୍ରାସଙ୍ଗିକତା ଓ ଲୋକପ୍ରିୟ ଅବଦାନ ସମ୍ପର୍କରେ କହିଥିଲେ। ଜର୍ଜ ଆର୍‌ୱେଲ୍‌ଙ୍କ ‘୧୯୮୪’ ଉପନ୍ୟାସ ଅପେକ୍ଷା ମହତାବଙ୍କ ଗାଁ ମଜଲିସ୍ ମହତ୍ତର ବୋଲି ସେ ସୂଚାଇଥିଲେ। କାର୍ଯ୍ୟକ୍ରମରେ ଡ. ଶୁଭଦା ପ୍ରଣବାକ୍ଷରା ରଥ ଅତିଥି ପରିଚୟ ପ୍ରଦାନ ଓ ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ନନ୍ଦିତା ସ୍ୱାଇଁ ସଭାପତିତ୍ୱ କରି ଓଡ଼ିଆ ଭାଷାର ପ୍ରାଚୀନ ଓ ଭବିଷ୍ୟତର ମହନୀୟତା ଉପରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସଭା ପରିଚାଳନା କରିଥିବାବେଳେ ଡ. ଅନନ୍ୟା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଉପଲକ୍ଷେ ପୁରୀ ସହରର ଏକ କାନ୍ଥରେ ଚିତ୍ର ଅଙ୍କାଯାଉଛି।

# ଅଭିଯୁକ୍ତ ଅଶୋକଙ୍କୁ ୧୦ ବର୍ଷ ଜେଲ

## ଗୁଳି ମାଡ଼ କରି ସୁନା ଚେନ୍ ଲୁଟ୍ ମାମଲା

ଭୁବନେଶ୍ୱର,୨୭।୧୨(ସତ୍ୟଜିତ୍ ରାଉତ)



ଅଶୋକ ବେହେରା

ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ଦୌରା ଜଜ୍‌ଙ୍କ କୋର୍ଟରେ ବୁଧବାର ଖଣ୍ଡଗିରି ଥାନା ଅଞ୍ଚଳରେ ଗୁଳିମାଡ଼ କରି ସୁନାଚେନ୍ ଲୁଟ୍ ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡାଦେଶ ହୋଇଛି। ସେ ହେଲେ ଗଞ୍ଜାମ ଜିଲା ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ଅଞ୍ଚଳର ଅଶୋକ ବେହେରା ଓରଫ ନଣ୍ଡା। ଅଶୋକଙ୍କୁ ବିଭିନ୍ନ ଦଫାରେ ମୋଟ ୫୨ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ସେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ। ତେବେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଭୀମସେନ ନାୟକ କୋର୍ଟରେ ହାଜର ନ ହେବାରୁ ତାଙ୍କର ଦଣ୍ଡ ଶୁଣାଣି ସ୍ଥଗିତ ରଖାଯାଇଛି। ଭୀମସେନ୍‌ଙ୍କ ବିରୋଧରେ ବିଚାରପତି ଶରତ କୁମାର ଜେନା ଜାମିନ ବିହୀନ ପରୱାନା ଜାରି କରିଛନ୍ତି ବୋଲି ସୂଚନା ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ବିଶ୍ୱରଞ୍ଜନ ସ୍ୱାଇଁ ୨୦୧୭ ଅଗଷ୍ଟ ୨୦ ତାରିଖ ରାତି ପ୍ରାୟ ୯ଟା ବେଳେ କାର୍‌ରେ ସ୍ତ୍ରୀ ମୋନାଲିସାଙ୍କୁ ନେଇ ସିଜୁଆସ୍ଥିତ ଶ୍ୱଶୁରଘରକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ମୋନାଲିସା କାର୍‌ରୁ ଓହ୍ଲାଇ ଘର ଭିତରକୁ ଯାଉଥିଲେ ଏବଂ ସ୍ୱାମୀ ବିଶ୍ୱରଞ୍ଜନ କାର୍ ପାର୍କିଂ କରୁଥିଲେ। ଏପଟେ ଅଶୋକ ଓ ଭୀମସେନ୍ ଏକ ମୋଟରସାଇକେଲ୍‌ରେ ସେମାନଙ୍କୁ ପିଛା କରି ଘର ପାଖରେ ପହଞ୍ଚିଥିଲେ। ଭୀମସେନ୍ ବାଇକ୍‌କୁ ଷ୍ଟାର୍ଟ କରି ରଖିଥିବା ବେଳେ ଅଶୋକ ଘର ପାଚେରି ଡେଇଁ ମୋନାଲିସାଙ୍କ ବେକରୁ ସୁନାଚେନ୍ ଝାମ୍ପିନେବାକୁ ଉଦ୍ୟମ କରିଥିଲେ। ଏହାଦେଖି ଅଶୋକଙ୍କୁ ବିଶ୍ୱରଞ୍ଜନ କାବୁ କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଶୋକ ବନ୍ଧୁକ ଦେଖାଇ ଭୟଭୀତ କରୁଥିବାବେଳେ ବିଶ୍ୱରଞ୍ଜନଙ୍କ ଶାଶୁ ଓ ଅନ୍ୟମାନେ ଘରୁ ବାହାରି ବିରୋଧ କରିଥିଲେ। ଅଶୋକ ଗୁଳିମାଡ଼ କରିବାରୁ ବିଶ୍ୱରଞ୍ଜନଙ୍କ ବାମ ଜଙ୍ଘରେ ଗୁଳି ବାଜିଥିଲା। ଏପଟେ ଅଶୋକ ଚେନ୍ ଲୁଟ୍ କରି ସହଯୋଗୀଙ୍କ ସହ ଫେରାର ହୋଇଯାଇଥିଲେ। ବିଶ୍ୱରଞ୍ଜନ ଏନେଇ ଖଣ୍ଡଗିରି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ. ୩୫୬/୨୦୧୭) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ୨୪ ଘଣ୍ଟାରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାକୁ ଅତିରିକ୍ତ ସରକାରୀ ଓକିଲ ରତ୍ନାକର ନାୟକ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପ୍ରଶାସନକୁ ଲୋକଙ୍କ ନିକଟତର କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର

ଆଠଗଡ଼,୨୭।୧୨(ସତ୍ୟ ପ୍ରସାଦ ରଥ)

ଆଠଗଡ ତହସିଲ ପକ୍ଷରୁ ଧାଇପୁର ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନୂତନ ଗୃହପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଧାରଣ ଜନତାଙ୍କ ଜମି ବାଡି ସମ୍ବନ୍ଧୀୟ ତ୍ୱରିତ ନ୍ୟାୟ ପାଇଁ ପ୍ରଶାସନିକ ଦୃଷ୍ଟିରୁ ନୂତନ ରାଜସ ନିରୀକ୍ଷକ ମଣ୍ଡଳୀ ସୃଷ୍ଟି କରାଯାଉଛି ବୋଲି କହିଥିଲେ। ପ୍ରଶାସନକୁ ଲୋକଙ୍କ ନିକଟତର କରିବା ପାଇଁ ରାଜ୍ୟ ସରକାର ବଦ୍ଧ ପରିକର ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ନୂତନ ଅଫିସ ଗୃହ ପାଇଁ ୪୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଉତ୍ସବରେ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ, ଜୋନ୍ ୩ ଜିଲା ପରିଷଦ ବଳଭଦ୍ର ବାଘ, ଜିଲ୍ଲା ପରିଷଦ(ଯଗନ୍ ନଂ. ୩), ଧାଇପୁର ସେବାସମବାୟ ସମିତି ସଭାପତି ପ୍ରଶାନ୍ତ କୁମାର ସାହୁ, ସମିତି ସଭ୍ୟା ସୋନାଲି ଗୋଛାୟତ, ଉଦ୍ଧବ ସାହୁ,ଧରଣୀଧର ବେହେରା, ସୂର୍ଯ୍ୟକାନ୍ତ ଗୋଛାୟତ, ଧନେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ‘ଗ୍ରାହକ ସଚେତନ ନ ହେଲେ ଠକାମିର ଶିକାର ହେବେ’

କଟକ,୨୭।୧୨(କାର୍ତ୍ତିକ ସାହୁ):

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପକ୍ଷରୁ ସିଡିଏସ୍ଥିତ ଶିଶୁଭାରତୀ ବିଦ୍ୟାଳୟ ପରିସରରେ ଜାତୀୟ ଗ୍ରାହକ ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା ସଭାପତି ହରେକୃଷ୍ଣ ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଦୈନନ୍ଦିନ ଜୀବନରେ ସାମଗ୍ରୀ କିଣିବା ସମୟରେ ଗ୍ରାହକ ସଚେତନ ରହିବାର ଆବଶ୍ୟକତା ଅଛି। ନଚେତ୍ ଠକାମିର ଶିକାର ହେବାର ବହୁ ନଜିର ରହିଛି। ସେଥିପାଇଁ ଗ୍ରାହକଟିଏ ଜିନିଷ କିଣିବା ବେଳେ ଜିନିଷର ଗୁଣ, ଓଜନ, ମୂଲ୍ୟ ଆଦି ବିଭିନ୍ନ ଦିଗକୁ ଧ୍ୟାନ ଦେବା ଉଚିତ। ଅସାଧୁ ବ୍ୟବସାୟୀମାନେ ଅଧିକ ଲାଭ ଆଶାରେ ସାମଗ୍ରୀରେ ଅପମିଶ୍ରିତ କରି ଗ୍ରାହକମାନଙ୍କୁ ଠକୁଛନ୍ତି। ତେଣୁ ସମସ୍ତେ ଗୁରୁତର ସହ ଏହାକୁ ମନେ ରଖିଲେ ଠକାମିରୁ ରକ୍ଷା ମିଳିବ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ରାଜ୍ୟ ସଂଗଠନ ମନ୍ତ୍ରୀ କୌସ୍ତୁଭ ଚୌଧୁରୀ, ସଭ୍ୟ ତାପସ କୁମାର ଦ୍ୱିବେଦୀଙ୍କ ସମେତ ମହେଶ ରଥ, ଅଭିମନ୍ୟୁ ପତି, ଶଶିଭୂଷଣ ମଲ୍ଲିକ, ଜୟଦେବ ଘୋଷ, ନିରଞ୍ଜନ ଫୌଜଦାର ପ୍ରମୁଖ ଗ୍ରାହକ ଦିବସ ପାଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଭ୍ୟ ସଂଯୋଜ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଗାଁ ଦାଣ୍ଡରେ ମାଡ଼ ଖାଇ ଯୁବକଙ୍କ ଆତ୍ମହତ୍ୟା ଘଟଣା: ଜଣେ ଗିରଫ

ଖୁଣ୍ଟୁଣୀ,୨୭।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ ଗ୍ରାମ ରାସ୍ତା ମଝିରେ ଗତ ୨୩ ତାରିଖ ରାତିରେ ଗ୍ରାମର ଅଜୟ ମୁଦୁଲିଙ୍କୁ ମାଡ଼ ମାରିବାରୁ ସେ ଲଜ୍ଜାରେ ଘାସମରା ବିଷପିଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ସାବିତ୍ରୀପୁର ଗ୍ରାମର ପ୍ରଶାନ୍ତ ବେହେରାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

### ରାମ ମନ୍ଦିରରୁ ଆସିଲା ଅକ୍ଷତ କଳସ

ନିଶ୍ଚିନ୍ତକୋଇଲି,୨୭।୧୨
(ଅଶୋକ କୁମାର ମହାପାତ୍ର)

ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଜାନୁୟାରୀ ୨୨ରେ ଉତ୍ତର ପ୍ରଦେଶର ଅଯୋଧ୍ୟାରେ ଅନୁଷ୍ଠିତ ହେବ। ଏହି ଅବସରରେ ବୁଧବାର ପୂର୍ବାହ୍ନରେ ଅଯୋଧ୍ୟାରୁ ଅକ୍ଷତ କଳସ ଆସି ନିଶ୍ଚିନ୍ତକୋଇଲି ରଘୁନାଥ ଜୀଉ ମଠରେ ସ୍ଥାପନ କରଯାଇଛି। ଅଭିଯାନ ପ୍ରମୁଖ ରଞ୍ଜନ କୁମାର ଦାସ ଅକ୍ଷତ କଳସକୁ ଧାରଣ କରିଥିଲେ। ତାଙ୍କ ସହ ଅଭିଯାନର କର୍ମକର୍ତ୍ତା ଶଶିକାନ୍ତ ପଣ୍ଡା, କମଳା ପ୍ରସାଦ ଦାସ, ସୁବୋଧ ଷଡ଼ଙ୍ଗୀ, ମୀନକେତନ ଦାସ, ପ୍ରଫୁଲ୍ଲ ମହାପାତ୍ର ଯୋଗଦେଇଥିଲେ। ଏନେଇ ଏକ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏକ ସୁସଜ୍ଜିତ ରଥ ନିଶ୍ଚିନ୍ତକୋଇଲି ବ୍ଲକ ଛକରୁ ବାହାରି ବଜାର ପରିକ୍ରମା କରି ସିଦ୍ଧ ହନୁମାନଙ୍କ ମନ୍ଦିରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ନିଶ୍ଚିନ୍ତକୋଇଲି ଶିଶୁ ମନ୍ଦିର ପରିଚାଳନା କମିଟି ସଭାନେତ୍ରୀ ଦୀପାଞ୍ଜଳୀ ମିଶ୍ର, ସହସମ୍ପାଦିକା ବିଦ୍ୟୁଲତା ପଣ୍ଡା,ପ୍ରଧାନ ଆଚାର୍ଯ୍ୟ ପ୍ରାଣକୃଷ୍ଣ ମଲିକ ପ୍ରମୁଖ ଯୋଗଦେଇଥିଲେ।

# ଧିମେଇଛି ସାଇବର ମିତ୍ର ଯୋଜନା

## ଭୁବନେଶ୍ୱରରେ ୮୦, କଟକରେ ଗୋଟିଏ

କଟକ,୨୭।୧୨ (କାର୍ତ୍ତିକ ସାହୁ)

ଦିନକୁ ଦିନ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସାଇବର ଅପରାଧିମାନେ ନାନା କାଇଦାରେ ଲୋକଙ୍କୁ ଫସାଇ ଲକ୍ଷାଧିକ ଟଙ୍କା ଠକି ନେବାରେ ସକ୍ଷମ ହେଉଛନ୍ତି। ସ୍ୱଳ୍ପ ପରିମାଣରେ ଠକେଇକୁ ପଚାରୁଛି କିଏ। ତେବେ ସାଇବର ଠକେଇ ନିୟନ୍ତ୍ରଣ ଦିଗରେ ସଚେତନତା ସୃଷ୍ଟି କରିବା, ଯୁବପିଢ଼ି ଏବଂ ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରିବା ଉଦ୍ଦେଶ୍ୟରେ ସାଇବର ମିତ୍ର ଯୋଜନା ଆରମ୍ଭ ହୋଇଥିଲା। କମିଶନରେଟ୍ ପୋଲିସର ଏହି ଯୋଜନା ଭୁବନେଶ୍ୱର ସହରାଞ୍ଚଳରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉଥିବାବେଳେ କଟକ ସହରାଞ୍ଚଳରେ କେବଳ ଗୋଟିଏ କଲେଜରେ ହୋଇ ସେଇଠି ଅଟକି ଯାଇଛି।

ସୂଚନା ଅନୁସାରେ, ୨୦୨୨ ଡିସେମ୍ବରରେ କମିଶନରେଟ ପୋଲିସ ପକ୍ଷରୁ ଏହି ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାର ରୂପାୟନ ନିମନ୍ତେ ଭୁବନେଶ୍ୱରସ୍ଥିତ କମିଶନରେଟ୍ ପୋଲିସ ମୁଖ୍ୟାଳୟର ଏସିପି ଅଞ୍ଜନା ଟୁଡୁଙ୍କୁ ଦାୟିତ୍ୱ ଦିଆଯାଇଛି। ଯୋଜନା ଆରମ୍ଭରେ କମିଶନରେଟ ପୋଲିସ ଅଧୀନ ସ୍କୁଲ ଓ କଲେଜରେ ସାଇବର ମିତ୍ରଙ୍କୁ ଚୟନ କରିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାଥମିକ ଭାବେ ୧୦୦ଟି ସ୍କୁଲ ଓ କଲେଜରୁ ୩ ଜଣ ଲେଖାଏ ମୋଟ ୩୦୦ ସାଇବର ମିତ୍ର ଚୟନ କରାଯିବାକୁ ସ୍ଥିର ହୋଇଥିଲା। ସେଥିପାଇଁ ସ୍କୁଲ ଓ କଲେଜଗୁଡିକରେ କାର୍ଯ୍ୟକ୍ରମ କରାଯାଉଛି। ଯେଉଁ ଛାତ୍ରୀଛାତ୍ର ସମସ୍ତଙ୍କ ସହିତ ଭାବ ବିନିମୟ ସହ ସୁସମ୍ପର୍କ ସ୍ଥାପନ ତଥା ବିଭିନ୍ନ କାର୍ଯ୍ୟକ୍ରମରେ ସଙ୍ଗଠକ, ନେତୃତ୍ୱ, ଆୟୋଜକ ଭାବେ ସୁପରିଚିତ ଅଛନ୍ତି ସେମାନଙ୍କୁ ଚୟନ କରାଯାଉଛି। ସାଇବର ଠକେଇର ଶିକାର ହେଉଥିବା ଛାତ୍ରୀଛାତ୍ର କିମ୍ବା ସାଇବର ସହାୟତା ନିମନ୍ତେ ପୋଲିସ ସହ ସାଇବର ମିତ୍ର ଯୋଗସୂତ୍ର ରକ୍ଷା କରିବେ। ଦାୟିତ୍ୱରେ ଥିବା ଏସିପି ଅଞ୍ଜନା ଭୁବନେଶ୍ୱରରେ ହୋଇଥିବାବେଳେ କଟକରେ କାହାକୁ ଏ ଦାୟିତ୍ୱରେ ରଖାଯାଇନାହିଁ। ଜଣେ ଅଧିକାରୀ କଟକ ଓ ଭୁବନେଶ୍ୱରରେ ଥିବା ସ୍କୁଲ, କଲେଜକୁ ଯାଇ ସାଇବର ମିତ୍ର ଚୟନ କରୁଛନ୍ତି। ଇତିମଧ୍ୟରେ ୧ ବର୍ଷ ବିତିଯାଇଥିବାବେଳେ କଟକର ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୩ ସେପ୍ଟେମ୍ବର ୮ରେ ଏହି କାର୍ଯ୍ୟକ୍ରମ କରାଯାଇ ୩ ଜଣ ସାଇବର ମିତ୍ରଙ୍କୁ ଚୟନ କରାଯାଇଛି। ଏହାବାଦ ଆଉ କୌଣସି ସ୍କୁଲ କିମ୍ବା କଲେଜରେ ସାଇବର ମିତ୍ର ଚୟନ କାର୍ଯ୍ୟକ୍ରମ କରାଯାଇନାହିଁ।

ସାଇବର ମିତ୍ର ଯୋଜନା ଦାୟିତ୍ୱରେ ଥିବା ଏସିପି ଅଞ୍ଜନା କହିଛନ୍ତି, ଭୁବନେଶ୍ୱରର ୮୦ଟି ସ୍କୁଲ ଓ କଲେଜରେ ସାଇବର ମିତ୍ର ଚୟନ କାର୍ଯ୍ୟ କରାଯାଇଛି। ହେଲେ କଟକ ସହରାଞ୍ଚଳରେ ଗୋଟିକରେ ଅଟକି ଯାଇଛି। କଟକରେ ଆହୁରି ଅଧିକ କାର୍ଯ୍ୟକ୍ରମ କରାଯିବ। ସାଇବର ସଚେତନତା ସମ୍ପର୍କରେ ସୋସିଆଲ ମିଡିଆରେ ଅଧିକ ମାତ୍ରାରେ ପ୍ରଚାର, ପ୍ରସାର ହେଉଛି। ଏବେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ପୋଲିସକୁ ଏଭଳି କାର୍ଯ୍ୟକ୍ରମ କରିବା ପାଇଁ ତାଙ୍କ ତରଫରୁ ଡାକୁଛନ୍ତି। ଛାତ୍ରୀଛାତ୍ରଙ୍କ ବ୍ୟତୀତ ବରିଷ୍ଠ ନାଗରିକ, ମହିଳା ସଙ୍ଗଠନ ଓ ଅନେକ ସଂସ୍ଥା ଏଥିପାଇଁ ଆଗେଇ ଆସୁଛନ୍ତି। ବିଶେଷକରି ସାଇବର ପୋଲିସ ଏହାକୁ ଅଧିକ ଭାବରେ କରିବ। କିଛି ବଡ଼ ଧରଣର କାର୍ଯ୍ୟକ୍ରମ ହେଲେ ଆମକୁ ଡାକିବେ ବୋଲି ସେ କହିଛନ୍ତି। ଅପରପକ୍ଷରେ କଟକ ସାଇବର ଥାନା ଆଇଆଇସି ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି, ସାଇବର ମିତ୍ର ଯେଉଁ କାର୍ଯ୍ୟ କରିବେ ଆମେମାନେ ସିଧା ସ୍କୁଲ, କଲେଜରେ କାର୍ଯ୍ୟକ୍ରମ କରି ସେହି କାର୍ଯ୍ୟ କରାଇପାରୁଛୁ। ଅଦ୍ୟାବଧି ୨୬ଟି ସ୍କୁଲ, କଲେଜରେ ସାଇବର ସଚେତନତା କାର୍ଯ୍ୟକ୍ରମ କରାଯାଇସାରିଲାଣି। ଛାତ୍ରୀଛାତ୍ରଙ୍କୁ ଆମ ମୋବାଇଲ୍ ନମ୍ବର ଦେଉଛୁ, ସେମାନେ କୌଣସି ସାଇବର ଠକେଇ ଜନିତ ସମସ୍ୟାରେ ପଡ଼ିଲେ ଆମକୁ ସିଧା ଫୋନ୍ କରି କହୁଛନ୍ତି। ଡିସିପି ପିନାକ ମିଶ୍ର କହିଛନ୍ତି, କଟକରେ ଅଧିକାରୀ କମ୍ ରହିଥିବା ହେତୁ ଏହି କାର୍ଯ୍ୟ କରାଯିବାରେ ପ୍ରତିବନ୍ଧକ ହେଉଛି। ବିଭିନ୍ନ ମାମଲାର ତଦନ୍ତରେ ଅଧିକାରୀମାନେ ବ୍ୟସ୍ତ ରହୁଥିବା ଓ ରାଜ୍ୟ ବାହାରକୁ ଯାଉଥିବାରୁ ଏ ଦିଗରେ ଦୃଷ୍ଟି ଦିଆଯାଇପାରୁ ନାହିଁ। ଆଗାମୀ ଦିନରେ ସାଇବର ସଚେତନତାକୁ ଗୁରୁତ୍ୱ ଦିଆଯିବ।

# ସିଭିଲ ଜଜ୍ କୋର୍ଟ ଉଦ୍‌ଘାଟିତ



ବଡ଼ମ୍ବାରେ ହାଇକୋର୍ଟର ମୁଖ୍ୟ ବିଚାରପତି ସିଭିଲ ଜର୍ଜ କୋର୍ଟ ଉଦ୍‌ଘାଟନ କରୁଛନ୍ତି।

ନରସିଂହପୁର/ବଡ଼ମ୍ବା,୨୭।୧୨ (ନିରଞ୍ଜନ ଦେବକୁମାର/ ମାୟାଧର ମଲ୍ଲିକ)

ଦୀର୍ଘଦିନର ଦାବି ପରେ ନରସିଂହପୁର ଅଞ୍ଚଳର ଜନସାଧାରଣଙ୍କ ସୁବିଧା ପାଇଁ ନରସିଂହପୁରରେ ଅତିରିକ୍ତ ସିଭିଲ ଜଜ(ସିନିୟର)ଙ୍କ ସମେତ ଅତିରିକ୍ତ ଦୌରାଜଜ୍ କୋର୍ଟ ଉଦ୍‌ଘାଟନ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ହାଇକୋର୍ଟର କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ବିଚାର ବିଭାଗୀୟ ସିଭିଲ କୋର୍ଟ ଉଦ୍‌ଘାଟନ କରିବା ସହ କୋର୍ଟ ରୁମରେ ଉପସ୍ଥିତ ରହି ପ୍ରଥମ ମକଦ୍ଦମାର ସାକ୍ଷ୍ୟ ଗ୍ରହଣର ଜବାବ ସୁଆଲ ଶୁଣିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲା ବିଚାରପତି ବିଜୟ କୁମାର ବହିଦାର, ନରସିଂହପୁର ପ୍ରଥମଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ସୁହାନି ପଟ୍ଟନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନରସିଂହପୁର ସିଭିଲ କୋର୍ଟରେ ପ୍ରଥମ ତଥା ନୂତନ ସିଭିଲ ଜଜ୍ ଭାବେ ବିଚାରପତି ଚନ୍ଦ୍ରହାସ ବେହେରା ଯୋଗଦେଇ କୋର୍ଟର ପ୍ରଥମ ମକଦମାର ସାକ୍ଷ୍ୟ ଗ୍ରହଣ କରିଥିଲେ । ସେହିପରି ବଡ଼ମ୍ବାରେ ଦେୱାନୀ ଜଜ (ବରିଷ୍ଠ ବିଭାଗ) ତଥା ସହକାରୀ ଦୌରାଜଜ୍‌ଙ୍କ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉଦଘାଟନ ଉତ୍ସବରେ ଜିଲା ଓ ଦୌରା ଜଜ ବହିଦାର, ରେଜିଷ୍ଟ୍ରର ଦୀପଙ୍କର ପଟ୍ଟନାୟକ, ନୂତନ କୋର୍ଟର ମାଜିଷ୍ଟ୍ରେଟ ତଥା ସବଜଜ ଦୁର୍ବାସା ଦୁର୍ଗା, ବଡ଼ମ୍ବା ଜୁଡ଼ିସିଆଲ ମାଜିଷ୍ଟ୍ରେଟ ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ ଓ କଟକ ଜିଲାପାଳ ନରହରି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଚାରପତି ଷଡ଼ଙ୍ଗୀଙ୍କ କୋର୍ଟରେ ପହଞ୍ଚିବା ପରେ ପୋଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା।

# ରାମକୃଷ୍ଣପୁର ଗ୍ରାମକୁ ପୁରୀରୁ ଆସିଲା ନିମନ୍ତ୍ରଣ ପତ୍ର



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର ନେଇ ଆସିଥିବା ପୁରୀ ଦଇତାପତି ଓ ଅନ୍ୟମାନେ।

ସାଲେପୁର,୨୭।୧୨(ଅରବିନ୍ଦ ଭୂୟାଁ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ୧୯୯୬ ଓ ୨୦୧୫ରେ ବାହାରିଥିବା ଦାରୁସ୍ଥଳ ସହ ରାଜ୍ୟର ବିଭିନ୍ନ ଜଗନ୍ନାଥ ମନ୍ଦିରକୁ ନିମଣନ୍ତ୍ର ପତ୍ର ବଣ୍ଟନ କରାଯାଉଛି। ଏହି ଉପଲକ୍ଷେ ୧୯୯୬ରେ ସାଲେପୁର ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମର ସ୍ୱର୍ଗତ ପୁନାନନ୍ଦ ସାମଲଙ୍କ ବାଡ଼ିରୁ ବାହାରିଥିବା ମହାପ୍ରଭୁ ବଳଭଦ୍ରଙ୍କ ଦାରୁସ୍ଥାନରେ ପୁରୀ ଦଇତାପତିଙ୍କ ସହ ପ୍ରଶାସନିକ ଅଧିକାରୀ ପହଞ୍ଚି ଜାନୁୟାରୀ ୧୭ରେ ପୁରୀ ପରିକ୍ରମା ପାଇଁ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ମୁଖ୍ୟ ଦଇତାପତି ବିନାୟକ ଦାଶମହାପାତ୍ର, ବିଜୟକୃଷ୍ଣ ଦାଶମହାପାତ୍ର, ନୋଡ଼ାଲ ଅଧିକାରୀ ସୁବୋଧ ହୋତା, ସାଲେପୁର ତହସିଲଦାର ଶିବ ମଲ୍ଲିକ ପ୍ରମୁଖ ସ୍ୱର୍ଗତ ପୁନାନନ୍ଦ ସାମଲଙ୍କ ଘରେ ପହଞ୍ଚି ପରିବାର ସଦସ୍ୟଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ସେହିପରି ଦାରୁ ବାହାରିଥିବା ସ୍ଥାନଟି ଅବହେଳିତ ଥିବା ଦେଖି ଅସନ୍ତୋଷବ୍ୟକ୍ତ କରିଥିଲେ। ଉକ୍ତ ସ୍ଥାନରେ ମହାପ୍ରଭୁଙ୍କ ଏକ ମନ୍ଦିର ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।

### ପାଞ୍ଚଗାଁ ଫୁଟ୍‌ବଲ ଟୁର୍ନାମେଣ୍ଟ: ଯାଜପୁର ବିଜୟୀ

ତିଗିରିଆ,୨୭।୧୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଦିବ୍ୟଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ପାଞ୍ଚଗାଁ ଫୁଟବଲ ଟୁର୍ନାମେଣ୍ଟରେ ୟୁନାଇଟେଡ କ୍ଲବ ଭୁବନେଶ୍ୱରକୁ ୪-୨ଗୋଲରେ ପରାସ୍ତ କରି ଡିଫା ଯାଜପୁର ବିଜୟୀ ହୋଇଛି। ମ୍ୟାଚ ପ୍ରାରମ୍ଭରୁ ଶେଷରେ ପର୍ଯ୍ୟନ୍ତ ସଂଘର୍ଷ ପୂର୍ଣ୍ଣ ହୋଇଥିଲା। କୌଣସି ଦଳ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇ ନ ଥିଲେ। ଶେଷର ଟାଇବ୍ରେକର ମାଧ୍ୟମରେ ଯାଜପୁର ଡିଫା ୪-୩ଗୋଲରେ ବିଜୟୀ ହୋଇଛି। ଖେଳରେ ମୁଖ୍ୟଅତିଥିଭାବେ ସୋମପଡ଼ା ସରପଞ୍ଚ ପ୍ରଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥିଭାବେ ବିନ୍ଧାଣିମା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ମାନସ କୁମାର ଜେନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ସେକ୍ ହାୟତ ଏହାକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅବଦୁଲ ମାଟିନ ଓ ଶକ୍ତି ରଞ୍ଜନ ସହଯୋଗ କରିଥିଲେ। ୪ର୍ଥ ରେଫରୀ ଭାବେ ସୁବାସ ମୁଦୁଲି କାର୍ଯ୍ୟ ସମ୍ପାଦନ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ କରିବା ଯୁବ ପ୍ରତିଭା ବିକାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ





ଯୁବ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ମାଣିଆବନ୍ଧ, ୨୭।୧୨ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ମାସ ଧରି ଚାଲିଥିବା ଯୁବ ଓଡ଼ିଶା –ନବୀନ ଓଡ଼ିଶା ତଥା ନୂଆ-ଓ, ସମନ୍ୱିତ ଯୁବ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବହୁମୁଖୀ ଯୁବ ପ୍ରତିଭା ବିକାଶରେ ସାଂସ୍କୃତିକ, କ୍ରୀଡା ଓ ସାମାଜିକ କାର୍ଯ୍ୟ ଆଦି ୩ଟି ପର୍ଯ୍ୟାୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପରିବେଶ ସୁରକ୍ଷା ସ୍ୱଚ୍ଛତା ରକ୍ଷା ଆଦି ସାମାଜିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ରାଜସ୍ୱ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ମୁଖ୍ୟବକ୍ତା ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଶିଷ୍ଟ ଅତିଥିଭାବେ ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷ ସ୍ୱର୍ଣ୍ଣଲତା ବେହେରା, ବିଡିଓ ରମେଶ କୁମାର ବେହେରା, ଜିଲା ପରିଷଦ ସଭ୍ୟା ନୟନା ସାହୁ, ସଭ୍ୟ ରବୀନ୍ଦ୍ର କୁମାର ସାହୁ ଓ ସ୍ଥାନୀୟ ଲୋକ ପ୍ରତିନିଧିମାନେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ହେବାକୁ ଥିବା ନୂତନ ଗୃହର ଶିଳାନ୍ୟାସ କରିଥିଲେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଯୁବ ବିକାଶ କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ କରାଇବା ଲକ୍ଷ୍ୟରେ ଏକ ନୂତନ ପରିକଳ୍ପନା ଆରମ୍ଭ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ପରିଡ଼ା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ନୋଡାଲ ଅଧିକାରୀ ଖଗେଶ୍ୱର ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

# ଜିଲାର ପ୍ରଥମ ଧାନମଣ୍ଡି ଶୁଭାରମ୍ଭ

ଆଠଗଡ଼,୨୭।୧୨(ସତ୍ୟ ପ୍ରସାଦ ରଥ)





ଧାନମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଆଠଗଡ଼ ବ୍ଲକ ରାଜନଗର ସେବା ସମବାୟ ସମିତିରେ ଚଳିତ ଖରିଫ ଋତୁରେ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ଧାନ କିଣିବା ପାଇଁ କଟକ ଜିଲାର ପ୍ରଥମ ଧାନ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ଉକ୍ତମଣ୍ଡିକୁ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୩ ଜଣ ଚାଷୀଙ୍କଠାରୁ ୧୦୭.୩୫ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ଧାନର ମାନ ନିର୍ଦ୍ଧାରଣ କରି ସରକାରଙ୍କ ଦ୍ୱାରା ଘୋଷିତ ସହାୟକ ରାଶି ଯୋଗାଇ ଦେବେ ବୋଲି କମିଟିର ସମ୍ପାଦକ ରାମ ନାରାୟଣ ମଲ୍ଲିକ ସୂଚନା ଦେଇଛନ୍ତି। ପ୍ରତ୍ୟେକ ସୋମବାର ଏହି ମଣ୍ଡିରେ ଟୋକନ ପ୍ରାପ୍ତ ଚାଷୀମାନେ ଧାନ ବିକ୍ରି କରିପାରିବେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ତହସିଲଦାର କ୍ଷେତ୍ରମୋହନ ସାଇଁ, ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ବିଜେନ୍ଦ୍ର କୁମାର ମହାନ୍ତି, ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରସନ୍ନ କୁମାର ସ୍ୱାଇଁ, ଶାଖା ପରିଚାଳକ ଲକ୍ଷ୍ମୀଧର ପଣ୍ଡା, ପ୍ରମୁଖ ଯୋଗଦେଇଥିଲେ। ରାଜନଗର ସେବା ସମବାୟ ସମିତିର ସଭାପତି ଗଜେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ସମବାୟବିତ୍ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ ଓ ଜୀବନ ଜ୍ୟୋତି ବାରିକ ପ୍ରମୁଖ ସଂଯୋଜନା କରିଥିଲେ।

### ବୁଲା ଗୋରୁଙ୍କ ଧାନ ଫସଲ ନଷ୍ଟ ପ୍ରତିବାଦରେ ତହସିଲଦାରଙ୍କୁ ଦାବିପତ୍ର

କଟକ ସଦର ୨୭।୧୨(ସୁଶାନ୍ତ ଜେନା)

କିଶନନଗର ତହସିଲ ଅଧୀନ ୮ଟି ଗ୍ରାମରେ ବୁଲା ଗୋରୁ ସନ୍ଧ୍ୟାରେ ଧାନ ଫସଲ ନଷ୍ଟ କରିବା ସାଧାରଣ କଥା ହୋଇଯାଇଛି। ତେଣୁ ଏହି ଗୋରୁଙ୍କ ଦାଉରୁ ଫସଲ ରକ୍ଷା କରିବାକୁ ବୁଧବାର ସ୍ଥାନୀୟ ଚାଷୀ କିଶନ ନଗର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମହାନଦୀ ପଠାରୁ ଗୋରୁ ପଲ ଆସି କିଶୋରନଗର, ବିଶ୍ୱାଳପଡ଼ା, ମଲ୍ଲିପୁର, ଭୋଇପଡ଼ା, ବାଲି ଶୁକ୍ରୀ, ବେଣୀପୁର, ମଙ୍ଗଦେଇପୁର ଓ ପ୍ରହରାଜପୁର ଗ୍ରାମରେ ଥିବା ଧାନବିଲରେ ପାଚିଲା ଧାନ ଖାଇବା ସହ ଗୋଡ଼ରେ ଦଳି ପକାଉଛନ୍ତି। ଶୀଘ୍ର ଏହାର ପ୍ରତିକାର ନ କରାଗଲେ ଆଉ ଘରକୁ ଧାନ ଆସିବା ନାହିଁ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

# ମହାନଦୀବିହାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

କଟକ,୨୭।୧୨ (କାର୍ତ୍ତିକ ସାହୁ)

ମହାନଦୀବିହାର ଉନ୍ନୟନ ପରିଷଦ ପକ୍ଷରୁ ମହାନଦୀବିହାରର ୫୦ବର୍ଷ ପୂର୍ତ୍ତି ସମାରୋହ ମହାନଦୀ ଭବନଠାରେ ଉଦ୍‌ଯାପିତ ହୋଇଯାଇଛି। ପରିଷଦର ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତୀ ବେହେରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ସିଏମ୍‌ସି ମେୟର ସୁବାସ ସିଂହ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ସ୍ଥାନୀୟ କର୍ପୋରେଟର ସୁବ୍ରତ ଘଡ଼ାଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ଅତିଥି ପରିଚୟ ଓ ଆଭିମୁଖ୍ୟ କହିଥିଲେ। ପରିଷଦର ପୂର୍ବତନ ସଭାପତି ଏବଂ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହସମ୍ପାଦକ ସରୋଜ ପ୍ରସାଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡ଼ା ଯୁବ ସମାଜକୁ ଶୃଙ୍ଖଳିତ,ବ୍ୟବସ୍ଥିତ କରେ

ନିଶ୍ଚିନ୍ତକୋଇଲି,୨୭।୧୨
(ଅଶୋକ କୁମାର ମହାପାତ୍ର)



ବିଧାୟକ ପ୍ରତାପ ଜେନା ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ବିଭିନ୍ନ କ୍ରୀଡାବିତମାନଙ୍କୁ ସେମାନଙ୍କର ପ୍ରତିଭାର ଉନ୍ମୋଚନ ପାଇଁ ରାଜ୍ୟସରକାର ଏକ ସୁଯୋଗ ଦେଇଛନ୍ତି। ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ରାଜ୍ୟ ସରକାର ନୁଆ-ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ଯୁବକମାନେ ନିଜ ପ୍ରତିଭା ପ୍ରଦର୍ଶନ କରିପାରୁଛନ୍ତି। ଖେଳ ଯୁବ ସମାଜକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରେ ବୋଲି ନିଶ୍ଚିନ୍ତକୋଇଲି ବ୍ଲକର ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଖେଳପଡ଼ିଆରେ ନୁଆ-ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ କହିଛନ୍ତି। ଉତ୍ସବରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ଜେନା, ସମ୍ମାନିତ ଅତିଥିଭାବେ ଅଧ୍ୟକ୍ଷା ରୋଜୀ ସେଠୀ, ଗିରିଶ ମହାପାତ୍ର, ରମାକାନ୍ତ ମହାନ୍ତ, ବିଡିଓ ଧର୍ମରଞ୍ଜନ ପଣ୍ଡା,ଜିଲା ପରିଷଦ ସଭ୍ୟ ଜସ୍ମିତା ସେଠୀ ପ୍ରମୁଖ ଯୋଗଦେଇଥିଲେ। ନିଶ୍ଚିନ୍ତକୋଇଲି ବ୍ଲକର ୪୧ପଞ୍ଚାୟତରୁ ୧୭୦ଟିଦଳ ନାମ ପଞ୍ଜୀକରଣ କରିଥିଲେ। କ୍ରିକେଟରେ ୧୦୩, କବାଡିରେ ୧୭, ଫୁଟ୍‌ବଲରେ ୧୦, ଭଲିବଲରେ ୨୨, ଖୋଖୋରେ ୧୮ଟି ଦଳ ଯୋଗଦେଇ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଭଲିବଲରେ ଏମ୍‌କେଏସ କେନ୍ଦୁପାଟଣା, କ୍ରିକେଟରେ ବିବିସି ସାନ୍ତପୁର,ଫୁଟ୍‌ବଲରେ ଆଜାଦ୍ ହିନ୍ଦ ଆଥ୍‌ଲେଟିକ କ୍ଲବ, କବାଡ଼ିରେ ଫ୍ରିଡମ ଫାଇଟର ଓ ମହିଳା କବାଡ଼ିରେ ନିଶ୍ଚିନ୍ତକୋଇଲି କବାଡ଼ି ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ମୋଟ ୨୪ଟି ଦଳକୁ ୩ ଲକ୍ଷ ୩୦ହଜାରଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବ୍ଲକର କର୍ମଚାରୀମାନେ ଖେଳଶିକ୍ଷକ ବିଭିନ୍ନ ଖେଳ ପଡିଆରେ କ୍ରୀଡା ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ଚିକିତ୍ସାଧୀନ ଅବସ୍ଥାରେ ହାତୀ ମୃତ

ଟାଙ୍ଗୀ,୨୭।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ରଣପୁର ବନାଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଅନ୍ୟପଟେ ହାତୀ-ମଣିଷ ଲଢ଼େଇରେ କେତେବେଳେ ହାତୀର ଜୀବନ ଯାଉଛି ତ ଆଉ କେତେବେଳେ ମଣିଷ ପ୍ରାଣ ହରାଉଛି। ଏହି ବନାଞ୍ଚଳ ଅନ୍ତର୍ଗତ ହରିହରପୁର ଜଙ୍ଗଲରେ ଏକ ହାତୀ ଅସୁସ୍ଥ ଅବସ୍ଥାରେ ବୁଲୁଥିବା ନେଇ ଖବରପାଇ ବନ ବିଭାଗ କର୍ମଚାରୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହାତୀଟିର ଆଗଗୋଡ଼ରେ ଗଭୀର କ୍ଷତ ହୋଇଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ଦଳ ଏବଂ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା କରିଥିଲେ ମଧ୍ୟ ହତୀର ମୃତ୍ୟୁ ଘଟିଥିଲା। ଏହି ହାତୀର ବୟସ ଆନୁମାନିକ ୩୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଚିଲିକା ଆଞ୍ଚଳିକ ସେବା ପରିଷଦର କାର୍ଯ୍ୟକାରିଣୀ ବୈଠକ

ଟାଙ୍ଗୀ, (ଖୋର୍ଦ୍ଧା)୨୭।୧୨(ରଘୁନାଥ ସାହୁ)

ଚିଲିକା ଆଞ୍ଚଳିକ ସେବା ପରିଷଦର କାର୍ଯ୍ୟକାରିଣୀ ବୈଠକ କାଲୁପଡ଼ାଘାଟ କେଦାରେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ବଳିୟାରସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଶିକ୍ଷାବିତ୍ ଲକ୍ଷ୍ମୀଧର ବେହେରା, ଦେବଦତ୍ତ ମହାପାତ୍ର, ରବୀନ୍ଦ୍ର ବଳିୟାରସିଂହ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ ଭାରତ ଅଭିଯାନ ଓ ବିଦେଶାଗତ ପକ୍ଷୀ ସୁରକ୍ଷା ସମ୍ପର୍କରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ପରିଷଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଦୀପକ କୁମାର ନାଥ, ସମ୍ପାଦକ ସନ୍ତୋଷ କୁମାର ବଳିୟାରସିଂହ, ସହସମ୍ପାଦକ ଭାବେ ଦିଲ୍ଲୀପ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

## ମନ୍ଦିର ସଫେଇ କଲେ ଗ୍ରାମର ମହିଳା

କଳାପଥର,୨୭।୧୨(ଗଙ୍ଗାଧର ସାହୁ)

ଅନ୍ୱେଷଣ ଅନୁଷ୍ଠାନଠାରେ ସିଡିବି ଭୁବନେଶ୍ୱରଙ୍କ ଦ୍ୱାରା ହୋଇଥିବା ପ୍ରଶିକ୍ଷଣ ଶିବିରରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ପଟଚିତ୍ର, ଜୟମା' ମଙ୍ଗଳା ଉତ୍ପାଦକ ଗୋଷ୍ଠୀ ଦ୍ୱାରା କେନ୍ଦୁପଲ୍ଲୀ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣ ସମ୍ପୂର୍ଣ୍ଣ ସଫେଇ ମଙ୍ଗଳବାର କରାଯାଇଛି। ପ୍ରଶିକ୍ଷଣ ସମୟରେ ଅନୁଷ୍ଠାନର ସମ୍ପାଦକଙ୍କ ଦ୍ୱାରା ଗୋଷ୍ଠୀର ସମସ୍ତ ସଭ୍ୟଙ୍କୁ ନିଜ ଅଞ୍ଚଳର ବିଦ୍ୟାଳୟ ଓ ଗ୍ରାମ ମନ୍ଦିର ସଫେଇ ରଖିବାକୁ ଅନୁରୋଧ ରଖିବା ପରେ ଗୋଟି ଗୋଟି କରି ସମସ୍ତ ମନ୍ଦିର ବିଦ୍ୟାଳୟ ସଫେଇ କାର୍ଯ୍ୟ ହାତକୁ ନେବାକୁ ଅନୁରୋଧ କରିଥିଲେ। ସେହି ଅନୁସାରେ ଗୋଷ୍ଠୀର ୫୦ ସଭ୍ୟ ଯଥା ତରୁଲତା ସାହୁ, ତୃପ୍ତିମୟୀ ସାହୁ, ମମତା ସାହୁ, ଗୀତାଞ୍ଜଳି ସାହୁ, ଅଶାନ୍ତି ସାହୁ, ରୁନୁବାଳା ସାହୁ ସମସ୍ତେ ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

# ଅବଧି ଶେଷ, ସରୁନି କାମ

- ଅନିଶ୍ଚିତତାରେ ଜରିପୋଖରୀ ବୋଟିଂ ପ୍ରକଳ୍ପ
- ଆଦର୍ଶ ଶ୍ମଶାନ ପାଲଟିଛି ପାର୍କିଂସ୍ଥଳ
- ଖୋଲିଲାନି ୨ ଶୌଚାଳୟ

ଖୋର୍ଦ୍ଧା,୨୭।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ଏକାଧିକ ନିର୍ମାଣ ପ୍ରକଳ୍ପ ଅଧାପନ୍ତରିଆ ରହିଥିବା ବେଳେ ବିକାଶ, ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହି କ୍ରମରେ ସାମନ୍ତରାପୁରସ୍ଥିତ ଜରି ପୋଖରୀର ବୋଟିଂ ପ୍ରକଳ୍ପ କାମ ଶେଷ ନେଇ ଅନିଶ୍ଚିତତା ରହିଛି। ୨୦୨୧ ଅଗଷ୍ଟରେ ତତ୍କାଳୀନ ଜିଲାପାଳ ସନତ୍ ମହାନ୍ତି, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏଠାରେ ବୋଟିଂ ଲାଗି ଶିଳାନ୍ୟାସ କରିଥିଲେ। ୨୦୨୨ ସୁଦ୍ଧା କାର୍ଯ୍ୟ ସାରିବାକୁ ଦିନଧାର୍ଯ୍ୟ ହୋଇଥିଲା। ପ୍ରାୟ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁଥିବା ଏହି ପ୍ରକଳ୍ପ ଏବେ ବି ଅଧାପନ୍ତରିଆ ଭାବେ ପଡ଼ିରହିଛି। ସେହିପରି ଟିଏଲ୍‌ସି ରୋଡ୍‌ଠାରେ ନିର୍ମାଣ ହୋଇଥିବା ଆଦର୍ଶ ଶ୍ମଶାନ ମଧ୍ୟ ଏବେସୁଦ୍ଧା ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ହୋଇପାରିଲାନାହିଁ। ୧ କୋଟି ବ୍ୟୟ ଅଟକଳରେ ୨.୫୩ ଏକର ପରିମିତ ଜମିରେ ଆଦର୍ଶ ଶ୍ମଶାନ ନିର୍ମାଣ କରାଯାଇଛି। ତେବେ ଉଦ୍‌ଘାଟନ ପରଠାରୁ ଏଠାରେ ଗୋଟିଏ ବି ଶବ ସଂସ୍କାର କରାଯାଇ ନ ଥିବା ବେଳେ ଏହା ପୌର ପରିଷଦର ପାର୍କିଂସ୍ଥଳ ପାଲଟିଛି। ଏଠାରେ ମୁଖ୍ୟ ଫାଟକ, ପାର୍କିଂ, ପାଦଚଲା ରାସ୍ତା, ପୂଜାସାମଗ୍ରୀ ଦୋକାନ, ଉଦ୍ୟାନ, ଅପେକ୍ଷା ଗୃହ, ଶୌଚାଳୟ, ଶବଦାହ ଲାଗି ୩ଟି ପିଣ୍ଡି, କାଠ ଗଚ୍ଛିତ ରଖିବା ଲାଗି ଏକ କୋଠରି, ମନ୍ଦିର, ଆଲୋକୀକରଣ ବ୍ୟବସ୍ଥା, ସିକ୍ୟୁରିଟି ଗାର୍ଡ ଲାଗି କୋଠରି ବ୍ୟବସ୍ଥା ମଧ୍ୟ ରହିଛି। ଅନ୍ୟପଟେ ସହରରେ ଟ୍ରାଫିକ୍ ସମସ୍ୟା ଏବଂ ସହର ସୌନ୍ଦର୍ଯ୍ୟକରଣ ପାଇଁ ଫୁଟ୍‌ପାଥ୍ ଓ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଉଦ୍ଦେଶ୍ୟରେ ଟିଏଲ୍‌ସି ରୋଡ୍ ଏବଂ ଭାଲିଆବାଡ଼ିଠାରେ ନିର୍ମିତ ଭେଣ୍ଡିଂ ଜୋନ୍ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ନୂଆ ବସ୍‌ଷ୍ଟାଣ୍ଡ ଏବଂ ପୁରୁଣା ମେଡିକାଲ ରୋଡ୍‌ରେ ଥିବା ଦୁଇଟି ଶୌଚାଳୟ ଗତ ଅଗଷ୍ଟରେ ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇପାରିଲାନାହିଁ। ଫଳରେ ଲୋକେ ହଇରାଣ ହେଉଛନ୍ତି। ମୁଖ୍ୟ ରାସ୍ତାକୁ ବାଦ୍ ଦେଲେ ଖୋର୍ଦ୍ଧା ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ୍ରେନ୍ ସଫେଇ ହେଉ ନ ଥିବାରୁ ପୋତିହୋଇ ପଡ଼ିଲାଣି। ମଶାଙ୍କ ପ୍ରାଦୁର୍ଭାବ ମଧ୍ୟ ବଢ଼ିଚାଲିଛି। ପୌର ପ୍ରଶାସନ ପକ୍ଷରୁ ମଶାଧୂଆଁ କିମ୍ବା ମଶାତେଲ ପକାଯାଉନାହିଁ। ସହରରେ ଚାଲିଥିବା ଏକାଧିକ ଯୋଜନାରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ସତ୍ତ୍ୱେ ପୌର ଏବଂ ଜିଲା ପ୍ରଶାସନ ଏକପ୍ରକାର ନୀରବଦ୍ରଷ୍ଟା ସାଜିଛି ବୋଲି ଖୋର୍ଦ୍ଧା ଜନ ଜାଗରଣ ମଞ୍ଚ ଆବାହକ ରଣଜିତ୍ ମହାପାତ୍ର କହିଛନ୍ତି। ସେହିପରି କଂଗ୍ରେସ ନେତା ପ୍ଲାବନ ପଟ୍ଟନାୟକ କହିଛନ୍ତି, ଖୋର୍ଦ୍ଧା ଏକ ଐତିହାସିକ ସହର। ଏଠାରେ ବିକାଶ ଏକପ୍ରକାର ଠପ୍ ହୋଇଯାଇଛି। ବରୁଣେଇ ପୀଠର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଗଡ଼ଖୋର୍ଦ୍ଧା ଛକରୁ ପଞ୍ଚ ପାଇକଙ୍କୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସୌନ୍ଦର୍ଯ୍ୟକରଣ କରାଯାଉନାହିଁ। ସେହିପରି ବୁଦ୍ଧିଜୀବୀ କୃଷ୍ଣଚନ୍ଦ୍ର ହରିଚନ୍ଦନ କୁହନ୍ତି, ଖୋର୍ଦ୍ଧାର ରେଣୁ ରେଣୁରେ ଐତିହ୍ୟର ପଦଚିହ୍ନ ରହିଛି। ଏହାର ବିକାଶ ପ୍ରତି ସେଭଳି କୌଣସି ଗୁରୁତ୍ୱ ନାହିଁ। ଏ ସମ୍ପର୍କରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ପୌରାଞ୍ଚଳର ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦିଆଯାଉଛି। ଭେଣ୍ଡିଂ ଜୋନ୍ କାମ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ବରୁଣେଇ ପୀଠର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି ବୋଲି ସେ କହିଛନ୍ତି।

## ନିରାକାରପୁର ଷ୍ଟେଶନରେ ପିଇବା ପାଣି ପାଇଁ ଯାତ୍ରୀ ହଇରାଣ



ଟ୍ୟାପରେ ପଥର ଖଣ୍ଡ ରଖାଯାଇଛି।

ନିରାକାରପୁର,୨୭।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ରେଳଷ୍ଟେଶନର ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମର ନବୀକରଣ କାର୍ଯ୍ୟ ଜାରି ରହିଛି। ତେବେ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବେଳେ ଯାତ୍ରୀମାନେ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ଯାତ୍ରୀଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବା ଲକ୍ଷ୍ୟରେ ରେଳବିଭାଗ ପକ୍ଷରୁ ୧ନମ୍ବର ପ୍ଲାଟ୍‌ଫର୍ମରେ ଏକ ଆକ୍ୱାଗାର୍ଡର ବ୍ୟବସ୍ଥା କରାଯାଇଥିଲା। ଯାତ୍ରୀମାନେ ମଧ୍ୟ ଏହାର ଉପଯୋଗ କରିବା ସହ ପାଣି ପାଉଥିଲେ। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହା ତଳେପଡ଼ି ଭାଙ୍ଗିଯିବାରୁ ସପ୍ତାହେ ହେବ ଅଚଳହୋଇ ପଡ଼ିଛି। ଫଳରେ ଲୋକମାନେ ପିଇବା ପାଣି ଲାଗି ହଇରାଣ ହେଉଛନ୍ତି। ସେହିପରି ୪ନମ୍ବର ପ୍ଲାଟ୍‌ଫର୍ମରେ ଥିବା ନଳକୂପଟି ଦୀର୍ଘଦିନ ହେବ ଅଚଳ ଅବସ୍ଥାରେ ରହିଥିବା ବେଳେ ଷ୍ଟାଣ୍ଡପୋଷ୍ଟରେ ପାଣିର ସଂଯୋଗ କରାଯାଇନାହିଁ। ଫଳରେ ଏହି ପ୍ଲାଟ୍‌ଫର୍ମରେ ଟ୍ରେନ୍ ଅଟକିଲେ ଯାତ୍ରୀମାନେ ଅନ୍ୟ ପ୍ଲାଟ୍‌ଫର୍ମକୁ ଦୌଡ଼ି ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ସେହିପରି ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମରେ ପାନୀୟଜଳର ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ନବୀକରଣ କାର୍ଯ୍ୟ ଜାରିରହିଛି। ଏଠାରେ ଥିବା ଷ୍ଟାଣ୍ଡପୋଷ୍ଟରୁ ପାଇପ୍ ସଂଯୋଗ କରାଯାଇ ପାଣି ନେଇ କାର୍ଯ୍ୟ କରାଯାଉଛି। ଟ୍ୟାପ୍‌ରୁ କିଏ ପାଇପ୍ ବାହାରକରି ପାଣି ନେଇଯିବ, ସେଥିପାଇଁ ଏହା ଉପରେ ଏକ ପଥର ରଖାଯାଇଥିବା ଦେଖିବାକୁ ମିଳିଛି। ତେବେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ରେଳଯାତ୍ରୀଙ୍କ ପକ୍ଷରୁ ଦାବି ହେଉଛି।



କୃଷ୍ଣପ୍ରସାଦ: ବିପଦସଙ୍କୁଳ ଅବସ୍ଥାରେ ଚିଲିକାରେ ଲୋକମାନେ ଲଞ୍ଚରେ ଯାତ୍ରା କରୁଛନ୍ତି। (ଫଟୋ: କୈଳାସ ଚନ୍ଦ୍ର ପଟ୍ଟନାୟକ)

## ଚିଲିକାରେ ଯାତ୍ରୀ ପରିବହନରେ ଅବ୍ୟବସ୍ଥା

କୃଷ୍ଣପ୍ରସାଦ,୨୭।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ବାଲୁଗାଁରୁ ଚିଲିକାରେ ଲଞ୍ଚ ଯୋଗେ ଦୈନିକ ଶତାଧିକ ଯାତ୍ରୀ ପୁରୀ ଜିଲା କୃଷ୍ଣପ୍ରସାଦ ଓ ଏହାର ଆଖପାଖ ଅଞ୍ଚଳକୁ ଯାତାୟାତ କରିଥାନ୍ତି। ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ସକାଳ ୭ଟା ୧୫ ଏବଂ ଅପରାହ୍ନ ୧ଟା ୩୦ରେ ବାଲୁଗାଁରୁ ଦୁଇଟି ଲଞ୍ଚ କୃଷ୍ଣପ୍ରସାଦ ଅଭିମୁଖେ ଯାତାୟାତ କରୁଛି। ହେଲେ ଅପରାହ୍ନ ୩ଟା ୧୫ରେ ବାଲୁଗାଁରୁ ଏକ ଲଞ୍ଚ ବାହାରି କୃଷ୍ଣପ୍ରସାଦ ଘିମୁଦା ଜେଟିରେ ୪ଟା ୪୫ରେ ପହଞ୍ଚିଥାଏ। ଏହା ପରଦିନ ସକାଳ ୭ଟା ୧୫ରେ ବାଲୁଗାଁ ଅଭିମୁଖେ ଯାତ୍ରା କରିଥାଏ। ବାରମ୍ବାର ଅଞ୍ଚଳବାସୀଙ୍କ ଦାବି ପରେ ଉକ୍ତ ଲଞ୍ଚଟି ଦୀର୍ଘ ୩ ବର୍ଷ ଧରି ଯାତାୟାତ କରୁଥିବା ବେଳେ ହଠାତ୍ ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଲଞ୍ଚ ଚଳାଚଳ ବନ୍ଦ କରିଦେଇଛନ୍ତି। ଏନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଲଞ୍ଚ ଚଳାଚଳ ପାଇଁ ଦାବି କରାଯାଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ଶୁଣୁ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଅନ୍ୟପଟେ ବାଲୁଗାଁ ଜେଟି କୂଳରେ ଲଞ୍ଚ ଗୁଡ଼ିକ ଚିଲିକା ଜଳରେ ପଡ଼ି ରହି ଖତ ଖାଉଥିଲେ ମଧ୍ୟ ଏଗୁଡ଼ିକର ଆନୁଷଙ୍ଗିକ ମରାମତି ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ପୂର୍ବପରି ଅପରାହ୍ନ ୩.୧୫ ରେ ବାଲୁଗାଁରୁ ଉକ୍ତ ଲଞ୍ଚ ଚଳାଚଳ କାର୍ଯ୍ୟକ୍ଷମ କରିବାକୁ କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ବୋଇତ ବନ୍ଦାଣ କମିଟି ସଭାପତି ବାଉରିବନ୍ଧୁ ଦଳେଇ, ଲକ୍ଷ୍ମୀକାନ୍ତ ସିଂହ, ଯୁବନେତା ସୁବାସ ଚନ୍ଦ୍ର ଗୌଡ଼, ସାମାଜିକ କର୍ମୀ ବିଷ୍ଣୁ ପ୍ରସାଦ ବେହେରା, ରମେଶ ଚନ୍ଦ୍ର ବିଶାଳ ପ୍ରମୁଖ ଦାବି କରିଛନ୍ତି।

## ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ

ପୁରୀ,୨୭।୧୨(ଅଜିତ୍ ମହାନ୍ତି)

ଶ୍ରୀକ୍ଷେତ୍ର ଶିଶୁସାହିତ୍ୟ ସଂସଦର ୩୧ତମ ବାର୍ଷିକ ଉତ୍ସବ ଅବସରରେ ଏକ ରାଜ୍ୟସ୍ତରୀୟ ଶିଶୁସାହିତ୍ୟିକ ସମ୍ମିଳନୀ ବୁଧବାର ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଶିଷ୍ଟ ଭାଷାବିତ୍ ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ.କୈଳାସ ଚନ୍ଦ୍ର ଟିକାୟତରାୟ ଉଦ୍‌ଘାଟକ, ଓଡ଼ିଶା ଶିଶୁ- କିଶୋର ସାହିତ୍ୟ ଏକାଡ଼େମୀର ସଭାପତି ପ୍ରଫେସର ଦାଶ ବେନହୁର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ନଗରପାଳ ସୁରେନ୍ଦ୍ର ଦାଶ, ବିଶିଷ୍ଟ ଗୀତିକାର ତଥା ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ଧନଞ୍ଜୟ ସ୍ୱାଇଁ, 'ଝୁମୁକା'ର ସମ୍ପାଦକ ମାନସ ରଞ୍ଜନ ସାମଲ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରତ୍ନାକର ନାୟକ, ହରିପ୍ରିୟା ପଟ୍ଟନାୟକ, ଡ.ବିଜୟା ପାତ୍ର. ପ୍ରଭାସିନୀ ବରାଡ଼, ସୁଶ୍ରୀ ସଞ୍ଜୁକ୍ତା ପରିଛା, କବିତା ମିଶ୍ରଙ୍କୁ ଶିଶୁସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ।

## 'ଗୋପବନ୍ଧୁ ଥିଲେ ଜାତୀୟତାବାଦୀ କବି'

ଖୋର୍ଦ୍ଧା,୨୭।୧୨ (ପ୍ରଭାତ ପାଣିଗ୍ରାହୀ)

ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସାହିତ୍ୟିକ ସୃଷ୍ଟି ଉପରେ ଏକ ଆଲୋଚନା ଚକ୍ର ଆଡ଼ଭୋକେଟ୍ ଶିବ ସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ବିଡିଏ କଲୋନୀ ଗାୟତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ. ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂହ, ଭୀମସେନ ପ୍ରଧାନ, ବିମଳା ସିଂ, ଗବେଷକ ଜାନକୀବଲ୍ଲଭ ପଟ୍ଟନାୟକ, ଡ. ବୃନ୍ଦାବନ ପଣ୍ଡା, ବିଦ୍ୟାଧର ଲେଙ୍କା ପ୍ରମୁଖ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅବକାଶ ଚିନ୍ତା, ନଚିକେତା ଉପାଖ୍ୟାନ, ଧର୍ମପଦ, ଗୋମାହାତ୍ମ୍ୟ, ଚିଲିକା ଦର୍ଶନ ଆଦି କବିତା ଉପରେ ଆଲୋଚନା କରି ତାଙ୍କୁ ଜଣେ ସ୍ୱଦେଶପ୍ରେମୀ ତଥା ଜାତୀୟତାବାଦୀ କବି ଭାବେ ଅଭିହିତ କରିଥିଲେ। ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ପଣ୍ଡିତ ଗୋପବନ୍ଧୁ ସମାଜ ସଂସ୍କାର, ଶିକ୍ଷା, ସାମ୍ବାଦିକତା, ଜନସେବା ଓ ଅନ୍ୟାନ୍ୟ ବହୁ କ୍ଷେତ୍ରରେ ନିଜ କାର୍ଯ୍ୟଧାରା ବିସ୍ତାରିତ ହୋଇଥିଲେ ମଧ୍ୟ ସାହିତ୍ୟ ସର୍ଜନା କରି ଉତ୍କଳୀୟ ଭାବଧାରାକୁ ସେ ଯେଭଳି ବିକଶିତ କରିଛନ୍ତି ତାହା ଅନନ୍ୟ ବୋଲି ଅତିଥିମାନେ ମତ ଦେଇଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା ଅତିଥି ପରିଚୟ, ବିଳାସିନୀ ଦାଶ ସ୍ୱାଗତ ଭାଷଣ ଓ ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ବିମଳା ସିଂହଙ୍କ ସମ୍ପାଦନାରେ ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ମୁଖପତ୍ର 'ମହାବାହୁ' ଲୋକାର୍ପିତ ହୋଇଥିଲା।

## 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



ଗମ୍ଭାରୀମୁଣ୍ଡା,୨୭।୧୨(ଦିଲୀପ ସ୍ୱାଇଁ)

ଗମ୍ଭାରୀମୁଣ୍ଡା ପରଶୁରାମ ଉଚ୍ଚ ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମରାଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡ.ବିଭୂତି ଭୂଷଣ ହରିଚନ୍ଦନ ଯୋଗଦେଇଥଲେ। ମୁଖ୍ୟ ବକ୍ତାଭାବେ ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ସମ୍ମାନିତ ଅତିଥି ପୂର୍ବତନ ଜିଲାପରିଷଦ ସଭ୍ୟ ଦୁଷ୍ମନ୍ତ ହରିଚନ୍ଦନ, ଶିକ୍ଷାବିତ୍ ଗୋଲକ ବିହାରୀ ପଟ୍ଟନାୟକ, ପ୍ରସନ୍ନ ପ୍ରଧାନ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ରମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସଭା ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଗୀତାଞ୍ଜଳି ବିଶ୍ୱାଳଙ୍କ ସଂଯୋଜନାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପକ ପ୍ରଶାନ୍ତ କୁମାର ହୋତା, ପ୍ରହଲ୍ଲାଦ ଜେନା, ବସନ୍ତ କୁମାର ଛାଟୋଇ, ରାମକୃଷ୍ଣ ପାଲଟାସିଂ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ

ଟାଙ୍ଗୀ,୨୭।୧୨(ରଘୁନାଥ ସାହୁ)



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା ଓ କର୍ମୀମାନେ।

ଦୁର୍ନୀତି, ଭ୍ରଷ୍ଟାଚାର ଓ ଗରିବମାରଣ ନୀତି ବିରୋଧରେ ଟାଙ୍ଗୀ ବ୍ଲକ ଭାଜପା ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟଙ୍କ ନେତୃତ୍ୱରେ ଶତାଧିକ ମହିଳା, ଯୁବକ ଓ କର୍ମୀ ଏକ ଶୋଭାଯାତ୍ରାରେ ସ୍ଥାନୀୟ ବଳରାମ ଦେବ ମନ୍ଦିରଠାରୁ ବାହାରି ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚି ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ଲାଞ୍ଚ ଦେବାକୁ ପଡୁଛି। ଜଳସେଚନର କୌଣସି ସୁବିଧା କରାଗଲାନାହିଁ। ଏପରିକି କୃଷି ଯନ୍ତ୍ରପାତି କିଣାରେ ଦୁର୍ନୀତି ହୋଇଛି। ହତ୍ୟା, ବଳାତ୍କାର ବଢ଼ିଚାଲିଛି ବୋଲି ଭାଜପା କର୍ମୀମାନେ ନାରାବାଜି କରିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଦାବିପତ୍ର ଅତିରିକ୍ତ ବିଡିଓ ଶୁଭ୍ରାଂଶୁ ନାୟକ ଗ୍ରହଣ କରିଥିଲେ। ଏହି ଘେରାଉ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, କିଷାନ ମୋର୍ଚ୍ଚା କର୍ମକର୍ତ୍ତା ରଞ୍ଜନ ମଙ୍ଗରାଜ, ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାପତି ରଶ୍ମିମୟୀ ପଟ୍ଟନାୟକ, ରାଜ୍ୟ ପରିଷଦ ସଭ୍ୟ ରଘୁନାଥ ସାହୁ, ଟାଙ୍ଗୀ ମଣ୍ଡଳ ସଭାପତି ପୂର୍ଣ୍ଣ କଳସ, ଗୟାଧର ପାଲ୍‌ଟାସିଂହ, ଆଲୋକ ଛୋଟରାୟ, ପବିତ୍ର ହରିଚନ୍ଦନ, ହେମନ୍ତ ବେହେରା, କିଶୋର ବରାଳ, ମିତ୍ରଭାନୁ ସୁବୁଦ୍ଧି, ଦୀନବନ୍ଧୁ ସାହୁ, ରାମଚନ୍ଦ୍ର ପରିଡ଼ା, ଲକ୍ଷ୍ମୀକାନ୍ତ ମିଶ୍ର, ଗିରିଶ୍ ବେହେରା, ବୀରେନ ବାହୁବଳେନ୍ଦ୍ର ପ୍ରମୁଖ ସାମିଲ ଥିଲେ।

## ଉତ୍କଳ ସ୍ପୋର୍ଟିଂ ଜଟଣୀ ସେମିରେ



ଯାଁଳା,୨୭।୧୨(ବୁଲା ବାରିକ)

**ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ରାଜଧାନୀ ଉପକଣ୍ଠ ଯାଁଳା ପଞ୍ଚାୟତର ରାଧାଚରଣପୁର ଖେଳପଡ଼ିଆରେ ଚାଲିଥିବା ୨୫ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ବୁଧବାର ଗ୍ରୁପ୍(ବି)ର ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମା' ଭୁଆସୁଣୀ କ୍ଲବ ବିଡ଼ାନାସୀ କଟକ ଓ ଉତ୍କଳ ସ୍ପୋର୍ଟିଂ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ୯ମ ମିନିଟ୍‌ରେ ଉତ୍କଳ ସ୍ପୋର୍ଟିଂର ବିକାଶ ନାୟକ ଗୋଟିଏ ଗୋଲ ଦେଇଥିଲେ। ସେହିପରି ୧୧ତମ ମିନିଟ୍‌ରେ ଚନ୍ଦନ ଦାସ ଆଉ ଏକ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା ମା' ଭୁଆସୁଣୀ କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ବିଦେଶୀ ନାୟକ, ରମେଶ ଚନ୍ଦ୍ର ପାଇକରାୟ, ପ୍ରଫୁଲ୍ଲ କୁମାର ବେହେରା, ଶିଶିର କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ବିକାଶ ନାୟକ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

**ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

## ସେମିରେ ଆରିକମା

ବୋଲଗଡ଼,୨୭।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆରେ ଚାଲିଥିବା ତ୍ରୟୋଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍ ଖଣ୍ଡପଡା କ୍ରିକେଟ କ୍ଲବ ଓ ଆରିକମା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଖଣ୍ଡପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୨ରନ ସଂଗ୍ରହ କରିଥିଲା। ଜବାବରେ ଆରିକମା ଟିମ୍ ୧୨.୨ ଓଭରରେ ୫ ଉଇକେଟ ବିନିମୟରେ ୮୪ ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ରାଜା ମାନସିଂ ଓ ସତ୍ୟ ରଞ୍ଜନ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଅମୀୟ ପଟ୍ଟନାୟକ, ସାମାଜିକକର୍ମୀ ସୁମନ୍ତ କୁମାର ପ୍ରଧାନ, ପ୍ରସନ୍ନ କୁମାର ସ୍ୱାଇଁ, ଆଇନଜୀବୀ ମଧୁସ୍ମିତା ଲେଙ୍କା, ରାଜୀବ ସାମନ୍ତରାୟ, ରବୀନ୍ଦ୍ର ସାଥୁଆ, ଯଦୁନାଥ ସାମନ୍ତରାୟ, ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ, କାର୍ତ୍ତିକ ସ୍ୱାଇଁ, ବିନୋଦ କୁମାର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ ସଭାପତି ନିରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

## ହାଓଡା ସେମିଫାଇନାଲରେ



ଟାଙ୍ଗୀ,୨୭।୧୨(ରଘୁନାଥ ସାହୁ)

**ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

କୁହୁଡ଼ି ମହାବୀର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର କିଶୋର କ୍ଲବ ଭୁବନେଶ୍ୱର ଓ ହାଓଡା ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ତେବେ ମ୍ୟାଚ୍ ଶେଷସୁଦ୍ଧା ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ହାଓଡା ଫୁଟ୍‌ବଲ କ୍ଲବ ୫-୪ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଗୋପାଳ ସାମନ୍ତରାୟ, ବିଜୟ ମଙ୍ଗରାଜ, ପ୍ରଦୀପ ମୁଦୁଲି ଓ ଅପର୍ତ୍ତି ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ କମଳାକାନ୍ତ ସାମନ୍ତରାୟ ମ୍ୟାଚ୍ କମିଶନର ଥିଲେ। ଅତିଥିଭାବେ କ୍ରୀଡ଼ା ସଙ୍ଗଠକ ବିଜୟ ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ସର୍ବେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ଶୁଭେନ୍ଦୁ ମାନସିଂହ, ସମ୍ପାଦକ ମନୋଜ କୁମାର ମାନସିଂହ, ପୂର୍ବତନ ସରପଞ୍ଚ ବିପିନ ଉଦୟସିଂ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ କିଶୋର କ୍ଲବର ପପୁ ମାଝୀ ଏବଂ ହାଓଡା ଟିମ୍‌ର ଡୁଙ୍ଗୁ ମେଲୋଙ୍କୁ ସମ୍ମାନିତ କରାଯାଇଛି।

## ସଂକ୍ଷେପରେ

### ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେଲାଙ୍ଗ,୨୭।୧୨(ରଶ୍ମିରଞ୍ଜନ ପ୍ରଧାନ): ପୁରୁଣା ଡେଲାଙ୍ଗ ଗ୍ରାମର ଆରାଧ୍ୟ ଶ୍ରୀ ପଶ୍ଚିମାଶମ୍ଭୁ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ୨୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଯାଇଛି। ମଙ୍ଗଳବାର ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ମହାଯଜ୍ଞ ପାଇଁ ରବିବାର ଆୟୋଜିତ କଳସ ଯାତ୍ରାରେ ୨୧ଜଣ ମାନସିକଧାରୀ ଲୁଣାନଦୀରେ କଳସ ବୁଡ଼ାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ୩ ଦିନ ଧରି ଏହି ଧାର୍ମିକ କାର୍ଯ୍ୟରେ ଜଳଯାତ୍ରା, ଶାଳାମଣ୍ଡନ, ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବଦେବୀ ଆବାହନ, ଗୀତାପାଠ, ଚଣ୍ଡୀପାଠ, ଅଗ୍ନିସ୍ଥାପନ ପ୍ରଭୃତି ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ଗଙ୍ଗାଧର ପାଢ଼ୀ ଓ କର୍ତ୍ତ୍ରୀ ଭାବେ ତାଙ୍କ ସ୍ତ୍ରୀ ନୂପୁର ପାଢ଼ୀ କାର୍ଯ୍ୟ ନିର୍ବାହ କରିଥିଲେ। ମୁଖ୍ୟ ପୂଜକ ଭାବେ ପ୍ରକାଶ ଚନ୍ଦ୍ର ପ୍ରହରାଜଙ୍କ ସହିତ ଅନ୍ୟ ପଣ୍ଡିତମାନେ ଯଥାବିଧି ଯଜ୍ଞମଣ୍ଡପରେ ପୂଜାର୍ଚ୍ଚନା କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ପାଲା, ପ୍ରବଚନ, ଭଜନ ସମାରୋହ ମନ୍ଦିର ପରିସରରେ ପରିବେଷଣ କରାଯାଇଥିଲା। ଗୋଧୂଳି ଲଗ୍ନରେ ପ୍ରଭୁଙ୍କର ପୂର୍ଣ୍ଣାହୁତି ଉତ୍ସବ ଅବସରରେ ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମେତ ସ୍ଥାନୀୟ ସରପଞ୍ଚ ଦୀପକ ସାହୁ ଯୋଗଦେଇ ପ୍ରଭୁଙ୍କ କୃପାଲାଭ କରିଥିଲେ। ପୁରୁଣା ଡେଲାଙ୍ଗ ଗ୍ରାମବାସୀ ଓ ଯଜ୍ଞ କମିଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଡେଲାଙ୍ଗରେ ବିଜେଡିର ପ୍ରତିଷ୍ଠା ଦିବସ

ଡେଲାଙ୍ଗ,୨୭।୧୨(ରଶ୍ମିରଞ୍ଜନ ପ୍ରଧାନ): ଡେଲାଙ୍ଗ ବ୍ଲକରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ପରିଷଦ ପ୍ରସନ୍ନ ସାହୁଙ୍କ ତତ୍ତ୍ୱାବଧାନରେ ଡେଲାଙ୍ଗ ହାଟ ବଜାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଧୂପଦୀପ ଅର୍ପଣ କରାଯାଇଥିଲା। ବରିଷ୍ଠ କର୍ମୀ ନିରଞ୍ଜନ ମହାନ୍ତି, ଜୟକୃଷ୍ଣ ସାହୁ, ସୁରେନ୍ଦ୍ର ସାହୁ, ସାଉରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ସାହୁ, ସୁଜନପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିପିନ ବିହାରୀ ନରେନ୍ଦ୍ର, ଉମେଶ ଚନ୍ଦ୍ର ଦାଶ, ଶବୀର ଶାହା ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘଦିନର ଶାସନକାଳ ମଧ୍ୟରେ ଜନକଲ୍ୟାଣ ପାଇଁ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

### ଭଗବତ ବାସୁଦେବଙ୍କ ବିଶ୍ୱଶାନ୍ତି ଗୀତାଯଜ୍ଞ

ପିପିଲି,୨୭।୧୨(ଦୁର୍ଗାମାଧବ ମିଶ୍ର) ପିପିଲି ନିକଟବର୍ତ୍ତୀ ବିଆଁଳ ମହାଜନ ସାହି ଭଗବତ ବାସୁଦେବଙ୍କ ପୀଠସ୍ଥଳୀରେ ଶ୍ରୀ ଶ୍ରୀ ଭଗବତ ବାସୁଦେବଙ୍କ ଦ୍ୱାଦଶତମ ବାର୍ଷିକ ବିଶ୍ୱଶାନ୍ତି ଗୀତାଯଜ୍ଞ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀତିନିୟମ ଅନୁଯାୟୀ ଅଙ୍କୁରାରୋପଣ, କଳସ ଯାତ୍ରା, ଅଗ୍ନି ସ୍ଥାପନ ଓ ନାମ ସଂକୀର୍ତ୍ତନ, ଗୀତା ପୂର୍ଣ୍ଣାହୁତି, ଭଜନ ସମାରୋହ ଅନୁଷ୍ଠିତ ହେବା ସହ ପ୍ରସାଦସେବନ କରାଯାଇଥିଲା। ଗ୍ରାମର ଶାନ୍ତି ଓ ପ୍ରଗତି ପାଇଁ ସମସ୍ତେ ନିବେଦନ କରିଥିଲେ। ହିମାଂଶୁ ଶେଖର ସାହୁ, କାଳନ୍ଦୀ ସାହୁ, ସୁଦର୍ଶନ ସାହୁ, କୈଳାସ ସାହୁଙ୍କ ସମେତ ବିଆଁଳ ଗ୍ରାମବାସୀ ସାହାଯ୍ୟ ସହଯୋଗ କରିଥିଲେ।

# ନୃତ୍ୟ, ସଙ୍ଗୀତରେ କଲେଜ ପରିସର ପ୍ରକମ୍ପିତ

## ନିମାପଡ଼ା କଲେଜର ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ନିମାପଡ଼ା,୨୭।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)



ନିମାପଡ଼ା କଲେଜର ହୀରକ ଜୟନ୍ତୀ ସମାରୋହ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ପୁରୀ ଜିଲାର ବହୁ ପ୍ରାଚୀନ ଓ ବହୁ ଅଗ୍ରଣୀ କଲେଜ ଭାବେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବେଶ ପରିଚିତ। ଏହି ବିଦ୍ୟାଳୟର ୬୦ ବର୍ଷ ପୂର୍ତ୍ତି ଅବସରରେ କଲେଜର ଗୌରବମୟ ସ୍ମୃତିଚାରଣ ପାଇଁ ୩ ଦିନ ବ୍ୟାପୀ ହୀରକ ଜୟନ୍ତୀ ସମାରୋହ ବହୁ ଧୁମଧାମରେ ପାଳିତ ହେଉଛି। ଏକ ବର୍ଣ୍ଣାଢ୍ୟ, ମନୋଜ୍ଞ ପରିବେଶରେ ବୁଧବାର କଲେଜର ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ସମୀର ରଞ୍ଜନ ଦାଶ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଛନ୍ତି। ଏହି କଲେଜର ଖ୍ୟାତି ଅବର୍ଣ୍ଣନୀୟ। ଆଗାମୀ ଦିନରେ କଲେଜ ସାରା ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରି ଇତିହାସ ସୃଷ୍ଟି କରିବ ବୋଲି ବିଧାୟକ ଦାଶ ଆସ୍ଥା ପ୍ରକଟ କରିଥିଲେ। କଲେଜ ଆଲୁମ୍ନି ଆସୋସିଏସନ ସଭାପତି ଶିକ୍ଷାବିତ ବସନ୍ତ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ, ଡିନ୍ ରାମାକାନ୍ତ ଦାଶ, ଆଲୁମ୍ନି ଆସୋସିଏଶନ ସମ୍ପାଦକ ବସନ୍ତ ପାତ୍ର ପ୍ରମୁଖ ଯୋଗଦେଇ କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଆୟୋଜିତ କ୍ରୀଡ଼ା, ଖେଳକୁଦ, ନୃତ୍ୟ, ସଙ୍ଗୀତ, ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାର ୪୫୦ରୁ ଊର୍ଦ୍ଧ୍ୱ କୃତୀ ପ୍ରତିଯୋଗୀ, ବିଭିନ୍ନ ମସିହାର ଶ୍ରେଷ୍ଠ ଗ୍ରାଜୁଏଟ୍, ପି.ଜି ଗ୍ରାଜୁଏଟ୍ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର, ଟ୍ରଫି, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ। କଲେଜର ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରିବେଷିତ ଆକର୍ଷଣୀୟ, ଚିତ୍ତାକର୍ଷକ ନୃତ୍ୟ ସଙ୍ଗୀତରେ କଲେଜ ପରିସର ପ୍ରକମ୍ପିତ ହୋଇଥିଲା। ସମାରୋହରେ ଶହ ଶହ ପୁରାତନ ଛାତ୍ରୀଛାତ୍ର, ହଜାର ହଜାର ଅଧ୍ୟୟନରତ ଛାତ୍ରୀଛାତ୍ର, ବହୁ ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷାବିତ୍, ସ୍ଥାନୀୟ ବ୍ୟକ୍ତିମାନେ ଯୋଗଦେଇଥିଲେ। କଲେଜ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ. ରବୀନ୍ଦ୍ର ପାଢ଼ୀ, ପ୍ରଦୀପ ଦାଶ, ନୋଡାଲ ଅଫିସର ଅମ୍ବିକା ପ୍ରସାଦ ଷଡ଼ଙ୍ଗୀ, ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ସୁବ୍ରତ ମହାନ୍ତି, କୃଷ୍ଣଚନ୍ଦ୍ର ସାବୁତ୍ ପ୍ରମୁଖ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।

# ପାରାମାଉଣ୍ଟ ଭୁବନେଶ୍ୱରକୁ ହରାଇ ରମେଶ୍ୱର ସ୍ପୋର୍ଟିଂ ସେମିରେ


ବିଜୟୀ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି ।

## ୩୪ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍

କାକଟପୁର,୨୭।୧୨(ଶୁଭଦର୍ଶନ ମିଶ୍ର)

କାକଟପୁର ମିନି ଷ୍ଟାଡିୟମରେ ଚାଲିଥିବା ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବୁଧବାର ରମେଶ୍ୱର ସ୍ପୋର୍ଟିଂ ସେମିରେ ପ୍ରବେଶ କରିଛି। ମ୍ୟାଚରେ ପାରାମାଉଣ୍ଟ ଭୁବନେଶ୍ୱର ଟସ୍ ଜିତି ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୨୨୫ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶ୍ରେୟାଂଶ କୁମାର ୫୨ଟି ବଲରେ ୮୩ରନ୍ ସଂଗ୍ରହ କରିଥିଲେ। ଜବାବରେ ପାରାମାଉଣ୍ଟ ୨୨୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ମ୍ୟାଚ୍ ଟାଏ ହୋଇଥିବାରୁ ଅମ୍ପାୟାରଙ୍କ ନିଷ୍ପତ୍ତିକ୍ରମେ ସୁପରଓଭର ଖେଳାଯାଇଥିଲା। ପାରାମାଉଣ୍ଟ ୧୪ରନ ସଂଗ୍ରହ କରିଥିଲାବେଳେ ରାମେଶ୍ୱର ଶେଷ ବଲ୍‌ରେ ବିଜୟୀ ହୋଇଥିଲା। ହଜାର ହଜାର କ୍ରିକେଟ ପ୍ରେମୀ ଏହି ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚର ମଜା ନେଇଥିଲେ। ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଅତିଥି ଭାବେ କାକଟପୁର ପ୍ରେସ୍‌କ୍ଲବ ସଭାପତି କମଳଲୋଚନ ଦୀକ୍ଷିତ ଏବଂ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ ଯୋଗଦେଇ ବିଜୟୀ ଦଳର ଶ୍ରେୟାଂଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ୟୁନିକ୍ ଇଲେଭେନ୍ ଭଦ୍ରକ ଏବଂ ବିଶ୍ୱଭାରତୀ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ମଙ୍ଗଳା କପ୍ କ୍ରିକେଟ୍ କ୍ଲବ ଆସୋସିଏଶନ ସଭାପତି ପ୍ରଦୀପ୍ତ ଦୀକ୍ଷିତ କହିଥିଲେ। କ୍ଲବ ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ, ମ୍ୟାନେଜର ଭାଗବତ ସ୍ୱାଇଁ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦୀକ୍ଷିତ, ସଞ୍ଜୟ ସାମଲ, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳର ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଓଡ଼ିଶା କନିଷ୍ଠ ଥ୍ରୋ-ବଲ୍ ଦଳର ତାମିଲନାଡୁ ଯାତ୍ରା



ପୁରୀ ୨୭।୧୨(ଅଜିତ୍ ମହାନ୍ତି): ତାମିଲନାଡୁର କୋଇମ୍ବାଟୁରରେ ଅନୁଷ୍ଠିତ ହେବାକୁ ଯାଉଛି ୩୩ତମ ଜାତୀୟ କନିଷ୍ଠ ଥ୍ରୋ-ବଲ୍ ପ୍ରତିଯୋଗିତା। ଚଳିତ ମାସ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଏହା ଅନୁଷ୍ଠିତ ହେବ। କନିଷ୍ଠ ଥ୍ରୋ-ବଲ୍ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳର ବାଳକ ଓ ବାଳିକା ଥ୍ରୋ- ବଲ ଦଳ ଅଂଶ ଗ୍ରହଣ କରିବେ। ଏନେଇ ତାମିଲନାଡୁ ଅଭିମୁଖେ ଓଡ଼ିଶାର ୩୪ ଜଣ ଖେଳାଳି ରବିବାର ଟ୍ରେନ ଯୋଗେ ଯାତ୍ରା କରିଛନ୍ତି। ଏହି ଦଳରେ ଓଡ଼ିଶା ମହିଳା ଦଳର କୋଚ୍ ଭାବେ ସୁଧାସିନ୍ଧୁ ସାହୁ ଓ ମ୍ୟାନେଜର ଭାବେ ଶ୍ରୀକୃତୀ ମହାନ୍ତି ରହିଥିବାବେଳେ ବାଳକ ଦଳରେ କୋଚ ଭାବେ ଦୀପ୍ତିରଞ୍ଜନ ସାମନ୍ତରାୟ ଓ ମ୍ୟାନେଜର ଭାବେ ଅର୍ଜିତ ମହାନ୍ତି ରହିଛନ୍ତି। ଦଳରେ ରେଫରି ଭାବେ ଯଶୋବନ୍ତ ପରମଗୁରୁ ଏବଂ ଏସ୍.ଜଗା ରେଡ୍ଡୀ ତାମିଲନାଡୁ ଯାତ୍ରା କରିଛନ୍ତି ବୋଲି ଓଡ଼ିଶା ଥ୍ରୋ- ବଲ୍ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ପ୍ରକାଶ କରିଛନ୍ତି। ଏହିଦଳ ଭଲ ପ୍ରଦର୍ଶନ କରିବ ବୋଲି ସଭାପତି ଭୂପେନ୍ଦର ସିଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଛନ୍ତି ଓ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ନେତ୍ରାନନ୍ଦ ସାହୁ ମହିଳା ସ୍ନାତକ ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

କାକଟପୁର,୨୭।୧୨(ଶୁଭଦର୍ଶନ ମିଶ୍ର)

କାକଟପୁର ବ୍ଲକ ଅଧୀନ ନେତ୍ରାନନ୍ଦ ସାହୁ ମହିଳା ସ୍ନାତକ ମହାବିଦ୍ୟାଳୟ ପଡ଼ିଆରେ ମଙ୍ଗଳବାର 'ନୂଆ-ଓ' କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସରୋଜିନୀ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାର ଜ୍ୟୋତି ରଞ୍ଜନ, ସମ୍ମାନିତ ଅତିଥି ଭାବେ କାକଟପୁର ତହସିଲଦାର ଅଙ୍କିତା ଅନନ୍ଦିତା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ଯୁବତୀ, ଯୁବକଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତ ହୋଇପାରିବ ବୋଲି ଛାତ୍ରୀଙ୍କୁ ବୁଝାଇଥିଲେ। ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବରେ ନେତ୍ରାନନ୍ଦ ସାହୁ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ଦୁର୍ଯ୍ୟୋଧନ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କ ଏହି ଅଭିନବ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ବରିଷ୍ଠ ପ୍ରଧାପିକା ସାଗରିକା ସାହୁ, ଜୟଶ୍ରୀ ସାହୁ, ସସ୍ମିତା ସାହୁ, ସାଗରିକା ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କ୍ରୀଡ଼ା ଉତ୍ସବରେ ୧୮୬ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

ଗୋପ,୨୭।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ବିକଶିତ ରାଷ୍ଟ୍ର ନିର୍ମାଣ ଓ ଗଠନ କ୍ଷେତ୍ରରେ କ୍ରୀଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗ୍ରାମାଞ୍ଚଳର କ୍ରୀଡ଼ାପ୍ରେମୀ ପ୍ରତିଯୋଗୀ ଏଭଳି ଏକ କ୍ରୀଡ଼ାକୁ ଗୁରୁତ୍ୱ ଦେଇ ରାଜ୍ୟ ଓ ଦେଶର ନାଁ ରଖିବାକୁ ସମୟ ଆସିଛି। ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲପଡ଼ିଆରେ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ଛାତ୍ରୀଛାତ୍ରଙ୍କୁ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କୋଣାର୍କ ବିଜ୍ଞାପିତ ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ବିଡିଓ ଛବିରାଣୀ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ ବ୍ରହ୍ମା, ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, ପୁରୀ ସାଂସଦଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ, ଗୋପ ସରପଞ୍ଚ ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଉପରେ ରାଜ୍ୟ ସରକାର ଅଧିକ ମାତ୍ରାରେ ଗୁରୁତ୍ୱ ଦେଉଥିବାବେଳେ ତା ଉପରେ ଆମର ଛାତ୍ରୀଛାତ୍ର ଗୁରୁତ୍ୱ ଦେବାକୁ ଅତିଥିମାନେ ନିବେଦନ କରିଥିଲେ। ଗୋପ ବ୍ଲକର ୭ ଗୋଟି ଖେଳପଡ଼ିଆରେ ଦୀର୍ଘ ୧୨ ଦିନ ଧରି ଚାଲିବାକୁ ଥିବାବେଳେ ଏହି ପ୍ରତିଯୋଗିତାରେ ୧୪୩ ଗୋଟି ସ୍କୁଲର ୧୮୬ ଛାତ୍ରୀଛାତ୍ର ଭାଗ ନେଇ ଖୋକୋ, କବାଡ଼ି, କ୍ରିକେଟ୍, ଭଲି ସହିତ ଆଉ କେତେକ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଗୋପ ବ୍ଲକ କ୍ରୀଡ଼ା ସମ୍ପାଦକ ପ୍ରଫୁଲ୍ଲ ସାହୁ, ଶାରୀରିକ ଶିକ୍ଷକ ଶ୍ରୀକାନ୍ତ ନାୟକ, ଜୟନ୍ତ ରାୟ, ଏସ୍‌ଏମ୍ ଜୁଲୁମାନଙ୍କ ସମେତ ଅନ୍ୟମାନେ ଏହାକୁ ପରିଚାଳନା କରିଥିଲେ।


ମଞ୍ଚାସୀନ ଅତିଥିମାନେ ।

# ପଞ୍ଚାୟତ ସମିତି ବୈଠକ ବାତିଲ

ଗୋପ,୨୭।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ପଞ୍ଚାୟତ ସମିତି ବୈଠକ ନେଇ ରାଜନୀତି ଆରମ୍ଭ ହୋଇଛି। ଶେଷ ସମୟରେ ସମିତି ବୈଠକରେ ଗୋପ ବ୍ଲକର ୩୧ ଗୋଟି ପଞ୍ଚାୟତର ସମିତି ସଭ୍ୟାସଭ୍ୟ ଯୋଗଦେବେନି ବୋଲି ରୋକ୍‌ଠୋକ ଭାବରେ ମନା କରିବାରୁ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ନିର୍ଦ୍ଦେଶରେ ଏହି ବୈଠକକୁ ବାତିଲ୍ କରାଯାଇଥିବା ବ୍ଲକ ପକ୍ଷରୁ ଜଣାପଡ଼ିଛି। ପ୍ରକାଶ ଯେ, ଗୋପ ବ୍ଲକ ପଞ୍ଚାୟତ ସମିତି ବୈଠକ ପୂର୍ବ ପ୍ରସ୍ତୁତି ଅନୁସାରେ ବ୍ଲକ ଚିଠି ନଂ. ୫୦୬୧, ତା ୧୯।୧୨।୨୦୨୩ ଅନୁସାରେ ୨୮ ତାରିଖରେ ବୈଠକ ହେବାକୁ ଥିଲା। ଏହି ଚିଠି ମୁତାବକ, ବୁଧବାର ପଞ୍ଚାୟତ ସମିତି ବୈଠକ ଲାଗି ସମସ୍ତ ବିଭାଗର ଅଧିକାରୀଙ୍କ ସହିତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଅନ୍ୟଲୋକ ପ୍ରତିନିଧିଙ୍କୁ ବ୍ଲକ ପକ୍ଷରୁ ଚିଠି ମଧ୍ୟ ପଠା ଯାଇଥିଲା। କିନ୍ତୁ ବୁଧବାର ଅନୁଷ୍ଠିତ ସମିତି ବୈଠକରେ ପଞ୍ଚାୟତ ସମିତି ସଭ୍ୟାସଭ୍ୟ ଯୋଗ ଦେବେନି ବୋଲି ଏକ ଅଭିଯୋଗ ଆସିଥିଲା। ଏହି ଖବର ଓ ଅଭିଯୋଗକୁ ବ୍ଲକ ଅଧ୍ୟକ୍ଷା ମଲ୍ଲିକ ବିଡିଓ ଛବିରାଣୀ ସାହୁଙ୍କ ସହିତ କଥାବାର୍ତ୍ତା ହେବା ସହ ବୈଠକ ବାତିଲ କରାଯିବ ବୋଲି କହିବା ସହ ବ୍ଲକ ପକ୍ଷରୁ ଏକ ଚିଠି କରିବାକୁ କହିବା ପରେ ବ୍ଲକ ଚିଠି ନଂ. ୫୦୭୬, ତା,୨୭।୧୨।୨୦୨୩ରେ ବାତିଲ୍ କରାଗଲା ବୋଲି ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବାତିଲ୍ କାହିଁକି କରାଗଲା ବୋଲି ବିଡିଓ ସାହୁଙ୍କୁ ପଚାରିବାରେ, ଏକ ଜରୁରୀ କାର୍ଯ୍ୟ ଯୋଗୁ ବାତିଲ୍ କରାଯିବା କହିଥିଲେ। ଏନେଇ ଅଧ୍ୟକ୍ଷା ମଲ୍ଲିକଙ୍କୁ ପଚାରିବାରେ, ସମିତି ସଭ୍ୟାସଭ୍ୟାଙ୍କ ଭୁବନେଶ୍ୱରଠାରେ ସାଂଗଠନିକ ବୈଠକ ହେଉଥିବାରୁ ସେମାନେ ଯୋଗଦେଇ ପାରିବେନି ବୋଲି କହିବାରୁ ବାତିଲ୍ ହୋଇ ଥିବା କହିଥିଲେ। ଏଠାରେ ସୂଚନାଯୋଗ୍ୟ, ସରକାରୀ ନିୟମ ଅନୁଯାୟୀ ୨ ମାସରେ ବ୍ଲକ ଉନ୍ନୟନ କାର୍ଯ୍ୟ ସହିତ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ନେଇ ଏହି ସମିତି ବୈଠକ ହେବା କଥା। ମାତ୍ର ଗୋପ ବ୍ଲକରେ ଏହାର ବ୍ୟତିକ୍ରମ ଦେଖା ଦେଇଥିବାବେଳେ ଦୀର୍ଘ ବର୍ଷେ ପରେ ଏହି ବୈଠକ କରାଯାଉଥିବା ଜଣାପଡ଼ିଛି।

# ଯୌତୁକ ବିରୋଧୀ ସଚେତନତା ଶୋଭାଯାତ୍ରା

ସାକ୍ଷୀଗୋପାଳ,୨୭।୧୨ (ଭରତ ରାଉତ)

ଭାରତୀୟ ପରମ୍ପରାରେ ବିବାହ ମାନବ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହା ଦୁଇଟି ଅଜଣା ବ୍ୟକ୍ତିଙ୍କୁ ସବୁଦିନ ପାଇଁ ଏକ ପାରିବାରିକ ବନ୍ଧନରେ ବାନ୍ଧେ। ହେଲେ ଶାଶୁ ଘରେ ବଧୂ ନିର୍ଯାତନା ଘଟଣା ଏବେ ନିତି ଦିନିଆ ଘଟଣାରେ ପରିଣତ ହୋଇଗଲାଣି। ଏଣୁ ବଧୂମାନେ ଏଭଳି ଅତ୍ୟାଚାରରୁ ବଞ୍ଚାଇବା ନିମନ୍ତେ ସମସ୍ତେ ସଚେତନ ହେବା ଉଚିତ୍। ଏପରି ଏକ ସଚେତନତାର ବାର୍ତ୍ତା ନେଇ ଓଡ଼ିଶା ରାଜ୍ୟ ସରକାର ପ୍ରାୟୋଜିତ 'ନୂଆ-ଓ' କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଯୁକ୍ତ ୨ ଏବଂ ଯୁକ୍ତ ୩ର ସମସ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଯୌତୁକ ବିରୋଧୀ ସଚେତନତା ଶୋଭାଯାତ୍ରା ନିକଟସ୍ଥ ଅହମ୍ମଦପୁର ଗ୍ରାମରେ ବୁଧବାର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସତ୍ୟ ଶିବ ସୁନ୍ଦର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ସଚେତନାତ୍ମକ ଶୋଭାଯାତ୍ରା ପରିଚାଳିତ ହୋଇଥିଲା। ଯୁକ୍ତ ୩ ନୋଡାଲ ଅଫିସର ପ୍ରଫେସର ଚନ୍ଦ୍ରଶେଖର ତ୍ରିପାଠୀ, ଯୁକ୍ତ ୨ ନୋଡାଲ ଅଫିସର ପ୍ରଫେସର ଧନୁର୍ଦ୍ଧର ମୁଦୁଲି, ପ୍ର. ବିଜୟଲକ୍ଷ୍ମୀ ମିଶ୍ର, ପ୍ର. ଜିତେନ ଦାସ, ପ୍ର. ଦିଲୀପ ବେହେରା, ପ୍ର. ବିଶ୍ୱନାଥ ଚୁହାଣ, ପ୍ର. ସାର୍ଥକ ମିଶ୍ର, ରଘୁନାଥ ପରିଡ଼ା, ଆକାଶ ସାହୁ, ରମେଶଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପିଲାଙ୍କ ପ୍ରାଥମିକ ଶିକ୍ଷାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଡେଲାଙ୍ଗ,୨୭।୧୨(ରଶ୍ମିରଞ୍ଜନ ପ୍ରଧାନ)

ମଉନି ମଠ ମାଣଚିନାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦଶମ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାକ୍ତନ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାମନ୍ଦିର ପ୍ରତିଷ୍ଠା ସମ୍ପାଦକ ଜିତେନ୍ଦ୍ର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଭୁବନେଶ୍ୱର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ କୁନିକୁନି ପିଲାଙ୍କୁ ପ୍ରାଥମିକ ଶିକ୍ଷା ଦେବାରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ବୀରପୁରୁଷୋତ୍ତମପୁର ସରପଞ୍ଚ ଧ୍ରୁବଚରଣ ପ୍ରଧାନ, ସିଆର୍‌ସିସି ବୈକୁଣ୍ଠ ବିଶ୍ୱାଳ, ଶିକ୍ଷାବିତ୍ ଭୁବନେଶ୍ୱର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଚାର୍ଯ୍ୟ ସୋମନାଥ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଅମ୍ବିକା ନାୟକ, ରୋଜାଲିନ୍ ବରାଳ, ହରପ୍ରିୟା ବିଶ୍ୱାଳ, ସ୍ୱର୍ଣ୍ଣଲତା ସାହୁ, ସୂର୍ଯ୍ୟକାନ୍ତି ମହାରଣା, ବିଜୟଲକ୍ଷ୍ମୀ ବେହେରା, ପ୍ରତାପ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।


ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦଶମ ବାର୍ଷିକୋତ୍ସବରେ ଅତିଥିମାନେ ।

# ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷିତ ଅଣ୍ଡାଦାନ, ପ୍ରଜନନଭିତ୍ତିକ ପ୍ରଶିକ୍ଷଣ ଶିବିର

ଅସ୍ତରଙ୍ଗ,୨୭।୧୨(ମମତା ଜେନା)

ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବୁଧବାର ପୀର ଜାହାନିଆଁ ନିକଟ ଫରେଷ୍ଟ ଅଫିସ ପରିସରରେ ଅଲିଭ ରିଡେଲ କଇଁଛଙ୍କ ସୁରକ୍ଷିତ ଅଣ୍ଡାଦାନ ଓ ପ୍ରଜନନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅସ୍ତରଙ୍ଗ ରେଞ୍ଜ ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଶିବିରରେ ବନ ବିଭାଗ କର୍ମଚାରୀ, ମତ୍ସ୍ୟଜୀବୀମାନେ ଉପସ୍ଥିତ ଥିଲେ। ସୋଭାକର ବେହେରା, ବିଚିତ୍ରାନନ୍ଦ ବିଶ୍ୱାଳ, ଫରେଷ୍ଟର ବଳରାମ ସାହୁ, ସବିର ସାହୁ, ବିରଜା ମହାପାତ୍ର, ଆକାଶ ରଥ, ସୌମ୍ୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ଅଲିଭ୍ ରିଡ୍‌ଲଙ୍କ ସୁରକ୍ଷା, ଅଣ୍ଡାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଲିଭ୍ ରିଡ୍‌ଲେ ସବୁଠାରୁ ଛୋଟ କଇଁଛ। ତାଙ୍କର ପୃଥିବୀରେ ୮ଟି ଅଣ୍ଡା ଦିଆ ସ୍ଥଳି ରହି ଥିବାବେଳେ, ଓଡ଼ିଶାର କେନ୍ଦ୍ରାପଡ଼ାର ଗହୀରମଥା, ଅସ୍ତରଙ୍ଗ ଦେବୀନଦୀ, ଗଞ୍ଜାମର ଋଷିକୁଲ୍ୟା ଆଦି ୩ଟି ସ୍ଥାନରେ ରହିଥିବା ବକ୍ତାମାନେ କହିଥିଲେ। ପୀର ଜାହାନିଆଁ ବେଳାଭୂମି ନିକଟରେ ଥିବା ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାରୁ ଛୁଆ ଫୁଟିବା ପାଇଁ ସୁରକ୍ଷିତ ଭାବେ କରାଯାଇଥିବା ଅସ୍ଥାୟୀ ହାଚେରିକୁ ଶିବିରାର୍ଥୀ ପରିଦର୍ଶନ କରି କିପରି ଅଣ୍ଡା ରଖାଯିବ, କେତେ ଦୂରତା ବ୍ୟବଧାନରେ ରଖାଯିବ ସେ ବିଷୟରେ ଆଲୋଚନା କରିଥିଲେ। ଦିଲୀପ ନାୟକ, ଭାବଗ୍ରାହୀ ସେଠୀ, ଶୁକଦେବ ମହାନ୍ତି ପ୍ରମୁଖ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷିତ ଅଣ୍ଡାଦାନ ପାଇଁ ପ୍ରଶିକ୍ଷଣ କର୍ମଶାଳା ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭକ୍ତ କବି ମଧୁସୂଦନ ରାଓଙ୍କ ୧୧୧ତମ ଶ୍ରାଦ୍ଧୋତ୍ସବ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପାର୍ଶ୍ୱ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୯ଟା।
- ଇଣ୍ଟରନ୍ୟାଶନାଲ ଗୀତା ମିଶନର ପଞ୍ଚମ ଉତ୍ସବ ଓ ଗୀତା ଜୟନ୍ତୀ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀକ ଓଡ଼ିଶୀ ନୃତ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବିଂଶତମ ବାର୍ଷିକୋତ୍ସବ ଏବଂ ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ ପ୍ରତିଭାର ପୁରସ୍କାର ବିତରଣ ଉତ୍ସବର, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୩ଟା।
- ତ୍ରୟୋଦଶ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ-୨୦୨୩, ଗୀତଗୋବିନ୍ଦ ଭବନ, ସନ୍ଧ୍ୟା ୬ଟା।

**କଟକ**

- ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପନ ସମାରୋହ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା
- ପ୍ୟାରୀମୋହନ ଏକାଡେମୀ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଶହେ ବୟାଳିଶତମ ଶ୍ରାଦ୍ଧବାର୍ଷିକ, ବିଦ୍ୟାଳୟ ପ୍ରାଙ୍ଗଣ, ଅପରାହ୍ନ ୪ଟା।
- ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପନ ସମାରୋହ, ଓଷ୍ଟା ପରିସର, ନୟାସଡ଼କ, ଅପରାହ୍ନ ୫ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଶାୟତଙ୍କ ସ୍ମୃତି ସନ୍ଧ୍ୟା, ସାରଳା ଭବନ, ସନ୍ଧ୍ୟା ୬ଟା
- ଶ୍ରଦ୍ଧା ସବୁରୀ ସେବକ ସଂଘ ପରିବାର ପକ୍ଷରୁ ସାଇ ଭଜନ ସନ୍ଧ୍ୟା, ହାରାମଣି ମଣ୍ଡପ, ଶିଖରପୁର ନଦୀକୂଳସାହି, ସନ୍ଧ୍ୟା ୬ଟା।

**ବଡ଼ମ୍ବା**

- ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା ୪୫।

**ତିଗିରିଆ**

- ନୂଆ -ଓ ଯୁବ ଓଡ଼ିଶା ଉଦ୍‌ଯାପନୀ, ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟ ପରିସର, ଅପରାହ୍ନ ୨ଟା।
- ଓଡ଼ିଶା ରାଜ୍ୟପାଳଙ୍କ ତିଗିରିଆର ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ଗବେଷଣାକେନ୍ଦ୍ର ପରିଦର୍ଶନ, ନିଜିଗଡ଼, ଅପରାହ୍ନ ୩ଟା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୧୨।୨୦୨୩

| | |
|---|---|
| ୪,୮୭,୨୨୭ ଟଙ୍କା | |
| ସୁନା | ୧.୮୮୦ ଗ୍ରାମ୍ |
| ରୁପା | ୨୨.୮୦୦ ଗ୍ରାମ୍ |

# ସ୍ନିଗ୍ଧା ମାଲବ୍ୟ ପିନ୍ଧିଲେ କିଟ୍ ନନ୍ହିପରୀ ମୁକୁଟ

ଭୁବନେଶ୍ୱର,୨୭।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)

### ଚିରଶ୍ରୀ ପ୍ରଥମ, ପରିଣିତା ଦ୍ୱିତୀୟ ରନର୍ସ ଅପ୍



କିଟ୍ ନନ୍ହିପରୀ ଲିଟିଲ୍ ମିସ୍ ଇଣ୍ଡିଆ-୨୦୨୩ରେ ଟାଇଟଲ୍ ଓ ୨ ରନର୍ସ ଅପ୍ ବିଜେତା।

ଉତ୍ତରପ୍ରଦେଶର ସ୍ନିଗ୍ଧା ମାଲବ୍ୟ କିଟ୍ ନନ୍ହିପରୀ ଲିଟିଲ୍ ମିସ୍ ଇଣ୍ଡିଆ-୨୦୨୩ ଟାଇଟଲ ହାସଲ କରିଛନ୍ତି। କିଟ୍ ଫିଲ୍ମ ଆଣ୍ଡ୍ ଫେଶନ ପକ୍ଷରୁ ଆୟୋଜିତ 'କିଟ୍ ନନ୍ହିପରୀ ଲିଟିଲ୍ ମିସ୍ ଇଣ୍ଡିଆ-୨୦୨୩'ର ଫାଇନାଲ ତଥା ମେଗା ରାଉଣ୍ଡ ବୁଧବାର ଶେଷ ହୋଇଛି। ଫାଇନାଲ ରାଉଣ୍ଡରେ ଦେଶର ୯ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ସ୍ନିଗ୍ଧା ନନ୍ହିପରୀ ମୁକୁଟ ସହ ୩ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି। ସେମିଫାଇନାଲକୁ ୨୭ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ଓଡ଼ିଶାର ଚିରଶ୍ରୀ ସାଗରିକା ପ୍ରଥମ ରନର୍ସ ଅପ୍ ଏବଂ ଆସାମର ପରିଣିତା ଦାସ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଏହି ଦୁଇ ରନର୍ସ ଅପ୍‌ଙ୍କୁ ଯଥାକ୍ରମେ ୧ ଲକ୍ଷ ଓ ୫୦ ହଜାର ଟଙ୍କା ଲେଖାଏ ନଗଦ ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା-ମିସ୍ ରାପୁଞ୍ଜେଲ (ସୁନ୍ଦର କେଶ) ପାଇଁ ଶ୍ରୀ ଚତୁର୍ବେଦୀ, ଲିଟିଲ ମିସ୍ ଫଟୋଜେନିକ ଲାଗି ଶ୍ରୀ ଶତପଥୀ, ଲିଟିଲ ମିସ ସେଲ୍ଫି ସକାଶେ ପଲକ ରାୟ, ଲିଟିଲ ମିସ୍ ମୋନାଲିସା ପାଇଁ ପ୍ରକୃତି ଭୁଜେଲ, ଲିଟିଲ ମିସ୍ ଉଇଜକିଡ୍ ନିମନ୍ତେ ଅଲିସା ସାହୁ ପୁରସ୍କୃତ ହୋଇଥିଲେ। ସେହିପରି ମିସ ସିଣ୍ଡ୍ରେଲା ପାଇଁ ବେଦିକା ସୋଲାଙ୍କି, ମିସ୍ ଉର୍ବଶୀ ନିମନ୍ତେ ପରିଣିତା ଦାସ, ମିସ୍ ପର୍ସନାଲିଟି ସକାଶେ ସ୍ନିଗ୍ଧା ମାଲବ୍ୟ, ମିସ୍ ଫେଶନ ପାଇଁ ଦିବ୍ୟାଂଶୀ ସାଲ୍‌ଭି ଏବଂ ମିସ୍ ଆକ୍ଟିଭ ଲାଗି ଚିରଶ୍ରୀ ସାଗରିକା ପୁରସ୍କୃତ ହୋଇଥିଲେ। ଏଥର ମୋଟ ୪୧ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଥିଲା। ଚଳିତବର୍ଷ ନନ୍ହିପରୀର ସ୍ୱତନ୍ତ୍ର ଆକର୍ଷଣ ଥିଲେ ବଲିଉଡ୍ ଅଭିନେତ୍ରୀ ପୁନମ ଧିଲନ ଓ ଦୀପ୍‌ଶିଖା। ନବଭାରତ ଟାଇମ୍ସର ଫିଚର ଓ ଏଣ୍ଟରଟେନ୍‌ମେଣ୍ଟ ସମ୍ପାଦିକା ରେଖା ଖାନ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ନନ୍ହିପରୀର ମୁଖ୍ୟ ପୃଷ୍ଠପୋଷକ ଅଚ୍ୟୁତ ସାମନ୍ତ, ପ୍ରତିଷ୍ଠାତା ମଳୟ ମହାପାତ୍ର, ନନ୍ହିପରୀ କୋର୍ କମିଟି ସଦସ୍ୟା ଡ. ଶ୍ରଦ୍ଧାଞ୍ଜଳି ନାୟକ ଓ ସୋମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ସିସି କ୍ୟାଡେଟ୍‌ଙ୍କ ବିମାନରେ ଦିଲ୍ଲୀ ଯାତ୍ରା



ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଅନ୍ୟ ଅଧିକାରୀଙ୍କ ସହ ଏନ୍‌ସିସି କ୍ୟାଡେଟ୍।

ଭୁବନେଶ୍ୱର,୨୭।୧୨(ଅସମାପିକା ସାହୁ)

ଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ଓଡ଼ିଶାର କୃତୀ କ୍ୟାଡେଟ୍‌ମାନେ ବୁଧବାର ବିମାନ ଯୋଗେ ଯାତ୍ରା କରିଛନ୍ତି। ଚଳିତବର୍ଷ ପ୍ରଥମ ଥର ପାଇଁ କ୍ୟାଡେଟ୍‌ମାନେ ବିମାନରେ ଯାତ୍ରା କରିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ କ୍ୟାଡେଟମାନଙ୍କୁ ବିମାନରେ ଯିବା ଆସିବାର ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି। ଓଡ଼ିଶାର ୭୦ହଜାର କ୍ୟାଡେଟଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କଠିନ ପରୀକ୍ଷା ଓ ପ୍ରତିଯୋଗିତା କରାଯାଇ ଶେଷରେ ୧୨୨ ଜଣଙ୍କୁ ଚୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୯ ଜଣ କୃତୀ କ୍ୟାଡେଟ ବୁଧବାର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏୟାର ଭିସ୍ତାରା ବିମାନ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ତନ୍ମଧ୍ୟରୁ ୨୩ଜଣଙ୍କ ପାଇଁ ବିମାନ ଯାତ୍ରା ଅନୁଭୂତି ସମ୍ପୂର୍ଣ୍ଣ ନୂଆ ଥିଲା। ଯାତ୍ରା ସମୟରେ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ବିମାନବନ୍ଦରରେ ଉଚ୍ଚଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଭବାନୀ ଶଙ୍କର ଚୟନୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ସମସ୍ତ କ୍ୟାଡେଟଙ୍କୁ କ୍ୟାପ୍ ପିନ୍ଧାଇ ଓ ପୁଷ୍ପଗୁଚ୍ଛ ଦେଇ ଉତ୍ସାହିତ କରିଥିଲେ। ଏଥିପାଇଁ କ୍ୟାଡେଟ୍‌ମାନେ ଉଚ୍ଚଶିକ୍ଷା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ପ୍ରତିବର୍ଷ ଜାନୁୟାରୀ ୨୬ରେ ଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ସାଧାରଣତନ୍ତ୍ର ଦିବସ ପରେଡରେ ଯୋଗଦାନ କରିବା ପାଇଁ ଆମ ରାଜ୍ୟରୁ ପିଲାମାନଙ୍କୁ ଚୟନ କରି ପଠାଯାଇଥାଏ। ଚଳିତବର୍ଷ ଓଡ଼ିଶାର କଟକ ଗ୍ରୁପ୍ ଏନ୍‌ସିସି ଗ୍ରୁପ୍ କମାଣ୍ଡର ତଥା ଚୟନକାରୀ ସାମରିକ ସେନାର ଅଧିକାରୀ କର୍ନେଲ ସତ୍ୟବ୍ରତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ଶିବିର ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ ପରିସରରେ ଅନୁଷ୍ଠିତ ହୋଇଥିଲା। ୫୦ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଏହି ଶିବିରରେ କ୍ୟାଡେଟମାନଙ୍କୁ ଡ୍ରିଲ, ଘୋଡ଼ାଚଢ଼ା କୌଶଳ, ଜାତୀୟ ସଂହତି ଶିକ୍ଷା, ପତାକା ସ୍ଥାନ ପ୍ରସ୍ତୁତି, ବ୍ୟକ୍ତିତ୍ୱ ବିକାଶ ଅଭିବୃଦ୍ଧି ଶିକ୍ଷା, ସାମରିକ ଶିକ୍ଷା, ଭାଷା ବିନିମୟ ଶିକ୍ଷା ଭଳି ବିଭିନ୍ନ ଶାରୀରିକ ତଥା ବୌଦ୍ଧିକ ଶିକ୍ଷାର ତାଲିମ ପ୍ରଦାନ କରାଯାଇଥିଲା।

## ଓଏଏମ୍ଏସ୍, ଓଏଚ୍ଏମ୍ଏସ୍ କ୍ୟାଡର ପୁନର୍ଗଠିତ

ଭୁବନେଶ୍ୱର, ୨୭।୧୨(ଅସମାପିକା ସାହୁ)

ଗୁଣାତ୍ମକ ତଥା ସୁରୁଖୁରୁରେ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ରାଜ୍ୟ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଓଡ଼ିଶା ଆୟୁର୍ବେଦିକ ଚିକିତ୍ସା ସେବା (ଓଏଏମ୍ଏସ୍) ଏବଂ ଓଡ଼ିଶା ହୋମିଓପାଥିକ ଚିକିତ୍ସା ସେବା (ଓଏଚ୍ଏମ୍ଏସ୍) କ୍ୟାଡରର ପୁନର୍ଗଠନ କରିଛନ୍ତି। ପେ ଷ୍ଟ୍ରକ୍ଚର ପରିବର୍ତ୍ତନ କରିବା ସହିତ ପଦବୀ ମଧ୍ୟ ବୃଦ୍ଧି କରିଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ଦୁଇଟି ଭିନ୍ନ ଭିନ୍ନ ବିଜ୍ଞପ୍ତି ପ୍ରକାଶ ପାଇଛି।

## ୬ରୁ ଖୋଲିବ ରାଜଭବନ ଉଦ୍ୟାନ

ଭୁବନେଶ୍ୱର,୨୭।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)

ପର୍ଯ୍ୟଟନ ଋତୁରେ ପରିଦର୍ଶକଙ୍କ ପାଇଁ ସବୁବର୍ଷ ପରି ରାଜଭବନ ଉଦ୍ୟାନ ଖୋଲା ରହିବ। ଆସନ୍ତା ଜାନୁୟାରୀ ୬ରୁ ରାଜଭବନ ଉଦ୍ୟାନରେ ଲୋକଙ୍କ ଭିଡ଼ ଜମିବ। ଜାନୁୟାରୀ ୨୦ ତାରିଖ ପର୍ଯ୍ୟନ୍ତ ୧୪ ଦିନ ଧରି ଅପରାହ୍ନ ୨ଟା ୩୦ରୁ ୫ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ। ଦର୍ଶକଙ୍କୁ ଆକର୍ଷିତ କରିବ ୫୦୦ରୁ ଊର୍ଦ୍ଧ୍ୱ କିସମର ଭଳିକି ଭଳି ଫୁଲ। ୱାଟର୍ ଫାଉଣ୍ଟେନ, ମ୍ୟୁଜିକାଲ ଫାଉଣ୍ଟେନ, ଗୋଲାପ ଉଦ୍ୟାନ, ହରିଣ ପାର୍କ, ମୟୂର ସହ ଉଦ୍ୟାନର ସବୁଜିମା ପରିଦର୍ଶକଙ୍କୁ ବିଶେଷ ଭାବେ ଆକର୍ଷଣ କରିବ। ବିଭିନ୍ନ କିସମର ଗୋଲାପ ସାଙ୍ଗକୁ ସାଲ୍‌ଭିଆ, ଡାଲିଆ, ସେବତି, ଅର୍କିଡ ହାଉସ ଓ କାକ୍ଟସ ହାଉସ ସାଙ୍ଗକୁ ମ୍ୟୁଜିକାଲ ଫାଉଣ୍ଟେନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ତେବେ କେବଳ ମୋବାଇଲ ଆପ୍ ପଞ୍ଜୀକରଣ ମାଧ୍ୟମରେ ପ୍ରବେଶ ଅନୁମତି ରହିବ। ଏଥିପାଇଁ ମୋବାଇଲ ପ୍ଲେ ଷ୍ଟୋର କିମ୍ବା ଆପ୍ ଷ୍ଟୋରରୁ 'ଉଦ୍ୟାନ ପରିଦର୍ଶନ, ରାଜଭବନ ଓଡ଼ିଶା ମୋବାଇଲ ଆପ୍' ଡାଉନ୍‌ଲୋଡ୍ କରିବାକୁ ହେବ। ଓଡ଼ିଶା ରାଜଭବନ ୱେବ୍‌ସାଇଟରେ ଉପଲବ୍ଧ ଥିବା କ୍ୟୁଆର୍ କୋଡ୍ ମାଧ୍ୟମରେ ମୋବାଇଲ ଆପ୍ ଡାଉନ୍‌ଲୋଡ୍ କରାଯାଇପାରିବ। ସ୍କୁଲ ଛାତ୍ରୀଛାତ୍ରଙ୍କ ନିମନ୍ତେ ସକାଳ ସମୟ ସ୍ଥିର ହୋଇଥିବା ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି।

# ୬୮ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ବିକିଦେଲେ ଦଲାଲ

### ଇଓଡବ୍ଲ୍ୟୁରେ ଏତଲା ଦେଲା ବିଡିଏ

ଭୁବନେଶ୍ୱର, ୨୭।୧୨
(ଅନୁରାଧା ମହାରଣା)



ଜମି ବିକ୍ରି ନେଇ ତଦନ୍ତ କରାଯାଉଛି।

ରାଜଧାନୀର ୬୮ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିକୁ ଦଲାଲ ଜବରଦଖଲ କରିଛନ୍ତି। ଏପରିକି ୧୦ଜଣ ବ୍ୟକ୍ତିଙ୍କୁ ମଧ୍ୟ ନିଜ ମାଲିକାନା ସ୍ୱତ୍ୱ ଦେଖାଇ ଜମି ବିକିଦେଇଛନ୍ତି। ସାମପୁର ମୌଜାରେ ଏପରି ଘଟଣା ଘଟିଛି। ଏନେଇ ମାନସ ନାୟକ ଓ ଅନ୍ୟ ଦୁଇଜଣ ବ୍ୟକ୍ତିଙ୍କ ନାଁରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏତଲା ଦିଆଯାଇଛି। ସୂଚନା ଅନୁଯାୟୀ, ସାଧାରଣ ପ୍ରଶାସନ (ଜିଏ) ତରଫରୁ ସାମପୁର ମୌଜାରେ ୬୪.୪୪୫ ଡିସିମିଲ ଜମି ବିଡିଏକୁ ମିଳିଥିଲା। ଏହି ଜମିରେ ଆଫୋର୍ଡେବୁଲ ହାଉସିଂ ପ୍ରୋଜେକ୍ଟ (ଏଏଚ୍‌ପି) ଲାଗି ଅନୁମତି ମିଳିଛି। ତେବେ ଏଏଚ୍‌ପି ହେବା ପୂର୍ବରୁ କେତେକ ଦଲାଲ ସେହି ଜମିକୁ ଜବରଦଖଲ କରିନେଇଛନ୍ତି। ଏପରିକି ଜାଲ ଦସ୍ତାବିଜ ପ୍ରସ୍ତୁତ କରି ମାଲିକାନା ସ୍ୱତ୍ୱ ବଳରେ ୧୦ଜଣଙ୍କୁ ଏହି ସରକାରୀ ଜମିର କିଛି ଅଂଶ ବିକି ଦେଇଥିବା ବିଡିଏ ତଦନ୍ତରୁ ଜଣାପଡିଛି। ଅବଶିଷ୍ଟ ଜମି ବିକ୍ରି କରିବା ପାଇଁ ଦଲାଲମାନେ ମସୁଧା ଚଳାଇଛନ୍ତି। ଏହି ଘଟଣା ବିଡିଏ ଜାଣିବା ପରେ ୩ଜଣଙ୍କ ବିରୋଧରେ ଇଓଡବ୍ଲ୍ୟୁରେ ଏତଲା ଦାଏର କରିଛି।

## ଓଡ଼ିଶା ଏଲିମେଣ୍ଟାରି ଶିକ୍ଷକଙ୍କ ଦାବି ନେଇ ଆଲୋଚନା

ଭୁବନେଶ୍ୱର,୨୭।୧୨
(ଅନୁରାଧା ମହାରଣା)

ଓଡ଼ିଶା ଏଲିମେଣ୍ଟାରି ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ଶିକ୍ଷକ ମହାସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଘର ସଭାପତି ଧନଞ୍ଜୟ ନାଏକ ସଭାପତିତ୍ୱ କରିଥିବାବେଳେ ଏଲିମେଣ୍ଟାରି ଶିକ୍ଷକଙ୍କ ଦାବି ଓ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶାରୁ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ ଘୋଷଣାକୁ ୧୪ ମାସ ବିତିଯାଇଥିଲେ ମଧ୍ୟ ପ୍ରାଥମିକ ଶିକ୍ଷକଙ୍କ କୌଣସି ଦାବିକୁ ଏଯାବତ୍ ପୂରଣ କରାଯାଇନାହିଁ। ଓଡ଼ିଶାର ଅନୁସୂଚିତ ଜାତି/ଜନଜାତିର ବାଳିକାଙ୍କୁ ଶିକ୍ଷାଦାନଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଯତ୍ନ ନେଉଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଶିକ୍ଷକ ତଥା କର୍ମଚାରୀଙ୍କ ସମସ୍ୟାର ସମାଧାନ କରୁନାହାନ୍ତି ସରକାର। ସେହିପରି ୨୦୦୧-୦୨ ମସିହାରୁ ନିଯୁକ୍ତି ପାଇଥିବା ପାରା ଟିଚରଙ୍କ ପ୍ରତି ଶ୍ରମ ଶୋଷଣ ନୀତି ଆପଣେଇ ସେମାନଙ୍କୁ ଘୋର ଅବସାଦ ମଧ୍ୟକୁ ଠେଲି ଦେଇଥିବା ମତ ପ୍ରକାଶ ପାଇଛି। ବୈଠକରେ ବିଶ୍ୱ ଶିକ୍ଷକ ସଙ୍ଗଠନର ସଭାପତି ତଥା ଜେଏଫ୍ଏମ୍‌ଇର ନ୍ୟାଶନାଲ କନ୍‌ଭେନର ଡ. ଅମିୟ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦାବିଗୁଡ଼ିକୁ ସରକାର ପୂରଣ କରିବା ନେଇ ସେ ଆଶାବାଦୀ ଥିବା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ଦାସ କହିଛନ୍ତି।

# ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ଦୁଇ ଜଣ ମହିଳା ଚିତ୍ର ଓ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୨୭।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)

### ୪୩ ଶିଳ୍ପୀଙ୍କ କଳା ପ୍ରଦର୍ଶିତ

ଲଳିତ କଳା ଏକାଡେମୀ ପରିସରରେ ବୁଧବାରଠାରୁ ୧୩ତମ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ ହୋଇଛି। ଏଥିରେ ସମସାମୟିକ କଳା ଦେଖିବାକୁ ମିଳିଛି। ଉଦ୍‌ଘାଟନୀ ଦିବସରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏକାଡେମୀର କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦେଲା, କଳାକାର ରାମହରି ଜେନା, ସଂଗ୍ରହାଧ୍ୟକ୍ଷ ବୈଜୟନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୩-ଜି ପକ୍ଷରୁ ଏହି ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଛି। ତ୍ରିପୁରା, ଆସାମ ଏବଂ ଓଡ଼ିଶାର କଳାକାର ଗୋଷ୍ଠୀଙ୍କୁ ଏକାଠି ନେଇ ଏକ ନୂତନ ଗୋଷ୍ଠୀ ହେଉଛି ୩-ଜି। ପ୍ରାରମ୍ଭିକ ଅବସ୍ଥାରେ ରାଜ୍ୟର କଳାକାରମାନଙ୍କୁ ନେଇ ଏହି ପ୍ରଦର୍ଶନୀ ଆୟୋଜନ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନର କଳାକାରମାନେ ଏହି ପ୍ରଦର୍ଶନୀରେ ଯୋଗଦେଉଛନ୍ତି। ଚଳିତବର୍ଷ କଳା ପ୍ରଦର୍ଶନୀରେ ୪୩ଜଣ କଳାକାର ସମଗ୍ର ବିଶ୍ୱରୁ ନିଜର ଅଦ୍ଭୁତ ଓ ସୁନ୍ଦର କଳାକୃତି ପ୍ରଦର୍ଶନ କରୁଛନ୍ତି। ଚିତ୍ରକଳା, ସେରାମିକ, ଭାସ୍କର୍ଯ୍ୟ ଆଦି କଳା ଦେଖିବାକୁ ମିଳିଛି। ତପନ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନାମ



@ ସୂର୍ଯ୍ୟକାନ୍ତ



@ କୁମାରଜିତ



@ ନାସି



@ ରାଧାରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମୁଁ ଭୋଗିଛି, ନିଶାଠୁ ଦୂରେଇ ରୁହନ୍ତୁ

### ଭିଡିଓ ମାଧ୍ୟମରେ ସଚେତନ କଲେ ସାତ୍ୟକୀ

ଭୁବନେଶ୍ୱର,୨୭।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)



ସାତ୍ୟକୀ ମିଶ୍ର

ଜଣେ ଭାଇ, ସାଙ୍ଗ ତଥା ମଣିଷ ହିସାବରେ ସମସ୍ତଙ୍କୁ ଅନୁରୋଧ କେହି ନିଶା କିମ୍ବା ତମାଖୁ ଖାଆନ୍ତୁ ନାହିଁ। ସିଗାରେଟ ପିଅନ୍ତୁ ନାହିଁ। ଏଭଳି କିଛି ଅନୁରୋଧ କରିଛନ୍ତି ଅଭିନେତା ସାତ୍ୟକୀ ମିଶ୍ର। ଓଲିଉଡ୍‌ରେ ସାତ୍ୟକି ଜଣେ ଜଣାଶୁଣା ଅଭିନେତା। ସେ ସମ୍ପ୍ରତି ମୁଖ କର୍କଟ ରୋଗରେ ପୀଡ଼ିତ। ତାଙ୍କର ଅପରେଶନ ପରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ସେ ସୋସିଆଲ ମିଡିଆରେ ବୁଧବାର ଏକ ଭିଡିଓ ମାଧ୍ୟମରେ ଏଭଳି କିଛି ବାର୍ତ୍ତା ଦେଇଛନ୍ତି। ସେ ଏହି ଭିଡିଓରେ କହିଛନ୍ତି, 'ମୁଁ ନିଜେ ଭୋଗିଛି। ବହୁତ କଷ୍ଟ ପାଇଛି। ଅନ୍ୟ କାହାକୁ ଏଭଳି କଷ୍ଟ ପାଇବା ଦେଖିପାରିବି ନାହିଁ। ବର୍ଷେ ହୋଇଗଲା। ବହୁତ କଷ୍ଟ। ତେଣୁ ଆପଣମାନଙ୍କୁ ଅନୁରୋଧ କେହି ନିଶା କିମ୍ବା ତମାଖୁ ଖାଆନ୍ତୁ ନାହିଁ। ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି, ସମସ୍ତେ କିଭଳି ଏହି ଦିଗରୁ ଦୂରେଇ ରୁହନ୍ତୁ। ମୋ ଅନୁରୋଧ ରକ୍ଷା କରିବେ ବୋଲି ମୁଁ ଆଶା କରୁଛି।' ଏହି ଭିଡିଓ ଦେଖି ଅନେକ ୟୁଜର୍ସ ତାଙ୍କୁ ପ୍ରଶଂସା କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ୩୭ ହଜାର ମହିଳାଙ୍କ ମହାରାସ

**ବିଶ୍ୱ ଶାନ୍ତି ପ୍ରତିଷ୍ଠା ଏବଂ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଦ୍ୱାରକାରେ ଦୁଇ ଦିନ ଧରି ମହାରାସର ଆୟୋଜନ କରାଯାଇଥିଲା।**



ଗାନ୍ଧିନଗର

ଦ୍ୱାରିକାରେ ପ୍ରାୟ ୫ ହଜାର ବର୍ଷ ପୂର୍ବର ଶ୍ରୀକୃଷ୍ଣଙ୍କ ସମୟରେ ପାଳିତ ହେଉଥିବା ମହାରାସକୁ ପୁନଃ ଦେଖିବାକୁ ମିଳିଛି। ୨ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ୩୭ ହଜାର ମହିଳା ଏକାଠି ହୋଇ ବ୍ରାହ୍ମ ମୁହୂର୍ତ୍ତରେ ମହାରାସ କରିଛନ୍ତି। ଏହି ଭବ୍ୟ ପରମ୍ପରା ନୃତ୍ୟର ଡ୍ରୋନ୍ ଜରିଆରେ ନିଆଯାଇଥିବା ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଯେଉଁଠାରେ ଅଲୌକିକ ଦୃଶ୍ୟ ଦେଖିବାକୁ ମିଳିଛି। ତେବେ ଏହି ୩୭ ହଜାର ମହିଳାଙ୍କ ରାସ ଏବେ ବିଶ୍ୱ ରେକର୍ଡରେ ସ୍ଥାନିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ସାଂସଦ ପୁନମ୍ ବେନ ଉପସ୍ଥିତ ଥିଲେ। ପ୍ରକୃତରେ ଦ୍ୱାରିକାରେ ଅଖିଳ ଭାରତୀୟ ମହାରାସ ସଂଗଠନ ଅନ୍ତର୍ଗତ ଆହିର ସମାଜର ୩୭ ହଜାରରୁ ଅଧିକ ମହିଳା ଏହି ରାସ କରିଥିଲେ। ତେବେ ଏହି ମହିଳାମାନେ ୯ ମାସ ହେବ ଅନ୍‌ଲାଇନ ରେଜିଷ୍ଟ୍ରେଶନ କରିଥିଲେ। ଏଥିରେ ସେମାନେ ପାରମ୍ପରିକ ପୋଷାକ ପିନ୍ଧି ନୃତ୍ୟ କରିଥିଲେ। ଏହି ସମାରୋହରେ ଭାଗ ନେବାକୁ ପୂରା ଗୁଜରାଟରୁ ମହିଳାମାନେ ଆସିଥିଲେ। ଲୋକକଥା ଅନୁସାରେ, ବ୍ରଜୱାନି ଗାଁରେ ଯେତେବେଳେ କୃଷ୍ଣ ଢୋଲ ବଜାଇଥିଲେ, ସେତେବେଳେ ଗାଁର ୧୪୦ ମହିଳା ତାଙ୍କ କାମ ଛାଡ଼ି କୃଷ୍ଣଙ୍କ ସହ ରାସ କରିବାକୁ ଚାଲିଯାଇଥିଲେ। ଏବେ ବି ସେହି ସ୍ଥାନରେ ମହିଳାଙ୍କ ସମାଧି ରହିଛି। ବିଶ୍ୱରେ ଶାନ୍ତି ଆଣିବା ଏବଂ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବା ଏହି ମହାରାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ୯୦ ବର୍ଷରେ ମାଷ୍ଟର ଡିଗ୍ରୀ



ୱାଶିଂଟନ

ଆମେରିକାର ଜଣେ ୯୦ ବର୍ଷୀୟା ବୃଦ୍ଧା ନିକଟରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ମିନ୍ନି ପେନି ନାମ୍ନୀ ଉକ୍ତ ବୃଦ୍ଧା ହାଇସ୍କୁଲ ପାଠପଢ଼ା ପୂରା କରିବାର ୭୩ ବର୍ଷ ପରେ ଉତ୍ତର ଟେକ୍ସାସ ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ଏଥିସହ ସେ ପାଠ୍ୟକ୍ରମ ପୂରା କରିଥିବା ସବୁଠୁ ବୟସ୍କା ଛାତ୍ରୀ ହୋଇଛନ୍ତି। ଗତ ୧୭ ତାରିଖରେ ସେ ହଜାରେ ମାଷ୍ଟର ସାଥୀଙ୍କ ସହିତ ଡିଗ୍ରୀ ପ୍ରାପ୍ତ କରିବା ଓ ଏହାର ଉତ୍ସବ ମନାଇବାକୁ ଷ୍ଟେଜ୍‌ରେ ଉପସ୍ଥିତ ଥିଲେ। ସେ ସ୍ନାତକ ଡିଗ୍ରୀ ପାଇଁ ବ୍ୟବସାୟିକ ପାଠ୍ୟକ୍ରମ ସହିତ ଟ୍ରିଓ ଜର୍ନାଲିଜମ୍‌ରେ ନାମ ଲେଖାଇଲେ। ପରେ ମାଷ୍ଟର ଡିଗ୍ରୀ ହାସଲ କରିବାକୁ ପାଠପଢ଼ା ଆରମ୍ଭ କରିଥିଲେ।

## ରଣବୀରଙ୍କ ପରେ କାର୍ତ୍ତିକଙ୍କ ସହ ରୋମାନ୍ସ କରିବେ ତ୍ରିପ୍ତି



**ମୁମ୍ବାଇ:** 'ଆନିମଲ' ଫେମ୍ ତ୍ରିପ୍ତି ଡିମରି ଫିଲ୍ମରେ ରଣବୀର କପୁରଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତ ସିନ୍ ଦେଇ ଲାଇମଲାଇଟ୍‌କୁ ଆସିଥିଲେ। ଏହାପରେ ସେ ଫ୍ୟାନ୍ସଙ୍କ ନ୍ୟାଶନାଲ କ୍ରଶ ପାଲଟିଛନ୍ତି। ତେବେ ବର୍ଷ ଶେଷ ପୂର୍ବରୁ ଆଉ ଏକ ବଡ଼ ଫିଲ୍ମ ତାଙ୍କ ହାତକୁ ଆସିଛି। ତ୍ରିପ୍ତି ଖୁବ୍‌ଶୀଘ୍ର ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଏକ ନୂଆ ପ୍ରୋଜେକ୍ଟରେ କାମ କରୁଥିବା ଦେଖିବାକୁ ମିଳିବେ। ସୂଚନାନୁଯାୟୀ, ଅନୁରାଗ ବସୁ ଏବଂ ଭୂଷଣ କୁମାରଙ୍କ ଆଗାମୀ ଫିଲ୍ମ 'ଆଶିକୀ-୩'ରେ ତ୍ରିପ୍ତି କାର୍ତ୍ତିକଙ୍କ ସହ ରୋମାନ୍ସ କରିବେ। ଫିଲ୍ମ ପାଇଁ କାର୍ତ୍ତିକ ପୂର୍ବରୁ ଫାଇନାଲ ହୋଇଥିବାବେଳେ ଏବେ ନାୟିକା ଭାବେ ତ୍ରିପ୍ତିଙ୍କ ନାମ ସାମ୍‌ନାକୁ ଆସିଛି। ନିର୍ମାତାଙ୍କ ଅନୁସାରେ 'ଆଶିକୀ- ୩' ପାଇଁ ତ୍ରିପ୍ତି ଏବଂ କାର୍ତ୍ତିକ ଉପଯୁକ୍ତ ପସନ୍ଦ। ଫିଲ୍ମର ଶୁଟିଂ ଆସନ୍ତା ବର୍ଷ ଜାନୁୟାରୀରେ ଆରମ୍ଭ ହେବ। ବର୍ତ୍ତମାନ ଫିଲ୍ମର ଅବଶିଷ୍ଟ କଳାକାରଙ୍କ ନାମ ଚୂଡ଼ାନ୍ତ ହୋଇନାହିଁ। ନାମ ଚୟନ ପରେ ଶୀଘ୍ର କାମ ଆରମ୍ଭ ହେବ। ତ୍ରିପ୍ତି ୨୦୧୭ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। 'ଆଶିକୀ-୩' ବ୍ୟତୀତ ତାଙ୍କ ପାଖରେ ଆଉ ୨ଟି ଫିଲ୍ମ ମଧ୍ୟ ରହିଛି।

---

### GOVT. OF ODISHA
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE: KEONJHAR
Tel. 06766-258301 (O), email: se_nerwkjr@rediffmail.com
**e Procurement Notice for Road Works under DMF**
Identification No. Road Online NCB No. 410
No.4846/ Date: 26.12.2023

**No.O-2002:**1. Name of the work: Construction of road work under DMF in the District of Keonjhar. 2. No. of work: 01 (One) No. 3. Estimated Cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details:-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender in O/O. C.C.E. R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No.410 | Dt.29.12.23 at 11.00 A.M. | Dt.08.01.24 upto 5.00 P.M. | Dt.06.01.24 upto 5.00 P.M. | Dt.09.01.24 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in.
OIPR-25177/11/0052/2324 **Sd./- Chief Construction Engineer, R.W.Circle, Keonjhar**

---

### COLLECTORATE, KORAPUT (L.A.SECTION)
E-mail:laokpt@gmail.com
L.No.996/2023 Dated 28.12.2023
**ADVERTISEMENT**

**No.F-178:**It is hereby notified for the information General public of Koraput District that the vacant post of Bench Clerk to DM & Collector-cum-Arbitrator for the project NH 130CD under Bharatmala Pariyojona Koraput shall be filled up by means of interview among the Retired S.O/S.R.A/ S.A. to be conducted on dated 05.01.2024 at 11.00 AM . The interested candidates may apply for the same with their complete Bio-Data and submit in person to this office on or before Dt.04.01.2024. The remuneration for the post is Rs. 20000/- per month.

The authority has reserves right to accept or reject any application without assigning any reason thereof. The post is purely temporary and terminable at any point of time or completion of the project.

**Sd./- Additional District Magistrate, Koraput**
OIPR-24385/11/0005/2324

---

### OFFICE OF THE COLLECTOR & DISTRICT MAGISTRATE, BHADRAK
(Social welfare Section)
**Tender Notice No. 2814 / SW** **Dated:- 20.12.2023**

No.g-128:- Sealed tenders for appointment of Transporting Agent for Bhadrak, Basudevpur, Bhandaripokhari, Bonth, Dhamanagar, Chandbali-I, Chandbali-II & Tihidi ICDS Projects in Bhadrak District are invited from the intending Registered Firms / Co-operative societies /authorized licensed Transporting Contractors / Agents for undertaking transportation of Rice / wheat from OSCSC Ltd. Godown, Charampa, Bhadrak / FCI Depot, Ranital, Bhadrak to respective AWCs & WSHGs point under SNP Scheme from dt. **01.01.2024** to dt. **31.12.2024**. The Registered Firms / Co- operative / authorized licensed Transporting Contractors / Agents shall be made through two Bid system i.e. Technical BID (Annexure-I) and Price BID (Annexure-II) separately. The technically qualified Bidder Firms / Agents can only participate in the Price Bid.

The Tender paper can be obtained from the office of the DSWO, Bhadrak on payment of Rs.5000/-(Rupees Five Thousand) Only towards cost of the tender paper from date: **22.12.2023** during the office hours of any working day till 1.00 PM of **05.01.2024**, In case the tender documents have been downloaded from the website, the tender documents fee of Rs. 5000/- only must be deposited along with the Bid in the Form of a Demand Draft drawn on any nationalized Bank favouring DSWO, Bhadrak and payable at Bhadrak. The cost of tender paper is non-refundable. The tenders shall be received by DSWO, Bhadrak till **01.00 P.M. on date. 05.01.2024** by registered post / speed post or through sealed tender box kept in office of the DSWO, Bhadrak. The technical bids will be opened on the same day i.e. on date. **05.01.2024 at 03.00 P.M.** by the tender Committee headed by Collector, Bhadrak or any officer authorized by the Collector in the Salandi Sabhagruha Collectorate, Bhadrak in presence of the Tenderers or their authorised representatives if they desires so.

Similarly, the financial bids of those who qualified the technical bid will be opened on dated:- 06.01.2024 at 11.30 A.M. in Sadbhabana Sabhagruha,Collectorate,Bhadrak. The details regarding tender document are available in the website www.bhadrak.nic.in which can be downloaded.

Not withstanding anything else contained to the contrary in this tender document, Collector, Bhadrak reserves right to cancel /withdrawn /modify or reject any or all the tenders without assigning any reason thereof.

1. Period of issue of Tender document: 22.12.2023 to 05.01.2024 by 1.00 P.M.
2. Last date of receipt of Sealed Bids on 05.01.2024 up to 01.00 P.M through Registered /Speed Post or through sealed tender box kept in office of the DSWO, Bhadrak.
3. Date and time for opening of
   (iii) Technical Bid : On dated 05.01.2024 at 03.00 P.M
   (iv) Price Bid : On dated 06.01.2024 at 11.30 A.M

**Sd./- Collector & District Magistrate, Bhadrak**
OIPR-33029/11/0004/2324

---

### Government of Odisha "e" Procurement Notice
### WORKS DEPARTMENT
Bid Identification No. C.C.E.K.C., Keonjhar No. 46 / 2023-24
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
No.B-1501: Letter No.6948, Dt.21.12.2023

1. Name of the work : Improvement to Original NH-215 from Karo Bridge to Dumdum Bridge via Koira town road from 3.145 km to 5.035 km for the year 2022-23. (Balance work of Construction of Concrete Pavament on Original NH-215 from Karo Bridge to Dumdum Bridge via Koira town road from km. 3/145 to Km 5/035 under DMF fund in the District of Sundargarh for the year 2017-18.
2. Estimated cost : Rs.493.74 Lakhs
3. Class of contractor : "A" Class
4. Period of completion : 06 (Six) Calendar Months
5. Date and time of availability of bid document in the portal : From 11.30 Hours of 28.12.2023 to 16.00 Hours of 11.01.2024.
6. Last date / time for receipt of bids in the portal : 16.00 Hours of 11.01.2024
7. Date of opening of bid from portal : 11.30 Hours on 12.01.2024
8. Name and address of the officer inviting bid : Chief Construction Engineer, Keonjhar (R&B) Circle, Keonjhar- 758001

Further details can be seen from the e-procurement portal "http://tendersodisha.gov.in."
**Sd./- Chief Construction Engineer Keonjhar (R&B) Circle, Keonjhar**
OIPR-34033/11/0064/2324

---

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
### ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
### OFFICE OF THE PARADEEP MUNICIPALITY, PARADEEP
ସ୍ଥାନ-ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨
At/Po-Paradeep, Dist-Jagatsinghpur (Odisha), Pin-754142
No.C-2206: No.5626/ Dt.27.12.23
**e-Procurement Notice**

| | | |
|---|---|---|
| Tender Call Notice No. | : | 5624/Dt.27.12.2023 |
| Bid Identification No. | : | EO/PDPM/W_04/2023-24 |
| Tender ID | : | 2023_ORULB_98839 |
| Nature of Works | : | Civil Works |
| Number of Works | : | 02 (Two) Nos. |
| Tender Value | : | Rs.72.55 lakh - Rs.82.64 lakh |
| Available Period | : | Dt.28.12.2023 from 11.30 hrs. to Dt.12.01.2024 17.30 hrs. |
| Tender Opening Date | : | Dt.17.01.2024 at 11.30 AM |

Bidders are requested to read the NIT & DTCN at www.tendersodisha.gov.in. carefully and participate with their Class-II or Class-III DSC before the closing date.
**Sd./- Executive Officer, Paradeep Municipality**
OIPR-13120/11/0042/2324

---

No.CAD-3455
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
### OFFICE OF THE DIVISIONAL HEAD (ELECTRICAL-II) IDCO, IDCO TOWER, BHUBANESWAR
Tender Call Notice No.BBSR/ELECT-II/E-190/23-24/3695 Dated.21.12.2023
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Installation , Testing & Commissioning of GI Octagonal street light pole with 70W LED Lights & Customised decorative Stainless Steel supports with bollards lights, gate lights alongwith Cabling and Panel boards for Shaktibhawan, Bhoinagar, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II) IDCO, IDCO Tower, Janpath, Bhubaneswar | Bid Id No.BBSR/ ELECT/II/e-15/23-24 | 28.12.2023 at 12.00 Hrs. | 04.01.2024 at 17.00 Hrs. |

**Further details can be seen from the e-Procurement Portal, www.tendersorissa.gov.in.** Corrigendum or Addendum if any will not be published in newspapers and can be seen in the e-Procurement portal as well as in **IDCO Website.**
**Sd./-Divisional Head (Elect-II) IDCO, Bhubaneswar**
OIPR-14003/11/0329/2324

---

### GOVT. OF ODISHA
### OFFICE OF THE SUPERINTENDING ENGINEER MINOR IRRIGATION DIVISION, JEYPORE AT/PO:JEYPORE, DIST: KORAPUT
PHONE NO:06854-291412, e-mail:mijeypore@yahoo.co.in
**e-Procurement Notice**
BID IDENTIFICATION NO.MIDJEY 07/2023-24
No.1576, Date:14.12.2023

**No.A-1092:**The **Superintending Engineer, Minor Irrigation Division, Jeypore** on behalf of Governor of Odisha invites **Percentage Rate** bid in **Double** Cover System in **ONLINE MODE.** Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in.**

1. Name of the work : Improvement to Tank & MIPs..
2. No of works : 01 No.
3. Estimated cost: Approximately Rs. 76.27 Lakhs .
4. Period of completion : 5 (Five) calendar months.
5. Date and time of availability of bid documents in the portal: from 10.00 Hours of 30.12.2023 to 17.00 Hours of 10.01.2024.
6. Last date/ time for receipt of bids in the portal: 17.00 Hours of 10.01.2024.
7. Date of opening of Bid : 11.00 Hours on 11.01.2024.
8. The bidders have to participate in ONLINE bidding only.
9. Name of the Officer inviting Bid : Superintending Engineer, Minor Irrigation Division, Jeypore
   Further details can be seen from the e-procurement portal **https://tendersodisha.gov.in**

**Sd./- Superintending Engineer MI Division, Jeypore**
OIPR-32374/11/0006/2324

---

### "e" Tender Notice
No.i-549:
### PANCHAYAT SAMITI, BALIANTA
E-mail:ori-Balianta@nic.in
No.4614, Date:26.12.2023
**DETAIL TENDER CALL NOTICE NO.02/PSB/2023-24**

1. Number of Civil Works : 09 (Nine)
2. Estimated Cost : Rs.8,70,948/- to 10,02,824/-
3. Period of Completion : 02 (Two) Calendar Months
4. Availability of Tender online for bidding: 28.12.2023 at 11.00 AM to 08.01.2024 upto 5.00 P.M.
5. Last Date/Time of seeking Tender Clarification: 08.01.2024 upto 5.00 P.M.
6. Date & Time of opening of Tender: 09.01.2024 at 11.00 A.M.
7. Further the details can be seen from the website (http://www.tenderodisha.gov.in.)

**Sd./- Block Development Officer, Balianta**
OIPR-19265/11/0002/2324

---

### ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE EXECUTIVE DIRECTOR,WESTERN ZONE, BHUBANESWAR
CIN:U40102OR2004SGC007553
Lifeline of Odisha

No. 2098 Dated : 19.12.2023
No.CAD-3441: **NOTIFICATION**

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Dept. of Energy, G.O.O Order No: R&R-II-10\2006\2353, dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution are published for general information. The estimated cost of the project is Rs. 31 Cr(Approx.) It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Executive Director, OPTCL, Burla, Sambalpur- 768017 within two months from the date of publication of this notification. Full details of the scheme and plan may be seen in the office of the Deputy General Manager (Elect.), EHT(Const.) Division, Jharsuguda on any working day during office hours.

**Name of the Work:-** Construction for (1) Diversion of 132kV D/C Lapanga-Brajrajnagar line from Lapanga GSS to Loc. No. 51 and 220kV D/C Budhipadar-Aditya Aluminium line from loc. No. 23-54 from the premises of M/s NLC India Ltd. (2) Diversion-cum-heightening of 400kV D/C IB-Lapanga line from Loc. 22-28 for underpassing of proposed diversion of 132kV D/C Lapanga-Brajarajnagar line and 220kV Budhipadar-Aditya Aluminium Line.

**Name of the Village in which the line will Pass :**
**Tahasil-** Jharsuguda, **RI Circle-** Badamal, **Revenue Village -** Himra, Kumbhari, Tarekela, Loharan Kachhar, **Tahasil-** Rengali, **RI Circle-** Lapanga, **Revenue Village -** Khinda, Lapanga, Thelkoloi.

**Perceived benefit that may accrue :** It will facilitate expansion of M/s NLC India Ltd., Plant expansion which will also ensure overall development of Odisha.

OIPR-04011/11/0153/2324 FIPR-68/2023-24 Sd/- EXECUTIVE DIRECTOR, WESTERN ZONE, BURLA
/optcl.odisha /optcl_odisha

---

### ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ
ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍-୭୫୯୦୦୧
ଇ-ମେଲ୍: dhenkanalm.hud@gmail.com
ପତ୍ର ସଂଖ୍ୟା-5142 ତା.26.12.2023 ରିଖ
**ଅଭିବ୍ୟକ୍ତି ପ୍ରକାଶନ (EXPRESSION OF INTEREST)**

**No.C-2203:**ଏତଦ୍ୱାରା ଢେଙ୍କାନାଳ ପୌରାଞ୍ଚଳ ମଧ୍ୟରେ ଥିବା ୨୩ ଗୋଟି ୱାର୍ଡର ମିଶନ ଶକ୍ତି ଗ୍ରୁପ୍/ବସ୍ତିବାସିନ୍ଦା ସଂଗଠନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ପୁରୁଣା ବର୍ଜ୍ୟବସ୍ତୁ (**Legacy Waste**) ପରିଚାଳନା ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା (**Implementing Agency/Implementing Partner**) ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗ୍ରୁପ୍/ବସ୍ତିବାସିନ୍ଦା ସଂଗଠନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ, ଏଥିନିମନ୍ତେ ଆଗ୍ରହୀ ଏବଂ ଯୋଗ୍ୟ ମିଶନ ଶକ୍ତି ଗ୍ରୁପ୍/ବସ୍ତିବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି (Rag Pickers) ମାନେ ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ ତା.୦୬.୦୧.୨୦୨୪ ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ସ୍ପିଡ୍ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା ପୌର କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ସିଧାସଳଖ ପକେଇ ଆବେଦନ କରିପାରିବେ । ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଉକ୍ତ ଅଭିବ୍ୟକ୍ତି ପ୍ରକାଶନଟି ତା.୦୬.୦୧.୨୦୨୪ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ମିଶନ ଶକ୍ତି ଗ୍ରୁପ୍/ବସ୍ତିବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି (Rag Pickers) କିମ୍ବା ସେମାନଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବା ନିମନ୍ତେ ସ୍ଥିର କରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗ୍ରୁପ୍/ବସ୍ତିବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି (Rag Pickers) ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନପତ୍ର ଢେଙ୍କାନାଳ ଜିଲ୍ଲା ୱେବସାଇଟ୍ www.dhenkanal.nic.in ଏବଂ ଢେଙ୍କାନାଳ ପୌରପାଳିକା ୱେବସାଇଟ www.dhenkanalmunicipality.com ରୁ ମଧ୍ୟ ଡାଉନଲୋଡ କରିପାରିବେ । ଲଫାପାର ଉପରେ "ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ (**Legacy Waste**)" କାର୍ଯ୍ୟର ଆବେଦନ ଲେଖାଥିବା ଆବଶ୍ୟକ । ଅଧିକ ଜାଣିବା ପାଇଁ ଢେଙ୍କାନାଳ ପୌରପାଳିକା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ହେବେ ।

ବି.ଦ୍ର.:- ଯେକୌଣସି ସମୟରେ ବିନା କାରଣ ଦର୍ଶାଅ ଦ୍ୱାରା ଏହି **EXPRESSION OF INTEREST** କୁ ରଦ୍ଦ କରିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ନିକଟରେ ରହିଅଛି ।

**ସ୍ୱା./-ନିର୍ବାହୀ ଅଧିକାରୀ ଢେଙ୍କାନାଳ ପୌରପାଳିକା**
OIPR-13146/11/0042/2324

---

### OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR
Phone:0680-2404096, Email:eerwgmt@yahoo.co.in
**Government of Odisha e-Procurement Notice**
Bid Identification No. Online Tender/24/SERWD-II/2023-24
No.O-1998: Memo No.8980/RWD-IIGB, Date:22.12.23

| | | | |
|---|---|---|---|
| 1 | Name of the Work | :: | Road Work |
| 2 | Estimated Cost | :: | Rs.64.00 Lakh as per Annexure |
| 3 | Period of Completion | :: | 3 (Three) Months as per Annexure |
| 4 | Date & Time of availability of Bid documents in the Portal | :: | 28.12.2023 at 11.00 AM to 05.01.24 upto 3.00 PM |
| 5 | Last Date/ Time for receipt of Bids in the Portal | :: | 05.01.24 upto 3.00 PM |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-Procurement portal tendersodisha.gov.in./nicgep/app.
**Sd./- Superintending Engineer R.W.Division-II, Ganjam, Berhampur**
OIPR-25073/11/0027/2324

---

### OFFICE OF THE ZILLA PARISHAD, SAMBALPUR
Ph:0663-2410992, 2410970, 2410721, Fax:0663-2411843
e-mail:ori-dsambalpur@nic.in, drdasbp@sancharnet.in
No.5415, Date:22.12.2023
**CORRIGENDUM**
**Supply of Breakfast/Lunch/Evening Snacks for NUA-O Fest to be held on Dt.13.01.2024 at Mandalia Play Field, Durgapali, Sambalpur**

**No.CAD-3462:**In view of acknowledging adequate response against Quotation Call Notice No:5383/ZP-IV-48/2023, Dt:20.12.2023 for supply of Breakfast/Lunch/Evening Snacks for NUA-O Fest going to be held on Dt.13.01.2024 instead of 12.01.2024 as it has been decided to reschedule date due to some unavoidable circumstances. Further the Quotations will be opened on 30.12.2023 at 11 AM in presence of bidders or their authorized representatives. All other terms & conditions of the Quotation Call Notice issued vide reference No:5383/ZP-IV-48/2023, Dt.20.12.2023 of this office will remain unaltered.
The bidders already applied for the quotation call notice need not apply again as the bids wil be evaluated alongwith the new bids to be received for the event on the rescheduled date.

**Sd./- Collector & C.E.O. Zilla Parishad, Sambalpur**
OIPR-19241/11/0015/2324

---

No.CAD-3458:
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
### OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022
Tender Call Notice No. H.O./P&C/EST-E-2468/01/2023 40819, Dated: 22.12.2023
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

| Sl. No. | Name of Work | Value of Work (Approx) | Period of Completion |
|---|---|---|---|
| 1 | Repair and renovation of existing WTP, UGR & Water works area at Kalunga I.E., Rourkela, Odisha | Rs.3.29 Crores | 04 (Four) Calendar Months |

**1. Other details:**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C) IDCO, IDCO Towers, Bhubaneswar-751022 | Bid Id No.P&C/ES-T/E-168/2023-24 | **17.00 Hours of Dt.29.12.2023** | **17.00 Hours of Dt.12.01.2024** |

**Further details can be seen from the e-Procurement Portal** www.tendersodisha.gov.in. Corrigendum or addendum if any will not be published in newspapers and can only be seen in the e-Procurement portal www.tenderodisha.gov.in as well as IDCO website www.idco.in.
**Sd./- Chief General Manager (P&C) IDCO, Bhubaneswar**
OIPR-14003/11/0325/2324

---

See Career Appointment on every Wednesday & Saturday

---

### OFFICE OF THE MUNICIPAL COUNCIL, DHENKANAL DHENKANAL (ODISHA),PIN-759001
E-mail:dhenkanalm.hud@gmail.com
No.5135 Date:26.12.2023
**Notice Inviting Expression of Interest**

No.C-2209: Executive Officer, Dhenkanal Municipality, Dhenkanal on behalf of Municipal Council, Dhenkanal Municipality invites Expression of Interest (EOI), for "Drone Survey and Qualification of Legacy Waste at Dhenkanal Municipality", from Register Experience/Reputed Consultant Agency.

Further, the detailed information regarding detail EOI documents will be available in the District website of Dhenkanal i.e. www.dhenkanal.nic.in and also can be seen from the Dhenkanal Municipality website www.dhenkanalmunicipality.com from dt.27.12.2023 to Dt.06.01.2024.

1. The Cost of each EOI Paper: Rs.5,000.00 (Non-refundable)
2. The Cost of E.M.D. each EOI Paper: Rs.2,000.00
3. Start Date of Sale of EOI Paper : Dt.27.12.2023
4. Last Date of Sale of EOI Paper: Dt.06.01.2024
5. Last Date of Receipt of EOI Paper : Dt.06.01.2024 at 1.00 PM.
6. Date of Opening of Sealed EOI:- Dt.06.01.2024 at 1.00 PM.

The authority reserves the right to accept or reject any proposals without assigning any reason thereof.

**Sd./- Executive Officer Dhenkanal Municipality**
OIPR-13146/11/0041/2324

---

### OFFICE OF THE CHIEF ENGINEER MEGA LIFT BHUBANESWAR
Plot No. A 8/2, Bhoinagar, Bhubaneswar, Odisha, PIN-751022
E-Mail:cemlpwr.od@gmail.com
**Government of Odisha "e" Procurement Notice**
No.A-1088: Bid Identification No. 23ML/2023-24

On Line open tender is invited for EPC Contract (Turn Key Basis) for Mega Lift, Odisha

1. **Name of Work:** Execution of 10 nos. of Lift Irrigation Schemes with intake points on Hirakud Reservoir and Bheden river having Command area between 500 Ha. to 2000 Ha. in Cluster No. XXVI in the district of Sambalpur including its distribution network, up to 1 Ha. Chak having total planned Culturable Command Area of 14,717 Ha. on "EPC -Turn Key" basis including power system connectivity and Operation & Maintenance of complete commissioned schemes for fifteen years.
2. Period of completion: 36 (Thirty-six) calendar months including rainy season.
3. Date & time of availability of bid document in the portal: 05.01.2024,10 A.M.
4. Last date/Time for receipt of bids in the portal: 03.02.2024 up to 5.00 P.M
5. Name & address of the officer inviting Bid:Chief Engineer, Mega lift A-8/2, Bhoi Nagar, Bhubaneswar,Pin-751022
   Further details can be seen from the e-procurement portal **"https://tendersodisha.gov.in"**

**Sd./- Chief Engineer, Megalift, Bhubaneswar**
OIPR-32504/11/0038/2324

# କୁବେର ବାବୁ



ସରକାରୀ ଚାକିରି କରିଛନ୍ତି। ଭଲ ଦରମା ମଧ ନେଉଛନ୍ତି। ଏହା ପରେ ମଧ ଦୁର୍ନୀତିରେ ଲିପ୍ତ ହୋଇ ଅମାପ ସମ୍ପତ୍ତିର ଅଧିକାରୀ ହେଉଛନ୍ତି। ଚୋର ଘର ସବୁଦିନ ଅନ୍ଧାର ନ ଥିବା ପରି ଯେତେବେଳେ ଧରାପଡୁଛନ୍ତି ସେତେବେଳେ ସବୁ ଯାଉଛି। ୨୦୨୩ ବର୍ଷରେ ସବ୍‌ଇନ୍ସପେକ୍ଟର, ଇନ୍‌ସ୍ପେକ୍ଟର, ଯନ୍ତ୍ରୀ, କିରାଣି, ଓଏଏସ୍ ଅଧିକାରୀ, ଡିଏଫ୍‌ଓ, କଲେଜ ଅଧକ୍ଷ ଭଳି ବହୁ ସରକାରୀ ବାବୁ ଭିଜିଲାନ୍ସ ସ୍କାନ୍‌ରକୁ ଆସିବା ପରେ ସେମାନଙ୍କ କଳା କାହାଣୀର ଗୁମର ପଦାକୁ ଆସିଥିଲା। ବିଶେଷକରି ନବରଙ୍ଗପୁରର ଅତିରିକ୍ତ ଉପ ଜିଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ଘରୁ ନଗଦ ୩ କୋଟି ଟଙ୍କା ମିଳିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା।

ପ୍ରସ୍ତୁତି: ସତ୍ୟଜିତ୍ ରାଉତ

## ସମ୍ପତ୍ତି ଅର୍ଜନ କରିବାରେ ପାରଙ୍ଗମ କୋଟିପତି ଡିଏଫ୍‌ଓ



ରାୟଗଡ଼ା ଜିଲା ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ଥିବା ବିଜୟ କୁମାର ପରିଡ଼ା ସମ୍ପତ୍ତି ଅର୍ଜନ କରିବାରେ ମାହିର ଥିଲେ। ବନୀକରଣ ନାଁରେ ଦୁର୍ନୀତି କରି ଖସିଯାଉଥିଲେ। ଭିଜିଲାନ୍ସ ଜାଲରେ ଧରାପଡ଼ିବା ପରେ ବିଭିନ୍ନ ସ୍ଥାନରେ ୧୭ ପ୍ଲଟ୍, ଏକାଧିକ କୋଠା, ସୁନା ଅଳଙ୍କାର, ନଗଦ ଟଙ୍କା ଆଦି ବହୁ ସମ୍ପତ୍ତି ଠାବ ହୋଇଥିଲା। ଠାବ ହୋଇଥିବା ସମ୍ପତ୍ତି ଥିଲା ତାଙ୍କ ପ୍ରକୃତ ଆୟର ୨୦୬ ପ୍ରତିଶତ ଅଧିକ। ଅଗଷ୍ଟ ୨୫ରେ ଗିରଫ ହୋଇ ବିଜୟ ଜେଲ ଯାଇଥିଲେ।

## ଆୟୁର୍ବେଦ କଲେଜ ଅଧକ୍ଷଙ୍କ ୨୮ ପ୍ଲଟ୍



ବଲାଙ୍ଗୀର ଜିଲା ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ହସ୍ପିଟାଲ ଅଧକ୍ଷ ସୁଦର୍ଶନ ବେହେରାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ପୁରୀ ଗୋପବନ୍ଧୁ ଆୟୁର୍ବେଦିକ କଲେଜରେ ଅଧକ୍ଷ ଥିବା ସମୟରେ ପିଲାଙ୍କ ନାମ ଲେଖାରେ ଦୁର୍ନୀତି କରିଥିବା ଜଣାପଡ଼ିବା ପରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କ ନାମରେ ୨୮ ପ୍ଲଟ୍ ଥିବା ଜାଣିବାକୁ ମିଳିଥିଲା। ସୁଦର୍ଶନଙ୍କ ବହୁ ସ୍ଥାବର ସମ୍ପତ୍ତି ମଧ ଠାବ ହୋଇଥିଲା। ଏହା ତାଙ୍କ ପ୍ରକୃତ ଆୟଠାରୁ ୧୧୩ ପ୍ରତିଶତ ଅଧିକ ଥିଲା। ଗତ ନଭେମ୍ବର ୧୦ରେ ସେ ଗିରଫ ହୋଇ ଜେଲ ଯାଇଥିଲେ।

## କୋଟିପତି ଖଣି ଅଧିକାରୀ



କୋଟିପତି ଖଣି ଅଧିକାରୀଙ୍କ ଥିଲା ବିପୁଳ ସମ୍ପତ୍ତି। ଭୁବନେଶ୍ୱରରେ ବହୁ ମହଲାବିଶିଷ୍ଟ କୋଠା, କେନ୍ଦୁଝରରେ ଆଉ ୩ କୋଠା ଏବଂ ୫ଟି ପ୍ଲଟ ସହ ଘରୁ ପ୍ରାୟ ନଗଦ ୧.୬୪ କୋଟି ଟଙ୍କା, ୬୫୦ ଗ୍ରାମର ସୁନା ଅଳଙ୍କାର ସମେତ ଅନ୍ୟାନ୍ୟ ସମ୍ପତ୍ତି ଠାବ କରିଥିଲା ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନା ଭିଜିଲାନ୍ସ ସ୍କାନର୍‌କୁ ଆସିବା ପରେ ତାଙ୍କର ଗୁମର ପଦାକୁ ଆସିଥିଲା। ଠାବ ହୋଇଥିବା ସମ୍ପତ୍ତି ଉମେଶଙ୍କ ପ୍ରକୃତ ଆୟଠାରୁ ୩୬୮ ଶତକଡ଼ା ଅଧିକ ବୋଲି ଭିଜିଲାନ୍ସ କହିଥିଲା। ମାର୍ଚ୍ଚ ୪ରେ ଭିଜିଲାନ୍ସ ଉମେଶଙ୍କୁ ଗିରଫ କରି ଜେଲ ପଠାଇଥିଲା।

## ଚେକ୍, ଫୋନ୍ ପେ'ରେ ଲାଞ୍ଚ

ସରକାରୀ ଅଧିକାରୀମାନେ ଲାଞ୍ଚ ନେବାର ତରିକା ବଦଳାଇଛନ୍ତି। ପୂର୍ବରୁ ସେମାନେ ନଗଦ ଟଙ୍କା ଆକାରରେ ଲାଞ୍ଚ ନେଉଥିଲେ। ହେଲେ ଏବେ ଚେକ୍ ଓ ଡିଜିଟାଲ୍ ପେମେଣ୍ଟ ଆପ୍‌ରେ ଲାଞ୍ଚ ନେଉଛନ୍ତି। ଚେକ୍‌ରେ ଓ ଫୋନ୍ ପେ' ରେ ଲାଞ୍ଚ ନେଇ ଧରାପଡ଼ିବା ୨୦୨୩ ବର୍ଷରେ ଓଡ଼ିଶା ଭିଜିଲାନ୍ସରେ ପ୍ରଥମ ଘଟଣା ଘଟିଥିଲା, ଯାହା ଚର୍ଚ୍ଚାର ବିଷୟ ହୋଇଥିଲା।

## ୨ ଚେକ୍‌ରେ ୧୨ ଲକ୍ଷ, ଫସିଲେ ତହସିଲଦାର



୪୯ ନଂ ଜାତୀୟ ରାଜପଥ ଜମି ଅଧିଗ୍ରହଣ ପାଇଁ ଆର୍ଥିକ ରାଶି ପ୍ରଦାନ କରିବାକୁ ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ତହସିଲଦାର ଚାର୍ଲସ ନାୟକ ଜଣେ ବ୍ୟକ୍ତିଙ୍କଠାରୁ ଅତି ଚତୁରତାର ସହ ଲାଞ୍ଚ ଗ୍ରହଣ କରିଥିଲେ। ତହସିଲଦାର ଚାର୍ଲସ ୧୨ ଲକ୍ଷ ଟଙ୍କାର ୨ଟି ଚେକ୍ ଗ୍ରହଣ କରିଥିଲେ। ମେ' ୩୦ରେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ପରେ ସେ ଜେଲ ଯାଇଥିଲେ।

## ଫୋନ୍ ପେ'ରେ ଲାଞ୍ଚ ନେଇ ଟିପିସିଓଡିଏଲ ଅଧିକାରୀ ଗିରଫ



ନଗଦ ଆକାରରେ ଟଙ୍କା ନେଲେ ଧରାପଡ଼ିଯିବାର ଆଶଙ୍କା ଥିବାରୁ ଅଧିକାରୀ ବାଛିଥିଲେ ନୂଆ କୌଶଳ। ମହିଳା ସହଯୋଗୀଙ୍କ ଦ୍ୱାରା 'ଫୋନ୍‌ପେ' ଜରିଆରେ ନେଇଥିଲେ ଲାଞ୍ଚ। ଏହି ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଥିବା ସମ୍ପୃକ୍ତ ଅଧିକାରୀ ହେଲେ ବିଦ୍ୟୁତ୍ ବିତରଣ ସଂସ୍ଥା ଟିପିସିଓଡିଏଲ୍‌ର ନୟାପଲ୍ଲୀସ୍ଥିତ ଗ୍ରିଭାନ୍‌ସ ରିଡ୍ରେସାଲ୍ ଫୋରମ୍ (ଜିଆର୍‌ଏଫ୍)ର ଅଫିସର ଆସିଷ୍ଟାଣ୍ଟ ଗ୍ରେଡ୍-୩ ତରୁଣ ରଞ୍ଜନ ନାୟକ। ବିଦ୍ୟୁତ୍ ସଂଯୋଗ ସଂକ୍ରାନ୍ତୀୟ ଅଭିଯୋଗର କେସ୍ ପଞ୍ଜୀକୃତ କରିବାକୁ ଜଣେ ବ୍ୟକ୍ତିଙ୍କଠାରୁ 'ଫୋନ୍‌ପେ'ରେ ୧୦ ହଜାର ଟଙ୍କା ଲାଞ୍ଚ ନେଇ ତରୁଣ ମେ' ୨୯ରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ପରେ ତରୁଣଙ୍କୁ କୋର୍ଟ ଚାଲାଣ କରାଯିବା ପରେ ସେ ଜେଲ ଯାଇଥିଲେ।

## ୨.୭୦ ଲକ୍ଷ ଟଙ୍କା ସହ ଧରାପଡ଼ିଲେ ଥାନାଧିକାରୀ



କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧିକାରୀ ସୁଶାନ୍ତ ଶତପଥୀ ୨.୭୦ ଲକ୍ଷ ନଗଦ ଟଙ୍କା ସହ ଭିଜିଲାନ୍ସ ଟିମ୍ ଦ୍ୱାରା ଧରାପଡ଼ିଥିଲେ। ନଭେମ୍ବର ୨୭ରେ ବୈପାରିଗୁଡ଼ାରୁ ଏକ ବସ୍ ଯୋଗେ ସେ କଟକସ୍ଥିତ ଘରକୁ ଆସୁଥିବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ପରେ ତାଙ୍କ ଅଫିସ ଚାମ୍ବରରୁ ୧ ଲକ୍ଷ ୮୦ ହଜାର ଟଙ୍କା ଏବଂ ବୈପାରିଗୁଡ଼ାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ମଧ ୩ ଲକ୍ଷ ଟଙ୍କା ମିଳିଥିଲା।

## ଟଙ୍କା ସହ ଧରାପଡ଼ିଥିଲେ ଓଏସ୍‌ଡବ୍ଲ୍ୟୁସି ଗୋଦାମ ଅଧୀକ୍ଷକ



୪ ଲକ୍ଷ ୬୭ ହଜାର ୮୧୦ ଟଙ୍କା ନେଇ ଘରକୁ ଯାଉଥିଲେ। ହେଲେ ତାହା ପୂର୍ବରୁ ଭିଜିଲାନ୍ସ ହାତରେ ପଡ଼ିଥିଲେ। ସେପ୍ଟେମ୍ବର ୮ରେ ଟଙ୍କା ସହ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ (ଓଏସ୍‌ଡବ୍ଲ୍ୟୁସି) ପୁରୀ ଜିଲା ନିମାପଡ଼ା ବ୍ଲକ୍ ଗୋଦାମ ଅଧୀକ୍ଷକ ଦେବୀପ୍ରସାଦ ମହାନ୍ତି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ।

## ଜିଏସ୍‌ଟି ଅଧିକାରୀଙ୍କ ଲକର୍‌ରେ ସୁନା ବିସ୍କୁଟ୍





ଜିଏସ୍‌ଟି ମାମଲା ବନ୍ଦ କରିବାକୁ ଜଣେ ବ୍ୟବସାୟୀଙ୍କଠାରୁ ୮୦ ହଜାର ଲାଞ୍ଚ ନେବା ବେଳେ ମାର୍ଚ୍ଚ ୩୧ରେ ସିଟି ଆଣ୍ଡ ଜିଏସ୍‌ଟି (ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ପ୍ରବର୍ତ୍ତନ ଏକକ) ପାରାଦୀପ ଏନ୍‌ଫୋର୍ସମେଣ୍ଟ ୟୁନିଟ୍ ଅଧିକାରୀ ଚିତ୍ତରଞ୍ଜନ ମହାନ୍ତ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କ ପାଖରୁ ବହୁ ସମ୍ପତ୍ତି ସହ ୨ଟି ଲକର୍‌ରୁ ୧ କେଜିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଜବତ ହୋଇଥିଲା। ଯେଉଁଥିରେ ୨୪ କ୍ୟାରେଟ୍‌ର ୧୯ଟି ସୁନା ବିସ୍କୁଟ୍ ରହିଥିଲା।।

## ଅତିରିକ୍ତ ଜିଲାପାଳଙ୍କ ଘରୁ ନଗଦ ୩ କୋଟି

ଜୁନ ୨୩ରେ ଜଣେ ବଡ଼ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ନବରଙ୍ଗପୁରର ଅତିରିକ୍ତ ଉପ ଜିଲାପାଳ ଥିବା ପ୍ରଶାନ୍ତ କୁମାର ରାଉତଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଏହି ଘଟଣାରେ ଆଶ୍ଚର୍ଯ୍ୟ କରିଥିଲା, ପ୍ରଶାନ୍ତଙ୍କ ଘରୁ ମିଳିଥିବା ପୁଳା ପୁଳା ଟଙ୍କା ବିଡ଼ାକୁ ନେଇ। ତାଙ୍କ ଘରୁ ନଗଦ ୩ କୋଟି ୨ ଲକ୍ଷ ୩୦ ହଜାର ୮୦୦ ଟଙ୍କା, ବିପୁଳ ସୁନା ଓ କୋଟିକୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା, ଯାହା ତାଙ୍କ ପ୍ରକୃତ ଆୟଠାରୁ ୫୦୬ ପ୍ରତିଶତ ଅଧିକ ଥିଲା। ପ୍ରଶାନ୍ତ ଗିରଫ ହୋଇ ଜେଲ ଯିବା ପରେ ରାଜ୍ୟ ସରକାରୀ ତାଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି।





## ଛାତ ଡେଇଁ ଖସୁଥିଲେ, ଧରାପଡ଼ିଲେ

ସମ୍ପତ୍ତି ଅର୍ଜନ କରି ବଞ୍ଚୁଥିଲେ ସୌଖୀନ ଜୀବନ। ଭିଜିଲାନ୍ସ ଟିମ୍ ଚଢ଼ାଉ କରିବା ବେଳେ ଛାତ ଡେ଼ଇଁ ଖସିଯିବାକୁ ଚେଷ୍ଟା କରୁଥିଲେ। ହେଲେ କିଛି ଘଣ୍ଟା ପରେ ପଡ଼ୋଶୀଙ୍କ ଘରୁ ଧରାପଡ଼ିଥିଲେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ଭୁବନେଶ୍ୱର ସର୍କଲର ସହକାରୀ ଯନ୍ତ୍ରୀ (ଏଇ) ସୁନୀଲ କୁମାର ପାଢ଼ୀ। ନଭେମ୍ବର ୩୦ରେ ଭିଜିଲାନ୍ସ ଟିମ୍ କରିଥିବା ଏହି ଚଢ଼ାଉରେ ୨ କୋଠା, ୫ ପ୍ଲଟ୍, ମାର୍କେଟ୍ କମ୍ପ୍ଲେକ୍ସ ଠାବ ହୋଇଥିଲା। ନଗଦ ୪ ଲକ୍ଷ ୫ ହଜାର ୩୧୮ ଟଙ୍କା ସମେତ ଅନ୍ୟାନ୍ୟ ସମ୍ପତ୍ତି ଠାବ ହୋଇଥିଲା। ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ଆୟ ବହିର୍ଭୂତ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୧୬୮ ପ୍ରତିଶତ ଅଧିକ ଥିବା ଜଣାପଡ଼ିଥିଲା।



**ଜାନୁୟାରୀରେ ୧୬ ଦିନ ବ୍ୟାଙ୍କ ଛୁଟି**

**ଭୁବନେଶ୍ୱର:** ବର୍ଷ ୨୦୨୪ ଆରମ୍ଭରୁ ବ୍ୟାଙ୍କ କର୍ମଚାରୀମାନେ ଏକ ବଡ ଛୁଟି ପାଉଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ପ୍ରକାଶିତ ଜାନୁୟାରୀ ମାସର ବ୍ୟାଙ୍କ ଛୁଟି ତାଲିକାରେ ବିସ୍ତୃତ ଭାବେ ଦର୍ଶାଯାଇଛି। ୨୦୨୪ ଜାନୁୟାରୀରେ ୨ଟି ଶନିବାର ଏବଂ ୪ଟି ରବିବାର ସମେତ ପ୍ରାୟ ୧୦ଟି ବିଶେଷ ଛୁଟି ସାମିଲ ରହିଛି।

# ରେକର୍ଡ ସ୍ତରରେ ସେନ୍‌ସେକ୍ସ

## ୨୨୦୦୦ ନିକଟବର୍ତ୍ତୀ ନିଫ୍ଟି-୫୦

**ଭୁବନେଶ୍ୱର,୨୭।୧୨**



ବର୍ଷ ଶେଷ ବେଳକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ରେକର୍ଡ ସ୍ତରରେ ପହଞ୍ଚିଛି। ଏପରିକି କ୍ରମାଗତ ୪ର୍ଥ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଫଳରେ ବିଏସ୍‌ଇ ସେନ୍‌ସେକ୍ସ ୭୨,୦୦୦ (୭୨,୦୩୮.୪୩) ଅଙ୍କରେ ରହିଛି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସ(ବୁଧବାର)ରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୦୨ (୭୦୧.୬୩) ପଏଣ୍ଟ ବୃଦ୍ଧି ଘଟି ୭୨,୦୩୮ (୭୨,୦୩୮.୪୩) ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୧୩ (୨୧୩.୪୦) ପଏଣ୍ଟ ବଢ଼ି ୨୧,୬୫୫ (୨୧,୬୫୪.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରିକି ଏନ୍‌ଏସ୍‌ଇ ନିଫ୍ଟି-୫୦ ୨୨,୦୦୦ ଅଙ୍କ ନିକଟବର୍ତ୍ତୀ ହୋଇଛି। ବିଶେଷକରି ବିଏସଇ ସେନ୍‌ସେକ୍ସର ବଜାର ପୁଞ୍ଜି ବୁଧବାର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟି ୩୬୧.୪ ଲକ୍ଷ କୋଟିରେ ପହଞ୍ଚିଛି। ସେହିଭଳି ବିଏସ୍‌ଇ ପଞ୍ଜୀକୃତ କମ୍ପାନୀଗୁଡ଼ିକ ମଧ୍ୟରେ ଓଲ୍ଟ୍ରାଟେକ୍ ସିମେଣ୍ଟ, ହିଣ୍ଡାଲ୍‌କୋ ବଜାଜ ଅଟୋ ସର୍ବାଧିକ ୪%ରୁ ଅଧିକ ନିବେଶ ବୃଦ୍ଧି କରିଥିବାବେଳେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନିବେଶ ମଧ୍ୟ ଉଚ୍ଚ ରହିଛି। ଅପରପକ୍ଷରେ ବୁଧବାର ପୁଞ୍ଜି ବଜାର କାରବାର ଆରମ୍ଭରୁ ବିଏସଇ ସେନ୍‌ସେକ୍ସର ଅଂଶଧନ ବୃଦ୍ଧି ପାଇବାରେ ଲାଗିଥିଲା। ଏପରିକି ପ୍ରାରମ୍ଭିକ ପର୍ଯ୍ୟାୟରେ ବିଏସଇ ସେନ୍‌ସେକ୍ସ ପ୍ରାୟ ୭୨,୦୯୮ ଅଙ୍କରେ ପହଞ୍ଚିଥିଲାବେଳେ କାରବାର ଶେଷ ବେଳକୁ ବିଏସଇ ସେନ୍‌ସେକ୍ସ ୭୦୨ ପଏଣ୍ଟ ବା ୦.୯୮ % ବୃଦ୍ଧି ଘଟି ପ୍ରାୟ ୭୨.୦୩୮ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ବିଏସ୍‌ଇ ମିଡକ୍ୟାପ ଇଣ୍ଡେକ୍ସ୦.୪୧% ଏବଂ ବିଏସଇ ସ୍ମଲକ୍ୟାପ ଇଣ୍ଡେକ୍ସ ୦.୨୦% ବୃଦ୍ଧି ଘଟିଥିଲାବେଳେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଇନ୍‌ଫୋସିସ୍, ଭାରତୀ ଏୟାରଟେଲ, ଓଲ୍ଟ୍ରାଟେକ ସିମେଣ୍ଟ, ଏଲଆଣ୍ଡ ଟି, ଟାଟା ମୋଟର୍ସ,ଆଇସିଆଇସିଆଇ ବ୍ୟାଙ୍କ, ଏସବିଆଇ, ଆକ୍ସିକ ବ୍ୟାଙ୍କ ଏବଂ ଏମ ଆଣ୍ଡ ଏମ ଭଳି ଅଗ୍ରଣୀ ନିବେଶକ କମ୍ପାନୀର ଶେୟାର ବ୍ୟାପକ ପରିମାଣରେ ବୃଦ୍ଧି ହୋଇଛି।

### ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୦୨ (୭୦୧.୬୩) ପଏଣ୍ଟ ବଢ଼ି ୭୨,୦୩୮ (୭୨,୦୩୮.୪୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୨୧୩ (୨୧୩.୪୦) ପଏଣ୍ଟ ବୃଦ୍ଧି ଘଟି ୨୧,୬୫୫ (୨୧,୬୫୪.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଦିନେଶ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ନୂତନ ମହାପ୍ରବନ୍ଧକ

**ଭୁବନେଶ୍ୱର,୨୭।୧୨**



ଦିନେଶ ପୃଥୀ

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ), ଭୁବନେଶ୍ୱର ମଣ୍ଡଳର ନୂତନ ମହାପ୍ରବନ୍ଧକ ଭାବେ ଦିନେଶ ପୃଥୀ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ମୁମ୍ବାଇସ୍ଥିତ ଏସ୍‌ବିଆଇର କର୍ପୋରେଟ କାର୍ଯ୍ୟାଳୟଠାରେ ମୁଖ୍ୟ ମହାପ୍ରବନ୍ଧକ (ସ୍ୱତନ୍ତ୍ର ପ୍ରକଳ୍ପ) ଭାବେ କାର୍ଯ୍ୟରତ ଥିଲେ। ପୂର୍ବତନ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମାଙ୍କ ସ୍ଥାନରେ ତାଙ୍କର ନିଯୁକ୍ତି ହୋଇଛି। ଶର୍ମା ଏସ୍‌ବିଆଇ ଭୋପାଳ ମଣ୍ଡଳର ମହାପ୍ରବନ୍ଧକ ଭାବେ ସ୍ଥାନାନ୍ତରିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ୧୯୯୧ରେ ପୃଥୀ ଏସ୍‌ବିଆଇର ପ୍ରୋବେସନାରି ଅଫିସର (ପିଓ) ଭାବେ ଯୋଗଦେଇଥିଲେ।

## ଦିଭିସା ହର୍ବାଲ୍ସ ପକ୍ଷରୁ ଖ୍ରୀଷ୍ଟମାସ୍ ପାଳିତ



**ଭୁବନେଶ୍ୱର,୨୭।୧୨**



ହର୍ବାଲ ହେଲ୍‌ଥକେୟାର ୟୁନିଟ୍ (କମ୍ପାନୀ) ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଖ୍ରୀଷ୍ଟମାସ୍ ସମାରୋହ ନିକଟରେ ପାଳିତ ହୋଇଯାଇଛି। କମ୍ପାନୀର ମୁଖ୍ୟାଳୟ ଚଣ୍ଡିଗଡ଼ଠାରେ ଉକ୍ତ ଉତ୍ସବ ଧୁମଧାମରେ ଉଭୟ କର୍ମଚାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ମିଳିତ ଭାବେ ପାଳନ କରିଥିଲେ। ନୃତ୍ୟ ଓ ସଙ୍ଗୀତ ଆସର ସହ ବିଭିନ୍ନ ପ୍ରକାର କ୍ରୀଡ଼ାର ଆୟୋଜନ ମଧ୍ୟ ହୋଇଥିଲା। ପରିଶେଷରେ କର୍ମଚାରମାନେ ପରସ୍ପରକୁ ଉପହାର ଦେଇ ଶୁଭକାମନା ଜଣାଇଥିଲେ। ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସିଏମ୍‌ଡି ତଥା ଉଦ୍ୟୋଗୀ ଏବଂ ନିବେଶକ ଡ. ସଞ୍ଜୀବ ଜୁନେଜା କହିଥିଲେ, ଖ୍ରୀଷ୍ଟମାସ୍ ଲୋକଙ୍କୁ ପ୍ରେମ ଓ ଭାଇଚାର ସହ ରହିବାର ସନ୍ଦେଶ ଦେଇଥାଏ। ପବିତ୍ର ଖ୍ରୀଷ୍ଟମାସ୍ ଉପଲକ୍ଷେ ସେ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। କମ୍ପାନୀର ଏଚ୍‌ଆର୍ ପ୍ରବନ୍ଧକ କହିଥିଲେ, ଏହି ଖ୍ରୀଷ୍ଟମାସ୍ ଟ୍ରି ଜୀବନ ଏବଂ ଆଶାର ଏକ ପ୍ରତୀକ ହୋଇଥିବାବେଳେ ଆମେ ସମସ୍ତେ ସେହି ଆଶା ନେଇ ଭଲ କାମ କରିବାକୁ ପଡ଼ିବ। ଉଲ୍ଲେଖଯୋଗ୍ୟ, ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ବ୍ରାଣ୍ଡ ଯଥା ଡକ୍ଟର ଅର୍ଥୋ,ରୂପ ମନ୍ତ୍ରା, ସଚ୍ଚି ସହେଲୀ, ପେଟ ସଫା ଓ ଆଇ ମନ୍ତ୍ରା ଭଳି ଅନେକ ବ୍ରାଣ୍ଡ୍ ବଜାରରେ ବେଶ୍ ଲୋକପ୍ରିୟ ଓ ଗୁଣାତ୍ମକ ଉତ୍ପାଦ ଭାବେ ଦୀର୍ଘ ବର୍ଷ ହେବ ସର୍ବଭାରତୀୟ ସ୍ତରରେ ଉପଲବ୍ଧ।

## ଟିଏସ୍‌ଏଫ୍ ପକ୍ଷରୁ ବିଏଲ୍‌ଏସ୍ ପ୍ରଶିକ୍ଷଣ

**ଭୁବନେଶ୍ୱର,୨୭।୧୨**

ଟାଟା ଷ୍ଟିଲ୍ ଫାଉଣ୍ଡେସନ(ଟିଏସ୍‌ଏଫ୍) ପକ୍ଷରୁ ବାଲେଶ୍ୱରର ବ୍ରାହ୍ମଣୀପାଳଠାରେ ଏକ ବେସିକ୍ ଲାଇଫ୍ ସପୋର୍ଟ (ବିଏଲ୍‌ଏସ୍) ପ୍ରଶିକ୍ଷଣ ଶିବିର (କାର୍ଯ୍ୟକ୍ରମ) ଆରମ୍ଭ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି, ସ୍ଥାନୀୟ ଅଞ୍ଚଳରେ ପ୍ରଶିକ୍ଷିତ, ଇଚ୍ଛୁକ ଏବଂ ଦକ୍ଷ ପ୍ରାଥମିକ ପ୍ରତିକ୍ରିୟା ପ୍ରଦାନକାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସମୂହ ସୃଷ୍ଟି କରିବା, ଯାହା ଜୀବନ ପ୍ରତି ବିପଜ୍ଜନକ ପ୍ରାକ୍-ଡାକ୍ତରଖାନା ପରିସ୍ଥିତିରେ ପ୍ରଭାବଶାଳୀ ବିଏଲ୍‌ଏସ୍ ପ୍ରଦାନ କରିବାରେ ସକ୍ଷମ ହେବେ। ଏହା ବ୍ୟତୀତ ଯେକୌଣସି ବିପର୍ଯ୍ୟୟ ପରିସ୍ଥିତିରେ ତୁରନ୍ତ ମୁକାବିଲା ପାଇଁ ପ୍ରସ୍ତୁତ ହୋଇପାରିବେ। ଏପରିକି ଏକ ଗୋଷ୍ଠୀ ଗଠନକରି ବିପର୍ଯ୍ୟୟ ବିପଦ ହ୍ରାସ (ଡିଆର୍‌ଆର୍) ପାଇଁ ଉକ୍ତ ଗୋଷ୍ଠୀ ମୁକାବିଲା କ୍ଷମତା ବୃଦ୍ଧି କରିବା ଉକ୍ତ ପଦକ୍ଷେପର ମୂଳଲକ୍ଷ୍ୟ ବୋଲି କୁହାଯାଇଛି। ସେହିଭଳି ଟିଏସ୍‌ଏଫ୍ ସିଏସ୍‌ଆର୍ ପଦକ୍ଷେପର ଏକ ଅଂଶ ଭାବେ କାର୍ଡିଓପଲ୍‌ମୋନାରି ରିସ୍‌ସିଟେସନ (ସିପିଆର୍), ଶ୍ୱାସକ୍ରିୟା ପ୍ରତିକ୍ରିୟା ଏବଂ ଆକସ୍ମିକ ମାମଲା ପରିଚାଳନା ଆଦିକୁ ନେଇ ବିଏଲ୍‌ଏସ୍ ପ୍ରଶିକ୍ଷଣ ଅଧିବେଶନ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ଟାଙ୍ଗିରିଆପାଳ, ରାସୋଲ, କିଆଝର, ଦେଉଳକଣା ଓ ରାଧିକାଦେଇପୁର ଭଳି ଗ୍ରାମପଞ୍ଚାୟତରେ ୩୯ଟି ଅଧିବେଶନ ଜରିଆରେ ୧୦୨୩ ଜଣ ଉପକୃତ ହୋଇଛନ୍ତି। ଅପରପକ୍ଷରେ ଜୟନ୍ତ କୁମାର ତ୍ରିପାଠୀ (ମେଡିକାଲ ପ୍ରଫେସନାଲ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟିଏସ୍‌ଏଫ୍ ବ୍ରାହ୍ମଣୀପାଳ ୟୁନିଟ୍‌ର ସୌଭାଗ୍ୟ କୁମାର ଦାସ ଉକ୍ତ ଅଧିବେଶନରେ ମାଷ୍ଟର ଟ୍ରେନର ଭାବେ କାର୍ଯ୍ୟ କରିଥିଲେ।

## ଲାଲ୍‌ଚାନ୍ଦ୍ ଜୁଏଲର୍ସର 'ଏଣ୍ଡ୍ ଅଫ୍ ଇୟର' ଅଫର

**ଭୁବନେଶ୍ୱର,୨୭।୧୨(ଅଭୟ ଦାଶ)**

ପୂର୍ବଭାରତର ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ଜୁଏଲର୍ସର 'ଏଣ୍ଡ୍ ଅଫ୍ ଇୟର' ଅଫରର ଶୁଭାରମ୍ଭ ହୋଇଯାଇଛି। ୨୦୨୩କୁ ମେଲାଣି ଏବଂ ନବବର୍ଷ ୨୦୨୪କୁ ସ୍ୱାଗତ ସହ ବର୍ଷପୂର୍ତ୍ତି ମଉଜକୁ ଦ୍ୱିଗୁଣିତ କରିବା ପାଇଁ ସୁନା, ରୁପା ଏବଂ ହୀରାର ସର୍ବୋତ୍କୃଷ୍ଟ ସଂଗ୍ରହରେ ଲାଲ୍‌ଚାନ୍ଦ୍ ଅନେକ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏଠାରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୬୯୯ ଟଙ୍କା ରଖାଯାଇଛି। ନୂତନ ବର୍ଷ ସହ ଆଗାମୀ ଉତ୍ସବ ଋତୁକୁ ଧ୍ୟାନରେ ରଖି ଏହି 'ଏଣ୍ଡ୍ ଅଫ୍ ଇୟର' ଅଫରରେ ଗ୍ରାହକଙ୍କୁ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦%, ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡଗୁଡ଼ିକ ଉପରେ ଫ୍ଲାଟ୍ ୨୦%, ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ଏବଂ ବ୍ରାଣ୍ଡେଡ୍ ଆଇଟମ୍ ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରାଯାଉଛି। ଏହି ଅଫର କେବଳ ୨୦୨୪ ଜାନୁୟାରୀ ୧ ପର୍ଯ୍ୟନ୍ତ ଉପଲବ୍ଧ। ଲାଲ୍‌ଚାନ୍ଦ୍‌ର ପ୍ରତ୍ୟେକ ଶୋ'ରୁମ୍‌ରେ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ ଉପରେ ୧୦୦% ସୁନା ମୂଲ୍ୟ ମିଳୁଥିବା ନେଇ ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ଏସ୍‌ବିଆଇ କାର୍ଡ ଉପଭୋକ୍ତା ପାଇଁ ଲାଲ୍‌ଚାନ୍ଦ୍‌ର ସମସ୍ତ ଷ୍ଟୋରରେ ୫% ଏକ୍ସଟ୍ରା କ୍ୟାଶ୍ ବ୍ୟାକ୍ ଅଫର ପ୍ରଦାନ କରାଯାଉଛି। ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ଗ୍ରାହକଙ୍କ ହିତ ଓ ସତ୍ୟତାକୁ ଅଗ୍ରାଧିକାର ଦେଇ ଦୀର୍ଘ ୩୫ବର୍ଷ ଧରି ମିଡିଆ ସଚେତନତା ଅଭିଯାନ ଚଳାଇ ଆସୁଛି। ସୁନାର ଗୁଣବତ୍ତା ସହ ଲାଲ୍‌ଚାନ୍ଦ୍ ଗ୍ରାହକଙ୍କୁ 'ଅପ୍-ଟୁ' ସ୍କାମ୍ ଏବଂ ସର୍ତ୍ତମୂଳକ କିମ୍ବା ବିଭ୍ରାନ୍ତି କର ଅଫରରୁ ଦୂରେଇ ରହିବା ନେଇ ସଚେତନ କରିଆସୁଛି। ଏଥିସହ ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରିକୁ ଚୟନ କରିବା ପାଇଁ ଗ୍ରାହକଙ୍କୁ ପରାମର୍ଶ ଦେଇ ଆସୁଛି। କେବଳ ସେତିକି ନୁହେଁ, ଭୁବନେଶ୍ୱରର ଗ୍ରାହକଙ୍କ ସୁବିଧା ପାଇଁ ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ର ପଛପାର୍ଶ୍ୱସ୍ଥ ନୂତନ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂ ସୁବ୍ୟବସ୍ଥା ସହ ସମ୍ମୁଖ ଦ୍ୱାର ନିକଟରେ ଭାଲେଟ ପାର୍କିଂର ବ୍ୟବସ୍ଥା ରହିଛି।

## ଖେଳ ଖବର

### ଓଜିପି, ନୀତା ଏକାଡେମୀ ବିଜୟୀ

**ଭୁବନେଶ୍ୱର, ୨୭।୧୨ (ତପନ ସ୍ୱାଇଁ):** ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲୁଏଲ୍)ର ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚରେ ଓଜିପି କ୍ଲବ ଓ ନୀତା ଫୁଟବଲ ଏକାଡେମୀ ବିଜୟ ହାସଲ କରିଛି। ଚୌଦ୍ୱାରସ୍ଥିତ ଓଟିଏମ୍ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଓଜିପି ୧-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଛି। ୟୁନିଟ-୧ ଫୁଟବଲ ଗ୍ରାଉଣ୍ଡରେ ଆୟୋଜିତ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୫-୨ ଗୋଲରେ କିଟ୍/କିସ୍‌କୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ସରୋଜିନୀ ତିର୍କୀ ୨, ୩୦ ଓ ୮୪ତମ ମିନିଟରେ ୨ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ପ୍ରଭାବୀ ବାର୍ଲା ୩ୟ ଓ ୪୯ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ବିପକ୍ଷ ଦଳର ସୀମାରାଣୀ ଦେହୁରୀ ୫୭ ଓ ୭୫ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ।

### ସାନୁ ସୁପର ଷ୍ଟ୍ରାଇକର୍ସ ଚାମ୍ପିୟନ

**ଗମ୍ଭାରୀମୁଣ୍ଡା,୨୭।୧୨(ଦିଲୀପ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ୍ ଅନ୍ତର୍ଗତ ପ୍ରତାପ ଗ୍ରାମରେ ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ପ୍ରତାପ ପ୍ରିମିୟର ଲିଗ୍(ପିପିଏଲ୍)ର ତୃତୀୟ ସଂସ୍କରଣ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି।

**ପ୍ରତାପ ପ୍ରିମିୟର ଲିଗ୍**

ଚଳିତ ବର୍ଷ ୪ ଫ୍ରାଞ୍ଚାଇଜ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲରେ ମାଇଟି ଲାୟନ୍ସକୁ ୨୪ ରନ୍‌ରେ ହରାଇ ସାନୁ ସୁପର ଷ୍ଟ୍ରାଇକର୍ସ ଚାମ୍ପିୟନ ହୋଇଛି। ସାନୁ ସୁପର ଷ୍ଟ୍ରାଇକର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୪୩ ରନ୍ କରିଥିଲା। ଦଳ ପକ୍ଷରୁ ରାମ ୪୦ ଓ ବୁନା ୪୨ ରନ୍ କରିଥିଲେ। ଜବାବରେ ମାଇଟି ଲାୟନ୍ସ ୧୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୯ ରନ କରିଥିଲା। ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଦଳାଇ, ଛବି ସାସ୍‌ମଲ, ପ୍ରକାଶ ପଟ୍ଟନାୟକ, ନୃସିଂହ ଚରଣ ସ୍ୱାଇଁ, ଦୁର୍ଯ୍ୟୋଧନ ସାହୁ, ଅଶ୍ୱିନୀ ବେହେରା ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ।

## ଦ୍ୱିତୀୟ ବିଜୟ ସହ ଶୀର୍ଷରେ ଜଗରନଟ୍ସ

**ଅଲ୍‌ଟିମେଟ୍ ଖୋ ଖୋ**

**ଭୁବନେଶ୍ୱର,୨୭।୧୨(ସରୋଜ ଜେନା)**



ବୁଧବାର ଓଡ଼ିଶା ଜଗରନଟ୍ସ ଓ ମୁମ୍ବାଇ ଖିଲାଡିଜ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

କଟକର ଜବାହର ଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ ଅପରାଜେୟ ଧାରା ବଜାୟ ରଖିଛି ଓଡ଼ିଶା ଜଗରନଟ୍ସ। ବୁଧବାର ଆରମ୍ଭରୁ ପଛୁଆ ରହିଥିବା ଜଗରନଟ୍ସ ଦୃଢ଼ ପ୍ରତ୍ୟାବର୍ତ୍ତନ ସହିତ ୩୧-୨୮ରେ ମୁମ୍ବାଇ ଖିଲାଡିଜ୍‌କୁ ପରାସ୍ତ କରିଛି। ୩ ମ୍ୟାଚ୍ ଖେଳିଥିବା ଓଡ଼ିଶା ୨ ବିଜୟ ହାସଲ କରିଥିବା ବେଳେ ଗୋଟିଏ ମ୍ୟାଚ୍ ଟାଇ ରହିଛି। ଦଳ ୮ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଛି। ଦିବସର ପ୍ରଥମ ମ୍ୟାଚ୍ ଜିତିବା ସହିତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି ତେଲୁଗୁ ଯୋଦ୍ଧାସ। ବୁଧବାର ଖେଳା ଯାଇଥିବା ମ୍ୟାଚ୍‌ରେ ଦଳ ୩୮-୨୮ ବ୍ୟବଧାନରେ ରାଜସ୍ଥାନ ୱାରିୟର୍ସକୁ ପରାସ୍ତ କରିଛି। ଯୋଦ୍ଧାସ୍ ପକ୍ଷରୁ ରାହୁଲ ମଣ୍ଡଳ ସର୍ବାଧିକ ୧୦ ପଏଣ୍ଟ ସ୍କୋର କରିଥିଲେ। ଡିଫେଣ୍ଡର ପ୍ରତୀକ ୱାଇକର ଓ ଆଦିତ୍ୟ ଗଣ ପୁଲେ ୩.୧୫ ମିନିଟ ମ୍ୟାଟ ଉପରେ ବିତାଇଥିଲେ। ଏହି ପରାଜୟ ସହିତ ରାଜସ୍ଥାନ ଲଗାତାର ୩ ମ୍ୟାଚରେ ହାରି ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଛି। ତେଲୁଗୁ ଯୋଦ୍ଧାସ ଏହାର ପରବର୍ତ୍ତୀ ମ୍ୟାଚ୍ ଟେବୁଲ ଟପ୍ପର ଗୁଜରାଟ ଜାଏଣ୍ଟ୍ସ ବିପକ୍ଷରେ ଖେଳିବ। ସେହିପରି ରାଜସ୍ଥାନ ଏହାର ପରବର୍ତ୍ତୀ ମ୍ୟାଚ୍ ଚେନ୍ନାଇ କ୍ୱିକ୍ ଗନ୍ସ ମଧ୍ୟରେ ଖେଳାଯିବ।

## ଓଡ଼ିଶା ଭିନ୍ନକ୍ଷମ କ୍ରୀଡ଼ାବିତ୍‌ଙ୍କ ପାରଦର୍ଶିତା ପ୍ରଦର୍ଶନ

**ଭୁବନେଶ୍ୱର, ୨୭।୧୨ (ତପନ ସ୍ୱାଇଁ)**

ପଶ୍ଚିମବଙ୍ଗର କାଲିମପଙ୍ଗ୍ ଜିଲା ଅନ୍ତର୍ଗତ ପାହାଡ଼ ଓ ଜଙ୍ଗଲ ଘେରା ଖରଖୋଲ ଗ୍ରାମରେ ଗତ ୧୮ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହିମାଲୟାନ ନେଚର ଆଣ୍ଡ ଆଡ୍‌ଭେଞ୍ଚର କ୍ୟାମ୍ପରେ ଓଡ଼ିଶାରୁ ଏକ ୧୧ ଜଣିଆ ଭିନ୍ନକ୍ଷମ ଦଳ ଭାଗ ନେଇ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି। ଏହି କ୍ୟାମ୍ପ୍‌ରେ ଓଏଲ୍‌ଏସ୍ ସଂସ୍ଥାର ଏବଂ ସ୍ୱତନ୍ତ୍ର ଅଲିମ୍ପିକ୍ ଓଡ଼ିଶାର ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସରିତା ରାଉତରାୟ, ସାଗରିକା, ଲକ୍ଷ୍ମୀପ୍ରିୟା ପାତ୍ର, ଶକ୍ତି ଶଙ୍କର, ନୀଳାଚଳ, ଦେବାଶିଷ, ଚୁମକି, ରାମଚନ୍ଦ୍ର ଗାଗରାଇ ପ୍ରମୁଖ ସ୍ୱତନ୍ତ୍ର ଶିକ୍ଷକ ଦୀପକ ବେହେରାଙ୍କ ନେତୃତ୍ୱରେ ଭାଗ ନେଇଥିଲେ। ଯତ୍ନ ଓ ସୁରକ୍ଷା ପ୍ରଦାନକାରୀ ବେବିନା ସେନାପତି ଓ ଥେରାପିଷ୍ଟ ଦିବ୍ୟାଭାରତୀ ମଧ୍ୟ ଦଳରେ ସାମିଲ ଥିଲେ। ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କର ସାମର୍ଥ୍ୟ ବୃଦ୍ଧି ଓ ପାରଦର୍ଶିତା ପ୍ରଦର୍ଶନ କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଇବା ଏହି କ୍ୟାମ୍ପର ଉଦ୍ଦେଶ୍ୟ ଥିଲା। ପରିବେଶକୁ ଚିହ୍ନିବା ଓ ତା'ର ସୁରକ୍ଷା କରିବା ଏହାର ଅନ୍ୟ ଏକ ଉଦ୍ଦେଶ୍ୟ। ଏହି କ୍ୟାମ୍ପରେ ଅଂଶଗ୍ରହଣକାରୀମାନେ ୱାଲ୍ କ୍ଲାଇମ୍ବିଂ, ରିଭର୍ କ୍ରସିଂ, କମାଣ୍ଡୋ ୱାକ୍ ଆଦି ବିପଦସଙ୍କୁଳ କାର୍ଯ୍ୟମାନ କରିଥିଲେ ଏବଂ ଜଙ୍ଗଲ ୱାକ୍ ବି କରିଥିଲେ। ଆୟୋଜକ ଅନୁଷ୍ଠାନର ମୁଖ୍ୟ ଶଙ୍କର ମଜୁମଦାର ଓଡ଼ିଶା ଦଳର ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଶା ଦଳର ଏହି କ୍ୟାମ୍ପରେ ଭାଗ ନେବାରେ କ୍ଲବ ଟାନଜେଣ୍ଟ-୮, ବିଆର୍‌ଏମ୍ ଆଶା ଓ ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଓଡ଼ିଶାର ଅବଦାନ ଗୁରୁତ୍ୱପୂର୍ଣ୍ଣ।




ଦୁଃସାହସିକ କ୍ରୀଡ଼ାରେ ପାରଦର୍ଶିତା ହାସଲ କରିଥିବା ଓଡ଼ିଶାର ଭିନ୍ନକ୍ଷମ କ୍ରୀଡ଼ାବିତ୍‌ଙ୍କୁ ସ୍ୱାଗତ କରାଯାଉଛି।

## ୧୨୪ ରନ ପଛରେ ପାକିସ୍ତାନ

**ମେଲବୋର୍ନ,୨୭।୧୨(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟର ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୧୨୪ ରନ ପଛରେ ରହିଛି ପାକିସ୍ତାନ। ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ୩୧୮ ରନରେ ସୀମିତ ରହିବା ପରେ ପାକିସ୍ତାନ ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ଉଇକେଟ ହରାଇ ୧୯୪ ରନ ସଂଗ୍ରହ କରିଛି। ଦ୍ୱିତୀୟ ଦିନର ଖେଳରେ ସମୁଦାୟ ୧୩ ଉଇକେଟର ପତନ ଘଟିଛି।

ପ୍ରଥମ ଦିନର ସ୍କୋର ୧୮୭/୩ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ୩୧୮ ରନରେ ସମସ୍ତ ଉଇକେଟ ହରାଇଥିଲା। ଦଳୀୟ ସ୍କୋର ୨୦୪ରେ ଦିନର ପ୍ରଥମ ଖେଳାଳି ଭାବରେ ଟ୍ରାଭିସ୍ ହେଡ୍(୧୭) ପ୍ୟାଭିଲିୟନ୍ ଫେରିଥିଲେ। ଟପ୍ ସ୍କୋରର ରହିଥିବା ମାର୍ନସ୍ ଲାବୁଶେନ୍(୬୩)ଙ୍କୁ ଆଉଟ କରିଥିଲେ ଆମିର ଜମାଲ। ୧୫୫ ବଲ୍ ଖେଳି ସେ ୫ ଚୌକା ମାରିଥିଲେ। ଶେଷ ଆଡକୁ ଆଲେକ୍ସ କେରୀ(୪), ମିଚେଲ ଷ୍ଟାର୍କ(୯) ଓ ନାଥାନ ଲିୟନ(୮) ସହଜରେ ଆଉଟ ହୋଇଥିଲେ। ତେବେ ନିମ୍ନ ମଧ୍ୟକ୍ରମରେ ମିଚେଲ ମାର୍ଶ ୪୧ ରନ୍‌ର ଉପଯୋଗୀ ଇନିଂସ ଖେଳିବାରୁ ଅଷ୍ଟ୍ରେଲିଆ ୩୦୦ ରନ ପାର କରିବାରେ ସମର୍ଥ ହୋଇଥିଲା। ପାକିସ୍ତାନ ପକ୍ଷରୁ ଆମିର ଜମାଲ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାହିନ ଆଫ୍ରିଦି, ମୀର ହାମଜା ଓ ହସନ ଅଲୀ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ପାକିସ୍ତାନ ଇନିଂସ ଆରମ୍ଭ କରି ଦଳୀୟ ସ୍କୋର ୩୪ରେ ଇମାମ ଉଲ ହକ୍(୧୦)ଙ୍କ ଉଇକେଟ ହରାଇଥିଲା। ତେବେ ଅବଦୁଲ୍ଲା ଶଫିକ୍(୬୨) ଓ ଶାନ୍ ମାସୁଦ୍(୫୪) ଦ୍ୱିତୀୟ ଉଇକେଟରେ ୯୦ ରନ୍ ଯୋଡ଼ିଥିଲେ। ଶଫିକ୍ ୧୦୯ ବଲ୍ ଖେଳି ୫ ଚୌକା ମାରିଥିବା ବେଳେ ମାସୁଦ୍ ୭୬ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ପ୍ୟାଟ୍ କୁମିନ୍ସ ଚମତ୍କାର ବୋଲିଂ କରିଥିଲେ। ଶଫିକ୍(୫୪), ବାବର ଆଜମ୍(୧) ଓ ଆଘା ସଲମାନ୍(୫)ଙ୍କୁ ଆଉଟ କରି ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ କୁମିନ୍ସ। ଅନ୍ୟମାନଙ୍କ ମଧ୍ୟରେ ଭେଟେରାନ୍ ନାଥାନ ଲିୟନ ୨ ଓ ଜୋଶ ହେଜେଲଉଡ ଗୋଟିଏ ଉଇକେଟ ନେଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ମହମ୍ମଦ ରିଜୱାନ(୨୯) ଓ ଆମିର ଜମାଲ(୫) ରନ୍‌ରେ ବ୍ୟାଟିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୩୧୮/୧୦ (ମାର୍ନସ୍ ଲାବୁଶେନ୍-୬୩, ଉସମାନ୍ ଖ୍ୱାଜା-୪୨, ମିଚେଲ ମାର୍ଶ-୪୧, ଆମିର ଜମାଲ-୩/୬୪, ମୀର ହମଜା-୨/୫୧, ହସନ ଅଲୀ-୨/୬୧, ଶାହିନ ଆଫ୍ରିଦି-୨/୮୫)। ପାକିସ୍ତାନ ପ୍ରଥମ ଇନିଂସ ୧୯୪/୬ (ଅବଦୁଲ୍ଲା ଶଫିକ୍-୬୨, ଶାନ୍ ମାସୁଦ୍-୫୪, ମହମ୍ମଦ ରିଜୱାନ-୨୯*, ପ୍ୟାଟ୍ କୁମିନ୍ସ-୩/୩୭, ନାଥନ ଲିୟନ-୨/୪୮, ଜୋଶ ହେଜେଲଉଡ୍-୧/୨୯)।



ଉଇକେଟ ନେବା ପରେ ନାଥନ ଲିୟନ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଆଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଆ ବିରୋଧୀ ମନ୍ତବ୍ୟ ଦେଇ ବିବାଦରେ ବିଧାୟକ

## ନିନ୍ଦା କଲା ବିଜେଡି

ଉଦଳା,୨୭।୧୨(ସନ୍ତୋଷ କୁମାର ବାଛିନୀ)

ଓଡ଼ିଆ ବିରୋଧୀ ମନ୍ତବ୍ୟ ଦେଇ ବିବାଦରେ ଫସିଛନ୍ତି ମୟୂରଭଞ୍ଜ ଜିଲା ଉଦଳା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ଭାସ୍କର ମଢ଼େଇ। ବାଥୁଡ଼ି ସମାଜ ପକ୍ଷରୁ ଆୟୋଜିତ ଏକ ବୈଠକରେ ଭାଷଣ ଦେବା ସମୟରେ ବିଧାୟକ ମଢ଼େଇ ଓଡ଼ିଆଙ୍କୁ ତାଚ୍ଛଲ୍ୟ କରିଥିବା ଅଭିଯୋଗ ହୋଇଛି। ବାଥୁଡ଼ି ସମ୍ପ୍ରଦାୟ ଲୋକଙ୍କୁ ଓଡ଼ିଆମାନେ ନିଶାଗ୍ରସ୍ତ କରାଇଛନ୍ତି, 'ଗାଁ ଭାଙ୍ଗେ ବୁଢ଼ିଆ, ଗାଁ ଭାଙ୍ଗେ ଓଡ଼ିଆ' ଭଳି ଢଗ କହିବା ସହ ଓଡ଼ିଆମାନେ ବାଥୁଡ଼ି ସମାଜକୁ ଭାଗ ଭାଗ କରିଛନ୍ତି, ତେଣୁ ସମସ୍ତଙ୍କୁ ସେ ହୁସିଆର ରହିବାକୁ ମଧ୍ୟ କହିଛନ୍ତି। ନିଜ ଭାଷଣରେ ସେ ବାରମ୍ବାର ଓଡ଼ିଆମାନଙ୍କୁ ବାଥୁଡ଼ି ସମାଜ ବିରୋଧୀ ବୋଲି କହିଛନ୍ତି, ଯାହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ବିଧାୟକଙ୍କର ଏଭଳି ଓଡ଼ିଆ ବିରୋଧୀ ମନ୍ତବ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଏ ସଂକ୍ରାନ୍ତରେ ବିଧାୟକ ମଢ଼େଇଙ୍କୁ ପଚାରିବାରୁ ମୁଁ ସେପରି କିଛି ଓଡ଼ିଆ ବିରୋଧୀ କଥା କହିନାହିଁ, ଗଣମାଧ୍ୟମ ଜାଣିଶୁଣି ତାଙ୍କୁ ବିବାଦକୁ ଟାଣୁଥିବା କହିଛନ୍ତି। ଅନ୍ୟପକ୍ଷରେ ବିଜୁ ମହିଳା ଜନତା ଦଳ ମୟୂରଭଞ୍ଜ-୧ର ଜିଲା କାର୍ଯ୍ୟକାରିଣୀ ସଭାପତି ସବିତା ହାଁସଦା ଏହି ଘଟଣାକୁ ନିନ୍ଦା କରି ଜଣେ ବିଧାୟକ ଏଭଳି ମନ୍ତବ୍ୟ ଦେବା ଶୋଭନୀୟ ନୁହେଁ ବୋଲି କହିଛନ୍ତି। ଉଦଳାର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ କହିଛନ୍ତି, ବିଧାୟକଙ୍କ ମନ୍ତବ୍ୟ ଆଦୌ ସମୀଚୀନ ନୁହେଁ। ଆଗାମୀ ଦିନରେ ଏଭଳି ମନ୍ତବ୍ୟ ଦେବାରୁ ସେ କ୍ଷାନ୍ତ ରହିବା ଉଚିତ। ଆଇନଜୀବୀ ରବୀନ ପଟ୍ଟନାୟକ ଏବଂ ବିଶ୍ୱରଞ୍ଜନ ମଲ୍ଲୁଆଳ ବିଧାୟକଙ୍କ ଏଭଳି ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।


ଭାସ୍କର ମଢ଼େଇ

# ଭାଜପାର ଗୋଷ୍ଠୀ ବିବାଦ ବିଜେଡିକୁ ସୁହାଉଛି

ରସୁଲପୁର,୨୭।୧୨(ରଞ୍ଜିତ ରାଉତ)





## ଧର୍ମଶାଳା



ଯାଜପୁର ଜିଲାରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ସବୁବେଳେ ଚର୍ଚ୍ଚାରେ ରହିଥାଏ। ବିଶେଷକରି ନିର୍ବାଚନ ପାଖେଇ ଆସିଲେ ଦଳୀୟ ଟିକେଟ ହେଉ ଅବା ଧର୍ମଶାଳାରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍, ପାହାଡ଼ ଲିଜ୍, ବେଆଇନ ଶିଳ୍ପ, କ୍ରଶର ଆଦି ଘଟଣାକୁ ନେଇ ରାଜନୀତି ସରଗରମ ହୋଇଉଠେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏଠାରେ ଶାସକ ବିଜେଡିର ପ୍ରମୁଖ ବିରୋଧୀ କୁହାଯାଉଥିବା ଭାଜପାକୁ ନେଇ ଧର୍ମଶାଳା ରାଜନୀତି ସରଗରମ ହୋଇଉଠିଛି।

ଚଳିତମାସ ୧୪ ତାରିଖରୁ ଯୁବନେତା ହିମାଂଶୁ ଶେଖର ସାହୁ (ଲିକୁ) ବିଜେଡି ଛାଡ଼ି ଭାଜପାରେ ସାମିଲହେବା ଦିନଠାରୁ ଏହି ନିର୍ବାଚନମଣ୍ଡଳୀ ରାଜନୀତିରେ ପ୍ରତ୍ୟେକ ଦିନ ଭିନ୍ନଭିନ୍ନ ଘଟଣା ସାମ୍ନାକୁ ଆସୁଛି। ଡିସେମ୍ବର ୧୮ରେ ଭାଜପା ପକ୍ଷରୁ ବ୍ଲକ ଘେରାଉ ସମୟରେ ମଞ୍ଚରେ ଲାଗିଥିବା ବ୍ୟାନର ଚିରିବା ଘଟଣାକୁ ନେଇ ଦଳରେ ଗୋଷ୍ଠୀ ବିବାଦ ରହିଥିବା ସ୍ପଷ୍ଟ ହୋଇଥିଲା। ଏହି ଘଟଣାକୁ ଦିନ କେଇଟା ନ ପୂରୁଣୁ ଡିସେମ୍ବର ୨୫ରେ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳନ ବେଳେ ଦଳରେ ଥିବା ଫାଟ ପଦାରେ ପଡ଼ିଯାଇଛି। ଏହି ନିର୍ବାଚନମଣ୍ଡଳୀରେ ଦଳୀୟ ନେତାମାନେ ସମାନ୍ତରାଳ ସଭା ଆୟୋଜନକରି ଦଳର ବିବାଦକୁ ଆହୁରି ବଢ଼ାଇ ଦେଇଛନ୍ତି।

ଏହି ନିର୍ବାଚନମଣ୍ଡଳୀରେ ହୋଇଥିବା ସମାନ୍ତରାଳ ସଭା ମଧ୍ୟରୁ ଗୋଟିଏ ରସୁଲପୁର ବ୍ଲକ ଅଧୀନ ଓଡ଼ିଶୋ ପଞ୍ଚାୟତରେ ଭାଜପା ନେତ୍ରୀ ସ୍ମୃତିରେଖା ପହି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳଙ୍କ ଭଳି ରାଜ୍ୟସ୍ତରୀୟ ନେତାଙ୍କୁ ନେଇ ସୁଶାସନ ଦିବସ ପାଳନ କରିଥିବାବେଳେ ଯୁବନେତା ହିମାଂଶୁ ଧର୍ମଶାଳା ବ୍ଲକ ଅଧୀନ ଗୋକର୍ଣ୍ଣେଶ୍ୱର ପୀଠରେ ଜିଲା ଓ ବ୍ଲକସ୍ତରୀୟ ନେତାଙ୍କୁ ନେଇ ସଭା ଆୟୋଜନ ଆଳରେ ତାଙ୍କର ଶକ୍ତି ପ୍ରଦର୍ଶନ କରିଥିଲେ। ଦଳ ଭିତରେ ଥିବା ବିରୋଧୀଙ୍କ ସମାନ୍ତରାଳ ବୈଠକ, ଆରୋପ ପ୍ରତ୍ୟାରୋପ ଦଳ ପାଇଁ ଶୁଭଙ୍କର ନୁହେଁ ବୋଲି ଜୋର ଚର୍ଚ୍ଚା ହେଉଛି। ବିରୋଧୀଙ୍କ ଭିତରେ ରହୁଥିବା ଦ୍ୱନ୍ଦ୍ୱ ଧର୍ମଶାଳାରେ ବିଜେଡି ପାଇଁ ସୁବିଧା ସ୍ଥିତି ସୃଷ୍ଟି କରୁଛି ବୋଲି କୁହାଯାଉଛି। ଏଠାରେ ଘଟୁଥିବା ଘଟଣାବଳୀ ସମ୍ପର୍କରେ ରାଜ୍ୟସ୍ତରୀୟ ନେତୃବର୍ଗ ଅବଗତ ଥାଇ ନୀରବ ରହିବା ଅନେକଙ୍କୁ ଚକିତ କରୁଛି। ସମ୍ଭବତଃ ସେମାନେ ଦଳର ଦୁଇ ନେତାଙ୍କ ପାରିବାପଣିଆକୁ ପରଖିବା ସହ ଦଳୀୟ ଶୃଙ୍ଖଳାକୁ ଅନୁପାଳନ କରି ଦଳର କେଉଁ ନେତା ସଂଗଠନକୁ ମଜଭୁତ କରୁଛନ୍ତି ତାହାକୁ ପରଖୁଛନ୍ତି।

ପ୍ରକାଶଥାଉ କି, ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଜେଡି ଶାସନର ୨୪ବର୍ଷକୁ ମିଶାଇ ଏଠିକାର ଭୋଟର ଗୋଟିଏ ପରିବାର ଉପରେ ୩୦ବର୍ଷ ହେଲାଣି ଆସ୍ଥା, ବିଶ୍ୱାସ ଓ ଭରସା ଜୁଟାଇ ଆସିଛନ୍ତି। ଏଠାରେ ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ, ମାଫିଆଙ୍କ ଦ୍ୱାରା ପାହାଡ଼ ଓ ବାଲି ଲୁଟ୍, ରାମ୍‌କୋ କମ୍ପାନୀର ମନମାନି, ଜଙ୍ଗଲ ଓ ପାହାଡ଼ ଜମି ଜବରଦଖଲ ଭଳି ବହୁ ଘଟଣା ରହିଛି; ଯାହାକୁ ବିରୋଧୀ ପ୍ରସଙ୍ଗ କରିବାରେ ବିଫଳ ହୋଇଛନ୍ତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ଦେଉଛନ୍ତି । ପ୍ରତ୍ୟେକଥର ନିର୍ବାଚନରେ ବିଜେଡିର ଭୋଟ ହାର ବଢ଼ିବା ଭାଜପାର ସାଙ୍ଗଠନିକ ସ୍ଥିତି ଦୁର୍ବଳରୁ ଘଟୁଛି ବୋଲି କୁହାଯାଉଛି। ଏଠାରେ ବିରୋଧୀ କଂଗ୍ରେସର ଭୂମିକା ନଗଣ୍ୟ ହୋଇଥିବାବେଳେ ଭାଜପା ପ୍ରମୁଖ ବିରୋଧୀ ଦଳ ଭାବେ କାର୍ଯ୍ୟନିର୍ବାହ କରିପାରୁ ନ ଥିବା ଦେଖାଯାଉଛି। ବିରୋଧୀ ଶିବିରରେ ଟଣାଓଟରା ଓ ଗୋଷ୍ଠୀ ବିବାଦ ଆଗକୁ ଲାଗି ରହିଲେ, ବିଜେଡିକୁ ତାହା ପୁଣି ସୁହାଇବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ରଖିଛନ୍ତି।

# ବିଜୁ ଯୁବ,ଛାତ୍ର ଜନତା ଦଳ କର୍ମକର୍ତ୍ତା ନିଯୁକ୍ତ

ଭୁବନେଶ୍ୱର,୨୭।୧୨(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଯୁବ ଓ ଛାତ୍ର ଜନତା ଦଳର ୩ ଜଣ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦେଇଛନ୍ତି। ବିଜେଡି ପକ୍ଷରୁ ଏ ନେଇ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଜୟନ୍ତ କୁମାର ମହାନ୍ତିଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି, ପ୍ରଣୟ କୁମାର ଜେନାଙ୍କୁ ସାଧାରଣ ସମ୍ପାଦକ ଏବଂ ସୌମ୍ୟ ରଞ୍ଜନ ସାହୁଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

# ବିଜେଡିରେ ମିଶିଲେ ଅନ୍ୟଦଳର କର୍ମୀ

ପାଟଣା,୨୭।୧୨(ବୀର କିଶୋରଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ପକ୍ଷରୁ ସାହାରପଡ଼ା ବ୍ଲକ୍ ବଡ଼ବିଲ ପଡ଼ିଆରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅନ୍ୟ ଦଳରୁ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପାଟଣା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଡ. ହରିଶ ଚୌଧୁରୀ ଯୋଗଦେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦୁଝର କେସିସି ବ୍ୟାଙ୍କ ସଭାପତି କାନନ ବିହାରୀ ପୋହି, ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ରିନା ନାଏକ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ଭଞ୍ଜଦେଓ, କିରଣବାଳା ସିଂ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମିତ୍ରଭାନୁ ମହାନ୍ତ ସଂଯୋଜନା, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ୫୬ ପଞ୍ଚାୟତର ବହୁ ବିଜେଡି ନେତା ଓ କର୍ମୀ ସାମିଲ ହୋଇଥିଲେ।

## ଧାମନଗରରେ ନାଁ ନ ନେଇ ଧର୍ମେନ୍ଦ୍ରଙ୍କୁ ଟାର୍ଗେଟ୍ କଲେ ପାଣ୍ଡିଆନ

# ଉପନିର୍ବାଚନ ଜିତିଲେ, ବିଶ୍ୱାସ ହରାଇଲେ

ଭୁବନେଶ୍ୱର,୨୭।୧୨(ଅନିଲ ଦାସ)

ବରିଷ୍ଠ ବିଜେଡି ନେତା ତଥା ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଭଦ୍ରକ ଜିଲା ଗସ୍ତ ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପରୋକ୍ଷରେ ଟାର୍ଗେଟ କରିଛନ୍ତି। ଧାମନଗର ନିର୍ବାଚନମଣ୍ଡଳୀର ଅସୁରାଳିଠାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ୫-ଟି ଅଧ୍ୟକ୍ଷ କହିଛନ୍ତି ଯେ ୧୧ ମାସ ତଳେ ଧାମନଗର ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଭାଜପା ପ୍ରାର୍ଥୀଙ୍କ ପ୍ରଚାରର ଯିଏ ମଙ୍ଗ ଧରିଥିଲେ ସେ ପ୍ରଚାର ସମୟରେ ପାଞ୍ଚ ପାଞ୍ଚ ଥର ଧାମନଗର ଆସି ଶହଶହ ପ୍ରତିଶ୍ରୁତି ଦେଇଥିଲେ । ନିର୍ବାଚନ ଶେଷ ହେଲା ଓ ତାଙ୍କ ପ୍ରାର୍ଥୀ ଜିତିଲେ । ତା'ପରଠୁ ପ୍ରଚାରର ମଙ୍ଗ ଧରିଥିବା ଏହି ନେତାଙ୍କ ଦେଖାଦର୍ଶନ ନାହିଁ । ଏମିତି କି ଧନ୍ୟବାଦ ଦେବାକୁ ମଧ୍ୟ ଥରୁଟିଏ ଧାମନଗର ଆସିନାହାନ୍ତି । ନିର୍ବାଚନ ପ୍ରଚାର ବେଳେ ଭାଜପାର ଏହି ତୁଙ୍ଗନେତା କହିଥିଲେ, ତାଙ୍କ ପ୍ରାର୍ଥୀ ଜିତିଲେ ସେ ଧାମନଗରର ରୂପରେଖ ବଦଳାଇ ଦେବେ । ଧାମନଗର ଭିନ୍ନ ଏକ ନିର୍ବାଚନମଣ୍ଡଳୀ ପାଲଟିଯିବ। ହେଲେ ସେ ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପାଣ୍ଡିଆନ ପ୍ରଶ୍ନ କରିଛନ୍ତି । ଏଥିରୁ ଭୋଟ ରାଜନୀତି କରୁଥିବା ଏହି ନେତାଙ୍କ ପ୍ରକୃତ ଚେହେରା ସ୍ପଷ୍ଟ ହୋଇଯାଇଛି। ଗତ ୧୦ ମାସ ଭିତରେ ସେ ଦିଲ୍ଲୀରୁ ଓଡ଼ିଶାକୁ ୧୦୦ଥର ଆସିଥିବେ। କିନ୍ତୁ ଧାମନଗରକୁ ଥରୁଟିଏ ବି ମନେପକାଇଲେ ନାହିଁ କେମିତି। ଏହି ନେତାମାନଙ୍କ ଚରିତ୍ର ହେଲା ଭୋଟ ସରିଲା ପରେ ଭୁଲିଯିବା । ଉପନିର୍ବାଚନରେ ତାଙ୍କ ପ୍ରାର୍ଥୀ ଜିତିଲା ସତ, କିନ୍ତୁ ବର୍ଷେ ଭିତରେ ଧାମନଗରବାସୀ ତାଙ୍କ ଉପରୁ ବିଶ୍ୱାସ ହରାଇଲେ ବୋଲି ପାଣ୍ଡିଆନ କହିଛନ୍ତି । ଏବେ ଧାମନଗରରେ ଅନ୍ୟ ଦଳର ବିଧାୟକ ଅଛନ୍ତି । ସେଥିପାଇଁ ଧାମନଗର ନ ଯିବା ଲାଗି ତାଙ୍କୁ କିଛି ଲୋକ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଖୋଦ୍ ମୁଖ୍ୟମନ୍ତ୍ରୀ ଧାମନଗର ଯାଇ ସେଠାକାର ଉନ୍ନତି ଲାଗି ଯାହା ଆବଶ୍ୟକ ତାହା କରିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦେଇଥିବା ପାଣ୍ଡିଆନ କହିଛନ୍ତି। କାରଣ ମୁଖ୍ୟମନ୍ତ୍ରୀ ସେବା ମନୋବୃତ୍ତି ନେଇ ରାଜନୀତି କରନ୍ତି । ସାଢ଼େ ୪ କୋଟି ଓଡ଼ିଆ ହେଉଛନ୍ତି ତାଙ୍କ ପରିବାର । ଗରିବ ମୁହଁରେ ହସ ଫୁଟାଇବା ହେଉଛି ତାଙ୍କ ଲକ୍ଷ୍ୟ ବୋଲି ପାଣ୍ଡିଆନ କହିଛନ୍ତି ।

## Classified Everyday
0674-2580101, 2549949







**SALE**

ପାହାଳ **Utkal Iconic** ନିକଟରୁ **500mtr.** ଦୂରତାରେ **yellowzone gharabari plot** ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବ। **6370469894.** D-75286

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16**ରୁ **1K.M.** ଏବଂ **Sum-2 Hospital**ରୁ **2K.M.** ମଧ୍ୟରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। **9658562429.** D-75287

Ready to Move New (1BHK-Rs.11,00,000/-) and (2BHK-Rs.22,00,000/-) flats for sales at Sundarpada, Bhubaneswar. Contract: 7008346486. D-75509




3bedroom drawing cum dining, 2 washroom, one kitchen ground floor, in BJB nagar near Radha Krishna Tample Bhubaneswar on rent, no space for 4wheeler. Mob.-9439012691, 9778037682. D-2111

New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

Newly open Jyoti Spa positively health benefits (Expert Therapist). 8458067955. D-75179

Spa Kerala body Massage best Therapist @ 699/- Bhubaneswar. Kajal- 9337672475. D-2097

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75083

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Relax, refresh your body, mind by expert therapist. Contact: 8338800330. D-75181



D-75086

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# 'ଭାରତ ନ୍ୟାୟ ଯାତ୍ରା'ରେ ଓଡ଼ିଶା ଆସିବେ ରାହୁଲ

ଭୁବନେଶ୍ୱର, ୨୭।୧୨(ସୁନିତ୍ ମିଶ୍ର)

## ସିଏ ଆସିଲେ ଅଲଗା ଦଳର ଭୋଟ୍ ବଢିଥାଏ: ଭାଜପା

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା 'ଭାରତ ନ୍ୟାୟ ଯାତ୍ରା' ଦେଶର ୧୪ଟି ରାଜ୍ୟ ଯଥା: ମଣିପୁର, ନାଗାଲାଣ୍ଡ, ଆସାମ, ମେଘାଳୟ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ଛତିଶଗଡ଼, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଗୁଜରାଟ ମଧ୍ୟ ଦେଇ ମହାରାଷ୍ଟ୍ରରେ ପହଞ୍ଚିବ। ଏହି ଭାରତ ନ୍ୟାୟ ଯାତ୍ରା ୧୪ ରାଜ୍ୟର ୮୫ ଜିଲା ଦେଇ ୬୨୦୦ କିମି ଅତିକ୍ରମ କରିବ। ଯାତ୍ରା କେତେକ ସ୍ଥାନରେ ବସ ଏବଂ ଆଉ କେତେକ ସ୍ଥାନରେ ପଦଯାତ୍ରା ଯୋଗେ ହେବ। ଏହି ଯାତ୍ରା ଆସନ୍ତା ଜାନୁଆରୀ ୧୪ରେ ମଣିପୁର ରାଜଧାନୀ ଇମ୍ଫାଲରୁ ଆରମ୍ଭ ହେବ। ଏହି ଯାତ୍ରା ଓଡ଼ିଶା ଦେଇ ଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବାରୁ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରମୁଖ ଏହି ଯାତ୍ରାରେ ସାମିଲ ହେବେ। ତେଣୁ ଏହି ଯାତ୍ରାରେ ସାମିଲ ହେବା ପାଇଁ ଓଡ଼ିଶାର ଲକ୍ଷ ଲକ୍ଷ କଂଗ୍ରେସ କର୍ମୀ, ଶୁଭେଚ୍ଛୁ ଏବଂ କଂଗ୍ରେସ ନେତୃବର୍ଗ, ବୁଦ୍ଧିଜୀବୀ ତଥା ସାଧାରଣ ଜନତା ଉତ୍ସାହ ପ୍ରକଟ କରିଥିବା ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଅନ୍ୟପଟେ ଓଡ଼ିଶାରେ କଂଗ୍ରେସର 'ନ୍ୟାୟ ଯାତ୍ରା'କରାଗଲେ କିଛି ପ୍ରଭାବ ପଡିବ ନାହିଁ ବୋଲି ଭାଜପା ମତ ରଖିଛି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯୁଆଡେ ଯିବେ ସେଠାରେ ଓଲଟା ପ୍ରଭାବ ପଡିବ। ସେ ଯୁଆଡେ ଯିବେ ସେଠାରେ କଂଗ୍ରେସର ନୁହେଁ ବରଂ ଅନ୍ୟ ଦଳର ଭୋଟ୍ ବଢିଥାଏ। ରାହୁଲ ଗାନ୍ଧୀ ଆସିଲେ କ'ଣ ହେଇଯିବ। ଲୋକମାନଙ୍କୁ କିଛି ଏଣ୍ଟରଟେନମେଣ୍ଟ ସୋର୍ସ ମିଳିଯିବ। ତାଙ୍କ ଆସିବା ଦ୍ୱାରା କିଛି ହେବାର ନାହିଁ। ସିଏ କ'ଣ କୁହନ୍ତି ନିଜେ ବି ଜାଣନ୍ତି ନାହିଁ। ମଜାଦାର ଲୋକଙ୍କ ଏଣ୍ଟରଟେନମେଣ୍ଟ ପାଇଁ ରାହୁଲଙ୍କ ଭାଷଣ ବହୁତ ଭଲ ବୋଲି ଜୟନାରାୟଣ କହିଛନ୍ତି।

# ଭିଡିଓ ଜରିଆରେ ସଫଳତା ବାର୍ତ୍ତା ପହଞ୍ଚାଇବାକୁ ଯୋଜନା


କାର୍ଯ୍ୟକ୍ରମରେ ସାମିଲ ଭାଜପା ନେତୃବୃନ୍ଦ।

ସମ୍ବଲପୁର,୨୭।୧୨
(ଭବାନୀ ଶଙ୍କର ଭୋଇ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଁ ଭାଜପା ପାଇଁ ବଡ ଭରସା। ଓଡ଼ିଶାରେ ମଧ୍ୟ ମୋଦିଙ୍କୁ ଚେହେରା କରି ଭାଜପା ଆଗାମୀ ନିର୍ବାଚନ ଲଢିବାକୁ ଯୋଜନା କରିଛି। ଏହି କ୍ରମରେ ଦଳ ପକ୍ଷରୁ ପୁଣି ଆସିବେ ମୋଦି ଗୀତ ଜରିଆରେ ଲୋକଙ୍କୁ ଆକର୍ଷିତ କରିବା ପାଇଁ ବୁଧବାର ସମ୍ବଲପୁର ସାଂସ୍କୃତିକ ସମାଜ ଭବନରେ ଏକ ଭିଡିଓ ରିଲିଜ କରାଯାଇଛି। ଏହି ଭିଡିଓ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରରେ ବିଗତ ସାଢେ ନଅବର୍ଷରେ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ ବୋଲି ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାୟକ କହିଛନ୍ତି। ପ୍ରଧାନମନ୍ତ୍ରୀ ବିକଶିତ ଭାରତ ପାଇଁ ଅମୃତ କାଳର ଚାରିଟି ଅମୃତ ସ୍ତମ୍ଭ ମଧ୍ୟରୁ ଆଗରେ ଭାରତର ନାରୀ ଶକ୍ତିକୁ ରଖିଥିବା ବେଳେ ଏଥିରେ ଯୁବ ଶକ୍ତି, କୃଷି ଶକ୍ତି ଏବଂ ଗରିବ ଶକ୍ତି କଥା କହିଛନ୍ତି । ମୋଦି ସରକାରରେ ଗାଁରେ ରହୁଥିବା ଝିଅମାନଙ୍କୁ ଡ୍ରୋନ ଉଡ଼ାଇବା ପାଇଁ ପ୍ରଶିକ୍ଷଣ ଦେବା ପରେ ନମୋ ଡ୍ରୋନ୍ ଦିଦିର ପରିଚୟପତ୍ର ଦେଇ ସ୍ୱାବଲମ୍ବୀ କରିବାକୁ ଯୋଜନା କରୁଥିବା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ବିକାଶ ପାଇଁ ସର୍ବଦା ପ୍ରୟାସ ଜାରି ରଖିଥିବା ଏବଂ ଓଡ଼ିଆଙ୍କ ପ୍ରତି ଥିବା ତାଙ୍କର ଭଲ ପାଇବା ନେଇ ଦଳ ପକ୍ଷରୁ ଆଗାମୀ ନିର୍ବାଚନ ପାଇଁ 'ଭାଇ ଆମ ଧର୍ମେନ୍ଦ୍ର ପ୍ରଧାନ' ନିର୍ବାଚନୀ ପ୍ରଚାର ଗୀତକୁ ମଧ୍ୟ କାର୍ଯ୍ୟକ୍ରମରେ ଉନ୍ମୋଚନ କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମରୁ ଦେଶରେ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ସହ ରାଜ୍ୟରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭାଜପା ଚେହେରା କରିବାକୁ ପରୋକ୍ଷରେ ଚେଷ୍ଟା କରୁଥିବା ନେଇ ଖବରଦାତାଙ୍କ ପ୍ରଶ୍ନରେ ରାଜ୍ୟ ଉପସଭାପତି ନାଉରୀ ନାୟକ କେନ୍ଦ୍ର ସଂସଦୀୟ କମିଟି ସେ ନିଷ୍ପତ୍ତି ନେବ ବୋଲି କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଗିରିଷ ପଟେଲ, ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରା, କ୍ଷେତ୍ରୀୟ ଗଣମାଧ୍ୟମ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଓ ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡଙ୍ଗୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

## ଗଞ୍ଜାମର ୬ ପୂର୍ବତନ ବିଧାୟକଙ୍କ ଅଭିଯୋଗ

# ବିଜେଡିରେ କାମ କରିବାକୁ ସୁଯୋଗ ମିଳୁନି

ବ୍ରହ୍ମପୁର,୨୭।୧୨(ନରସିଂହ ସାହୁ)

ସାଧାରଣ ନିର୍ବାଚନ ନିକଟତର ହେଉଛି। ଏଭଳି ସମୟରେ ଦୀର୍ଘବର୍ଷରୁ ଦଳ ବଦଳ କରି ବିଜେଡିରେ ମିଶିଥିବା ଗଞ୍ଜାମ ଜିଲାର ୫ ପୂର୍ବତନ ବିଧାୟକ ଓ ଜଣେ ପୂର୍ବତନ ବିଜେଡି ବିଧାୟକ ବୁଧବାର ବ୍ରହ୍ମପୁରରେ ଏକାଠି ହୋଇ ଶାସକ ଦଳର ଜିଲା ସଙ୍ଗଠନ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କୁ ଦଳରେ ଅଣଦେଖା କରାଯାଉଥିବା ଅଭିଯୋଗ କରିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୁ ନେବା ପାଇଁ ମିଳିତ ଦସ୍ତଖତରେ ଚିଠି ପଠାଇଛନ୍ତି। ଏହାର ନକଲ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ଦଳର ସାଙ୍ଗଠନିକ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପାଖକୁ ମଧ୍ୟ ପଠାଇଛନ୍ତି। ଜିଲାରେ ବିଜେଡିକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ସେମାନଙ୍କୁ ସଙ୍ଗଠନରେ କାମ କରିବାକୁ ସୁଯୋଗ ଦେବା ନିମନ୍ତେ ନିବେଦନ କରିଥିବା ୬ ପୂର୍ବତନ ବିଧାୟକ ସୂଚନା ଦେଇଛନ୍ତି।

ସ୍ଥାନୀୟ ଏକ ଡ଼ାକ ବଙ୍ଗଳାରେ ହୋଇଥିବା ବୈଠକରେ ପୂର୍ବତନ ବିଧାୟକ ଉଦୟନାଥ ନାୟକ, ଶିବ ଶଙ୍କର ସାହାଣୀ, ଅଶୋକ କୁମାର ଚୌଧୁରୀ, ସୀମାଞ୍ଚଳ ବେହେରା, ହରିହର ସାହୁ ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଏକାଠି ହୋଇଥିଲେ। ଉଦୟ ନାୟକ ୨୦୦୦ ଓ ୨୦୦୪ ନିର୍ବାଚନରେ ହିଞ୍ଜିଳି ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ନବୀନଙ୍କ ସହ ଲଢ଼ି ପରାସ୍ତ ହୋଇଥିଲେ। ୨୦୦୯ ନିର୍ବାଚନ ବେଳେ ସେ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଇଥିଲେ।


ବୈଠକରେ ଏକାଠି ହୋଇଥିବା ପୂର୍ବତନ ବିଧାୟକମାନେ।

ସେହିପରି ୧୯୮୫ ନିର୍ବାଚନରେ କଂଗ୍ରେସ ବିଧାୟକ ହୋଇଥିବା ବ୍ରହ୍ମପୁରର ଶିବ ସାହାଣୀ ଓ ଛତ୍ରପୁରର ଅଶୋକ ଚୌଧୁରୀ ୨୦୧୪ ନିର୍ବାଚନ ବେଳେ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ଜଗନ୍ନାଥପ୍ରସାଦ ଆସନର କଂଗ୍ରେସ ବିଧାୟକ ହୋଇଥିବା ସୀମାଞ୍ଚଳ ବେହେରା, ହିଞ୍ଜିଳିର ପୂର୍ବତନ ଜନତା ଦଳ ବିଧାୟକ ହରିହର ସାହୁ ଦୀର୍ଘ ବର୍ଷ ତଳୁ ବିଜେଡିରେ ମିଶିଛନ୍ତି। ଅନ୍ୟପକ୍ଷରେ ଖଲ୍ଲିକୋଟର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ୨୦୦୯ ଓ ୨୦୧୪ ନିର୍ବାଚନରେ ଦୁଇଥର ବିଜେଡିରୁ ନିର୍ବାଚିତ ହୋଇଥିଲେ। ତାଙ୍କୁ ଆଉ ସୁଯୋଗ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏହି ପୂର୍ବତନ ବିଧାୟକଙ୍କ କହିବାନୁସାରେ ଜିଲାରେ ସାଙ୍ଗଠନିକ ସମ୍ମିଳନୀ ନିୟମିତ କରାଯାଉନାହିଁ। ୨୦୨୧ ସେପ୍ଟେମ୍ବର ୧୫ରେ ଭଞ୍ଜନଗରରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ହୋଇଥିଲା। ଏହାର ୨୬ ମାସ ପରେ ଏଇମାସ ୧୦ ତାରିଖରେ ଗୋପାଳପୁରରେ ଅନୁଷ୍ଠିତ ହେଲା। କାର୍ଯ୍ୟକାରିଣୀରେ ସେମାନଙ୍କୁ ଡ଼କାଯାଇ ନ ଥିଲା। ଏପରିକି କାର୍ଯ୍ୟକାରିଣୀ ତାଲିକାରେ ସେମାନଙ୍କ ନାଁ ନାହିଁ। ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରାଯାଉନଥିବା ମଧ୍ୟ ଅଭିଯୋଗ କରାଯାଇଛି। ଅପରପକ୍ଷେ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ପୂର୍ବତନ ବିଧାୟକଙ୍କ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।



ବ୍ଲକ୍‌ବଷ୍ଟର ଫିଲ୍ମ 'ଆର୍‌ଆର୍‌ଆର୍'ର ଚର୍ଚ୍ଚିତ ତଥା ଓସ୍କାର ପୁରସ୍କାରପ୍ରାପ୍ତ ଗୀତ 'ନାଟୁ ନାଟୁ'ରେ ଜୁନିୟର ଏନ୍‌ଟିଆର୍ ଏବଂ ରାମଚରଣ।

### 'ନାଟୁ ନାଟୁ'କୁ ଓସ୍କାର

ବ୍ଲକ୍ ବଷ୍ଟର ଫିଲ୍ମ 'ଆର୍‌ଆର୍‌ଆର୍'ର ଶ୍ରୋତାଦୃତ ଗୀତ 'ନାଟୁ ନାଟୁ' ଚଳିତ ବର୍ଷ ଓସ୍କାର ପୁରସ୍କାରରେ ବେଷ୍ଟ ଅରିଜିନାଲ ସଙ୍ଗ୍ ବର୍ଗରେ ପୁରସ୍କୃତ ହୋଇଛି। ଏହାର ସ୍ୱର ସଂଯୋଜନା କରିଥିଲେ ଏମ୍.ଏମ୍. କିରାଭାନି। ଅନ୍ୟପକ୍ଷରେ ଏବର୍ଷ ମଧ୍ୟ ଏହି ଗୀତକୁ ସମାନ ବର୍ଗରେ ଗ୍ରାମୀ ପୁରସ୍କାର ମଧ୍ୟ ମିଳିଛି। ବିଶିଷ୍ଟ ନିର୍ଦ୍ଦେଶକ ଏସ୍.ଏସ୍. ରାଜମୌଳି ଏହାର ନିର୍ଦ୍ଦେଶନା ଦେଇଥିଲେ। ଚିତ୍ରଟିର ମୁଖ୍ୟ ଭୂମିକାରେ ଜୁନିୟର ଏନ୍‌ଟିଆର୍, ରାମଚରଣ, ଅଜୟ ଦେବଗନ, ଆଲିଆ ଭଟ୍ଟ ପ୍ରମୁଖ କଳାକାର ଅଭିନୟ କରିଥିଲେ।

### ସଂଖ୍ୟା ଅଧିକ, ହେଲେ...

ଏବର୍ଷ ସର୍ବାଧିକ ୪୪ଟି ଓଡ଼ିଆ ସିନେମା ପରଦା ଉପରକୁ ଆସିଥିଲା। କିନ୍ତୁ ଅଧିକାଂଶ ସିନେମା ଆଶାନୁରୂପ ବିଜ୍‌ନେସ୍ କରିବାରେ ବିଫଳ ହୋଇଥିଲା। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ତଥା ଶୈଳେନ୍ଦ୍ର, ବୁଦ୍ଧାଦିତ୍ୟ ମହାନ୍ତି ଏବଂ ସୂର୍ଯ୍ୟମୟୀଙ୍କ ଅଭିନୀତ 'ଡେଲିଭରି ବୟ'କୁ ରାଜ୍ୟ ସରକାର ଟ୍ୟାକ୍ସ ଫ୍ରି ଘୋଷଣା କରିଥିଲେ। କିଛି ବର୍ଷ ଗ୍ୟାପ୍ ପରେ ବଡ଼ ପରଦାରେ ପୁଣି ଥରେ ଅନୁଭବ ମହାନ୍ତି (ଲଭ୍ ଇନ୍ ଲଣ୍ଡନ) ଏବଂ ଅରିନ୍ଦମ ରୟ (ରାମ୍)ଙ୍କୁ ଦେଖିବାକୁ ମିଳିଥିଲା। ଗତବର୍ଷ 'ଦମନ' ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବା ବାବୁସାନ୍ ପୁଣି ଥରେ ଚଳିତବର୍ଷ 'ମାଲ୍ୟଗିରି' ସିନେମାରେ ନିଜ ଦକ୍ଷତା ଦେଖାଇଥିଲେ। 'ପୁଷ୍କରା' ଫିଲ୍ମରେ ସବ୍ୟସାଚୀଙ୍କ ଭିନ୍ନ ଧରଣର ଭୂମିକାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ।



'ମାମା ୱେଡ୍‌ସ ପାପା' ଫିଲ୍ମରେ ରୀତିଶା–ମୁନି–ଅଭିଷେକ

# ପରଦା

## ଶେଷ ପାଦରେ ଉପନୀତ ୨୦୨୩। ଏ ବର୍ଷ ମନୋରଞ୍ଜନ ଜଗତରେ ଘଟିଥିବା ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା..




### ନବାଗତଙ୍କ ଲମ୍ବା ଲାଇନ

ଚଳିତ ବର୍ଷ ମଧ୍ୟ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଅନେକ କଳାକାର, ପ୍ରଯୋଜକ ଏବଂ ନିର୍ଦ୍ଦେଶକ ମଇଦାନକୁ ଓହ୍ଲାଇଥିଲେ। ପ୍ରମୁଖ ନୂଆ କଳାକାର ହେଉଛନ୍ତି ଅଭିଷେକ ଗିରି (ତୃଷ୍ଣା), ରୀତିଶା (ମାମା ୱେଡ୍‌ସ ପାପା), ଲିପିକା ସେନାପତି (ତୁ ସେଇ ନୀଳନୟନା), ସତ୍ୟ (କର୍ତ୍ତବ୍ୟ), ଧୀରେନ ତ୍ରିପାଠୀ, ଅର୍ପିତା (ଆଇଆଇସି ଧୀରେନ) ଏବଂ ମହାପ୍ରସାଦ କର, ଦୀପା ମିଶ୍ର (ଆପଣମାନେ ଖୁସି ତ)। ଚଳିତବର୍ଷର ପ୍ରମୁଖ ନବାଗତ ପ୍ରଯୋଜକମାନେ ହେଲେ ଜନ୍ମେଜୟ ଡଗରା (ବାଜିବ ଲୋ ସାହାନାଇ), ସଙ୍ଗୀତା ମହାନ୍ତି (ମନ ମ୍ୟୁଜିୟମ), ଭବାନୀ ପ୍ରସାଦ ମାଝି (ମନସ୍କ), ଜିତେଶ କୁମାର ପରିଡ଼ା (ଟି), ରଜତ ମହାପାତ୍ର, ଜ୍ୟୋତି କିଶୋର ଦାସ (ଅଧୁରା ପ୍ରେମ କାହାଣୀ), ଶ୍ରୁତିରେଖା ମିଶ୍ର (ବାଘ ବଜାରୀ) ଏବଂ ସତ୍ୟଜିତ ବାଗ୍ (କାଇଁଚମାଳି)। ନବାଗତ ନିର୍ଦ୍ଦେଶକମାନଙ୍କ ମଧ୍ୟରେ ଅଛନ୍ତି ସୁରେଶ ପଟ୍ଟନାୟକ (ତୃଷ୍ଣା), ଆଶୁତୋଷ ମହାପାତ୍ର (ବାଜିବ ଲୋ ସାହାନାଇ), ଜିତେନ୍ଦ୍ର ଲେଙ୍କା (ଜହ୍ନ ରାତିର ସାଥୀ) ଏବଂ ମହେଶ ହାଜରା (କାଇଁଚମାଳି)।

### ବିବାହ ବନ୍ଧନ

ଏ ବର୍ଷ ଓଡ଼ିଆ ଚଳଚ୍ଚିତ୍ର ସହ ଜଡ଼ିତ କେତେଜଣ ବ୍ୟକ୍ତିବିଶେଷ ଘର ସଂସାର କରିଛନ୍ତି। 'ବିଦ୍ୟାରାଣୀ' ଫିଲ୍ମର ପ୍ରଯୋଜକ ନିରଞ୍ଜନ ନାୟକ ଚଳିତ ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ତାଙ୍କ ବ୍ୟତୀତ ଛୋଟ ପରଦା ତଥା ସିନେମାର ଅନ୍ୟତମ ପରିଚିତା ଅଭିନେତ୍ରୀ ଲିପ୍‌ସା ମିଶ୍ର ମଧ୍ୟ ହାତକୁ ଦି' ହାତ ହୋଇଛନ୍ତି।

### ପରଲୋକରେ

ଚଳିତବର୍ଷ ଓଡ଼ିଆ ସିନେମା ଏବଂ ଯାତ୍ରା ସହ ଜଡ଼ିତ କେତେଜଣଙ୍କର ପରଲୋକ ଗମନ ହୋଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ପ୍ରଯୋଜକ ଆଲୟ ମହାନ୍ତି, ଟେଲି ଅଭିନେତା ସୋମଦତ୍ତ ଦାସ, ପିଣ୍ଟୁ ନନ୍ଦ, ବିଶିଷ୍ଟ ସିନେ ଏଡିଟର (ଏଡିଟିଂ) ଅଶୋକ ଶର୍ମା, 'ମଲ୍ଲୀ ଜହ୍ନ, ମହାସତୀ ସାବିତ୍ରୀ ଫିଲ୍ମ ପାଇଁ ଗୀତ ରଚନା କରିଥିବା ବିନୋଦିନୀ ଦେବୀ ଏବଂ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକ। ଏମାନଙ୍କ ବ୍ୟତୀତ ନିର୍ଦ୍ଦେଶକ ତୃପ୍ତି ବିଶ୍ୱାଳ ଏବଂ ଅପେରା ଜଗତର ଲୋକପ୍ରିୟ କମେଡିଆନ ତଥା 'ଶାଗୁଣା ବସିଛି ଡେଣା ମେଲେଇ'ର ପଦୁ ମହାନ୍ତି ଚରିତ୍ର ପାଇଁ ଚର୍ଚ୍ଚିତ ରବି ଶତପଥୀଙ୍କ ପରଲୋକ ଘଟିଛି।

### ଚିତ୍ତଙ୍କୁ ନୂଆ ଦାୟିତ୍ୱ

ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ତଥା ଥିଏଟର ଜଗତର ଅନ୍ୟତମ ପରିଚିତ ବ୍ୟକ୍ତିତ୍ୱ ଚିତ୍ତରଞ୍ଜନ ତ୍ରିପାଠୀଙ୍କୁ ଏବର୍ଷ ଏକ ନୂଆ ଦାୟିତ୍ୱ ମିଳିଛି। ପୁଣେସ୍ଥିତ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାର ସେ ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି।

### ଘନଶ୍ୟାମ ମହାପାତ୍ରଙ୍କୁ ଜୟଦେବ ପୁରସ୍କାର



ଘନଶ୍ୟାମ ମହାପାତ୍ର



ସବ୍ୟସାଚୀ ମିଶ୍ର

ବାଦବିବାଦର ଅନ୍ତ ଘଟାଇ ଶେଷରେ ୨୦୧୯ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଚଳିତ ବର୍ଷ ପ୍ରଦାନ କରାଯାଇଛି। ପ୍ରଯୋଜକ ତଥା ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ରଙ୍କୁ ସମ୍ମାନଜନକ ଜୟଦେବ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଥର ଶ୍ରେଷ୍ଠ ସିନେମା ଭାବରେ 'କାଲିର ଅତୀତ', ଶ୍ରେଷ୍ଠ ନିର୍ଦ୍ଦେଶନା ନୀଳ ମାଧବ ପଣ୍ଡା, ଶ୍ରେଷ୍ଠ ଅଭିନେତା ପୀତବାସ ତ୍ରିପାଠୀ, ଶ୍ରେଷ୍ଠ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଏବଂ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ରାଜୁ ମିଶ୍ର (ମରଣୋତ୍ତର) ପୁରସ୍କୃତ ହୋଇଛନ୍ତି।

### ରାଜ୍ୟ ଟେଲି ପୁରସ୍କାର



ଦେବାଶିଷ ପାତ୍ର

ଚଳିତ ବର୍ଷ ୨୦୧୯ ପାଇଁ ଅଷ୍ଟମ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର ପ୍ରଯୋଜକ ଭାବରେ ଦେବାଶିଷ ପାତ୍ର (କାଳିଆ କରୁଛି ଲୀଳା), ଶ୍ରେଷ୍ଠ ନିର୍ଦ୍ଦେଶକ ଅଶ୍ୱିନୀ ଗଡ଼ନାୟକ (କାଳିଆ କରୁଛି ଲୀଳା)ଙ୍କୁ ପୁରସ୍କୃତ କରାଯାଇଛି। ଏହାବ୍ୟତୀତ ଶ୍ରେଷ୍ଠ ଧାରାବାହିକ ପ୍ରଯୋଜକ ଅକ୍ଷୟ କୁମାର ପରିଜା ଏବଂ ଶ୍ରେଷ୍ଠ ଧାରାବାହିକ ନିର୍ଦ୍ଦେଶକ ହିମାଂଶୁ ପରିଜା (ଚଣ୍ଡୀ),ଶ୍ରେଷ୍ଠ ଅଭିନେତା ଜୀବନ ପଣ୍ଡା ଏବଂ ଅଭିନେତ୍ରୀ ଭାବରେ ମଧୁସ୍ମିତା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଛି।

### 'ପ୍ରତୀକ୍ଷା'କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା'କୁ ଚଳିତ ବର୍ଷର ଜାତୀୟ ଚଳଚ୍ଚିତ୍ର ପୁରସ୍କାର (ଶ୍ରେଷ୍ଠ ଓଡ଼ିଆ ଫିଲ୍ମ) ଭାବରେ ପୁରସ୍କୃତ କରାଯାଇଛି।

### ଓ୍ୱାହିଦା ରହେମନଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର

ବିଗତ ଦିନର ବିଶିଷ୍ଟ ଅଭିନେତ୍ରୀ ଓ୍ୱାହିଦା ରହେମନଙ୍କୁ ଚଳିତ ବର୍ଷର ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯାଇଛି। ଦୀର୍ଘ ୫ ଦଶନ୍ଧି ଅଭିନୟ କ୍ୟାରିୟରରେ ସେ ପ୍ରାୟ ୯୦ଟି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ।

**ରଣବୀର କପୁର ଶ୍ରେଷ୍ଠ ଅଭିନେତା :** ଚଳିତ ବର୍ଷ ପ୍ରଦାନ କରାଯାଇଥିବା ଦାଦା ସାହେବ ଫାଲ୍‌କେ ଅନ୍ତର୍ଜାତୀୟ ଫିଲ୍ମ ପୁରସ୍କାରରେ ରଣବୀର କପୁର 'ବ୍ରହ୍ମାସ୍ତ୍ର' ଫିଲ୍ମ ପାଇଁ ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ ହୋଇଥିବା ବେଳେ 'କଶ୍ମୀର ଫାଇଲ୍ସ'କୁ ଶ୍ରେଷ୍ଠ ଫିଲ୍ମ ଏବଂ ଅନୁପମ ଖେରଙ୍କୁ ମୋଷ୍ଟ ଭର୍ସାଟାଇଲ ଆକ୍ଟର ପୁରସ୍କାର ଦିଆଯାଇଛି।

### ଆଶା ଭୌଁସ୍‌ଲେଙ୍କୁ ଦୀନନାଥ ମଙ୍ଗେସ୍‌କର ପୁରସ୍କାର



ଆଶା ଭୋସଲେଁ

ଲୋକପ୍ରିୟ ପ୍ରଚ୍ଛଦପଟ୍ଟ ଗାୟିକା ଆଶା ଭୌଁସ୍‌ଲେଙ୍କୁ ଚଳିତବର୍ଷର ଦୀନନାଥ ମଙ୍ଗେସକର ପୁରସ୍କାର ପ୍ରଦାନ କରାଯାଇଛି।

### ବିବାହ ବନ୍ଧନ



ଆଥିୟା ସେଟ୍ଟି

ଚଳିତ ବର୍ଷ ସୁନୀଲ ସେଟ୍ଟିଙ୍କ କନ୍ୟା ଆଥିୟା କ୍ରିକେଟ ଖେଳାଳି କେ.ଏଲ୍. ରାହୁଲଙ୍କ ସହ ଘର ସଂସାର କରିଛନ୍ତି। ଅନ୍ୟପକ୍ଷରେ ପରିଣିତି ଚୋପ୍ରା ବିବାହ ବନ୍ଧନରେ ଆବଦ୍ଧ ହେବା ସହ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ହାତକୁ ଦି' ହାତ ହୋଇଛନ୍ତି କିଆରା ଆଡଭାନୀ।

### ଚର୍ଚ୍ଚାରେ ଶାହରୁଖ



ଶାହରୁଖ ଖାଁ

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଶାହରୁଖ ଖାଁଙ୍କ ପାଇଁ ଚଳିତ ବର୍ଷ ଶୁଭପ୍ରଦ ଥିଲା। ତାଙ୍କ ଅଭିନୀତ 'ପଠାନ୍' ଏବଂ 'ଜୱାନ' ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା।

### ପରପାରିରେ

ଏବର୍ଷ ବଲିଉଡ୍‌ର କେତେଜଣ ନାମୀ ତାରକାଙ୍କ ପରଲୋକ ଘଟିଛି। ବିଶିଷ୍ଟ ନିର୍ଦ୍ଦେଶକ ସତୀଶ କୌଶିକ, ପ୍ରଦୀପ ସରକାର, ମଡେଲ ତଥା ଅଭିନେତା ଆଦିତ୍ୟ ସିଂ ରାଜପୁତ, ଧାରାବାହିକ ଅଭିନେତ୍ରୀ ବୈଭବୀ ଉପାଧ୍ୟାୟ, ଟିଭି ଅଭିନେତା ନୀତେଶ ପାଣ୍ଡେ, ବର୍ଷୀୟାନ ଅଭିନେତ୍ରୀ ସୁଲୋଚନା ଲାଟ୍‌କର, 'ମହାଭାରତ' ଧାରାବାହିକର ଶକୁନି ଭୂମିକାରେ ଅଭିନୟ କରିଥିବା ଗୁଫି ପେଣ୍ଟାଲ, ବିଶିଷ୍ଟ ଗୀତିକାର ଦେବ୍ କୋହଲି ଏବଂ 'ଧୁମ୍' ନିର୍ଦ୍ଦେଶକ ସଞ୍ଜୟ ଗାଧିଭି ଚଳିତ ବର୍ଷ ମୃତ୍ୟୁବରଣ କରିଛନ୍ତି।

### ଆଲିଆଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ଚଳିତ ବର୍ଷ ଆଲିଆ ଭଟ୍ଟ ନିଜ ଅଭିନୟ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। 'ଗଙ୍ଗୁବାଈ କାଠିଆୱାଡ଼ି' ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ସମ୍ମାନିତ କରାଯାଇଛି। ତାଙ୍କ ବ୍ୟତୀତ ବ୍ଲକ୍ ବଷ୍ଟର 'ପୁଷ୍ପା' ଚଳଚ୍ଚିତ୍ର ପାଇଁ ଅଲ୍ଲୁ ଅର୍ଜୁନ ଶ୍ରେଷ୍ଠ ଅଭିନେତା ଏବଂ 'ରକେଟ୍ରି'କୁ ଶ୍ରେଷ୍ଠ ଫିଚର ଫିଲ୍ମ ଭାବରେ ପୁରସ୍କୃତ କରାଯାଇଛି।

## ବଢୁଛି ସଂଖ୍ୟା

ଚଳିତ ବର୍ଷ ଓଡ଼ିଆ ଚଳଚ୍ଚିତ୍ର ରିଲିଜ ସଂଖ୍ୟା ପୂର୍ବାପେକ୍ଷା ବେଶ୍ ବଢ଼ିଛି। ତା'ସହ ନୂଆ ସିନେମା ତିଆରି କରିବାକୁ ପ୍ରଯୋଜକମାନଙ୍କ ମଧ୍ୟରେ ଆଗ୍ରହ କାହିଁରେ କେତେ। ତେବେ ଏବର୍ଷ ପରଦା ଉପରକୁ ଆସିଥିବା ଚଳଚ୍ଚିତ୍ରଗୁଡ଼ିକ ହେଲା 'ତୋର ମୋର କଟି', 'ତୃଷ୍ଣା', 'ପ୍ରସ୍ଥାନମ୍', 'ମାମା ୱେଡ୍‌ସ ପାପା', 'ବାପା ସୁପରମ୍ୟାନ୍', 'ବାଜିବ ଲୋ ସାହାନାଇ', 'ମନ ମ୍ୟୁଜିୟମ', 'ନାରୀ ନୁହେଁ ତୁ ଅର୍ଦ୍ଧନାରୀ', 'ମନସ୍କ', 'ଡେଲିଭରି ବୟ', 'ଶାୟରୀ ଶାୟରୀ', 'ଧୋ ରେ ବାବୁ ଧୋ', 'ଫାଲ୍‌ଗୁନ ଚୈତ୍ର', 'ଟି', 'ପ୍ରୀତି ବନ୍ଧନ', 'ଶଳା ବୁଢ଼ାର ବଦଲା', ' ଲାଗିଲା ରଙ୍ଗ ଗୋଲାପି ଗୋଲାପି', 'ଲଭ୍ ଇନ୍ ଲଣ୍ଡନ', 'ଗୁଣ୍ଡୁ ଗ୍ୟାଙ୍ଗଷ୍ଟର', 'ପ୍ରିୟେ ତୁ ମୋ ସିଏ', 'ଅଧୁରା ପ୍ରେମ କାହାଣୀ', 'ବାଘ ବଜାରୀ', 'ନିୟତି', 'ଜହ୍ନରାତିର ସାଥୀ', 'ଲଭ୍ ଇମ୍ପସିବୁଲ', 'ତୁ ସେଇ ନୀଳନୟନା', 'ମହର୍ଷି', 'କର୍ତ୍ତବ୍ୟ', 'କସ୍ତୁରୀ', 'ପୁଷ୍କରା', 'କହିଦେ ଥରେ ଆଇ ଲଭ୍ ୟୁ', 'ଶଙ୍କର : ଦ ଡେଷ୍ଟ୍ରୟର', 'ମାଇଣ୍ଡଗେମ୍', 'କାଇଁଚମାଳି', 'ଆଇଆଇସି ଧୀରେନ୍', 'ଡଟ୍‌ପେନ୍', 'ରାଉଡି ରାଜା', 'ମାଲ୍ୟଗିରି', 'ରାମ୍', 'କଟକ : ଶେଷରୁ ଆରମ୍ଭ, ପ୍ରଥମ ଅଧ୍ୟାୟ', 'ପ୍ରଥା', 'ମାଇଁ ସୁଇଟ୍ ହାଉସ ୱାଇଫ', 'ଆପଣମାନେ ଖୁସି ତ', ଓମ୍ ସ୍ୱାହା ।



ଆଲିଆ ଭଟ୍ଟ



'ମାଲ୍ୟଗିରି' ଫିଲ୍ମରେ ବାବୁସାନ୍–ଶିବାନୀ

# ‘ନିଜ ପ୍ରତିଭାକୁ ଚିହ୍ନିବା ଅତ୍ୟନ୍ତ ଜରୁରୀ’

- ସମୟ ହାତଛଡ଼ା କରୁଥିବା ବ୍ୟକ୍ତି କେବେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରେନି
- ଫଳାଫଳ ସମ୍ପର୍କରେ ଅଧିକ ଚିନ୍ତା କରିବା ଅପେକ୍ଷା ନିଜ ପ୍ରସ୍ତୁତିର ପ୍ରକ୍ରିୟା ଉପରେ ଫୋକସ ଆବଶ୍ୟକ

ଭୁବନେଶ୍ୱର, ୨୭।୧୨
(ତପନ ସ୍ୱାଇଁ)

“କେବଳ ଅଭ୍ୟାସ ଦ୍ୱାରା ପରିପୂର୍ଣ୍ଣତା ଆସି ନ ଥାଏ। ଉପଯୁକ୍ତ ଅଭ୍ୟାସ ହିଁ ଜଣକୁ ପରିପୂର୍ଣ୍ଣ ଖେଳାଳି ଭାବେ ଗଢ଼ି ତୋଳିଥାଏ। ପ୍ରତି ଖେଳାଳି ଚାମ୍ପିୟନ ମନୋବୃତ୍ତି ନେଇ ସବୁବେଳେ ଚିନ୍ତା କରିବା ଆବଶ୍ୟକ। ଏହାଦ୍ୱାରା ଚିନ୍ତାଧାରାରେ ଭିନ୍ନତା ଆସିଥାଏ ଏବଂ ସଫଳତା ପାଇବାର ଆକାଂକ୍ଷା ଦୃଢ଼ ହୋଇଥାଏ। ଚାମ୍ପିୟନ ଖେଳାଳି ସବୁବେଳେ ନିଜ ଭାଗ୍ୟ ନିଜେ ଗଢ଼ିବାକୁ ଚେଷ୍ଟା କରିଥାଏ। କାରଣ ଚାମ୍ପିୟନ ହେବାର ଭୋକ ତା’ ମନରେ ରହିଥାଏ। ଫଳାଫଳ ସମ୍ପର୍କରେ ବହୁତ ଚିନ୍ତା କରିବା ଅପେକ୍ଷା ନିଜ ପ୍ରସ୍ତୁତିର ପ୍ରକ୍ରିୟା ଉପରେ ଅଧିକ ଫୋକସ ରହିବା ଆବଶ୍ୟକ। ଥରେ ତାହା ଠିକ୍ ହୋଇଗଲେ ସବୁ କାମ ଉପଯୁକ୍ତ ସମୟରେ ଆପେଆପେ ହୋଇଯାଇଥାଏ। କ୍ରୀଡ଼ାବିତ୍ ପାଇଁ ଜଣେ ଭଲ କୋଚ୍ ଓ ମେଣ୍ଟର ଆବଶ୍ୟକ ହୋଇଥାଏ। ମୁଁ ଯେତେବେଳେ ଛୋଟ ଥିଲି ସବୁବେଳେ ଖେଳିବାକୁ ଇଚ୍ଛା କରୁଥିଲି। ସେତେବେଳେ ମୁଁ ଜଣେ କ୍ରିକେଟର ଭାବେ ଜିଲା, ରାଜ୍ୟ ଓ ଦେଶ ପାଇଁ ଖେଳିବାକୁ ଚିନ୍ତା କରୁଥିଲି। ଶେଷରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲି। ମୁଁ କେବେହେଲେ ଚୟନକର୍ତ୍ତା, କୋଚ୍ କିମ୍ବା ଅନ୍ୟ କାହାକୁ ଦୋଷ ଦେଉ ନ ଥିଲି। ସବୁବେଳେ ନିଜର ଦୋଷ ଦେଖୁଥିଲି। ମୁଁ ସବୁବେଳେ ନିଜକୁ ବିଶ୍ଳେଷଣ କରୁଥିଲି। ମୁଁ ନିଜେ ନିଜ କାର୍ଯ୍ୟ ସହ ପ୍ରଦର୍ଶନ ଠିକ୍ କରୁଛି କି ନାହିଁ ତାହାକୁ ପରଖୁଥିଲି। ଭଲ ପ୍ରଦର୍ଶନ ବ୍ୟତୀତ ସେତେବେଳେ ମୋ ମନରେ ଆଉ କିଛି ନ ଥିଲା। ପ୍ରତ୍ୟେକ କ୍ରୀଡ଼ାବିତ୍ ନିଜ ପ୍ରତିଭାକୁ ଚିହ୍ନିବା ଅତ୍ୟନ୍ତ ଜରୁରୀ। ଅନ୍ୟ କିଏ କ’ଣ କରୁଛି ସେ ସମ୍ପର୍କରେ ଚିନ୍ତା କରିବା ଅପେକ୍ଷା ନିଜକୁ ଚିହ୍ନି ସେଥିରେ ଉନ୍ନତି ଆଣିବାକୁ ଉଦ୍ୟମ କରାଯିବା ଆବଶ୍ୟକ। ମୋ ସମୟରେ କପିଳ ଦେବ, ସୁନୀଲ ଗାଭାସ୍କର, ଦିଲୀପ ଭେଙ୍ଗସରକାର ଆଦି ଅନେକ ପ୍ରତିଷ୍ଠିତ ଖେଳାଳି ଥିଲେ, ମାତ୍ର ସେମାନଙ୍କ ପ୍ରଦର୍ଶନ ଉପରେ ଧ୍ୟାନ ନ ଦେଇ ମୁଁ ନିଜ ଉପରେ ଫୋକସ କରି ସଫଳ ହୋଇଥିଲି” ବୋଲି ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ ‘ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରଦତ୍ତ ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥିଭାବେ ଯୋଗଦେଇ ୧୯୮୩ ଦିନିକିଆ କ୍ରିକେଟ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ମଦନ ଲାଲ ପ୍ରକାଶ କରିଛନ୍ତି।


ମଦନ ଲାଲ

ମଦନ ଲାଲ ଆହୁରି କହିଲେ ଯେ ଏବେ କ୍ରୀଡ଼ା ପ୍ରତି ଆଭିମୁଖ୍ୟ ବଦଳିଛି। ପରିବାରବର୍ଗ ନିଜ ପିଲାମାନଙ୍କୁ ଖେଳିବା ପାଇଁ ପ୍ରବର୍ତ୍ତାଉଛନ୍ତି। ମାତ୍ର ସେତେବେଳେ ମୁଁ ୧୦ ବର୍ଷ କ୍ରିକେଟ ଖେଳିବା ପରେ ଯାଇ ମୋ ବାପା ଜାଣିବାକୁ ପାଇଥିଲେ। କ୍ରୀଡ଼ା କେବେହେଲେ କାହାକୁ କ୍ଷତି ପହଞ୍ଚାଏ ନାହିଁ, ସବୁବେଳେ ଫାଇଦା ଦେଇଥାଏ। କ୍ରୀଡ଼ାକୁ କ୍ୟାରିୟର କଲେ ସୁସ୍ଥ ରହିବା ସହ ଜଣେ ପ୍ରତିଷ୍ଠିତ ହୋଇଥାଏ ଏବଂ ଆର୍ଥିକ ଦୃଷ୍ଟିରୁ ଦୃଢ଼ ହୋଇଥାଏ। ତେବେ ଏଥିପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ୧୯୮୩ ବିଶ୍ୱକପ୍ ବିଜୟ ଆମ ପାଇଁ ସବୁଠାରୁ ଖୁସିର ମୁହୂର୍ତ୍ତ ଥିଲା। କାରଣ ଲୋକମାନେ ଆମକୁ ଚାମ୍ପିୟନଭାବେ ସ୍ୱୀକୃତି ଦେଇଥିଲେ। ତା’ ଠାରୁ ଆଉ ବଡ଼ ଖୁସି କିଛି ନ ଥିଲା। ଏବେ ସରକାରଙ୍କଠାରୁ ଆରମ୍ଭ କରି ବେସରକାରୀ ସଂସ୍ଥା ଏବଂ ବିଭିନ୍ନ ଦିଗରୁ ଖେଳାଳିଙ୍କୁ ଉତ୍ସାହିତ କରାଯାଉଛି। ତେବେ ତୁମେ ଠିକ୍ ପଥରେ ଅଛ କି ନାହିଁ ତାହା ନିଶ୍ଚିତ କରିବା ଉଚିତ। ସମୟର ସଦୁପଯୋଗ ବହୁ ଜରୁରୀ। ସମୟ ହାତଛଡ଼ା କରୁଥିବା ବ୍ୟକ୍ତି କେବେହେଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରେନାହିଁ। କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ମଧ୍ୟ ଅତି ଜରୁରୀ। ଏବେ ଯେ କୌଣସି ଖେଳରେ ସଫଳତା ପାଇଲେ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯାଉଛି। ଏହା ବହୁତ ଭଲ କଥା। କେନ୍ଦ୍ର ସରକାରଙ୍କ ଖେଲୋ ଇଣ୍ଡିଆ ମଧ୍ୟ ଏକ ଉତ୍ତମ ପଦକ୍ଷେପ। ଏଥିରୁ ଗ୍ରାମାଞ୍ଚଳରୁ ପ୍ରତିଭା ଚିହ୍ନଟ ହୋଇ ଲୋକଲୋଚନକୁ ଆସିପାରୁଛନ୍ତି ବୋଲି ମଦନ ଲାଲ କହିଛନ୍ତି।

## ଦେବାଶିଷଙ୍କ ପାଇଁ ଲଢ଼େଇ କରିଥିଲି

ଭାରତୀୟ କ୍ରିକେଟକୁ ଓଡ଼ିଶାର ଦେବାଶିଷ ମହାନ୍ତି ଓ ଶିବସୁନ୍ଦର ଦାସଙ୍କ ଅବଦାନ ଅତୁଳନୀୟ। ମୁଁ ଯେତେବେଳେ ଜାତୀୟ ଚୟନକର୍ତ୍ତା ଥିଲି ଦେବାଶିଷ ଓ ଶିବସୁନ୍ଦରଙ୍କୁ ଚୟନ କରିଥିଲି। ଦେବାଶିଷ ଜଣେ ଚମତ୍କାର ଆଉଟ ସୁଇଙ୍ଗର। ଶିବସୁନ୍ଦର ଟେକ୍ନିକ୍ ଦୃଷ୍ଟିରୁ ଜଣେ ଉତ୍ତମ ବ୍ୟାଟ୍ସମ୍ୟାନ। ୧୯୯୯ ବିଶ୍ୱକପ୍ ଦଳରେ ଦେବାଶିଷଙ୍କୁ ଚୟନ ପାଇଁ ମୁଁ ଚୟନ କମିଟି ବୈଠକରେ ପାଖାପାଖି ୧ ଘଣ୍ଟା ଲଢ଼େଇ କରିଥିଲି। ମୋ କଥା ରହିଥିଲା ଏବଂ ତାଙ୍କୁ ଚୟନ କରାଯାଇଥିଲା। ଦେବାଶିଷ ମୋ ବନ୍ଧୁ କିମ୍ବା ସମ୍ପର୍କୀୟ ନ ଥିଲେ, ମାତ୍ର ଇଂଲିଶ କଣ୍ଡିଶନରେ ତାଙ୍କ ବୋଲିଂ ଉପାଦେୟ ହେବ ବୋଲି ମୋର ଅନୁଭବ ହୋଇଥିଲା। ପ୍ରତିଭାଙ୍କ କ୍ଷେତ୍ରରେ କେବେହେଲେ ସାଲିସ କରାଯିବା ଉଚିତ ନୁହେଁ ବୋଲି ସେ କହିଥିଲେ।


ଅତିଥିଙ୍କଠାରୁ ଏକଲବ୍ୟ ପୁରସ୍କାର ଗ୍ରହଣ ଅବସରରେ ଦେବାଶିଷ ସାହୁ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

# ଦେବାଶିଷ ସାହୁଙ୍କୁ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୨୭।୧୨
(ତପନ ସ୍ୱାଇଁ)

ଉଦୀୟମାନ ଟେନିସ ପ୍ରତିଭା ଦେବାଶିଷ ସାହୁ ଚଳିତ ବର୍ଷର ସମ୍ମାନଜନକ ଏକଲବ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ ‘ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରଦତ୍ତ ଏହି ପୁରସ୍କାର ଆକାରରେ ଦେବାଶିଷଙ୍କୁ ସମ୍ମାନପତ୍ର, ଫଳକ ସହିତ ୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରତିଭାସମ୍ପନ୍ନ ଆଥ୍‌ଲେଟ ବାପି ହାଁସଦା ଓ ଭାରୋତ୍ତୋଳିକା ଜ୍ୟୋତ୍ସ୍ନା ସବରଙ୍କୁ ମାନପତ୍ର ସହିତ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ୧୯୮୩ ଦିନିକିଆ କ୍ରିକେଟ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ମଦନ ଲାଲ ମୁଖ୍ୟ ଅତିଥି, ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା ଏନ୍‌ସିଏ କୋଚ୍ ପୱନ ଅଗ୍ରୱାଲ ସମ୍ମାନନୀୟ ଅତିଥି ଏବଂ ଇମ୍ପାକ୍ଟର ଟ୍ରଷ୍ଟି ତଥା ଏକଲବ୍ୟ ପୁରସ୍କାର କମିଟି ଚେୟାରମ୍ୟାନ ବୈଜୟନ୍ତ ପଣ୍ଡା ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନେଜମେଣ୍ଟ କନ୍‌ସଲଟାଣ୍ଟ ସୟଦ ମକବୁଲ ଅଲୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସିନିୟର ଜେନେରାଲ ମ୍ୟାନେଜର, କର୍ପୋରେଟ ଆଫାୟର୍ସ ତଥା ୩୧ତମ ଏକଲବ୍ୟ ପୁରସ୍କାର କମିଟିର ଆବାହକ କିଶୋର ମୋହନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୱନ ଅଗ୍ରୱାଲ ନିଜ ଖେଳ ଜୀବନ, ସେତେବେଳର ସୁବିଧା ସୁଯୋଗ ଏବଂ ସେ ଭାରତୀୟ ଦଳରୁ ଖେଳିବା ପାଇଁ କିପରି କଠିନ ପରିଶ୍ରମ କରିଥିଲେ ତାହା ଅବତାରଣା କରିଥିଲେ। ଏପରି ପୁରସ୍କାର ଖେଳାଳିମାନଙ୍କୁ ଆଗକୁ ବଢ଼ିବାରେ ବହୁ ସହାୟକ ହୋଇପାରିବ ବୋଲି ସେ କହିଥିଲେ। ଦେବାଶିଷ କହିଥିଲେ ଯେ, ପୁରସ୍କାର ପାଇବା ଖବରକୁ ସେ ପ୍ରଥମେ ବିଶ୍ୱାସ କରିପାରି ନ ଥିଲେ। ମ୍ୟାଚ ଖେଳିସାରି ଘରକୁ ଫେରିବାପରେ ବାପା ତାଙ୍କୁ ଏ ସମ୍ପର୍କରେ ସ୍ପଷ୍ଟ କରିଥିଲେ। ଏହି ପୁରସ୍କାର ତାଙ୍କୁ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିବାକୁ ଉତ୍ସାହିତ କରିବ।

# କିଟ୍ ମହିଳା ବିଚ୍ ଭଲିବଲ ଦଳକୁ ବ୍ରୋଞ୍ଜ

ଭୁବନେଶ୍ୱର, ୨୭।୧୨
(ତପନ ସ୍ୱାଇଁ)

ଚେନ୍ନାଇରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ ଭଲିବଲ ଚାମ୍ପିୟନଶିପ୍‌ରେ କିଟ୍ ମହିଳା ବିଚ୍ ଭଲିବଲ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରଥମରୁ ୪ର୍ଥ ପୋଜିଶନ ପାଇଁ ଅନୁଷ୍ଠିତ ଲିଗ୍ ରାଉଣ୍ଡରେ କିଟ୍ ମହିଳା ଦଳ ୨-୦ରେ ଭିଇଏଲ୍‌ଏସ୍ ବିଶ୍ୱବିଦ୍ୟାଳୟକୁ ହରାଇଥିବାବେଳେ କର୍ବାଗମ୍ ୟୁନିଭର୍ସିଟି ଆଣ୍ଡ ଏସ୍‌ଆର୍‌ଏମ୍ ଆଇଏସ୍‌ଟି ନିକଟରୁ ହାରି ଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଗ୍ରୁପ୍ ମ୍ୟାଚରେ କିଟ୍ ଦଳ ମାଡ୍ରାସ ବିଶ୍ୱବିଦ୍ୟାଳୟକୁ ୨-୦ ଓ ଗୁଜରାଟର ପାରୁଲ ବିଶ୍ୱବିଦ୍ୟାଳୟକୁ ୨-୦ରେ ପରାସ୍ତ କରିଥିଲା। ଆଶା ମୁଣ୍ଡାରୀ ଓ ଶିବାନୀ ପ୍ରିୟଦର୍ଶିନୀ କିଟ୍ ଦଳର ସଦସ୍ୟା ଥିଲେ। ସଙ୍ଗିତା ଟପ୍ପୋ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ।



ପଦକ ସହ ଆଶା ମୁଣ୍ଡାରୀ ଓ ଶିବାନୀ ପ୍ରିୟଦର୍ଶିନୀ।

# ଆଜିଠୁ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୭।୧୨
(ସରୋଜ ଜେନା)

ଐତିହାସିକ କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଗୁରୁବାର ଠାରୁ ଆରମ୍ଭ ହେବ ଜାତୀୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ ଚାମ୍ପିୟନଶିପ୍। ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ, ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ଏବଂ ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ ଇଣ୍ଡିଆର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବା ବେଳେ ୭୫୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ୨୮-୩୦ ଡିସେମ୍ବର ଜୁନିୟର ବର୍ଗର ଟୁର୍ଣ୍ଣାମେଣ୍ଟ ଖେଳାଯିବାକୁ ଥିବା ବେଳେ ୨-୪ ଜାନୁୟାରୀ ମଧ୍ୟରେ ସିନିୟର ଚାମ୍ପିୟନଶିପ୍ ଆୟୋଜିତ ହେବ। ୫୫୦ ଜଣ ଆଥଲେଟ, ୧୨୦ ସପୋର୍ଟ ଷ୍ଟାଫ୍ ଓ ୧୦୦ ଅଫିସିଆଲଙ୍କୁ ସାମିଲ ହେବେ। ରାଜ୍ୟ ସରକାର ଜିମ୍ନାଷ୍ଟିକ୍ସକୁ ବର୍ତ୍ତମାନ ଗୁରୁତ୍ୱର ସହ ଗ୍ରହଣ କରୁଥିବା ବେଳେ ଏକ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିବା ଆମ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା। ଓଡ଼ିଶାରେ ଜିମ୍ନାଷ୍ଟ ପ୍ରତିଭା ଭରି ରହିଥିବା ବେଳେ ଏଭଳି ପ୍ରତିଯୋଗିତା ସେମାନଙ୍କ ପାଇଁ ଶିଖିବାର ମାଧ୍ୟମ ହେବ ବୋଲି ସେ ମତ ଦେଇଛନ୍ତି।

# ନ୍ୟୁଜିଲାଣ୍ଡକୁ ହରାଇଲା ବାଂଲାଦେଶ

ନାପିଏର, ୨୭।୧୨ (ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍‌କୁ ୫ ଉଇକେଟରେ ଜିତି ନେଇଛି ବାଂଲାଦେଶ। ନ୍ୟୁଜିଲାଣ୍ଡ ୨୦ ଓଭରରେ ୯ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଜବାବରେ ବାଂଲାଦେଶ ୧୮.୪ ଓଭରରେ ୫ ଉଇକେଟ ହରାଇ ୧୩୭ ରନ୍ କରି ବିଜୟୀ ହୋଇଥିଲା।

ଟସ୍ ହାରି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। ଶୋରିଫୁଲ ଇସଲାମ ଓ ମେହଦୀ ହସନ ମିଳିତ ଭାବରେ ୫ ଉଇକେଟ ନେବାରୁ ନ୍ୟୁଜିଲାଣ୍ଡ ବ୍ୟାଟର ହାତଖୋଲା ଶଟ୍ ଖେଳି ପାରି ନ ଥିଲେ। ମେହଦୀ ହସନ୍ ପ୍ରଥମ ଓଭରରେ ଟିମ୍ ଶେଫର୍ଟଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ୍ କରିଥିଲେ। ଦ୍ୱିତୀୟ ଓଭରରେ ଶୋରିଫୁଲ ଇସଲାମ ଦୁଇଟି ଉଇକେଟ ନେବାରୁ ନ୍ୟୁଜିଲାଣ୍ଡ ୧ ରନ୍‌ରେ ୩ ଉଇକେଟ ହରାଇଥିଲା। ତେବେ ଜିମି ନିଶାମ ୪୮ ରନ କରି ନ୍ୟୁଜିଲାଣ୍ଡର ସମ୍ମାନ ରଖିଥିଲେ। ବାଂଲାଦେଶ ପକ୍ଷରୁ ଶୋରିଫୁଲ୍ ଇସଲାମ ୩ ଉଇକେଟ ନେଇଥିଲେ। ଜବାବରେ ଲିଟନ ଦାସଙ୍କ ଅପରାଜିତ ୪୨ ରନ୍ ବଳରେ ବାଂଲାଦେଶ ୮ ବଲ୍ ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୩୪/୯ (ଜିମି ନିଶାମ-୪୮, ମିଚେଲ ସାଣ୍ଟନର-୨୩, ମାର୍କ ଚାପମାନ-୧୯, ଶୋରିଫୁଲ ଇସଲାମ-୩/୨୬, ମେହଦୀ ହସନ-୨/୧୪, ମୁସ୍ତାଫିଜୁର ରେହମାନ-୨/୧୫)। ବାଂଲାଦେଶ ୧୮.୪ ଓଭରରେ ୧୩୭/୫ (ଲିଟନ୍ ଦାସ-୪୨*, ସୌମ୍ୟ ସରକାର-୨୨, ମେହଦୀ ହସନ-୧୯*, ଜିମି ନିଶାମ-୧/୭, ମିଚେଲ ସାଣ୍ଟନର-୧/୧୬, ଟିମ୍ ସାଉଦି-୧/୧୬)।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର, ୨୭।୧୨
(ତପନ ସ୍ୱାଇଁ)

**କ୍ଲବ-୭୩ ସୁବର୍ଣ୍ଣ ଜୟନ୍ତୀ ଫୁଟବଲ**

କ୍ଲବ-୭୩ର ସୁବର୍ଣ୍ଣ ଜୟନ୍ତି ପାଳନ ଅବସରରେ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ସତ୍ୟବ୍ରତ ମହାପାତ୍ର ସ୍ମାରକୀ ଅଲ୍ ଓଡ଼ିଶା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୁଧବାର ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଛି। ଗୁରୁବାର ପ୍ରଥମ ସେମିଫାଇନାଲରେ କିଶୋର କ୍ଲବ-ସନ୍‌ରାଇଜ୍ କ୍ଲବ ଏବଂ ଦ୍ୱିତୀୟ ସେମିରେ ରାଇଜିଂ ଷ୍ଟୁଡେଣ୍ଟ ଓ ଇଣ୍ଡିପେଣ୍ଡେଣ୍ଟ କ୍ଲବ ମଧ୍ୟରେ ମୁକାବିଲା ହେବ। ଦିବସର ପ୍ରଥମ ମ୍ୟାଚରେ କଟକର ଇଣ୍ଡିପେଣ୍ଡେଣ୍ଟ କ୍ଲବ ବିଜୟୀ ହୋଇଛି। ଏହି ଦଳ ୨-୧ ଗୋଲରେ ଫୁଲବାଣୀ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମହମ୍ମଦ ଆଫ୍ରିଦୀ ୫ମ ଓ ବିକାଶ ପରିହାରି ୬୨ତମ ମିନିଟରେ ଏବଂ ପରାଜିତ ଦଳର ଲିଓନ ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଇଣ୍ଡିପେଣ୍ଡେଣ୍ଟ କ୍ଲବର ବିକାଶ ପରିହାରୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସ୍ପୋର୍ଟ୍ସ ଏମ୍ପୋରିୟମ ଏମ୍‌ଡି ରୌନକ ଧୁପର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଫରି ଆଶୀର୍ବାଦ କାନୁନ୍‌ଗୋ, ପ୍ରଦୀପ୍ତ ନାୟକ, ସୁବ୍ରତ ପୁରୋହିତ ଓ ଅରୁଣ କୁମାର ନାୟକ ମ୍ୟାଚ ପରିଚାଳନା କରିଥିଲେ। ସୁଶାନ୍ତ ଚନ୍ଦ୍ର ମହାନ୍ତି ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଦିବସର ଦ୍ୱିତୀୟ ମ୍ୟାଚରେ କଟକର ସନ୍‌ରାଇଜ୍ କ୍ଲବ ୫-୧ ଗୋଲରେ ସମ୍ବଲପୁର ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ବାପୁନି ବିନ୍ଧାଣୀ ୩୭ ଓ ୫୯ତମ ମିନିଟରେ ୨ଟି ଏବଂ ଇମାନୁଏଲ୍ ୧୭ଶ, ଆର୍ନୋଲ୍ଡ ୪୫ ଓ ଜିତୁ ମୁଦୁଲି ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସମ୍ବଲପୁର ଏକାଡେମୀର ରାଇସନ ମାରାଣ୍ଡି ୪୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ବାପୁନି ବିନ୍ଧାଣୀଙ୍କୁ ଅତିଥି ଶିଳ୍ପପତି ସନ୍ତୋଷ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କଠାରୁ ବିକାଶ ପରିହାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ଏଲ୍‌ଗାରଙ୍କ ଶତକରେ ଦକ୍ଷିଣ ଆଫ୍ରିକା ଦୃଢ଼

ସେଞ୍ଚୁରିୟନ୍, ୨୭।୧୨

ଡିନ୍ ଏଲଗାରଙ୍କ ଶତକ ବଳରେ ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଦୃଢ଼ ସ୍ଥିତିରେ ଦକ୍ଷିଣ ଆଫ୍ରିକା। ଭାରତର ପ୍ରଥମ ଇନିଂସ ସ୍କୋର ୨୪୫ ରନ୍ ଜବାବରେ ଦକ୍ଷିଣ ଆଫ୍ରିକା ଷ୍ଟମ୍ପ ସୁଦ୍ଧା ୫ ଉଇକେଟରେ ୨୫୬ରନ୍ ସଂଗ୍ରହ କରିଛି। ଖରାପ ଆଲୋକ କାରଣରୁ ଖେଳ ବନ୍ଦ ହେବା ବେଳେ ଦକ୍ଷିଣ ଆଫ୍ରିକା ୧୧ ରନ୍‌ରେ ଆଗୁଆ ରହିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୨୦୮/୮ରୁ ଖେଳ ଆରମ୍ଭ କରି ଭାରତ ଆଉ ୩୭ ରନ୍ ଯୋଡି ୨ ଉଇକେଟ ହରାଇଥିଲା। ପୂର୍ବଦିନ ୭୦ ରନ୍‌ରେ ଅପରାଜିତ ଥିବା ଲୋକେଶ ରାହୁଲ ଆଉ ୩୧ ରନ ଯୋଡିବା ସହ ଟେଷ୍ଟ କ୍ରିକେଟରେ ଅଷ୍ଟମ ଶତକ ପୂରଣ କରିଥିଲେ। ୧୩୭ ବଲ୍ ଖେଳି ସେ ୧୪ ଚୌକା ଓ ୪ ଛକା ମାରିଥିଲେ। ସିରାଜ (୫)ଙ୍କ ସହ ନବମ ଉଇକେଟରେ ୪୭ ରନ୍ ଯୋଡିଥିଲେ ରାହୁଲ। ଅନ୍ୟମାନଙ୍କ ମଧ୍ୟରେ ବିରାଟ କୋହଲି ୩୮, ଶ୍ରେୟସ୍ ଆୟର ୩୧ ଓ ଶାର୍ଦ୍ଦୂଳ ଠାକୁର ୨୪ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା ୫ ଉଇକେଟ ନେଇଥିବା ବେଳେ ନାନ୍ଦ୍ରେ ବର୍ଜର ୩, ମାର୍କୋ ଜାନସେନ୍ ଓ ଜେରାଲ୍ଡ କୋଜି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଦକ୍ଷିଣ ଆଫ୍ରିକା ଇନିଂସ ଆରମ୍ଭ କରିବା ସହିତ ଚତୁର୍ଥ ଓଭରରେ ଓପନର ଏଡେନ୍ ମାରକ୍ରମ(୫)ଙ୍କ ଉଇକେଟ ହରାଇଥିଲା। ଓପନର ଡିନ୍ ଏଲଗାର କିନ୍ତୁ ଚମତ୍କାର ବ୍ୟାଟିଂ କରି ୧୩୯ ରନ୍‌ରେ ଅପରାଜିତ ଅଛନ୍ତି। ଟୋନି ଡି ଜୋର୍ଜି(୨୮)ଙ୍କ ସହ ଏଲଗାର ୯୩ ରନ୍ ଯୋଡିଥିଲେ। ମାତ୍ର ଦୁଇ ଓଭର ମଧ୍ୟରେ ଡି ଜୋର୍ଜି ଓ କିଗାନ ପିଟରସନ୍(୨)ଙ୍କୁ ଆଉଟ କରିଥିଲେ ଯଶପ୍ରୀତ ବୁମରା। ତେବେ ପଦାର୍ପଣକାରୀ ଡେଭିଡ୍ ବେଡିଙ୍ଗହାମ(୫୬)ଙ୍କୁ ସାଥୀ କରି ଏଲଗାର ୧୩୧ ରନ୍ ଯୋଡିଥିଲେ। ଏଲ୍‌ଗାର ୧୬୮ ବଲ୍ ଖେଳି ୨୧ ଚୌକା ସହିତ ୧୧୫ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଟା ପାନ ବିରତି ପରେ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ନେଇ ଭାରତକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ। ଗୁରୁବାର ସକାଳୁ ଦକ୍ଷିଣ ଆଫ୍ରିକା ଟେଲ ଏଣ୍ଡରଙ୍କୁ ଶୀଘ୍ର ଆଉଟ କରିବାକୁ ଭାରତ ପ୍ରୟାସ କରିବ।




ଶତକ ହାସଲ ପରେ ଡିନ୍ ଏଲଗାର ଓ ଲୋକେଶ ରାହୁଲ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୬୭.୪ ଓଭରରେ ୨୪୫/୧୦ (ଲୋକେଶ ରାହୁଲ-୧୦୧, କାଗିସୋ ରାବାଡା-୫/୫୯, ନାନ୍ଦ୍ରେ ବର୍ଜର-୩/୫୦, ମାର୍କୋ ଜାନସେନ୍-୧/୫୦, ଜେରାଲ୍ଡ କୋଜି-୧/୭୪)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୬୬ ଓଭରରେ ୨୫୬/୫ (ଡିନ୍ ଏଲଗାର-୧୪୦*, ଡେଭିଡ୍ ବେଡିଙ୍ଗହାମ-୫୬, ଟୋନି ଡି ଜୋର୍ଜି-୨୮, ଯଶପ୍ରୀତ୍ ବୁମରା-୨/୪୮, ମହମ୍ମଦ ସିରାଜ-୨/୬୩, ପ୍ରସିଦ୍ଧ କ୍ରିଷ୍ଣା-୧/୬୧)।

## ସେଞ୍ଚୁରିୟନରେ ରାହୁଲଙ୍କ ସେଞ୍ଚୁରି ରେକର୍ଡ

ଲୋକେଶ ରାହୁଲ ଏକ ନିଆରା ରେକର୍ଡ ନିଜ ନାମରେ କରିଛନ୍ତି। ପ୍ରଥମ ବିଦେଶୀ ଖେଳାଳି ଭାବରେ ସେ ସେଞ୍ଚୁରିୟନରେ ଦୁଇଟି ସେଞ୍ଚୁରି (ଶତକ) ହାସଲ କରିଛନ୍ତି। ଟେଷ୍ଟରେ ଏହା ରାହୁଲଙ୍କ କ୍ୟାରିୟରର ୧୭ତମ ଶତକ। ପୂର୍ବରୁ ୨୦୨୧ରେ ସମାନ ଗ୍ରାଉଣ୍ଡରେ ରାହୁଲ ଏକ ଶତକ ହାସଲ କରିଥିଲେ। ଏହା ସହିତ ଏସୀୟ ବ୍ୟାଟରଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକା ମାଟିରେ ସର୍ବାଧିକ ଶତକ ହାସଲରେ ସେ ବିରାଟ କୋହଲିଙ୍କ ସମକକ୍ଷ ହୋଇଛନ୍ତି। ସଚିନ୍ ତେନ୍ଦୁଲକର ସର୍ବାଧିକ ୫ ଶତକ ହାସଲ କରିଥିବା ବେଳେ ଆଖାର ମେହମୁଦ, ଥିଲନ ସମରବୀରା ଓ ବିରାଟ କୋହଲି ଦୁଇଟି ଲେଖାଏ ଶତକ ହାସଲ କରିଛନ୍ତି। ପଞ୍ଚମ ଭାରତୀୟଉଇକେଟ କିପର ଭାବରେ ଏସିଆ ବାହାରେ ଶତକ ରେକର୍ଡ କରିଛନ୍ତି ରାହୁଲ। ରିଷଭ ପନ୍ତ ଏସିଆ ବାହାରେ ୪ ଶତକ ହାସଲ କରିଥିବା ବେଳେ ବିଜୟ ମଞ୍ଜ୍ରେକର, ଅଜୟ ରାତ୍ରା ଓ ରିଦ୍ଧିମାନ ଶାହା ଗୋଟିଏ ଲେଖାଏ ଶତକ ହାସଲ କରିଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ